R.N.I. REGN. No. 65000/96 POSTAL REGN. No. OR/BN-32/12-14

ତ୍ରିଂଶତମ ବର୍ଷ
ସଂଖ୍ୟା : ୩୦୯
ତିଥି: ପ୍ରତିପଦ
୧୩ ଅଗଷ୍ଟ ୨୦୨୬, ଗୁରୁବାର
ଭୁବନେଶ୍ୱର
ପୃଷ୍ଠା- ୧୨, ମୂଲ୍ୟ- ଟ.୫.୦୦

# ସମୟ

ସମୟ SAMAYA

ପ୍ରତିଷ୍ଠାତା - ବସନ୍ତ କୁମାର ବିଶ୍ୱାଳ

Vol. - XXX, No. 309
13 August 2026, Thursday
Bhubaneswar
Price: 5.00
Online Portal
www.odishasamaya.com
samayaepaper.com
odishasamaya
thesamayanews@gmail.com
www.samayalive.in

Bhubaneswar | Balasore | Angul | Berhampur | Sambalpur

## 'ସମୟ ଲାଇଭ୍' ପକ୍ଷରୁ ପ୍ରାକ୍ ସ୍ୱାଧୀନତା ଦିବସ କାର୍ଯ୍ୟକ୍ରମ

# ଟେକ୍ନୋଲୋଜିକୁ ଜେନ୍-ଜି ଠିକ୍ ବାଟରେ ବ୍ୟବହାର କରନ୍ତୁ



### ମୋବାଇଲ ସାରା ବିଶ୍ୱକୁ ତା ଭିତରେ ଆୟତ୍ତ କରିଛି : ସିଦ୍ଧାନ୍ତ ମହାପାତ୍ର

### ୯୦ କୋଟି ଲୋକ ସୋସିଆଲ ମିଡ଼ିଆ ବ୍ୟବହାର କରୁଛନ୍ତି : ସୋଫିଆ ଫିର୍ଦ୍ଦୋସ

### ଆଜିର ପିଢ଼ି ସଂଗ୍ରାମୀଙ୍କ ବଳିଦାନକୁ ମନେରଖିବା ଉଚିତ୍ : ପ୍ରହ୍ଲାଦ ସିଂ

### ଦୁଇଶହ ବର୍ଷର ସଂଘର୍ଷ ପରେ ସ୍ୱାଧୀନତା ପାଇଛେ : ଅନୀତା ମହାନ୍ତି

ଭୁବନେଶ୍ୱର, ୧୨ ।୮ (ସବ୍ୟୁ) : ଆମେ ସ୍ୱାଧୀନତା ପାଇଛେ, କିନ୍ତୁ ଅନେକ କ୍ଷେତ୍ରରେ ଏବେ ବି ପରାଧୀନ ଅଛୁ । ବାସ୍ତବରେ କାଗଜ କଲମରେ ସ୍ୱାଧୀନତା ମିଳିଛି । ସବୁଠୁ ବଡ କଥା ହେଉଛି ସ୍ୱାଧୀନତା ପାଇକି ମଧ୍ୟ ଆମେ ପରାଧୀନ ହୋଇଗଲେ । ଜେନ - ଜି ପିଢ଼ି ବା ଯୁବ ପିଢ଼ି ଏକ କାଳଖଣ୍ଡ ଯେଉଁଠି କି ଆମର ଏକ ଭାଷା ଓ ଚାଲିଚଳନ ରହିଛି । ତେବେ ଏହାର ବ୍ୟବହାରରେ କିପରି ପରିବର୍ତ୍ତନ ଆସିଲା । ଦ୍ରୁତ ଗତିରେ ଟେକ୍ନୋଲୋଜି ବ୍ୟବହାର ଦ୍ୱାରା ବିଶ୍ୱରେ ବିଶ୍ୱସନୀୟତା ହରାଉଛି ଚାରି ସ୍ତମ୍ଭ । ଏହି ଯୁବ ପିଢ଼ି ଭୟଭୀତ ନହୋଇ, କାହାରିକୁ ନ ଡରି ନିଜ ସ୍ୱାର୍ଥ ପାଇଁ ଆନ୍ଦୋଳନକୁ ଓହ୍ଲାଇଛନ୍ତି । ଏହି ଆନ୍ଦୋଳନ ଯୋଗୁଁ ପ୍ରମୁଖ ଗଣମାଧ୍ୟମରୁ ଦୂରେଇ ଯାଇ ସାମାଜିକ ଗଣମାଧ୍ୟମକୁ ବହୁ ସଂଖ୍ୟାରେ ଆପଣାଇଛନ୍ତି ଯୁବ ପିଢ଼ି । ସମୟ ଲାଇଭ ପକ୍ଷରୁ ଆୟୋଜିତ ପ୍ରାକ୍ ସ୍ୱାଧୀନତା ଦିବସ ପାଳନରେ ଅତିଥିମାନେ ଏଭଳି ମତପ୍ରକାଶ କରିଛନ୍ତି ।

ସମୟ ଲାଇଭ ପକ୍ଷରୁ ଆୟୋଜିତ ପ୍ରାକ୍ ସ୍ୱାଧୀନତା ଦିବସ କାର୍ଯ୍ୟକ୍ରମର ଚତୁର୍ଥ ସଂସ୍କରଣ ପାଳନ ଅବସରରେ ସମୟର ନିର୍ଦ୍ଦେଶିକା ଅନୀତା ମହାନ୍ତି ସ୍ୱାଗତ ଭାଷଣ ଦେବା ସହ ସ୍ୱାଧୀନତା ସଂଗ୍ରାମୀଙ୍କ ସ୍ମୃତି ଚାରଣ କରିଥିଲେ । ସେ କହିଥିଲେ, ଦୁଇ ଶହ ବର୍ଷ ସଂଘର୍ଷ ପରେ ଆମେ ସ୍ୱାଧୀନତା ପାଇଛେ । ଏଥିପାଇଁ ଅନେକ ସ୍ୱାଧୀନତା ସଂଗ୍ରାମୀଙ୍କୁ ବଳିଦାନ ଦେବାକୁ ପଡିଥିଲା । ତେବେ ଓଡିଆ ପୁଅ ଢେଙ୍କାନାଳର ବାଜି ରାଉତଙ୍କ ସାହାସକୁ ସେ ସ୍ମରଣ କରିଥିଲେ । ବଳିଦାନ ଦେଇଥିବା ସ୍ୱାଧୀନତା ସଂଗ୍ରାମୀଙ୍କ ସ୍ମୃତି ଉଦ୍ଦେଶ୍ୟରେ ଦୁଇ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା ।

ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ବିଧାୟକ ସିଦ୍ଧାନ୍ତ ମହାପାତ୍ର କହିଥିଲେ, ଏବର ଯୁବ ପିଢ଼ି ବା ଜେନ -ଜି ମାନେ ଏଭଳି କାଳଖଣ୍ଡରେ ଜନ୍ମ ହୋଇଛନ୍ତି, ଯେଉଁ ସମୟରେ ମୋବାଇଲର ବହୁଳ ବ୍ୟବହାର ହେଉଛି । ଆମ ସମୟରେ ଖବର କାଗଜ ହିଁ କେବଳ ସାଧନ ଥିଲା । ଗୋଟିଏ ଖବର ପ୍ରକାଶ ପାଇଁ ୩ ରୁ ୪ ମାସ ଲାଗୁଥିଲା । ସେହି ଖବର ପ୍ରତ୍ୟେକ ପକ୍ଷର ମତାମତ ନେଇ ଖବର ପ୍ରକାଶ ହେଉଥିଲା । କିନ୍ତୁ ମୋବାଇଲ ଟେକ୍ନୋଲୋଜି ବ୍ୟବହାର ଯୋଗୁ ବିଶ୍ୱରେ ବିଶ୍ୱସନୀୟତା ହରାଉଛି ଗଣତନ୍ତ୍ର । ଆମେ ସ୍ୱାଧୀନତା ପାଇଛୁ ସତ କିନ୍ତୁ ଏବେ ପରାଧୀନ ଅଛୁ । ଏହି ମୋବାଇଲ ସାରା ବିଶ୍ୱକୁ ତା ଭିତରେ ଆୟତ୍ତ କରିଛି । ଏହି ଟେକ୍ନୋଲୋଜି ଯୋଗୁ ଆମେ ଚିନ୍ତା କରିବା ଛାଡି ଦେଲୁଣି । ଆଜି କ'ଣ ଲେଖିବା ଟେକ୍ନୋଲୋଜି ଦ୍ୱାରା ହିଁ ସମ୍ଭବ ହେଉଛି । ତାହାର ଖରାପ ପ୍ରଭାବ ଆମ ଉପରେ ପଡୁଛି । ଆଜି ମାତୃଭାଷାର ଅବକ୍ଷୟ ହୋଇଛି । ଆମର ଲେଖା ଭିତରେ ଯୁକ୍ତାକ୍ଷର ପ୍ରୟୋଗ ଏକ ପ୍ରକାର ଆଉ ନାହିଁ । ଟିଆରପି ପାଇଁ ଯଥାର୍ଥକୁ ଆମେ ଛାଡି ଦେଲୁଣି । ଗଣତନ୍ତ୍ର ହେଉଛି ସମସ୍ତେ ଓ ପ୍ରଶାସନ ଆମ ଭିତରେ ରହିଛି । ଯୁବ ପୀଢିମାନେ ଏହାକୁ ଭୁଲିବା ଉଚିତ ନୁହେଁ ।

ଏହି ଅବସରରେ ମୁଖ୍ୟବକ୍ତା ଭାବେ ଯୋଗ ଦେଇ ବିଶିଷ୍ଟ ସ୍ତମ୍ଭକାର ତଥା ଆଇନଜୀବୀ ପ୍ରହଲ୍ଲାଦ ସିଂ କହିଥିଲେ, ଅଗଷ୍ଟ ମାସ ହେଉଛି ବହୁ ଆନ୍ଦୋଳନର ମାସ । ଏହି ମାସରେ ସ୍ୱାଧୀନତା ପାଇବା ପାଇଁ ମହାତ୍ମା ଗାନ୍ଧୀଙ୍କ ଡାକରାରେ ବହୁ ଆନ୍ଦୋଳନ ହୋଇଛି । ଅଗଷ୍ଟ ୮ ତାରିଖରେ ଗାନ୍ଧୀ ତିଳକ ସ୍ୱରାଜ କ୍ରାନ୍ତି ଆନ୍ଦୋଳନ ପାଇଁ କର (୯ ପୃଷ୍ଠାରେ)

---

#### କ୍ୟାବିନେଟ୍‌ରେ ୬ ବିଭାଗର ୧୦ ପ୍ରସ୍ତାବ ମଞ୍ଜୁର

## ଆଗ୍ରିଷ୍ଟାକ୍ ପଞ୍ଜୀକରଣ ସହ ପି-ପାସ୍‌ର ସମ୍ପର୍କ ନାହିଁ



- ଓଶ୍ୱାସ-୩ ଲାଗି ଟିସିଏସ୍‌କୁ ଦାୟିତ୍ୱ
- ୨୦୩୦ ସୁଦ୍ଧା ଅକ୍ଷୟ ଶକ୍ତିରୁ ୧୧ ହଜାର ମେଗାୱାଟ୍ କ୍ଷମତା
- ପାର୍ବତୀଗିରି ଉଠାଜଳସେଚନ ପ୍ରକଳ୍ପ ଲାଗି ୧୨୪୫୮ କୋଟି
- ଯଶୋଦା, ଆଶୀର୍ବାଦ ଲାଗି ୨୯୬ କୋଟି ମଞ୍ଜୁର
- ଜଳାଶ୍ରୟ, କ୍ଷୁଦ୍ର ଉଠାଜଳସେଚନ ପ୍ରକଳ୍ପ ଲାଗି ୩୮୯ କୋଟି

ଭୁବନେଶ୍ୱର, ୧୨ ।୮ (ସବ୍ୟୁ) : ଆଗ୍ରିଷ୍ଟାକ୍‌ରେ ଚାଷୀମାନେ ପଞ୍ଜୀକରଣ ନେଇ ସମସ୍ୟାର ସମ୍ମୁଖୀନ ହେଉଛନ୍ତି । ପି-ପାସ୍ ବ୍ୟବସ୍ଥାରେ ଧାନ କିଣା ପାଇଁ ଏହି ପଞ୍ଜୀକରଣ ଚାଲିଛି । ଆଗ୍ରିଷ୍ଟାକ୍ ପଞ୍ଜୀକରଣ ଧାନ କିଣା ପାଇଁ ହେଉଥିବା ପି-ପାସ୍ କୌଣସି ସମ୍ପର୍କ ନାହିଁ । ଏଥିଲାଗି ଧାନକିଣାକୁ ନେଇ ଚାଷୀମାନେ ବ୍ୟସ୍ତ ହେବା ଆବଶ୍ୟକ ନାହିଁ । ଆଗ୍ରିଷ୍ଟାକ୍‌ରେ ଚାଷୀର ସ୍ଥିତି ସମ୍ପର୍କରେ ସୂଚନା ରହୁଛି । ପି-ପାସ୍ ବ୍ୟବସ୍ଥା ଚଳିତ ବର୍ଷ ପୂର୍ବ ବର୍ଷ ଭଳି ଚାଲିବ ବୋଲି ରାଜ୍ୟ କ୍ୟାବିନେଟ୍‌ରେ ନିଷ୍ପତ୍ତି ହୋଇଛି । ଉପରୋକ୍ତ ନିଷ୍ପତ୍ତି ସମେତ ରାଜ୍ୟ କ୍ୟାବିନେଟ୍ ୬ ବିଭାଗର ୧୦ ପ୍ରସ୍ତାବକୁ ଅନୁମୋଦନ କରିଛି ।

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ରାଜ୍ୟ କ୍ୟାବିନେଟ୍ ବୈଠକର ନିଷ୍ପତ୍ତି ସମ୍ପର୍କରେ ମୁଖ୍ୟ ସଚିବ ଅନୁ ଗର୍ଗ ସୂଚନା ଦେଇଥିଲେ । (୯ ପୃଷ୍ଠାରେ)

---

## ବିରୋଧୀ ପ୍ରସ୍ତାବ ଦିଅନ୍ତୁ, ଆଲୋଚନା ଲାଗି ପ୍ରସ୍ତୁତ : ଶାହା

#### ଭାଷଣ ଶୁଣିବାକୁ କାହାର ଇଚ୍ଛା ନାହିଁ : ରାହୁଲ

ନୂଆଦିଲ୍ଲୀ,୧୨।୮: ମୌସୁମୀ ଅଧିବେଶନ ଆସନ୍ତାକାଲି ଶେଷ ହେବ । ତେବେ ଅଧିବେଶନ ଅବଧି ମଧ୍ୟରେ ଗୋଟିଏ ଦିନ ବି ସୁରୁଖୁରୁରେ ଚାଲିପାରି ନାହିଁ । ଯନ୍ତରମନ୍ତରରେ ହୋଇଥିବା ଛାତ୍ର ଆନ୍ଦୋଳନ ସମୟରେ ପୋଲିସର ମାତ୍ରାଧିକ କାର୍ଯ୍ୟାନୁଷ୍ଠାନ ନେଇ ବିରୋଧୀ ଦଳଗୁଡ଼ିକ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହାଙ୍କ ବିବୃତ୍ତି ଦାବି କରୁଛନ୍ତି । ଏହି ପ୍ରସଙ୍ଗକୁ ନେଇ ଅଚଳାବସ୍ଥା ସୃଷ୍ଟି ହୋଇଛି । ଆଜି ମଧ୍ୟ ଅଧିବେଶନ ଚାଲିପାରି ନାହିଁ । ଆସନ୍ତାକାଲି ଯାଏଁ ଗୃହକୁ ମୁଲତବୀ କରାଯାଇଛି ।

ତେବେ ସଂସଦ ଭବନ ପରିସରରେ ଅମିତ ଶାହା ଗଣମାଧ୍ୟମକୁ କହିଥିଲେ ଯେ ଛାତ୍ରମାନଙ୍କ ଆନ୍ଦୋଳନ ସମେତ ସମସ୍ତ ପ୍ରସଙ୍ଗ ଉପରେ ସଂସଦରେ ଆଲୋଚନା କରିବାକୁ ସରକାର ପ୍ରସ୍ତୁତ । ବିରୋଧୀ ଦଳଗୁଡ଼ିକ ଗୃହକୁ ସ୍ୱାଭାବିକ କରନ୍ତୁ । ବାଚସ୍ପତିଙ୍କ ନିକଟରେ ଆଜି ଅପରାହ୍ନ ୨ଟାରେ ନୋଟିସ ଦାଖଲ କରନ୍ତୁ । ଅପରାହ୍ନ ୩ଟାରୁ ଆସନ୍ତାକାଲି ପର୍ଯ୍ୟନ୍ତ ଆଲୋଚନା ହେଉ । ଶାହାଙ୍କ ସର୍ତ୍ତ ଉପରେ (୯ ପୃଷ୍ଠାରେ)

---

## ଗୁରୁଣ୍ଡିଆ ସିଏଚ୍‌ସିର ପୂର୍ବ ଡାକ୍ତର ବହିଷ୍କୃତ

ଭୁବନେଶ୍ୱର, ୧୨ ।୮ (ସବ୍ୟୁ) : ଦୁର୍ନୀତି ବିରୁଦ୍ଧରେ କଡ଼ା ଆଭିମୁଖ୍ୟ ଜାରି ରଖି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ସୁନ୍ଦରଗଡ ଜିଲ୍ଲା ଗୁରୁଣ୍ଡିଆ ସି.ଏଚ୍.ସି'ର ପୂର୍ବତନ ମେଡ଼ିକାଲ ଅଫିସର ଡାକ୍ତର ପତିତପାବନ ବାରିକଙ୍କୁ ଚାକିରିରୁ ବହିଷ୍କୃତ କରିଛନ୍ତି । ଡାକ୍ତର ବାରିକ ବର୍ତ୍ତମାନ ଗଜପତି ଜିଲ୍ଲା ଗୁରାଣ୍ଡି ସି.ଏଚ୍.ସି'ରେ କାର୍ଯ୍ୟରତ ଅଛନ୍ତି ।

ସୂଚନାଯୋଗ୍ୟ ଯେ, ଡାକ୍ତର ବାରିକ ସୁନ୍ଦରଗଡ ଜିଲ୍ଲା ଗୁରୁଣ୍ଡିଆରେ କାର୍ଯ୍ୟରତ ଥିବା ସମୟରେ ଦୁର୍ନୀତି (୯ ପୃଷ୍ଠାରେ)


---

## ଲଘୁଚାପ ପ୍ରଭାବରେ କମ୍ ବର୍ଷା

#### ପଶ୍ଚିମବଙ୍ଗ-ବାଂଲାଦେଶ ଉପକୂଳରେ ପ୍ରବେଶ

ଭୁବନେଶ୍ୱର, ୧୨ ।୮ (ସବ୍ୟୁ): ଉତ୍ତର ବଙ୍ଗୋପସାଗରର ପଶ୍ଚିମବଙ୍ଗ ଏବଂ ପାଶ୍ୱର୍ବର୍ତ୍ତୀ ବାଂଲାଦେଶ ଉପରେ ସୃଷ୍ଟି ହୋଇଥିବା ଲଘୁଚାପ ସ୍ପଷ୍ଟ ଚିହ୍ନିତ ଲଘୁଚାପର ରୂପ ନେଇସାରିଛି । ଆସନ୍ତା ୧୨ ଘଣ୍ଟା ମଧ୍ୟରେ ଏହା ଅଧିକ ଘନୀଭୂତ ହୋଇ ଅବପାତରେ ପରିଣତ ହେବ । ତେବେ ଓଡ଼ିଶାରେ ଲଘୁଚାପ ପ୍ରଭାବରେ କମ୍ ବର୍ଷାର ସମ୍ଭାବନା ଅଛି ।

ପାଣିପାଗ ବିଜ୍ଞାନୀଙ୍କ କହିବାନୁସାରେ, ଆସନ୍ତା ୨୪ ଘଣ୍ଟା ମଧ୍ୟରେ ସମ୍ଭାବ୍ୟ ଅବପାତଟି ଉତ୍ତର-ପଶ୍ଚିମ ଦିଗରେ ଗତି କରି ପଶ୍ଚିମବଙ୍ଗ ଏବଂ ଏହାର ସଂଲଗ୍ନ ବାଂଲଶଦେଶ ଉପକୂଳ ମଧ୍ୟରେ ପ୍ରବେଶ କରିବ । ସୁନ୍ଦରବନରୁ ଶୁଷ୍କ ପବନ ଟାଣିବା ସହ ବାଦଲର ବିଖଣ୍ଡିତ (୯ ପୃଷ୍ଠାରେ)

## ଇତିହାସ

୧୬୪୫- ସ୍ୱିଡେନ୍ ଏବଂ ଡେନ୍‌ମାର୍କ ମଧ୍ୟରେ ଶାନ୍ତି ଚୁକ୍ତି ।

୧୭୮୪- ଭାରତରେ ପ୍ରଶାସନିକ ସୁଧାର ପାଇଁ ବ୍ରିଟିଶ ସଂସଦରେ ପିଟ୍ସ ଇଣ୍ଡିଆ ବିଲ୍ ଜାରି ।

୧୭୯୫- ଭାରତର ବୀରାଙ୍ଗନା **ଅହିଲ୍ୟାବାଇ** ହୋଲକରଙ୍କ ଦେହାନ୍ତ ।

୧୮୧୪- ଦାସପ୍ରଥା ସମାପ୍ତ ପାଇଁ ବ୍ରିଟେନ୍ ଏବଂ ହଲାଣ୍ଡ ମଧ୍ୟରେ ଚୁକ୍ତି ।

୧୮୬୩- ପ୍ରସିଦ୍ଧ ରାଜନୀତିଜ୍ଞ ଗଙ୍ଗାପ୍ରସାଦ ବର୍ମାଙ୍କ ଜନ୍ମ ।

୧୮୮୭- ପ୍ରସିଦ୍ଧ ଭାରତୀୟ କ୍ରାନ୍ତିକାରୀ ନରେନ୍ଦ୍ର ମୋହନ ସେନ୍‌ଙ୍କ ଜନ୍ମ ।

୧୯୧୦- ଆଧୁନିକ ନର୍ସିଂ ଆନ୍ଦୋଳନର ଜନ୍ମଦାତା ଫ୍ଲୋରେନ୍ସ ନାଇଟ୍‌ଆଙ୍ଗେଲ୍‌ଙ୍କ ଦେହାନ୍ତ ।

୧୯୧୩- ଇଂଲଣ୍ଡର ହ୍ୟାରୀ ବ୍ରେଅର୍ଲି ଶେଫାର୍ଡ ଷ୍ଟେନ୍‌ଲେସ୍ ଷ୍ଟିଲ୍‌ର ଆବିଷ୍କାର କଲେ ।

୧୯୩୬- ପ୍ରସିଦ୍ଧ ଭାରତୀୟ ଅଭିନେତ୍ରୀ ବୈଜୟନ୍ତିମାଲାଙ୍କ ଜନ୍ମ ।

୧୯୫୧- ଭାରତରେ ନିର୍ମିତ ପ୍ରଥମ ବିମାନ ହିନ୍ଦୁସ୍ତାନ ଟ୍ରେନର ୨ ପ୍ରଥମକରି ଉଡାଣ ଭରିଲା ।

୧୯୫୬- ଲୋକସଭାରେ ଜାତୀୟ ରାଜପଥ ବିଲ୍ ପାରିତ ।

୨୦୦୮- ବିଶ୍ୱର ପ୍ରମୁଖ ଇସ୍ପାତ କମ୍ପାନୀ ଟାଟା ଷ୍ଟିଲ୍ ଭିଏତନାମର ଦୁଇ କମ୍ପାନୀ ସହିତ ଚୁକ୍ତି କଲା ।

୨୦୦୮- ଦେଶରେ ମଲଟି ବ୍ୟାରେଲ୍ ରକେଟ୍ ଲଞ୍ଚର୍ ଅସ୍ତ୍ରପ୍ରଣାଳୀ ପିନାକ୍‌ର ସଫଳ ପରୀକ୍ଷଣ ।

## ବିଶ୍ୱ ଅଙ୍ଗଦାନ ଦିବସ

ପ୍ରତିବର୍ଷ ଅଗଷ୍ଟ ୧୩ ତାରିଖରେ ସାରା ବିଶ୍ୱରେ 'ବିଶ୍ୱ ଅଙ୍ଗଦାନ ଦିବସ' ପାଳନ କରାଯାଇ ମାନବସେବାର ଶ୍ରେଷ୍ଠ ମହାନତା ସମ୍ପର୍କରେ ଜନସାଧାରଣଙ୍କୁ ସଚେତନ କରାଯାଏ । ଜଣେ ବ୍ୟକ୍ତିଙ୍କ ଅଙ୍ଗଦାନ ସବୁବେଳେ ଆଉ ଜଣଙ୍କୁ ନୂଆ ଜୀବନ ଦେଇଥାଏ । ଏହି ବାର୍ତ୍ତା ପ୍ରସାର କରିବା ଏହି ବିଶେଷ ଦିବସର ମୁଖ୍ୟ ଉଦ୍ଦେଶ୍ୟ । ଚିକିତ୍ସା ବିଜ୍ଞାନ ଅନୁଯାୟୀ, ମସ୍ତିଷ୍କ ମୃତ୍ୟୁ ବା ବ୍ରେନ ଡେଡ୍ ଘଟିଥିବା କିମ୍ବା ସ୍ୱାଭାବିକ ମୃତ୍ୟୁ ବରଣ କରିଥିବା ଜଣେ ଦାତାଙ୍କ ଅଙ୍ଗ ଯେପରିକି ହୃତପିଣ୍ଡ, କିଡନୀ, ଯକୃତ, ଫୁସଫୁସ, ଆଖି ଓ ତ୍ୱଚା ଅନ୍ୟୁନ ୮ ଜଣ ଆବଶ୍ୟକତା ଥିବା ରୋଗୀଙ୍କ ଜୀବନ ବଞ୍ଚାଇବାରେ ସହାୟକ ହୋଇଥାଏ । କିନ୍ତୁ ଭ୍ରାନ୍ତ ଧାରଣା, ଅଜ୍ଞାନତା ଏବଂ ସାମାଜିକ କୁସଂସ୍କାର ଯୋଗୁଁ ଆଜି ବି ଅନେକ ଲୋକ ଅଙ୍ଗଦାନ କରିବାକୁ ସଙ୍କୋଚବୋଧ କରନ୍ତି । ଯାହା ଫଳରେ ହଜାର ହଜାର ରୋଗୀ ଅଙ୍ଗ ଅଭାବରୁ ପ୍ରାଣ ହରାଉଛନ୍ତି । ଏହି ପରିପ୍ରେକ୍ଷୀରେ, ବିଶ୍ୱ ଅଙ୍ଗଦାନ ଦିବସ ଅବସରରେ ବିଭିନ୍ନ ସ୍ୱାସ୍ଥ୍ୟ ଅନୁଷ୍ଠାନ ଓ ସାମାଜିକ ସଂଗଠନ ପକ୍ଷରୁ ସଚେତନତା ଶୋଭାଯାତ୍ରା, କର୍ମଶାଳା ଏବଂ ସଙ୍କଳ୍ପ ଶିବିରମାନ ଆୟୋଜିତ ହୋଇଥାଏ । ସମାଜର ପ୍ରତ୍ୟେକ ବ୍ୟକ୍ତି ସ୍ୱେଚ୍ଛାକୃତ ଭାବେ ଅଙ୍ଗଦାନ ପାଇଁ ଆଗେଇ ଆସି ଏହି ମହତ ଅଭିଯାନର ଅଂଶବିଶେଷ ହେବା ଆଜିର ସମୟରେ ଅତ୍ୟନ୍ତ ଜରୁରୀବୋଲି ଏହି ଦିବସରେ ମତ ଦିଆଯାଇଥାଏ ।



## ସୋସିଆଲ କୋଟ୍ସ



ସେ ମୋ ପାଇଁ ଜୀବନର ସବୁକିଛି ଥିଲେ । ବର୍ତ୍ତମାନ ଜୀବନରେ ଏକ ଖାଲି ପଣ ଆସିଯାଇଛି, ଯାହା ଜୀବନସାରା ସାଥିରେ ରହିବ । ତାଙ୍କ ସ୍ମୃତି ସାହାରାରେ ଜୀବନ ବ୍ୟତିତ କରିବି ।

ହେମା ମାଳିନୀ, ଅଭିନେତ୍ରୀ



କ୍ୟାରିୟରରେ ଅନେକ ସଂଘର୍ଷ କରିଛି । ଅଡିସନ ପାଇଁ ଯିବା ସମୟରେ ମୋ ପାଖେ ପୋଷାକ ମଧ୍ୟ ନଥିଲା, ମୁଁ ଭଡାରେ ଆଣୁଥିଲି ।

ରସିକା ଦୁଗଲ, ଅଭିନେତ୍ରୀ



ମୁଁ ନିଜ ଦେଶରେ କେବେ ବି ଅସୁରକ୍ଷିତ ଅନୁଭବ କରି ନାହିଁ । ମୁମ୍ବାଇ ପୋଲିସ ଠାରୁ କେହି ବି ଭଲ ସୁରକ୍ଷା ଦେବେ ନାହିଁ ।

କପିଲ ଶର୍ମା, ଅଭିନେତା

## ପୋଷାକ ସଫା କରିବାକୁ ୯୦ଲକ୍ଷ ଦରମା

ବ୍ରିଟେନର ବିଳାସପୂର୍ଣ୍ଣ ପତ୍ରିକା 'ଦି ଲେଡି'ରେ ପ୍ରକାଶିତ ଏକ ନିଯୁକ୍ତି ବିଜ୍ଞାପନ ଅନୁଯାୟୀ, ଜଣେ ଆନ୍ତର୍ଜାତୀୟ ବ୍ୟବସାୟୀ ତଥା ରେସିଂ ଡ୍ରାଇଭର ତାଙ୍କ ସହାୟକଙ୍କୁ ବାର୍ଷିକ ୯୦ ଲକ୍ଷ ଟଙ୍କାର ଦରମା ଦେବାକୁ ପ୍ରସ୍ତାବ ଦେଇଛନ୍ତି । ଯାହା ଶୁଣି ଲୋକେ ଆଶ୍ଚର୍ଯ୍ୟ ଚକିତ ହୋଇଛନ୍ତି । ଏହି ଚାକିରିରେ ନିଯୁକ୍ତ ବ୍ୟକ୍ତିଙ୍କୁ ମାଲିକଙ୍କ ଡିଜାଇନର ପ୍ୟାଣ୍ଟ ଓ ଅନ୍ୟାନ୍ୟ ପୋଷାକ ଧୋଇବା, ଇସ୍ତ୍ରୀ କରିବା, ତାଙ୍କର ବିଳାସପୂର୍ଣ୍ଣ କାର ଚଲାଇବା, ଜିନିଷପତ୍ର ପ୍ୟାକ୍ ଓ ଅନପ୍ୟାକ୍ କରିବା, ପାର୍ଟିଗୁଡ଼ିକରେ ଖାଦ୍ୟପେୟ ପରିବେଷଣ କରିବା ସହ ଘରର ଦେଖାରେଖା କରିବାକୁ ପଡ଼ିବ । ଲଣ୍ଡନର ମେଫେୟାର ଅଞ୍ଚଳରେ ରହିଥିବା ଏହି ନିଯୁକ୍ତିରେ ମାଲିକ ବର୍ଷକୁ ମାତ୍ର ୯୦ ଦିନ ଲଣ୍ଡନରେ ରହୁଥିବା ବେଳେ ବାକି ସମୟ ବିଶ୍ୱର ବିଭିନ୍ନ ସ୍ଥାନ ଭ୍ରମଣ କରୁଥିବାରୁ, କର୍ମଚାରୀଙ୍କୁ ମଧ୍ୟ ତାଙ୍କ ସହିତ ବିଦେଶ ଯାତ୍ରା କରିବାକୁ ପଡ଼ିବ । ତେବେ ଏହି ଚାକିରିକୁ ନେଇ ବର୍ତ୍ତମାନ ସୋସିଆଲ ମିଡିଆରେ ଖୁବ ଚର୍ଚ୍ଚା ହେଉଥିବାର ଦେଖିବାକୁ ମିଳୁଛି ।



## ମାରାଥନ ଦୌଡ଼ରେ ଗିନିଜ ରେକର୍ଡ



ଚୀନ୍‌ର ୪୧ ବର୍ଷୀୟ ଲି ଶୁଆଙ୍ଗଯୋଙ୍ଗ ନିଜର ଛାଡ଼ପତ୍ର ଏବଂ ବ୍ୟବସାୟ ବନ୍ଦ ହେବା ପରେ ମାନସିକ ସନ୍ତୁଳନ ଫେରାଇ ଆଣିବା ପାଇଁ ଦୌଡ଼ିବା ଆରମ୍ଭ କରିଥିଲେ । ତେବେ ମାନସିକ ସନ୍ତୁଳନ ପାଇଁ ଆରମ୍ଭ ହୋଇଥିବା ଏହି ଦୌଡ ବର୍ତ୍ତମାନ ତାଙ୍କୁ ରେକର୍ଡରେ ସାମିଲ କରିଛି । ବର୍ତ୍ତମାନ ସେ କ୍ରମାଗତ ୩୭୨ ଦିନ ଧରି ପ୍ରତିଦିନ ମାରାଥନ ଦୌଡ଼ି ଏକ ନୂଆ ଗିନିଜ୍ ୱାର୍ଲ୍ଡ ରେକର୍ଡ ସୃଷ୍ଟି କରିଛନ୍ତି । ଏହି ସମୟ ମଧ୍ୟରେ ସେ ୧୫ ହଜାର କିଲୋମିଟରରୁ ଅଧିକ ଦୂରତା ଅତିକ୍ରମ କରିସାରିଛନ୍ତି । ଏପରିକି ସେ ବ୍ରାଜିଲର ଧାବକ ହ୍ୟୁଗୋ ଫାରିୟାସଙ୍କ ୩୬୬ ଦିନର ପୁରୁଣା ରେକର୍ଡକୁ ମଧ୍ୟ ଭାଙ୍ଗିଛନ୍ତି । ପ୍ରତିଦିନ ୪୨.୧୯୫ କିଲୋମିଟର ଦୌଡୁଥିବା ଲି ଚୀନ୍‌ର ୩୦୦ରୁ ଅଧିକ ସହର ଅତିକ୍ରମ କରିସାରିଛନ୍ତି । ଯେଉଁଠାରେ ସେ ପ୍ରତି ସନ୍ଧ୍ୟାରେ ନୂଆ ସ୍ଥାନରେ ହୋଟେଲରେ ରୁହନ୍ତି ଏବଂ ସକାଳେ ଦୌଡ଼ ସମ୍ପୂର୍ଣ୍ଣ କରନ୍ତି । ଗୋଡ଼ରେ ଯନ୍ତ୍ରଣାଦାୟକ କର୍ନ ହୋଇଥିବା ସତ୍ତ୍ୱେ ସେ ଦୌଡ଼ିବା ଜାରି ରଖିଥିଲେ; ପୂର୍ବରୁ ୧,୦୦୦ ଦିନ ଧରି ପ୍ରତିଦିନ ୧୦୦ ପୁସ୍-ଅପ୍, ୧୦୦ ସିଟ୍-ଅପ୍, ୧୦୦ ସ୍କ୍ୱାଟ୍ସ ଏବଂ ୧୦ କିମି ଦୌଡ଼ିବାର ରେକର୍ଡ କରିଥିବା ଲି' ଙ୍କର ବର୍ତ୍ତମାନର ଲକ୍ଷ୍ୟ ହେଉଛି ଏହି ଦୌଡ଼ିବା ପ୍ରକ୍ରିୟାକୁ କ୍ରମାଗତ ୫୨୦ ଦିନ ପର୍ଯ୍ୟନ୍ତ ଜାରି ରଖିବା ।







ସ୍ତ୍ରୀ: (ରାଗିଗଲେ) ମୁଁ ଆପଣଙ୍କୁ ଆଉ ବରଦାସ୍ତ କରିପାରିବି ନାହିଁ, ମୁଁ ନିଜ ବାପଘରକୁ ଚାଲିଯାଉଛି!

ସ୍ୱାମୀ: (ଶାନ୍ତ ସ୍ୱରରେ) ସାବଧାନରେ ଯିବ, ଆଉ ପହଞ୍ଚିଲା ପରେ ଗୋଟେ ମେସେଜ୍ କରିଦେବ ।

ସ୍ତ୍ରୀ: କାହିଁକି, ମୋ କଥା ଚିନ୍ତା ହେଉଛି ନା କ'ଣ?

ସ୍ୱାମୀ: ନା ନା, ସେମିତି କିଛି ନୁହେଁ... ମୋର ବିଶ୍ୱାସ ହେବନି ତ, ସେଥିପାଇଁ ପ୍ରମାଣ ।

## ପରମ୍ପରାପ୍ରିୟ ପ୍ରିୟଙ୍କା

ଅଭିନେତ୍ରୀ ପ୍ରିୟଙ୍କା ଚୋପ୍ରାଙ୍କର ଏକ ଭିଡିଓ ବର୍ତ୍ତମାନ ସୋସିଆଲ ମିଡିଆରେ ଖୁବ ଭାଇରାଲ ହେବାରେ ଲାଗିଛି । ଏଥିରେ ସେ ସିଦ୍ଧି ବିନାୟକ ମନ୍ଦିରରେ ଦର୍ଶନ କରୁଥିବାର ନଜର ଆସିଛନ୍ତି, ଯାହାପରେ ଫ୍ୟାନମାନେ ତାଙ୍କୁ ପରମ୍ପରା ପ୍ରିୟ ବୋଲି ଆଖ୍ୟା ଦେଇଛନ୍ତି । ଏହା ପୂର୍ବରୁ ମଧ୍ୟ ସୋସିଆଲ ମିଡିଆରେ ସେ ନିଜ ଝିଅ ମାଲତୀ ମେରୀଙ୍କୁ ଦୁର୍ଗା ସପ୍ତଶତୀ ମନ୍ତ୍ର ଶିଖାଉଥିବାର ଏକ ଭାବପୂର୍ଣ୍ଣ ଭିଡିଓ ଭାଇରାଲ ହୋଇଥିଲା । ତେବେ ସୂଚନା ଅନୁସାରେ ତାଙ୍କର ଆଗାମୀ ଭାରତୀୟ ଚଳଚ୍ଚିତ୍ର 'ବାରାଣସୀ'ର ସୁଟିଂ ପାଇଁ ମୁମ୍ବାଇରେ ପହଞ୍ଚିବାପରେ ସେ ସିଦ୍ଧିବିନାୟକ ମନ୍ଦିର ଦର୍ଶନ କରିଥିଲେ । ଏପରିକି ସେ ମନ୍ଦିର ପରିସର ବାହାରେ ମଧ୍ୟ ଖାଲି ପାଦରେ ଚାଲୁଥିବାର ନଜର ଆସିଥିଲେ । ନିର୍ଦ୍ଦେଶକ ଏସ.ଏସ. ରାଜାମୌଳିଙ୍କ ଏହି ବହୁପ୍ରତୀକ୍ଷିତ ଆକ୍ସନ - ଆଡଭେଞ୍ଚର ଫିଲ୍ମ ମାଧ୍ୟମରେ ସେ ଦୀର୍ଘ ଦିନ ପରେ ଭାରତୀୟ ସିନେମାକୁ ପ୍ରତ୍ୟାବର୍ତ୍ତନ କରୁଛନ୍ତି । ଏଥିରେ ସାଉଥ୍ ଷ୍ଟାର୍ ମହେଶ ବାବୁ ('ରୁଦ୍ର' ଭୂମିକାରେ) ଏବଂ ପୃଥ୍ୱୀରାଜ ସୁକୁମାରନ୍ (ଖଳନାୟକ ଭୂମିକାରେ) ମୁଖ୍ୟ ଭୂମିକାରେ ଅଛନ୍ତି । ଏହି ଫିଲ୍ମରେ ଜଣେ ଇତିହାସକାର ଓ କୁଶଳୀ ନିଶାଣବାଜ 'ମନ୍ଦାକିନୀ' ଚରିତ୍ରରେ ଅଭିନୟ କରୁଛନ୍ତି, ଯାହାର କାହାଣୀ ଏକ ପ୍ରାଚୀନ ମହାଜାଗତିକ କଳାକୃତିର ସନ୍ଧାନରେ ଆଫ୍ରିକା, ଆଣ୍ଟାର୍କଟିକା ଓ ଇଉରୋପ ପର୍ଯ୍ୟନ୍ତ ଗତିଶୀଳ ହେବ ଏବଂ ଏହା ୭ ଏପ୍ରିଲ ୨୦୨୭ରେ ପ୍ରେକ୍ଷାଳୟକୁ ଆସିବ । ମୁମ୍ବାଇ ପରେ ହାଇଦ୍ରାବାଦ ସୁଟିଂ ପାଇଁ ପ୍ରସ୍ତୁତ ହେଉଥିବା ପ୍ରିୟଙ୍କାଙ୍କ ହାତରେ ହଲିଉଡର ସାଇନ୍ସ-ଫିକସନ୍ ଥ୍ରିଲର 'ବ୍ଲୁଫ୍ଲାଇ' ପରି ବଡ଼ ପ୍ରୋଜେକ୍ଟ ମଧ୍ୟ ରହିଛି ।

## ତରଭୁଜ ଜାକି ଶୋଉଛନ୍ତି ଲୋକ

ଚୀନ୍‌ରେ ପ୍ରଚଣ୍ଡ ଗ୍ରୀଷ୍ମପ୍ରବାହରୁ ରକ୍ଷା ପାଇବା ପାଇଁ ଲୋକେ ରାତିରେ ତରଭୂଜକୁ କୋଳେଇ ଶୋଉଥିବା ଏକ ଅଜବ ପ୍ରଥା ଦେଖିବାକୁ ମିଳୁଛି । ଏହି ପନିପରିବାରେ ପ୍ରାୟ ୯୫ ପ୍ରତିଶତ ଜଳୀୟ ଅଂଶ ଥିବାରୁ ଏହାକୁ ଶରୀରରେ ଲଗାଇ ଶୋଇବା ଦ୍ୱାରା ଥଣ୍ଡା ଅନୁଭୂତ ହୋଇଥାଏ ବୋଲି ଲୋକମାନେ ମତ ଦେଉଛନ୍ତି । ଏହି ଅଭ୍ୟାସ ଦ୍ୱାରା ଅନେକ ସମୟରେ ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହେଉଛି । କ୍ରମାଗତ ଅନେକ ରାତି ଧରି ଏହାକୁ ଶରୀର ସହ ଲଗାଇ ଶୋଇବା ଦ୍ୱାରା ଏହାର ବାହାରେ ଥିବା ମହମ ଭଳି ପ୍ରାକୃତିକ ସୁରକ୍ଷା ପରସ୍ତ ନଷ୍ଟ ହୋଇଯାଉଛି । ଯାହା ଫଳରେ ସୂକ୍ଷ୍ମଜୀବ ଅଭ୍ୟନ୍ତରକୁ ପ୍ରବେଶ କରି ଏଥିରେ ଥିବା ଶର୍କରାକୁ ସଢ଼ାଇ ଦେଉଛନ୍ତି । ଏହି ସଢ଼ନ ପ୍ରକ୍ରିୟାରୁ କାର୍ବନ ଡାଇଅକ୍ସାଇଡ୍ ଗ୍ୟାସ ସୃଷ୍ଟି ହୋଇ ଭିତରେ ଚାପ ବଢ଼ିବା ଯୋଗୁଁ ତରଭୁଜଟି ଅଚାନକ ଫାଟିଯାଉଛି, ଯାହା ଦ୍ୱାରା ସଢ଼ା ମଞ୍ଜା ଓ ଦୁର୍ଗନ୍ଧଯୁକ୍ତ ପାଣି ବିଛଣା ଓ ଚଟାଣକୁ ନଷ୍ଟ କରୁଛି । ସେହିଭଳି ବିଶେଷଜ୍ଞମାନେ ସଚେତନ କରାଇଛନ୍ତି ଯେ ଏହା ଶରୀରର ଉତ୍ତାପ ଶୋଷି ନେଇ କିଛି ସମୟ ପାଇଁ ଆରାମ ଦେଉଥିଲେ ବି ଏଭଳି ବାରମ୍ବାର କରିବା ଦ୍ୱାରା ଏହା ସଢ଼ି ଫାଟିବାର ବଡ଼ ବିପଦ ରହିଛି ।





**ମେଷ:** ପ୍ରୀତିହାନି, ନୂତନ କାର୍ଯ୍ୟରେ ସମସ୍ୟା, ପାରିବାରିକ ଖୁସି, ବନ୍ଧୁଲାଭ, ସ୍ୱାଦିଷ୍ଟ ଭୋଜନ, ଉଚ୍ଚକାର୍ଯ୍ୟପାଇଁ ଦୂରଯାତ୍ରା, ଭ୍ରମଣଖୁସି, ସମ୍ପତ୍ତିବିବାଦ, କର୍ମକ୍ଷେତ୍ରେ ସମସ୍ୟା, ବ୍ୟବସାୟରେ ସ୍ୱଳ୍ପଲାଭ, ସନ୍ତାନଲାଭ, ବିଦ୍ୟାରେ ସଫଳ, ଅଶ୍ୱିନୀ ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଗୋଲାପି, ସଂଖ୍ୟା-୫, ଆରାଧନା-ମା' ମହାଲକ୍ଷ୍ମୀ ।

**ବୃଷ:** ଯାତ୍ରାରେ କଷ୍ଟ, ଲୋକସମ୍ପର୍କ ବୃଦ୍ଧି, ବ୍ୟବସାୟରେ ସ୍ୱଳ୍ପଲାଭ, ଅର୍ଥକଷ୍ଟ, ଦ୍ରବ୍ୟପ୍ରାପ୍ତି, ବିଶିଷ୍ଟ କାର୍ଯ୍ୟରେ ଲାଭ, ସମ୍ମାନଲାଭ, ପୁରାତନ ବିବାଦ, ସନ୍ତାନସମସ୍ୟା, କୃତ୍ତିକା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ସବୁଜ, ସଂଖ୍ୟା-୪, ଆରାଧନା-ଶଙ୍କର ଭଗବାନ ।

**ମିଥୁନ:** କାର୍ଯ୍ୟରେ ସଫଳ, ସମ୍ପତ୍ତିଲାଭ, ଶୁଭଖବର, ବିଶିଷ୍ଟ ବ୍ୟକ୍ତିଙ୍କ ସହଯୋଗ, ଦେବଦର୍ଶନ, ଶରୀର ସୁସ୍ଥ, କର୍ମକ୍ଷେତ୍ରେ ସଫଳ, ବ୍ୟବସାୟିକ ଲାଭ, ବନ୍ଧୁଦର୍ଶନ, ଆଦ୍ରା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୭, ଆରାଧନା-ପ୍ରଭୁ ହନୁମାନ ।

**କର୍କଟ:** ଶୁଭକାର୍ଯ୍ୟରେ ଧନଖର୍ଚ୍ଚ, ବ୍ୟବସାୟରେ ସନ୍ତୁଷ୍ଟ, ନୂତନ କର୍ମଆରମ୍ଭ, ବନ୍ଧୁଗୃହକୁ ଯାତ୍ରା, ଅନୁଷ୍ଠାନରୁ ଲାଭ, ଶତ୍ରୁସମସ୍ୟା, ବ୍ୟକ୍ତିସାହାଯ୍ୟ, ହେବାକାର୍ଯ୍ୟ ବିଳମ୍ବ, ମାନସିକ ଅବସାଦ, ପୁଷ୍ୟା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ନାଲି, ସଂଖ୍ୟା-୬, ଆରାଧନା-ମା' ଭୁବନେଶ୍ୱରୀ ।

**ସିଂହ:** ମାନସିକଶାନ୍ତି, ସମ୍ମାନପ୍ରାପ୍ତି, ଲୋକସମ୍ପର୍କରେ ଉନ୍ନତି, ଦେବଦର୍ଶନ, ଶରୀର ସୁସ୍ଥ, କର୍ମକ୍ଷେତ୍ରେ ସମ୍ମାନ, ବିଦ୍ୟାରେ ସଫଳ, ଅନୁଷ୍ଠାନରୁ ଲାଭ, ଖୁସିଖବର, ମଘା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୧୦, ଆରାଧନା-ମା' ଦକ୍ଷିଣକାଳୀ ।

**କନ୍ୟା:** ଅଯଥାଖର୍ଚ୍ଚ, ଶତ୍ରୁସମସ୍ୟା, ଭ୍ରମଣକଷ୍ଟ, ପାରିବାରିକ ସହଯୋଗ, ଲୋକସମ୍ପର୍କ ବୃଦ୍ଧି, ତୀର୍ଥଯାତ୍ରା, କିଛି କାର୍ଯ୍ୟରେ ବିବାଦ, କଚେରୀ ମାମଲା, ବ୍ୟବସାୟିକକଷ୍ଟ, ଚୋରିଯିବାଭୟ, ଉତ୍ତରାଫାଲଗୁନି ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ସବୁଜ, ସଂଖ୍ୟା-୮, ଆରାଧନା-ମା' ଭଗବତୀ ।

**ତୁଳା:** ଭ୍ରମଣସୁଖ, ଖୁସିଖବର, ସମ୍ମାନଲାଭ, ସମ୍ପତ୍ତିବିବାଦ, ସ୍ୱାଦିଷ୍ଟ ଭୋଜନ, ଉଚ୍ଚଆଶା ସଫଳ, ଦେବଦର୍ଶନ, ଗୁରୁଜନଙ୍କ ସ୍ନେହ, ଅତିଥିସତ୍କାର, ବିଦ୍ୟାରେ ସଫଳ, ପଡ଼ିଶା ଗଣ୍ଡଗୋଳ, ସ୍ୱାତୀ ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-କମଳା, ସଂଖ୍ୟା-୯, ଆରାଧନା-ମା' ପାର୍ବତୀ ।

**ବିଛା:** ଖୁସିଖବର, ବ୍ୟବସାୟିକ ଲାଭ, ବ୍ୟକ୍ତିସାହାଯ୍ୟ, ଅର୍ଥପ୍ରାପ୍ତି, ଶରୀର ସୁସ୍ଥ, ବିଶିଷ୍ଟ କାର୍ଯ୍ୟରେ କର୍ମକ୍ଷେତ୍ରେ ଶୁଭଖବର, ସମ୍ମାନବୃଦ୍ଧି, ଶତ୍ରୁବୃଦ୍ଧି, ଦାମ୍ପତ୍ୟଖୁସି, ସନ୍ତାନଲାଭ, ଦ୍ରବ୍ୟଲାଭ, ଅନୁରାଧା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ହଳଦୀ, ସଂଖ୍ୟା-୮, ଆରାଧନା-ପ୍ରଭୁ ଜଗନ୍ନାଥ ।

**ଧନୁ:** କାର୍ଯ୍ୟରେ ବାଧା, ଦ୍ରବ୍ୟନଷ୍ଟ, ବନ୍ଧୁସହଯୋଗ, ଅର୍ଥସମସ୍ୟା, ଅନୁଷ୍ଠାନରୁ ଲାଭ, ସନ୍ତାନସମସ୍ୟା, ଦୂରଯାତ୍ରା ସଫଳ, ବ୍ୟବସାୟରେ ସ୍ୱଳ୍ପଲାଭ, ଅପମାନଯୋଗ, ଶତ୍ରୁସମସ୍ୟା, ସମ୍ପତ୍ତିଲାଭ, ମୂଳା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୭, ଆରାଧନା-ଗୁରୁଜନଙ୍କ ସେବା ।

**ମକର:** ଯାତ୍ରାରେ ସତର୍କ, ବ୍ୟବସାୟିକକଷ୍ଟ, ତୀର୍ଥଯାତ୍ରା ସଫଳ, ମନାନ୍ତର, ଶତ୍ରୁସମସ୍ୟା, ବ୍ୟୟବୃଦ୍ଧି, ଉଚ୍ଚଆଶାରେ ବାଧା, ନୂତନ କର୍ମପ୍ରତି ଆଗ୍ରହ, ଲୋକସମ୍ପର୍କରେ ଖୁସି, ଉତ୍ତରାଷାଢ଼ା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-କଳା, ସଂଖ୍ୟା-୬, ଆରାଧନା-ଗ୍ରାମଦେବତୀ ।

**କୁମ୍ଭ:** ସମ୍ପର୍କରେ ଉନ୍ନତି, ବ୍ୟବସାୟିକ ଲାଭ, ଶରୀର ସୁସ୍ଥ, ସମ୍ପତ୍ତିଲାଭ, ଦୂରଯାତ୍ରା ସଫଳ, ଦାମ୍ପତ୍ୟଖୁସି, କର୍ମକ୍ଷେତ୍ରେ ସ୍ଥାନାନ୍ତର, ଉଚ୍ଚଆଶା ସଫଳ, ଅର୍ଥାଦିଲାଭ, ବାନ୍ଧବୀଲାଭ, ସନ୍ତାନଖୁସି, ଶତଭିଷା ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ବାଇଗଣି, ସଂଖ୍ୟା-୯, ଆରାଧନା-ମା' ବଗଳାମୁଖୀ ।

**ମୀନ:** ଦ୍ରବ୍ୟଲାଭ, ଶରୀର ସୁସ୍ଥ, ନୂତନ କାର୍ଯ୍ୟଆରମ୍ଭ, ସମ୍ମାନଲାଭ, ଦୂରଯାତ୍ରା ସଫଳ, ବିଦ୍ୱାନବ୍ୟକ୍ତିଙ୍କ ସାହାଯ୍ୟ, ଗୃହଜଞ୍ଜାଳବୃଦ୍ଧି, ଶୁଭଖବର, ଦାମ୍ପତ୍ୟକଳହ, ଉତ୍ତରଭାଦ୍ର ନକ୍ଷତ୍ର ସତର୍କ ରୁହନ୍ତୁ, ଶୁଭରଙ୍ଗ-ଧଳା, ସଂଖ୍ୟା-୮, ଆରାଧନା-ମା' ଗୌରୀ ।

ଶ୍ରାବଣ ଶୁକ୍ଳପକ୍ଷ ପ୍ରତିପଦା
୧୩.୮.୨୦୨୬, ଗୁରୁବାର



ପଣ୍ଡିତ: ସତ୍ୟଶିବ ନନ୍ଦ
(ଜ୍ୟୋତିଷ ଭାସ୍କର ଓ କର୍ମକାଣ୍ଡ ସୌରଭ)
ମୋ:୮୯୧୭୨୮୪୩୩୮



Ministry of Culture
Government of India
सत्यमेव जयते
ଚାଲ ଆମେ ବିଶ୍ୱର ସର୍ବବୃହତ୍ ନାଗରିକ ଆନ୍ଦୋଳନରେ ସାମିଲ ହେବା
Har Ghar Tiranga
Dedicated to the Spirit of Vande Mataram
9 to 17 August 2026
HAR GHAR TIRANGA
हर घर तिरंगा
ଆସନ୍ତୁ ଆମେ 'ହର ଘର ତିରଙ୍ଗା' ଆନ୍ଦୋଳନରେ ଉତ୍ସାହର ସହିତ ଅଂଶଗ୍ରହଣ କରିବା ଏବଂ ଏକ ବିକଶିତ ଭାରତ ନିର୍ମାଣରେ ଯୋଗଦାନ ଦେବା ପାଇଁ ଆମର ସାମୂହିକ ସଂକଳ୍ପକୁ ନବୀକରଣ କରିବା ।
ନରେନ୍ଦ୍ର ମୋଦୀ
ପ୍ରଧାନମନ୍ତ୍ରୀ
ଆପଣଙ୍କ ରାଜ୍ୟ, ଜିଲ୍ଲା ଏବଂ ସହରଗୁଡିକରେ ହେଉଥିବା ହର ଘର ତିରଙ୍ଗା କାର୍ଯ୍ୟକଳାପରେ ଅଂଶଗ୍ରହଣ କରନ୍ତୁ
• ତିରଙ୍ଗା ଯାତ୍ରା • ତିରଙ୍ଗା ରାଲି • ତିରଙ୍ଗା ରଙ୍ଗୋଲି ତିଆରି • ବନ୍ଦେ ମାତରମର ସମୂହଗାନ
vandemataram150.inରେ
ଜାତୀୟ ଗୀତ, ବନ୍ଦେ ମାତରମ୍ ର ସମ୍ପୂର୍ଣ୍ଣ ଗୀତ ଶିଖନ୍ତୁ
1 'ଟ୍ୟୁଟୋରିଆଲ୍'ଟ୍ୟାବ୍ ଉପରେ କ୍ଲିକ୍ କରନ୍ତୁ
2 ଆପଣଙ୍କ ବାଛିଥିବା ଭାଷାରେ ଗୀତ ଶୁଣନ୍ତୁ
3 ଗୀତର ଅନୁବାଦ ସହିତ ଅନୁସରଣ କରନ୍ତୁ
4 ଧାଡ଼ି ପରେ ଧାଡ଼ି ଅଭ୍ୟାସ କରନ୍ତୁ
5 କାରାଓକେ ସହିତ ଗାନ କରନ୍ତୁ
ଆପଣଙ୍କର ତିରଙ୍ଗା ମୁହୂର୍ତ୍ତଗୁଡ଼ିକୁ କ୍ୟାପଚର କରନ୍ତୁ ଏବଂ harghartiranga.comରେ ସମସ୍ତଙ୍କ ସହିତ ଆପଣଙ୍କର ଗର୍ବ ବାଣ୍ଟନ୍ତୁ
1 harghartiranga.com ପରିଦର୍ଶନ କରନ୍ତୁ
2 ଆପଣଙ୍କର ବିବରଣୀ ସେୟାର କରନ୍ତୁ
3 ତିରଙ୍ଗା ସହିତ ଏକ ସେଲ୍ଫି କ୍ଲିକ୍ କରନ୍ତୁ
4 ବନ୍ଦେ ମାତରମ୍ ଗୀତ ଫ୍ରେମ୍ ସହିତ ଆପଣଙ୍କର ସେଲ୍ଫି ଅପଲୋଡ୍ କରନ୍ତୁ
5 ଆପଣଙ୍କର ଅଂଶଗ୍ରହଣ ପ୍ରମାଣପତ୍ର ଡାଉନଲୋଡ୍ କରନ୍ତୁ
CBC 09101/13/0017/2627
ତିରଙ୍ଗା ଉଠାନ୍ତୁ । ବନ୍ଦେ ମାତରମ୍ ଗାନ କରନ୍ତୁ । ହର ଘର ତିରଙ୍ଗା ଉତ୍ସାହ ପାଳନ କରନ୍ତୁ
ମିଳିମିଶି, ଆସନ୍ତୁ ଏହି ସ୍ୱାଧୀନତା ଦିବସକୁ ଅବିସ୍ମରଣୀୟ କରିବା!

# ‘ସମୟ ଲାଇଭ’ର ପ୍ରାକ୍ ସ୍ୱାଧୀନତା ଦିବସ କାର୍ଯ୍ୟକ୍ରମ


ମୁଖ୍ୟ ଅତିଥି ତଥା ବିଧାୟକ ସିଦ୍ଧାନ୍ତ ମହାପାତ୍ରଙ୍କ ସହ ସମୟର ନିର୍ଦ୍ଦେଶିକା ଅନୀତା ମହାନ୍ତି ।


ବନ୍ଦେ ମାତରମ୍ ଗାନ ସମୟରେ ଦଣ୍ଡାୟମାନ ଅତିଥିଗଣ ।


ଅତିଥିଙ୍କ ଦ୍ୱାରା ପ୍ରଦୀପ ପ୍ରଜ୍ୱଳନ ।



ବକ୍ତବ୍ୟ ପ୍ରଦାନ କରୁଛନ୍ତି ସମ୍ମାନିତ ଅତିଥି ପ୍ରହଲ୍ଲାଦ ସିଂ ।



ବକ୍ତବ୍ୟ ଉପସ୍ଥାପନ କରୁଛନ୍ତି ସମ୍ମାନିତ ଅତିଥି ତଥା ବିଧାୟିକା ସୋଫିଆ ଫିର୍ଦ୍ଦୋସ ।



ମୁଖ୍ୟ ଅତିଥି ତଥା ବିଧାୟକ ସିଦ୍ଧାନ୍ତ ମହାପାତ୍ରଙ୍କ ବକ୍ତବ୍ୟ ଉପସ୍ଥାପନ ।



ସମୟର ନିର୍ଦ୍ଦେଶିକା ଅନୀତା ମହାନ୍ତିଙ୍କ ଅଭିଭାଷଣ ।



ବକ୍ତବ୍ୟ ପ୍ରଦାନ କରୁଛନ୍ତି ସମୟର ମୁଖ୍ୟ ସମ୍ପାଦକ ଗୁରୁକଲ୍ୟାଣ ମହାପାତ୍ର ।


ସମ୍ମାନିତ ହେଉଛନ୍ତି ନେତାଜୀ ଗ୍ରୁପ୍ ଅଫ୍ ଇନଷ୍ଟିଚ୍ୟୁସନ୍‌ର ଅଧ୍ୟକ୍ଷ ବିଜନ କୁମାର ଜେନା ।






ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି ସମୟର ନିର୍ଦ୍ଦେଶିକା ଅନୀତା ମହାନ୍ତି ।




କାର୍ଯ୍ୟକ୍ରମରେ ଉପସ୍ଥିତ ବ୍ୟକ୍ତିବିଶେଷ



ଧନ୍ୟବାଦ ଅର୍ପଣ କରୁଛନ୍ତି ସମୟ ଓ ସମୟ ଲାଇଭର ସମ୍ପାଦକ ପପୁ ମହାନ୍ତି ।

## ଜିଲ୍ଲା ପ୍ରଶାସନ ପକ୍ଷରୁ ତ୍ରିରଙ୍ଗା ଯାତ୍ରା ଉତ୍ସବର ଶୁଭାରମ୍ଭ

କଟକ, (ସବ୍ୟୁ): ସ୍ୱାଭିମାନ, ଗୌରବ ଓ ଆକାଂକ୍ଷାର ପ୍ରତୀକ ଆମ ଜାତୀୟ ପତାକା ତ୍ରିରଙ୍ଗା ସମଗ୍ର ଦେଶ ତଥା ରାଜ୍ୟରେ ଅଗଷ୍ଟ ୯ ତାରିଖରୁ ୧୭ ତାରିଖ ପର୍ଯ୍ୟନ୍ତ ସବୁଠି ଉଡ଼ାଇବା ପାଇଁ ଅଭିଯାନ ଆରମ୍ଭ କରାଯାଇଛି । ଏହି ପରିପ୍ରେକ୍ଷୀରେ ଘରେ ଘରେ ତ୍ରିରଙ୍ଗା କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି । କଟକରେ ଜିଲ୍ଲା ପ୍ରଶାସନ ପକ୍ଷରୁ ତ୍ରିରଙ୍ଗା ଯାତ୍ରା ଉତ୍ସବର ଶୁଭାରମ୍ଭ ହୋଇଯାଇଛି । କଟକ ସହର ସମେତ ବିଭିନ୍ନ ବ୍ଲକର ଗ୍ରାମ ପଞ୍ଚାୟତ ମାନଙ୍କଠାରେ ସବୁଠି ଜାତୀୟ ପତକା ଉଡାଇବା ଆରମ୍ଭ କରାଯାଇଛି । ବୁଧବାର ଏହି ଶୁଭାରମ୍ଭ ଅବସରରେ ଐତିହାସିକ ବାରବାଟୀ ଷ୍ଟାଡିୟମଠାରେ ଏକ କାର୍ଯ୍ୟକ୍ରମ ମାଧ୍ୟମରେ ସ୍ୱାଧୀନତା ଦିବସ ପାଳନ ଉପଲକ୍ଷେ ଅଭ୍ୟାସ ପରେଡରେ ଅଂଶଗ୍ରହଣ କରିଥିବା ବିଦ୍ୟାଳୟ ଓ ମହାବିଦ୍ୟାଳୟର ଛାତ୍ରଛାତ୍ରୀମାନେ ଉତ୍ସାହର ସହ ତ୍ରିରଙ୍ଗା ପତାକା ଉଡାଇଥିଲେ । ଏହି ଉତ୍ସବ ପାଳନ ନିମନ୍ତେ ଜିଲ୍ଲା ପ୍ରଶାସନ ପକ୍ଷରୁ ଅଗଷ୍ଟ ୧୩ ତାରିଖ ସକାଳ ୭ଘଟିକା ସମୟରୁ ନେତାଜୀ ସ୍ମାରକୀଠାରୁ ଏକ ବିଶାଳ ମଟର ସାଇକେଲ ଶୋଭାଯାତ୍ରା ବାହାରି ସ୍ଥାନୀୟ ଜବାହରଲାଲ ଇଣ୍ଡୋର ଷ୍ଟାଡିୟମଠାରେ ପହଞ୍ଚିବ । ପରେ ପରେ ସେଠାରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ । ଆସନ୍ତା ୧୪ ତାରିଖରେ ଅପରାହ୍ନ ୪ ଘଟିକା ସମୟରେ ଗଡଗଡିଆ ଘାଟଠାରେ ସାମୁହିକ ବନ୍ଦେ ମାତରମ ଗାନ କରାଯିବ । ଏହି କାର୍ଯ୍ୟକ୍ରମରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତିଙ୍କ ସହ ସହରବାସୀ ଯୋଗ ଦେବା ପାଇଁ ପ୍ରସାଶନ ପକ୍ଷରୁ ଅନୁରୋଧ କରାଯାଇଛି ।

## କଟକ ଜିଲ୍ଲା ବିଜେପିର ତ୍ରିରଙ୍ଗା ଯାତ୍ରା

କଟକ,(ସବ୍ୟୁ): ଭାରତୀୟ ଜନତା ପାର୍ଟି ନିର୍ଦ୍ଦେଶ କ୍ରମେ ରାଜ୍ୟର ବିଭିନ୍ନ ଜିଲ୍ଲା ଏବଂ ମଣ୍ଡଳ ସ୍ତରରେ ଅଗଷ୍ଟ ୯ ତାରିଖରୁ ୧୫ ତାରିଖ ପର୍ଯ୍ୟନ୍ତ ତ୍ରିରଙ୍ଗା ଯାତ୍ରା ଅଭିଯାନ ଚାଲୁଅଛି । ବୁଧବାର କଟକ ଜିଲ୍ଲା ବିଜେପି ସଭାପତି ସୁକାନ୍ତ ବିଶ୍ୱାଳଙ୍କ ନେତୃତ୍ୱରେ ୫୦୦୦ ରୁ ଉର୍ଦ୍ଧ୍ୱ କାର୍ଯ୍ୟକର୍ତ୍ତା ତ୍ରିରଙ୍ଗା ଯାତ୍ରା ଯୋଗ ଦେଇଥିଲେ । ନୁଆବଜାର ସ୍ଥିତ ଏକ ସାଧାରଣ ସଭାରେ ସଭାପତି ସୁକାନ୍ତ ବିଶ୍ୱାଳ ଯୁବପିଢ଼ି ମାନଙ୍କ ମଧ୍ୟରେ ଦେଶାତ୍ମକ ଭାବନା ରହିବା ଉଚିତ୍ ବୋଲି କହିଥିଲେ । ମଞ୍ଚରେ ବିଧାୟକ ପ୍ରକାଶ ସେଠୀ, ନୟନ କିଶୋର ମହାନ୍ତି, ଡକ୍ଟର ପ୍ରଭାତ ରଂଜନ ବିଶ୍ୱାଳ, ଜ୍ଞାନ ଦେବ ବେଉରା, ଲଲାଟେନ୍ଦୁ ବଡୁ, ସ୍ମୃତି ପଟ୍ଟନାୟକ, ବିନୋଦ ଦାଶ, ଶୁଭ୍ରାଂଶୁ ମୋହନ ପାଢ଼ୀ, ତୁଷାର କାନ୍ତ ଚକ୍ରବର୍ତ୍ତୀ, ହୃଷି କେଶ ଜେନା, ଲକ୍ଷ୍ମୀଧର ପ୍ରଧାନ, ବଜେନ୍ଦ୍ର ରାୟ, ଓମ୍ ପ୍ରକାଶ ରାୟ, ରଶ୍ମୀ ରେଖା ଦାସ,ଶ୍ରୀତମ ଦାସ, ପ୍ରଦୀପ ସ୍ୱାଇଁ ଉପସ୍ଥିତ ଥିଲେ । ଏହି ତ୍ରିରଙ୍ଗା ଯାତ୍ରା ପୋତା ପୋଖରୀ,ନୁଆବଜାର, ନୂଆପଡ଼ା, ପଞ୍ଚମୁଖୀ ହନୁମାନ ମନ୍ଦିର ପାଖରେ ପଦଯାତ୍ରା ଶେଷ ହୋଇଥିଲା ।

# ସବ୍‌ସିଡି ଛାଡ଼ ପାଇଁ ୧୫ ହଜାର ଲାଞ୍ଚ ଭିଜିଲାନ୍ସ ଜାଲରେ ବ୍ରହ୍ମପୁର ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ



ବ୍ରହ୍ମପୁର, (ସବ୍ୟୁ): ଏମକେୟୁଓ୍ୱାଇ ଯୋଜନାର ସବସିଡ୍ ଟଙ୍କା ଛାଡିବା ପାଇଁ ବ୍ରହ୍ମପୁର ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ବ୍ୟୋମକେଶ ମିଶ୍ରଙ୍କୁ ୧୫ ହଜାର ଟଙ୍କା ଲାଞ୍ଚ ନେଉଥିବାବେଳେ ମାଡି ବସିଲା ଭିଜିଲାନ୍ସ । ଆୟ ବର୍ହିଭୂତ ସମ୍ପତ୍ତି ମାମଲା ଦୃଷ୍ଟିରୁ ଶ୍ରୀ ମିଶ୍ରଙ୍କ ତିନୋଟି ସ୍ଥାନରେ ଏକକାଳୀନ ଚଢାଉ ଜାରି ରଖିଛି ଭିଜିଲାନ୍ସ । ଘଟଣାର ତଦନ୍ତ ଜାରି ରହିଛି ବୋଲି ବ୍ରହ୍ମପୁର ଏସପି ଏକ ପ୍ରେସନୋଟ ଜରିଆରେ ସୂଚନା ଦେଇଛନ୍ତି । ପ୍ରକାଶ ଯେ, ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନା ଅଧୀନରେ ସମନ୍ୱିତ କୃଷି ବ୍ୟବସ୍ଥା ପାଇଁ ଜଣେ ହିତାଧିକାରୀଙ୍କ ଫାଇଲ୍ ପ୍ରୋସେସ୍ କରିବା ଏବଂ ସବସିଡ ରାଶି ଛାଡିବା ନିମନ୍ତେ ଉକ୍ତ କୃଷି ଅଧିକାରୀ ବ୍ୟୋମକେଶ ମିଶ୍ର ଟଙ୍କା ଲାଞ୍ଚ ଦେବାକୁ କହିଥିଲେ । ଉକ୍ତ ଯୋଜନା ଅନୁଯାୟୀ ଜଣେ ହିତାଧିକାରୀ କୃଷି ଏବଂ ଭିତ୍ତିଭୂମି ପାଇଁ ଖର୍ଚ୍ଚ କରିଥିବା ରାଶିର ୫୦% ସବସିଡି ପାଇବାକୁ ହକଦାର ଥିଲେ । ଉକ୍ତ ହିତାଧିକାରୀ ଗତ ଦୁଇ ମାସ ଧରି ତାଙ୍କ ଫାଇଲ୍ ପ୍ରୋସେସ୍ କରିବା ପାଇଁ କୃଷି ଅଧିକାରୀ ମିଶ୍ରଙ୍କୁ ଅନୁରୋଧ କରିଥିଲେ । ବାରମ୍ବାର ଅନୁରୋଧ ସେ%୦ ସେ ଫାଇଲ୍ ପ୍ରୋସେସ୍ କରୁନଥିଲେ । ଅଧିକାରୀ ଜଣଙ୍କ ହିତାଧିକାରୀଙ୍କୁ ୧୫ ହଜାର ଟଙ୍କା ଦାବି କରିଥିଲେ । ହିତାଧିକାରୀ ଜଣକ ଏ ସମ୍ପର୍କରେ ଭିଜିଲାନ୍ସ ନିକଟରେ ଅଭିଯୋଗ କରିଥିଲେ । ଯୋଜନା ମୁତାବକ ହିତାଧିକାରୀ ଜଣଙ୍କ କୃଷି ଅଧିକାରୀଙ୍କୁ ଭେଟି ୧୫ ହଜାର ଟଙ୍କା ଲାଞ୍ଚ ଦେଇଥିଲେ । ଭିଜିଲାନ୍ସର ଏକ ଟିମ୍ ସେଠାରେ ଚଢ଼ାଉ କରି ଅଧିକାରୀଙ୍କ ନିକଟରୁ ଉକ୍ତ ଲାଞ୍ଚ ଟଙ୍କା ଜବତ କରିବା ସହ ତାଙ୍କୁ କାବୁ କରିଥିଲା ।

# ବ୍ରହ୍ମପୁରରେ ତ୍ରିରଙ୍ଗା ଶୋଭାଯାତ୍ରା : ଦେଶପ୍ରେମର ରଙ୍ଗରେ ରଙ୍ଗାୟିତ ହେଲା ରେଶମ ସହର

ବ୍ରହ୍ମପୁର, (ସବ୍ୟୁ) : ଘରେ ଘରେ ତ୍ରିରଙ୍ଗା' ଅଭିଯାନ ଅଧୀନରେ ଦେଶପ୍ରେମ, ଜାତୀୟ ଏକତା ଓ ତ୍ରିରଙ୍ଗା ପ୍ରତି ସମ୍ମାନର ବାର୍ତ୍ତାକୁ ଜନସାଧାରଣଙ୍କ ନିକଟରେ ପହଞ୍ଚାଇବା ଉଦ୍ଦେଶ୍ୟରେ ବ୍ରହ୍ମପୁର ମହାନଗର ନିଗମ ପକ୍ଷରୁ ଆଜି ସହରରେ ଏକ ବିଶାଳ ତ୍ରିରଙ୍ଗା ଶୋଭାଯାତ୍ରା ଆୟୋଜିତ ହୋଇଥିଲା । ତ୍ରିରଙ୍ଗାର ଗୌରବ ଓ ଦେଶପ୍ରେମର ଉତ୍ସାହରେ ରେଶମ ସହର ଉତ୍ସବମୁଖର ହୋଇଉଠିଥିଲା । ଆଜି ଅପରାହ୍ନରେ ସ୍ଥାନୀୟ ମହାତ୍ମା ଗାନ୍ଧୀ ଷ୍ଟାଡିୟମ ଠାରୁ ଆରମ୍ଭ ହୋଇଥିବା ଶୋଭାଯାତ୍ରା ଗାନ୍ଧୀ ନଗର, ପି.ଭି.ଏନ. ପେଟ୍ରୋଲ ପମ୍ପ ଛକ, ଖଲ୍ଲିକୋଟ କଲେଜ, ସୁବାରାଓ ଛକ, ଟାଟାବେଞ୍ଜ, କମାପଲ୍ଲୀ ଓ କୋର୍ଟପେଟା ଦେଇ ଏମକେସିଜି ମେଡ଼ିକାଲ କଲେଜ ଓ ହସପିଟାଲ ଛକଠାରେ ସମାପ୍ତ ହୋଇଥିଲା ।

ତ୍ରିରଙ୍ଗାରେ ସଜ୍ଜିତ ଇ-ବାଇକ୍ ଓ ସାଇକେଲ୍ ସହ ବହୁ ସଂଖ୍ୟାରେ ଛାତ୍ରଛାତ୍ରୀ, ଯୁବକ ଓ ସହରବାସୀ ଏଥିରେ ସାମିଲ ହୋଇଥିଲେ । ଏହି ଅବସରରେ ଛାତ୍ରଛାତ୍ରୀଙ୍କୁ ଜାତୀୟ ପତାକା ବଣ୍ଟନ କରାଯାଇଥିଲା ।



ଉଦଘାଟନୀ କାର୍ଯ୍ୟକ୍ରମରେ ବ୍ରହ୍ମପୁର ବିଧାୟକ କେ. ଅନୀଲ କୁମାର, ମେୟର ସଂଘମିତ୍ରା ଦଳେଇ, ଡେପୁଟି ମେୟର ଇ. ବିବେକ ରେଡ୍ଡୀ, ଜିଲ୍ଲାପାଳ ଭି. କୀର୍ତ୍ତି ଭାସନ, ନିଗମ କମିଶନର ଏ. ସସ୍ୟା ରେଡ୍ଡୀ, ମୁଖ୍ୟ ଉନ୍ନୟନ ଅଧିକାରୀ ସମୀର କୁମାର ଜେନା, ଉପଜିଲ୍ଲାପାଳ ଅବିନାଶ କୁମାରଙ୍କ ସମେତ ବରିଷ୍ଠ ସମାଜସେବୀ ସାରଦା ଶତପଥୀ, ସରୋଜ ସାବତ ଓ ବାଳକୃଷ୍ଣ ସାମନ୍ତରା ପ୍ରମୁଖ ଯୋଗ ଦେଇଥିଲେ ।

# ଯୁବକଙ୍କୁ ଆକ୍ରମଣ ଘଟଣା, ଫେରାର ଅଭିଯୁକ୍ତ ଗିରଫ

ବ୍ରହ୍ମପୁର, (ସବ୍ୟୁ): ଦିଗପହଣ୍ଡି ବ୍ଲକ ଅନ୍ତର୍ଗତ ନରସିଂହପୁର ଗ୍ରାମର ଏସ.ଗୋବିନ୍ଦ ରେଡ଼ୀଙ୍କୁ ପ୍ରାଣାନ୍ତକ ଆକ୍ରମଣ ନେଇ ଗତ ମେ ୫ରେ ବେଦ୍ୟନାଥପୁର ଥାନାରେ ଅଭିଯୋଗ କରିଥିଲେ । ପୁରୁଣା ବିବାଦକୁ କେନ୍ଦ୍ର କରି ଲଜ୍ ଭିତରେ ଜଣେ ଯୁବକଙ୍କୁ ଆକ୍ରମଣ ଅଭିଯୋଗରେ ବୈଦ୍ୟନାଥପୁର ପୋଲିସ ଫେରାର ଥିବା ଜଣେ ଅଭିଯୁକ୍ତଙ୍କୁ ଗିରଫ କରିଛି । ସେ ହେଲେ ଟାଉନଥାନା ଅନ୍ତର୍ଗତ ରମ୍ଭାସାହିର ଦୀପକ ମହାନ୍ତି ଓରଫ ଦିପୁନ । ମାମଲା ନଂ ୨୧୦ / ୨୬ ରେ ଅଭିଯୁକ୍ତଙ୍କୁ ଆଜି କୋର୍ଟ ଚାଲାଣ କରାଯାଇଛିଛ ପୋଲିସ ଘଟଣାର ତଦନ୍ତ କରୁଥିବା କହିଛି । ପ୍ରକାଶ ଯେ, ଭାଗୀରଥି ପାଢି ଓ ଅଭିଯୋଗକାରୀ ଏସ.ଗୋବିନ୍ଦ ରେଡ଼ିଙ୍କ ମଧ୍ୟରେ ଦେହ ବ୍ୟବସାୟ ଚଳାଇଥିଲେ । ପରବର୍ତ୍ତୀ ସମୟରେ ଅଭିଯୋଗକାରୀ ଭାଗୀରଥି ପାଢୀଙ୍କ ଅଜାଣତରେ ସିଧାସଳଖ କିଛି ଗ୍ରାହକଙ୍କ ସହିତ କାରବାର କରିଥିଲେ, ଯାହା ଫଳରେ ସେମାନଙ୍କ ମଧ୍ୟରେ ବିବାଦ ସୃଷ୍ଟି ହୋଇଥିଲା । ଅଭିଯୋଗକାରୀ ଖୋଡାସିଙ୍ଗିର ରାଜ ରେସିଡେନ୍ସି ଲଜରେ ଥିବା ସମୟରେ ଭାଗିରଥୀ ପାଢୀଙ୍କ ସାଙ୍ଗ ଗେଟବଜାର ରମ୍ଭା ସାହିର ଦୀପକ ମହାନ୍ତି ଲଜକୁ ଯାଇ ଏସ.ଗୋବିନ୍ଦ ରେଡ଼ିଙ୍କୁ ଆକ୍ରମଣ କରିଥିଲେ । ଯାହା ଫଳରେ ତାଙ୍କ ମୁଣ୍ଡରେ ରକ୍ତସ୍ରାବ ହୋଇଥିଲା । ଆହତ ଅଭିଯୋଗକାରୀଙ୍କୁ ପରବର୍ତ୍ତୀ ସମୟରେ ଡାକ୍ତରୀ ଚିକିତ୍ସା କରାଯାଇଥିଲା । ଘଟଣା ପରେ, ଉଭୟ ଅଭିଯୁକ୍ତ ଘଟଣାସ୍ଥଳରୁ ପଳାଇ ଯାଇଥିବା ଅଭିଯୋଗ ହୋଇଥିଲା । ପୋଲିସ ଘଟଣାର ତଦନ୍ତ କରି ଆଜି ଦୀପକକୁ ଗିରଫ କରି କୋର୍ଟଚାଲାଣ କରିଛି ।

# ପଦ୍ମିନୀ ରଥଙ୍କ ସ୍ମୃତିଚାରଣ ଓ ସମ୍ବର୍ଦ୍ଧନା



କଟକ, (ସ୍ୱପ୍ର) : ରାଜେନ୍ଦ୍ର ନଗରସ୍ଥିତ ମଙ୍ଗଳା ମନ୍ଦିର ପରିସରରେ ପଦ୍ମିନୀ ରଥଙ୍କ ୧୧ତମ ଶ୍ରାଦ୍ଧ ବାର୍ଷିକୀ ସ୍ମୃତିଚାରଣ ସଭା ଓ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ "ସର୍ବ ମଙ୍ଗଳା ମହଲା ସଭା'ର ସଭାପତି କୃଷ୍ଣଚନ୍ଦ୍ର ମାହୁନ୍ତଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି । ପ୍ରାରମ୍ଭରେ ପଦ୍ମିନୀ ରଥଙ୍କ ଫଟୋଚିତ୍ର ନିକଟରେ ପ୍ରଦୀପ ପ୍ରଜ୍ୱଳନ, ଶ୍ରଦ୍ଧାସୁମନ ଅର୍ପଣ ସହ ଅମର ଆତ୍ମାର ସଦ୍‌ଗତି ନିମନ୍ତେ ନୀରବ ପ୍ରାର୍ଥନା କରାଯାଇଥିଲା । ଦ୍ୱୈତ ନଗରୀରର ପୁଲିସ କମିଶନର ଡ. ସୁରେଶ ଦେବଦତ୍ତ ସିଂ, ଆଇନ ବିଭାଗ ସଚିବ ପ୍ରଦୀପ୍ତ କୁମାର ସାମଲଙ୍କ ସମେତ ସ୍ଥାନୀୟ କର୍ପୋରେଟର ସୌଭାଗିନୀ ଜେନା, ପୂର୍ବତନ କର୍ପୋରେଟର ହୃଷିକେଶ ପ୍ରଧାନ, ମହଲାସଭାର ଉପ-ସଭାପତି ରାଜେନ୍ଦ୍ର କୁମାର ଷଡଙ୍ଗୀ, ସଂପାଦକ ସରୋଜ କୁମାର ସ୍ୱାଇଁ, ସହ ସଂପାଦକ ପ୍ରଦୀପ କୁମାର ହେହେରା, କୋଷାଧ୍ୟକ୍ଷ ଶୁଭେନ୍ଦୁ କୁମାର ମିଶ୍ର, ଅଜୟ କୁମାର ଦାସ, ପ୍ରଦୀନ ସେଠୀ, ଅଜିତ୍ କୁମାର ନାୟକ, ସନ୍ଦୀପ ସାମନ୍ତରାୟ, ଉଲ୍ଲାସ କୁମାର ପାଇକରାୟ, ଗଜେନ୍ଦ୍ର ନାୟକ, ପ୍ରଫୁଲ୍ଲ ମୁଦୁଲି, ସଂଜୟ ପାତ୍ର, ଫେଲୁ ମହାନ୍ତି, ଶରତ ଚନ୍ଦ୍ର ପତି, ବୀରକିଶୋର ସାହୁ, ମହେଶ ମହାପାତ୍ର, ରମେଶ ପ୍ରତାପ, ଅଭୟ ପଞ୍ଚାର ସାହୁ, ଡା. ଦୀନବନ୍ଧୁ ମହାରଣା, ଶିକ୍ଷାବିତ୍ ଉକିଳ ରଂଜନ ଦାସ, ଡ. ଦୟାନନ୍ଦ ଷଡଙ୍ଗୀ, ଡ. ବିଶ୍ୱ ରଂଜନ ଷଡଙ୍ଗୀ, ପ୍ରଦୀପ ରଥଙ୍କ ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ । ଏହି ଅବସରରେ "ରଥ ପରିବାର' ପକ୍ଷରୁ ଡ. ପ୍ରମୋଦ ଚନ୍ଦ୍ର ରଥ, ନିର୍ଦ୍ଦେଶକ ପ୍ରଦୀପ୍ତ ଚନ୍ଦ୍ର ରଥ, ଚିନ୍ମୟୀ ରଥ, ଇଂ ଦୁର୍ଗା ପ୍ରସାଦ ରଥ, ଶିବ ପ୍ରସାଦ ରଥ ସଂକୀର୍ତ୍ତନ ମଣ୍ଡଳୀ ସଦସ୍ୟ, ମହଲା ସଭାର କର୍ମକର୍ତ୍ତା, ସାହି ମୁରବୀ, ବରିଷ୍ଠ ନାଗରିକଙ୍କୁ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ । ଅଧ୍ୟାପକ ଲୋକନାଥ ବେହେରା, ପ୍ରଶାନ୍ତ ତ୍ରିପାଠୀ, ସୁଶାନ୍ତ କଅଁର, ଅରବିନ୍ଦ ପଟ୍ଟନାୟକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

# ଗଞ୍ଜାମ ଏସପି ହରିଶ ବିଶି ଓ ବ୍ରହ୍ମପୁର ଏସପି ଡ. ଶ୍ରବଣ ବିବେକ ଏମଙ୍କୁ ଡିଜିପି ଡିସ୍କ

ବ୍ରହ୍ମପୁର, (ସବ୍ୟୁ): ପୋଲିସ ଅଧିକାରୀ ଓ କର୍ମଚାରୀଙ୍କ ସେବା, କର୍ତ୍ତବ୍ୟନିଷ୍ଠା ଓ ଉଲ୍ଲେଖନୀୟ କାର୍ଯ୍ୟଦକ୍ଷତା ନିମନ୍ତେ ଗଞ୍ଜାମ ଜିଲ୍ଲାରେ ଗଞ୍ଜାମ ଜିଲ୍ଲାରୁ ଗଞ୍ଜାମ ଏସପି ହରିଶ ବିଶି ଓ ବ୍ରହ୍ମପୁର ଏସପି ଡ ଶ୍ରବଣ ବିବେକ ଏମଙ୍କୁ ଡିଜିପି ଡିସ୍କ ପୁରସ୍କାର ପ୍ରଦାନ କରାଯାଇଛି । ଗଞ୍ଜାମ ଜିଲ୍ଲା ଏକ ଅପରାଧ ପରାୟଣ ଜିଲ୍ଲା ଭାବେ ପରିଗଣିତ ହୋଇଥିବା ବେଳେ ଏହି ଜିଲ୍ଲାର ଦୁଇ ଦୁଇ ଜଣ ଏସପି ନିଜର କାର୍ଯ୍ୟ ଦକ୍ଷତା ବଳରେ ଅପରାଧ ନିୟନ୍ତ୍ରଣ କରିବାରେ ସଫଳ ହୋଇଥିବା ଦୃଷ୍ଟିରୁ ରଖି ରାଜ୍ୟ ପୋଲିସ ମହାନିର୍ଦ୍ଦେଶକ ଶ୍ରୀ ଓ୍ୱାଇ ବି ଖୁରାନିଆ ଗଞ୍ଜାମ ଏସପି ହରିଶ ବିଶି ଓ ବ୍ରହ୍ମପୁର ଏସପି ଡ ଶ୍ରବଣ ବିବେକ ଏମଙ୍କୁ ଡିଜିପି ଡିସ୍କ ପଦକ ଓ ମାନପତ୍ର ପ୍ରଦାନ କରି ସମ୍ମାନିତ କରିଥିଲେ । ବୁଧବାର ଭୁବନେଶ୍ୱର ସ୍ଥିତ ପୋଲିସ ଭବନଠାରେ ଆୟୋଜିତ ଏକ ସ୍ୱତନ୍ତ୍ର ସମାରୋହରେ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆ ୫୫ ଜଣ ପୋଲିସ ଅଧିକାରୀ ଓ କର୍ମଚାରୀଙ୍କୁ ଡିଜିପି ଡିସ୍କ ପ୍ରଦାନ କରି ସମ୍ମାନିତ କରିଛନ୍ତି । ପୋଲିସ ଅଧିକାରୀ ଓ କର୍ମଚାରୀଙ୍କ ସେବା, କର୍ତ୍ତବ୍ୟନିଷ୍ଠା ଓ ଉଲ୍ଲେଖନୀୟ କାର୍ଯ୍ୟଦକ୍ଷତା ନିମନ୍ତେ ଡିଜିପି ଶ୍ରୀ ଖୁରାନିଆ ପଦକ ଓ ମାନପତ୍ର ପ୍ରଦାନ କରିଥିଲେ । ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଆଧୁନିକୀକରଣ) ସୌମେନ୍ଦ୍ର ପ୍ରିୟଦର୍ଶୀଙ୍କ ପ୍ରତ୍ୟକ୍ଷ ତ%୦ାବଧାନରେ ଏହି ପଦକ ପ୍ରଦାନ ସମାରୋହ ଅନୁଷ୍ଠିତ ହୋଇଥିଲା । ଏହି ଅବସରରେ ରାଜ୍ୟ ପୋଲିସ ମୁଖ୍ୟାଳୟର ବହୁ ବରିଷ୍ଠ ପୋଲିସ ଅଧିକାରୀ ଉପସ୍ଥିତ ଥିଲେ ।

### 'ସମୟ' ଖବରକାଗଜର ପ୍ରଭାବ

# ମଧ୍ୟାହ୍ନଭୋଜନ ହଡପ ଟଙ୍କା ଫେରାଇଲେ ପ୍ରଧାନଶିକ୍ଷୟିତ୍ରୀ

ବ୍ରହ୍ମପୁର, (ସବ୍ୟୁ) : ସମୟ ଖବର କାଗଜର ପ୍ରଭାବରେ ହିଂଜିଳିକାଟୁ ବ୍ଲକ୍ ର ଗୋପୀନାଥପୁର ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ଆତ୍ମସାତ କରିଥିବା ପିଲାଙ୍କ ଏମଆଇଡିଏମ ଟଙ୍କା ଅଧରାତ୍ରରେ ନିଜ ସ୍ୱାମୀଙ୍କ ସହ ହୋଷ୍ଟେଲ୍ ଓ୍ୱାଡ଼େନ୍‌ଙ୍କୁ ଧରି ପିଲାମାନଙ୍କୁ ପ୍ରଦାନ କରିଥିବା ସୂଚନା ମିଳିଛି । ଯେତିକି ଟଙ୍କା ମିଳିବା କଥା ତା'ଠାରୁ କମ୍ ଟଙ୍କା ଦେଇ ପୁରା ଟଙ୍କାର ସ୍ୱାକ୍ଷର ନେଇଥିବା ଜଣାପଡ଼ିଛି । ବ୍ଲକ୍ ଶିକ୍ଷା ବିଭାଗର ଏବିଇଓ ମ୍ୟାଡ଼ାମ୍ ଅନୁସନ୍ଧାନ କରି ଫେରିଛନ୍ତି । ଏସଏମସି ଓ ଅଭିଭାବକଙ୍କ ମାନେ କହିଛନ୍ତି ଯେ, ଆମେ ଯେତେବେଳେ ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ପଚାରିଲୁ, ସେ କହୁଥିଲେ "ମୁଁ ପିଲାମାନଙ୍କୁ ଟଙ୍କା ଦେଇଦେଇଛି । କିନ୍ତୁ ଆଜକୁ ପ୍ରାୟ ୨୦ ଦିନ ତଳୁ ବ୍ଲକ୍ ଶିକ୍ଷାବିଭାଗରେ ଅଭିଯୋଗ କରୁଥିଲୁ କାହିଁକି ପ୍ରଶାସନ ଚୁପ୍ ଥିଲା । କିନ୍ତୁ ସମୟ ଖବର କାଗଜ ପ୍ରଭାବରେ ରାତାରାତି ଏମଡିଏମ ଟଙ୍କା ପିଲାଙ୍କୁ ଦିଆଗଲା ଓ ପ୍ରଶାସନ ତଦନ୍ତ କରିବାକୁ ଆଗ୍ରହ ପ୍ରକାଶ କଲା ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି ।

# ସ୍ୱପ୍ନ ଫାଉଣ୍ଡେସନ୍ ପକ୍ଷରୁ ବୋଲବମ୍ ଭକ୍ତସେବା



କଟକ, (ସ୍ୱପ୍ର) : ଅଗ୍ରଣୀ ସେବା ସଙ୍ଗଠନ ପକ୍ଷରୁ ଚଳିତବର୍ଷ ବାବା ମହାଦେବଙ୍କୁ ଜଳାଭିଷେକ ଲାଗି ବାବା ଧବଳେଶ୍ୱର ପୀଠରେ ହଜାରହଜାର ସଂଖ୍ୟାରେ କାଉଡ଼ିଆ ଭକ୍ତଙ୍କ ସମାଗମ ଦେଖିବାକୁ ମିଳିଥିଲା । ସ୍ୱପ୍ନ ଫାଉଣ୍ଡେସନ ପକ୍ଷରୁ ଶ୍ରାବଣ ମାସର ଦ୍ୱିତୀୟ ପାଳିରେ କାଉଡିଆ ଭକ୍ତମାନଙ୍କୁ ସେବା ଯୋଗାଇଦେବା ନିମନ୍ତେ ନୂଆପଟଣା ଠାରେ ଏକ ସେବା କାର୍ଯ୍ୟର ଆୟୋଜନ କରାଯାଇଥିଲା । ଭକ୍ତମାନଙ୍କ ନିମନ୍ତେ ପ୍ରସାଦ ବଣ୍ଟନ, ଜଳବଣ୍ଟନ, ଭଜନ କାର୍ଯ୍ୟକ୍ରମ, ଆଶୁ ଚିକିତ୍ସା, କାଉଡିଆ ଭକ୍ତମାନଙ୍କ ପାଦସେବା ସହିତ ସଫେଇ କାର୍ଯ୍ୟ ମଧ୍ୟ ଫାଉଣ୍ଡେସନ ତରଫରୁ ଆୟୋଜନ କରାଯାଇଥିଲା । ଏହିସେବା କଟକ ନୂଆପାଟଣା ବ୍ରିଜ ନିକଟରେ ଏକ ଅସ୍ଥାୟୀ ବୋଲବମ କ୍ୟାମ୍ପରେ ଆୟୋଜନ କରାଯାଇଥିଲା । ୨୦୦ରୁ ଉର୍ଦ୍ଧ୍ୱ ସଦସ୍ୟ ସଦସ୍ୟାମାନେ ଉପସ୍ଥିତ ରହି ନିରନ୍ତର ଭାବେ ଏହି ସେବା କାର୍ଯ୍ୟରେ ନିଜକୁ ସାମିଲ କରିଥିଲେ । ଏଥିରେ ସ୍ଥାନୀୟ ମୁରବୀ, ପୋଲିସ୍ ପ୍ରଶାସନ, ବୁଦ୍ଧିଜୀବୀମାନେ ଯୋଗଦେଇ ଥିଲେ । ବାବା ଭୋଳେନାଥଙ୍କ କୃପାରୁ ୧୦ ହଜାର ଲୋକଙ୍କ ନିମନ୍ତେ ପ୍ରସାଦ ସେବନର ବ୍ୟବସ୍ଥା ହୋଇଥିଲା । ସ୍ୱପ୍ନ ଫାଉଣ୍ଡେସନର ଏହି କାର୍ଯ୍ୟକ୍ରମକୁ ଭକ୍ତ, ଶ୍ରଦ୍ଧାଳୁ ଓ ବିଭିନ୍ନ ମହଲରୁ ପ୍ରଶଂସା କରାଯାଇଛି ।

# ନକଲି ଡାକ୍ତରଙ୍କ ଭୁଲ ଇଞ୍ଜେକ୍ସନ ନେଲା ଜୀବନ

ରଙ୍ଗେଇଲୁଣ୍ଡା, (ସବ୍ୟୁ) : ଗୋଲନ୍ଥରା ଅଞ୍ଚଳ ତଥା ଆଖପାଖ ପ୍ରାୟ ପ୍ରତ୍ୟେକ ଗ୍ରାମରେ ଅପାଠୁଆ ନକଲି ଡାକ୍ତର ବା କ୍ଲାକଙ୍କ ପାଦୁର୍ଭାବ ଚରମ ସୀମାରେ ପହଂଚିଲାଣି । ସବୁ ଜାଣି ଅଜଣା ଭଳି ଅଭିନୟ କରୁଛନ୍ତି ଜିଲ୍ଲା ପ୍ରଶାସନ ଓ ସିଡିଏମଓ । ବିବରଣୀରୁ ପ୍ରକାଶ ଯେ, ନିକଟସ୍ଥ ଭାଲିଆଗଡ ଗ୍ରାମର ଏସ.ରାଜା ରାଓ (୫୫) ପେଟ ବ୍ୟଥା ହେଉଥିବା ନେଇ ଗୋଲନ୍ଥରା ଚଟି ଛକ ସ୍ଥିତ ଶ୍ରୀ ଭେଙ୍କେଟଶ୍ୱର ମେଡ଼ିସିନ ଷ୍ଟୋରକୁ ଆସିଥିଲେ । ସେଠାରେ କାର୍ଯ୍ୟରତ ଥିବା ଜଣେ କ୍ଲାକ ଔଷଧରେ ଭଲ ହେବନି କହି ଉକ୍ତ ବ୍ୟକ୍ତିଙ୍କୁ ଚାରି ଗୋଟି ଇଞ୍ଜେକ୍ସନ ଦେଇଥିଲେ ।

ଉକ୍ତ ବ୍ୟକ୍ତି ଜଣକ ନିଜ ଘରକୁ ଯାଇ ଶୋଇଥିଲେ । ମାତ୍ର କିଛି ସମୟ ମଧ୍ୟରେ ସେ ମୃତ୍ୟୁ ବରଣ କରିଥିଲେ । ମୃତ୍ୟୁ ବରଣ କରିଥିବା ବ୍ୟକ୍ତିଙ୍କ ପରିବାର ଗରିବ ଏବଂ ଅପାଠୁଆ ଥିବାରୁ ସେମାନେ ଏହା ଏକ ସ୍ୱାଭାବିକ ମୃତ୍ୟୁ ବୋଲି ଶବଦାହ କରି ଦେଇଥିଲେ । ପରେ ଗ୍ରାମର କିଛି ଯୁବକ ଘଟଣା ବିଷୟରେ ଜାଣି ଉକ୍ତ କ୍ଲାକ ଙ୍କୁ ଘଟଣା ବିଷୟରେ ପଚାରିଲେ ସେ କିଛି ସନ୍ତୋଷଜନକ ଉତ୍ତର ନଦେଇ କିଛି ଦଲାଲ ଏବଂ ଟାଉଟରଙ୍କୁ ହାତଗୁଞ୍ଜା ଦେଇ ଘଟଣାକୁ ଚପାଇ ଦେଇଥିଲେ । ଏଠି ପ୍ରଶ୍ନ ଉଠେ ଯେ, ଜିଲ୍ଲା ପ୍ରଶାସନଙ୍କ ସହ ସି.ଡି.ଏମ.ଓ. ଏମିତି ନକଲି ଡାକ୍ତରଙ୍କ ଉପରେ କେବେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବେ ତାହା ଏବେ ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ହେଉଛି ।

# ପୂର୍ଣ୍ଣଚନ୍ଦ୍ର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ସାଇବର ସୁରକ୍ଷା ସଚେତନତା





ବାରିପଦା, (ସବ୍ୟୁ) : ରାଜ୍ୟ ସରକାରଙ୍କ ନିର୍ଦ୍ଦେଶକ୍ରମେ ଚାଲିଥିବା ସାଇବର ସେଫଟି ଆଣ୍ଡ ସିକ୍ୟୁରିଟି କ୍ୟାମ୍ପେନ୍ ଓଡ଼ିଶା୨୦୨୬ ଅଧୀନରେ ଭଞ୍ଜପୁର ଥାନା ପକ୍ଷରୁ ରଘୁନାଥପୁରସ୍ଥିତ ପୂର୍ଣ୍ଣଚନ୍ଦ୍ର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ମଙ୍ଗଳବାର ସାଇବର ସୁରକ୍ଷା ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି । ଛାତ୍ରଛାତ୍ରୀଙ୍କୁ ବର୍ତ୍ତମାନ ସମୟରେ ବଢୁଥିବା ଅନଲାଇନ୍ ଠକେଇ, ସୋସିଆଲ୍ ମିଡିଆର ଅପବ୍ୟବହାର, ସାଇବର ଅପରାଧ ଏବଂ ଡିଜିଟାଲ୍ ସୁରକ୍ଷା ସମ୍ପର୍କରେ ସଚେତନ କରାଇବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଲକ୍ଷ୍ୟ ଥିଲା । କାର୍ଯ୍ୟକ୍ରମରେ ଭଞ୍ଜପୁର ଥାନାର ଭାରପ୍ରାପ୍ତ ପୋଲିସ ଇନ୍ସପେକ୍ଟର ରଶ୍ମିରଞ୍ଜନ ପୃଷ୍ଟି, ସବ୍-ଇନ୍ସପେକ୍ଟର ଚନ୍ଦନ କୁମାର ନାୟକଙ୍କ ସମେତ ଅନ୍ୟ ପୋଲିସ ଅଧିକାରୀମାନେ ଯୋଗ ଦେଇଥିଲେ । ସେମାନେ ବିଭିନ୍ନ ପ୍ରକାରର ସାଇବର ଅପରାଧ, ଠକେଇର ନୂଆ ନୂଆ ଉପାୟ ଏବଂ ଏଥିରୁ ନିଜକୁ ସୁରକ୍ଷିତ ରଖିବାର ପଦକ୍ଷେପ ସମ୍ପର୍କରେ ଛାତ୍ରଛାତ୍ରୀଙ୍କୁ ବିସ୍ତୃତ ଭାବେ ବୁଝାଇଥିଲେ ।

ବିଶେଷକରି ଡେବିଟ୍ କାର୍ଡ ତଥ୍ୟ, ପାସଓ୍ୱାର୍ଡ ଓ ବ୍ୟାଙ୍କିଙ୍ଗ ସୂଚନା କାହା ସହିତ ଶେୟାର ନକରିବା, ଅଜଣା ଲିଙ୍କରେ କ୍ଲିକ୍ ନକରିବା ଏବଂ ସନ୍ଦେହଜନକ ଫୋନ୍ କଲ୍ କିମ୍ବା ମେସେଜରୁ ସତର୍କ ରହିବାକୁ ପୋଲିସ ଅଧିକାରୀମାନେ ପରାମର୍ଶ ଦେଇଥିଲେ । ସାଇବର ଠକେଇର ଶିକାର ହେଲେ ବିଳମ୍ବ ନକରି ୧୯୩୦ ସାଇବର ହେଲ୍‌ପ‌ଲାଇନ୍ ନମ୍ବରରେ ଯୋଗାଯୋଗ କରିବାକୁ ମଧ୍ୟ ସେମାନେ କହିଥିଲେ ।

ଏହି ଅବସରରେ ବିଦ୍ୟାଳୟର ସଭାପତି ଇଞ୍ଜିନିୟର ପ୍ରଭାସ କୁମାର ଦାସ, ଅଧ୍ୟକ୍ଷା ଶ୍ରୀମତୀ ଅଙ୍କିତା ବାରିକ ଏବଂ ଶୈକ୍ଷିକ ମୁଖ୍ୟ ଡଃ ଆଦର୍ଶ ଶତପଥୀ ପ୍ରମୁଖ ଉପସ୍ଥିତ ଥିଲେ । ସାଇବର ଅପରାଧରୁ ଛାତ୍ରଛାତ୍ରୀଙ୍କୁ ସୁରକ୍ଷିତ ରଖିବା ଦିଗରେ ଏଭଳି ସଚେତନତା କାର୍ଯ୍ୟକ୍ରମର ଗୁରୁତ୍ୱ ରହିଥିବା ଦର୍ଶାଇ ସେମାନେ ଭଞ୍ଜପୁର ପୋଲିସକୁ ଧନ୍ୟବାଦ ଜଣାଇଥିଲେ ।

ଭବିଷ୍ୟତରେମଧ୍ୟ ଏପରି ସଚେତନତାମୂଳକ କାର୍ଯ୍ୟକ୍ରମ ନିୟମିତ ଭାବେ ଆୟୋଜନ କରାଯିବା ଆବଶ୍ୟକ ବୋଲି ସେମାନେ ମତପ୍ରକାଶ କରିଥିଲେ । କାର୍ଯ୍ୟକ୍ରମରେ ବିଦ୍ୟାଳୟର ପ୍ରଥମ ଓ ଦ୍ୱିତୀୟ ବର୍ଷର ଶତାଧିକ ଛାତ୍ରଛାତ୍ରୀଙ୍କ ସମେତ ଶିକ୍ଷକ-ଶିକ୍ଷୟିତ୍ରୀମାନେ ଯୋଗଦେଇ ସାଇବର ସୁରକ୍ଷା ସମ୍ପର୍କରେ ଉପଯୋଗୀ ତଥ୍ୟ ହାସଲ କରିଥିଲେ । ଏହି ସଚେତନତା ଅଭିଯାନ ଛାତ୍ରଛାତ୍ରୀଙ୍କୁ ଡିଜିଟାଲ୍ ଦୁନିଆରେ ଅଧିକ ସତର୍କ ଓ ଦାୟିତ୍ୱବାନ ହେବାରେ ସହାୟକ ହେବ ବୋଲି ମତପ୍ରକାଶ ପାଇଥିଲା ।





# ଗୁଳିମାଡରେ ଯୁବକ ଗୁରୁତର

## ୧୨ ରାଉଣ୍ଡ ଗୁଳି କରି ଦୁର୍ବୃତ୍ତ ଫେରାର

ହିନ୍ଦୋଳ, (ସବ୍ୟୁ): ଢେଙ୍କାନାଳ ଜିଲ୍ଲା ହିନ୍ଦୋଳ ନିର୍ବାଚନ ମଣ୍ଡଳୀରେ ଜଣେ ଯୁବକଙ୍କୁ ହତ୍ୟା କରିବା ପାଇଁ ଘନ ଘନ ଗୁଳିମାଡ କରି ଦୁର୍ବୃତ୍ତ ଫେରାର ହୋଇଯାଇଥିବାର ଜଣାପଡିଛି । ଗୁଳିମାଡ ପରେ ଯୁବକ ଜଣକ ଗୁରୁତର ଆହତ ହୋଇଥିବା ସୂଚନା ମିଳିଛି । ହିନ୍ଦୋଳ ଉପଖଣ୍ଡ ବାଲିମି ଥାନା ଅନ୍ତର୍ଗତ ଝାରବେଡା ଗ୍ରାମର ବାଉରୀବନ୍ଧୁ ନାଏକଙ୍କ ପୁଅ ବିନୟ ନାଏକ (୨୫) ଙ୍କୁ ମଙ୍ଗଳବାର ରାତିରେ କେତେକ ଦୁର୍ବୃତ୍ତ ଗୁଳି ମାଡ଼କରିଥିଲେ ।

ଗୁଳିମାଡ ପରେ ତାକୁ ଘର ପାଖରେ ପକାଇଦେଇ ଫେରାର ହୋଇଯାଇଥିବା ଯୁବକଙ୍କ ଭଉଣୀ ନମିତା ନାଏକ ଅଭିଯୋଗ କରିଛନ୍ତି । ଯୁବକ ଜଣକ ଗୁରୁତର ଆହତ ହୋଇଥିବା ବେଳେ ପରିବାର ଲୋକ ଆଜି ପୋଲିସ ସହାୟତାରେ ପ୍ରଥମେ ହିନ୍ଦୋଳ ଏବଂ ସେଠାରେ ଅଧିକ ଗୁରୁତର ହେବାରୁ ତାକୁ ଅନୁଗୁଳ ସରକାରୀ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ । ଏହି ଗୁଳିମାଡରେ ଗ୍ରାମରେ ଏକ ଅଭାବନୀୟ ପରିବେଶ ସୃଷ୍ଟି ହୋଇଥିଲା । ବିନୟଙ୍କ ଜଙ୍ଘରେ ପ୍ରାୟ ୧୦ରୁ ୧୩ଟି ଗୁଳି ବାଜିଥିବା ଜଣାପଡିଥିବା ବେଳେ ବିନୟଙ୍କର ଅପରାଧୀକ ପୃଷ୍ଠଭୂମି ଲମ୍ବା ଥିବାସହ ବିଭିନ୍ନ ଥାନାରେ ମାମଲା ରହିଥିବା ସୂଚନା ମିଳିଛି । ତେବେ ବିନୟ ଓ ତାଙ୍କ ଭଉଣୀ ପ୍ରକୃତ ତଥ୍ୟ ଲୁଚାଉଥିବା ବେଳେ ପ୍ରକୃତ ଘଟଣା କଣ ତଦନ୍ତ ପରେ ଜଣାପଡିବ ବୋଲି ପୋଲିସର ପ୍ରକାଶ କରିଛି । କେଉଁ କାରଣରୁ ଏହି ଗୁଳିକାଣ୍ଡ ଘଟିଛି ପୋଲିସ ତାହା ତଦନ୍ତ ଚଳାଇଛି । ଘଟଣା ସ୍ଥଳରେ ମଧ୍ୟ ପୋଲିସ ପହଞ୍ଚି ତଦନ୍ତ କରିଥିବାର ଜଣାପଡିଛି ।ଗୁଳି କାଣ୍ଡ ଘଟାଇଥିବା ଦୁର୍ବୃତ୍ତମାନଙ୍କର କୌଣସି ପତ୍ତା ମିଳିନଥିବାର ଜଣାପଡିଛି ।

# କୁଟୁଁଣିଆ ସାହି ବସ୍ତି ଉଚ୍ଛେଦ

## ମୁହାଁମୁହିଁ ବସ୍ତିବାସିନ୍ଦା ଓ ପ୍ରଶାସନ, ମାଟିରେ ମିଶିଲା ବଡବଡ କୋଠା

ଢେଙ୍କାନାଳ, (ସବ୍ୟୁ): ଢେଙ୍କାନାଳ ଟାଉନ ଥାନା ପୌରାଞ୍ଚଳର ୯ ନମ୍ବର ଓ୍ୱାର୍ଡରେ ବେଆଇନ ଭାବରେ ଗଢିଉଠିଥିବା କୁଟୁଁଣିଆ ବସ୍ତିକୁ ପୋଲିସ ଓ ପ୍ରଶାସନର ମିଳିତ ସହଯୋଗରେ ଉଚ୍ଛେଦ କରାଯାଇଛି । ପ୍ରବଳ ହୋହାଲ୍ଲା, ମୁହାଁମୁହିଁ ପରିସ୍ଥିତି ମଧ୍ୟରେ ବ୍ୟାପକ ପୋଲିସ ଫୋର୍ସ ଲଗାଇ ଉଚ୍ଛେଦ କରାଯାଇଛି । ଫଳରେ ଦିର୍ଘ ଦିନଧରି ବେଆଇନ ଭାବରେ ଗଢିଉଠିଥିବା ବଡ ବଡ କୋଠା ମାଟିରେ ମିଶିଛି । ପୂର୍ବ ନିଷ୍ପତି ଅନୁସାରେ ବୁଧବାର ଢେଙ୍କାନାଳ ସହରର ୯ ନମ୍ବର ଓ୍ୱାର୍ଡ କୁଟୁଁଣିଆ ଜବରଦଖଲ ବସ୍ତି ଉଚ୍ଛେଦ ପାଇଁ ପୋଲିସ ପ୍ରଶାସନ ପହଞ୍ଚିଥିଲା । ପୋଲିସ ପହଞ୍ଚିବା ପରେ ବସ୍ତି ବାସିନ୍ଦାଙ୍କର ତୀବ୍ର ବିରୋଧ ଦେଖିବାକୁ ମିଳିଥିଲା । ପୋଲିସ ଓ ବସ୍ତି ବାସିନ୍ଦାଙ୍କ ଭିତରେ ଠେଲାପେଲା ସହ କିଛି ସମୟ ପାଇଁ ଉତ୍ତେଜନା ମୁଳକ ପରିସ୍ଥିତି ବି ସୃଷ୍ଟି ହୋଇଥିଲା । କିନ୍ତୁ ବ୍ୟାପକ ପୋଲିସ ଫୋର୍ସ ସହାୟତାରେ ବୁଲଡୋଜର ଲଗାଇ ପୋଲିସ ଉପସ୍ଥିତିରେ ଉଚ୍ଛେଦ ପ୍ରକ୍ରିୟା ଜାରିରହିଥିଲା ।ବସ୍ତି ବାସିନ୍ଦାଙ୍କ ତିବ୍ର ବିରୋଧ ସତ୍ତ୍ୱେ ଶହ ଶହ ବେଆଇନ କୋଠାଘରକୁ ଭାଙ୍ଗି ମାଟିରେ ମିଶାଇ ଦିଆଯାଇଛି । ଢେଙ୍କାନାଳ ସହରର ୯ ନମ୍ବର ଓ୍ୱାର୍ଡ କୁଟୁଁଣିଆ ପାହାଡ ତଳେ ଦୀର୍ଘ ଦଶ ବର୍ଷ ଧରି ଏଠାରେ ଗଢ଼ି ଉଠିଥିଲା ଶହଶହ ଜବର ଦଖଲ ବେଆଇନ କୋଠାଘର ।କିଛି ବାଙ୍ଗଲାଦେଶୀ ବି ଏଠାରେ ନିଜର ଆଡ୍ଡା ଜମାଇଥିବା ଅଭିଯୋଗ ହୋଇଥିଲା । କୁଟୁଁଣିଆ



ସାହିରେ ୧୯୦ରୁ ଉର୍ଦ୍ଧ ଘର ରହିଥିବା ବେଳେ ସେମାନଙ୍କ ମଧ୍ୟରୁ ପାଖାପାଖି ୮୦ରୁ ଅଧିକ ଲୋକଙ୍କୁ ୨୦୧୬ ମସିହାରେ ଡ୍ରୋନ ସର୍ଭେ କରାଯାଇ ଗୁ଼ିକିଆ ପଟ୍ଟା ଦିଆ ଯାଇଥିଲା । ପରେ ଅନେକ ଲୋକ ଏଠାରେ ଜବରଦଖଲରେ ରହି ଆସୁଥିଲେ । ଯାହାକୁ ଆଜି ପୋଲିସ ପ୍ରଶାସନିକ ଅଧିକାରୀଙ୍କ ଉପସ୍ଥିତିରେ ସମ୍ପୂର୍ଣ୍ଣ ମାଟିରେ ମିଶାଇ ଦିଆଯାଇଛି ।ଏପଟେ ଖବରପାଇ ଘଟଣା ସ୍ଥଳରେ ବିଜେଡି ଓ କଂଗ୍ରେସର ଏକ ଟିମ୍ ପହଞ୍ଚିଏହାକୁ ତିବ୍ର ବିରୋଧ କରିଥିଲେ । ସହରର ନିହାତି ଆବଶ୍ୟକ ସ୍ଥାନ ଗୁଡିକରେ ଉଚ୍ଛେଦ କରାନଯାଇ ଗରିବଙ୍କ ଉପରେ ସରକାର ଦାଉ ସାଧୁଛନ୍ତି ବୋଲି ଅଭିଯୋଗ ହୋଇଥିଲା । ସକାଳ ପ୍ରାୟ ୧୧ ସମୟରେ କୁଟୁଁଣିଆ ନୁଆସାହି ବସ୍ତି ଉଚ୍ଛେଦ ପାଇଁ ଚାରୋଟି ବୁଲଡୋଜର ନେଇ ପାଞ୍ଚ ପ୍ଲାଟୁନ ପୋଲିସ ଫୋର୍ସ ସହ ପୌର ନିର୍ବାହୀ ଅଧିକାରୀ ତହସିଲଦାର ପହଞ୍ଚିଥିଲେ । ପରେ ଜବରଦଖଲ ଉଚ୍ଛେଦକୁ ତିବ୍ର ବିରୋଧ କରି ବସ୍ତି ବାସିନ୍ଦା ଓ ପୋଲିସ ମଧ୍ୟରେ ଠେଲାପେଲା ମୁହାଁମୁହିଁ ପରିସ୍ଥିତି ଉପୁଜିଥିଲା । ତିବ୍ର ବିରୋଧ ସତ୍ତ୍ୱେ ଆରମ୍ଭ ହୋଇଥିଲା ଜବରଦଖଲ ଉଚ୍ଛେଦ । ଗତ ଜୁନ୍ ୨୨ ତାରିଖରେ ମଧ୍ୟ ଏହି ବସ୍ତିରୁ ଉଚ୍ଛେଦ ପାଇଁ ପ୍ରଚେଷ୍ଟା କରାଯାଇଥିଲା । କିନ୍ତୁ ଉଚ୍ଚ ନ୍ୟାୟାଳୟଙ୍କ ସ୍ଥଗିତ ନିର୍ଦ୍ଦେଶ ପରେ ଉଚ୍ଛେଦ ହୋଇ ପାରି ନଥିଲା ।କୁଟୁଁଣିଆ ପାହାଡ ତଳେ ସରକାରଙ୍କ ପକ୍ଷରୁ ସୁଲଭ ଆବାସ ପ୍ରକଳ୍ପ ସାଙ୍ଗକୁ ଇକୋ ପାର୍କ ବା ପରିବେଶ ଉଦ୍ୟାନ କରାଯିବାକୁ ସ୍ଥିର ହୋଇଥିବାରୁ ଏହି ଜବରଦଖଲକୁ ଉଚ୍ଛେଦ କରାଯାଉଛି ବୋଲି କହିଛନ୍ତି ପୌର ନିର୍ବାହୀ ଅଧିକାରୀ । ତେବେ ଏହାକୁ ବିରୋଧ କରାଯିବା ସହିତ ରାଜନୈତିକ ଛକାପRା ଯୋଗୁ ପରିସ୍ଥିତି ବେଶ ସରଗରମ ହୋଇଥିଲା ।

# କଣିହାଁରେ କଂଗ୍ରେସ ପକ୍ଷରୁ ବନ୍ଦ ପାଳନ

କଣିହାଁ, (ସବ୍ୟୁ) : ଅନୁଗୋଳ ଜିଲ୍ଲାରେ ଥିବା ପ୍ରକଳ୍ପ ଓ ଖଣି ଖାଦାନର ପାରିପାର୍ଶ୍ୱିକ ସାମାଜିକ ଦାୟିତ୍ୱବୋଧ ପାଣ୍ଠି ଏବଂ କ୍ଷତିଗ୍ରସ୍ତ ପ୍ରଜାମାନଙ୍କୁ ସ୍ଥାୟୀ ଓ ଠିକା ଭିତ୍ତିକ ନିଯୁକ୍ତିରେ ଅନିୟମିତତା ବିରୋଧରେ କଣିହାଁ ବ୍ଲକ କଂଗ୍ରେସ ପକ୍ଷରୁ ବନ୍ଦ ପାଳନ କରାଯାଇଥିଲା । କଣିହାଁ ବ୍ଲକ କଂଗ୍ରେସ ସଭାପତି ମାନସ ରଞ୍ଜନ ପ୍ରଧାନଙ୍କ ନେତୃତ୍ୱରେ କଣିହାଁ ବ୍ଲକ କଂଗ୍ରେସର ସତ୍ୟାନନ୍ଦ ସାହୁ, ଦେବଦତ୍ତ ପ୍ରାସାଦ ପ୍ରଧାନ, ଶିବରାମ ଦାସ, କୃଷଧ୍ୱଜ ସାମଲ, ପ୍ରତାପ ଶତପଥି, ସୁଶ୍ରୀ ବେହେରା, ସୁବ୍ରତ ମହାନ୍ତି, ବସନ୍ତ ପ୍ରଧାନ, ଗଣେଶ୍ୱର ସାହୁ, ବିରଞ୍ଚି ବେହେରା ପ୍ରମୁଖ ଅନେକ କର୍ମୀ ବୁଧବାର ଦିନ ଏନଟିପିସି ବାଇପାସ ଛକରେ ସକାଳ ୬ଘଟିକା ଏକତ୍ରିତ ହୋଇ ବିକ୍ଷୋଭ ପ୍ରଦର୍ଶନ କରି ବନ୍ଦ ପାଳନ କରିଥିଲେ । ଫଳରେ କୋଇଲା ପରିବହନ, ଉତ୍ପାଦନ ବନ୍ଦ ରହିଥିଲା । ଏନଟିପିସି ବଜାର ସ୍ୱତଃ ପ୍ରବୃତ୍ତ ବନ୍ଦ ରହିଥିଲା । ବଜାରରେ ବସ ଟ୍ରକ ଛାଡ଼ି ଯାତାୟତ ଚାଲିଥିଲା । ଦିନ ୧୧ଘଟିକା ସମୟରେ ଆନ୍ଦୋଳନ ହଟିଥିଲା । କଣିହାଁ ବ୍ଲକର ଅନେକ ଯାଗାରେ ମଧ୍ୟ ବନ୍ଦ ପାଳନ କରାଯାଇଥିଲା ।

# ହତ୍ୟା ମାମଲାରେ ଅରବିନ୍ଦ ନାଏକକୁ ଆଜୀବନ ଜେଲ୍

ଅନୁଗୋଳ, (ସବ୍ୟୁ) : ଅନୁଗୋଳର ସମ୍ମାନଜନକ ଅତିରିକ୍ତ ଜିଲ୍ଲା ଓ ଦୌରା ଜଜ୍ ହୃଷୀକେଶ ଆଚାର୍ଯ୍ୟ ଆଜି ଏକ ସ୍ୱଷ୍ଟ ଓ ଦୃଢ଼ ଶୁଣାଣି କରି ହତ୍ୟା ଅଭିଯୁକ୍ତ ଅରବିନ୍ଦ ନାଏକକୁ ଦୋଷୀ ସାବ୍ୟସ୍ତ କରିଛନ୍ତି । ଅଦାଲତ ଅଭିଯୁକ୍ତକୁ ଭାରତୀୟ ଦଣ୍ଡବିଧି ସଂହିତାର ଧାରା ୩୦୨ (ହତ୍ୟା) ଅଧୀନରେ ଦୋଷୀ ସାବ୍ୟସ୍ତ କରି ଆଜୀବନ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି । ଏହା ସହିତ ୨୦,୦୦୦ ଟଙ୍କାର ଆର୍ଥିକ ଜରିମାନା ମଧ୍ୟ ଅନାଦେୟ କରାଯାଇଛି । ଯଦି ଅଭିଯୁକ୍ତ ଏହି ଜରିମାନା ରାଶି ପୈଠ ନକରେ, ତେବେ ତାକୁ ଅଧିକ ୬ ମାସ ଜେଲ୍ ଦଣ୍ଡ ଭୋଗିବାକୁ ପଡ଼ିବ । ମାମଲାର ପୃଷ୍ଠଭୂମି : ଏହି ସମ୍ବେଦନଶୀଳ ମାମଲାଟି ୨୦୨୦ ମସିହାର ଜରପଡ଼ା ଥାନା କେସ୍ ନଂ ୨୭୬/୨୦୨୦ ରୁ ଆରମ୍ଭ ହୋଇଥିଲା । ପରବର୍ତ୍ତୀ ସମୟରେ ଅଦାଲତରେ ଏହା କେସ୍ ନଂ ୪୦/୨୦୨୧ ଭାବେ ପଞ୍ଜୀକୃତ ହୋଇ ବିଚାରାଧୀନ ଥିଲା । ତଦନ୍ତ ଓ ନ୍ୟାୟିକ ପ୍ରକ୍ରିୟା : ଏହି ମାମଲାର ସଫଳ ଅନୁସନ୍ଧାନ ତତ୍କାଳୀନ ଥାନା ଅଧିକାରୀ (ଆଇଆଇସି) ପ୍ରଦୀପ କୁମାର ପ୍ରଧାନଙ୍କ ଦ୍ୱାରା କରାଯାଇଥିଲା । ଯିଏ କି ଅଦାଲତରେ ସମସ୍ତ ଗୁରୁତ୍ୱପୂର୍ଣ୍ଣ ସାକ୍ଷ୍ୟ ଓ ପ୍ରମାଣ ଦାଖଲ କରିଥିଲେ । ସରକାରଙ୍କ ପକ୍ଷରୁ କ୍ୟାଡର ଅତିରିକ୍ତ ସରକାରୀ ଓକିଲ ଅରୁଣ କୁମାର ସାମଲ ଅତି ଦକ୍ଷତାର ସହ ଏହି ମାମଲା ପରିଚାଳନା କରି ଅଭିଯୁକ୍ତ ବିରୁଦ୍ଧରେ ଅପରାଧ ପ୍ରମାଣିତ କରିବାରେ ସଫଳ ହୋଇଥିଲେ । ଏହି ସମ୍ପୂର୍ଣ୍ଣ ଆଇନଗତ ପ୍ରକ୍ରିୟା ଏବଂ ମାମଲାର ଅଗ୍ରଗତିକୁ ଢେଙ୍କାନାଳ ଓ ଅନୁଗୋଳର ପ୍ରସିକ୍ୟୁସନ ଅଧୀକ୍ଷକ ତଥା ଡେପୁଟି ଡିରେକଟରର ଗଣେଶ କୁମାର ବେହେରା ସିଧାସଳଖ ତଦାରଖ କରୁଥିଲେ । ପୋଲିସର ସଠିକ୍ ତଦନ୍ତ ଏବଂ ପ୍ରସିକ୍ୟୁସନ ବିଭାଗର ଦୃଢ଼ ଉପସ୍ଥାପନା ଯୋଗୁଁ ଆଜି ପୀଡ଼ିତ ପରିବାରକୁ ଉପଯୁକ୍ତ ନ୍ୟାୟ ମିଳିପାରିଛି ।

# କଂଗ୍ରେସ ପକ୍ଷରୁ ଜିଲ୍ଲା ବନ୍ଦ ଆନ୍ଦୋଳନ : ତାଳଚେରରେ ମିଶ୍ରିତ ପ୍ରଭାବ

ତାଳଚେର, (ସବ୍ୟୁ) : ଅନୁଗୁଳ ଜିଲ୍ଲା କଂଗ୍ରେସ ପକ୍ଷରୁ ଦିଆ ଯାଇଥିବା ଜିଲ୍ଲା ବନ୍ଦ ଡାକରା ତାଳଚେର ରେ ଆଂଶିକ ସଫଳ ହୋଇଥିବା ଦେଖିବାକୁ ମିଳିଥିଲା । ମୁଖ୍ୟତଃ ମାତ୍ରାଧିକ ପ୍ରଦ୍ୟୁଷଣକୁ ରୋକିବା ଏବଂ ବେଆଇନ ଭାବେ ୫ଜଣଙ୍କୁ ଗିରଫ ଦାବିରେ ଜିଲ୍ଲା କଂଗ୍ରେସ ପକ୍ଷରୁ ୧୨ଘଣ୍ଟିଆ ବନ୍ଦ ଡାକରା ଦିଆଯାଇଥିଲା । ସକାଳ ୬ଘଟିକା ଠାରୁ ସନ୍ଧ୍ୟା ୫ଘଟିକା ପର୍ଯ୍ୟନ୍ତ ବନ୍ଦ କରାଯିବା ସହ ପିକେଟିଙ୍ଗ କରାଯାଇଥିଲା । ଏହି ପରିପ୍ରେକ୍ଷୀରେ ତାଳଚେର




ଅଂଚଳରେ ଥିବା କୋଇଲା ଖଣି କାର୍ଯ୍ୟାଳୟ ଗୁଡ଼ିକ ବନ୍ଦ କରାଯାଇଥିବା ବେଳେ ଖଣି ଗୁଡ଼ିକ ଆଂଶିକ ବନ୍ଦ ହୋଇଥିବା ଓ କୋଇଲା ପରିବହନ କିଛିକାଂଶରେ ଚାଲିଥିବା ଦେଖିବାକୁ ମିଳିଥିଲା । କଂଗ୍ରେସର ଏହି ବନ୍ଦ ଡ଼ାକରାରେ ତାଳଚେର ଅଂଚଳର ଦୋକାନ ବଜାର, ସ୍କୁଲ, କଲେଜ, କୋର୍ଟ, କଚେରୀ, ସରକାରୀ, ବେସରକାରୀ, ଅନୁଷ୍ଠାନ, ପ୍ରତିଷ୍ଠାନ ବନ୍ଦ ହୋଇନଥିବା ଦେଖାଯାଇଥିଲା । ମାତ୍ର କିଛି ସମୟ ପାଇଁ ବ୍ଲକ କାର୍ଯ୍ୟାଳୟ, ବ୍ୟାଙ୍କ, ଉପଜିଲ୍ଲାପାଳ କାର୍ଯ୍ୟାଳୟ ବନ୍ଦ ହୋଇ ପରବର୍ତି ସମୟରେ ଖୋଲା ଯାଇଥିଲା । ଏହି ବନ୍ଦ ଡ଼ାକରାରେ ଦାସରଥି ସାହୁ, ବିମ୍ବାଧର ବେହେରା, ମହିଳା ସଭାନେତ୍ରୀ ସବିତା ଧିର, ଦିଗାମ୍ବର ଗଡ଼ନାୟକ, ସଂଗ୍ରାମ କୁଅଁର, ଦିଲ୍ଲୀପ ମହାପାତ୍ର ପ୍ରମୁଖ ଓ କଣିହାଁ ବ୍ଲକର ୮ଟି ପଂଚାୟତର କର୍ମୀଙ୍କ ଉପସ୍ଥିତି ଥିଲେ ।

# ଆଇନଜୀବୀ ଦ୍ୱାରିକା ପ୍ରସାଦ ନନ୍ଦ

## ବିଶ୍ୱ ହିନ୍ଦୁ ସେବା ସଂଘର ଜିଲ୍ଲା ସଭାପତି

ଅନୁଗୋଳ, (ସବ୍ୟୁ) : ବିଶ୍ୱ ହିନ୍ଦୁ ସେବା ସଂଘର ଓଡିଶା ପ୍ରଦେଶ ଅଧକ୍ଷ ରଙ୍ଗୀୟା ଷଡଙ୍ଗୀଙ୍କ ଅନୁମୋଦନ କ୍ରମେ ଆଇନଜୀବୀ ଦ୍ୱାରିକା ପ୍ରସାଦ ନନ୍ଦଙ୍କୁ ଅନୁଗୋଳ ଜିଲ୍ଲା ସଭାପତି ଭାବେ ନିଯୁକ୍ତି ଦିଆଯାଇଛି । ଶ୍ରୀ ଷଡଙ୍ଗୀଙ୍କ ଦ୍ୱାରା ଦିଆଯାଇଥିବା ନିଯୁକ୍ତି ପତ୍ରରେ ଜିଲ୍ଲାରେ ସଂଗଠନର ବିସ୍ତାର ସହ ଜନସେବା ଗତିବିଧିକୁ ମଜବୁତ କରିବା ଦାୟିତ୍ୱ ପ୍ରଦାନ କରାଯାଇଛି । ଜିଲ୍ଲା ସଭାପତି ଜିଲ୍ଲାର ଉପଖଣ୍ଡ, ବ୍ଲକ ଓ ଗ୍ରାମ ସ୍ତରରେ ସାଂଗଠନିକ ଦାୟିବ ନିର୍ବାହ କରିବା ସହ ସାମାଜିକ ସେବା, ସାଂସ୍କୃତିକ ଓ ରାଷ୍ଟ୍ର ହିତ ସହ ଯୋଡିକାର୍ଯ୍ୟଗୁଡିକୁ ଆଗକୁ ବଢାଇବେ । ୨୯ ଅଗଷ୍ଟ ୨୦୧୦ ମସିହାରେ ପ୍ରତିଷ୍ଠିତ ଏହି ଜାତୀୟ ସ୍ତରୀୟ ସଂଗଠନ କୌଣସି ରାଜନୈତିକ



ଦଳର ସ୍ୱାର୍ଥ ଠାରୁ ଉର୍ଦ୍ଧରେ ରହି ଦେଶର ହିନ୍ଦୁତ୍ୱର ଆଦର୍ଶକୁ ପ୍ରଚାର ପ୍ରସାର କରିବାପାଇଁ କାର୍ଯ୍ୟ କରୁଛି ।

ରାଷ୍ଟ୍ରୀୟ ମାର୍ଗ ଦର୍ଶକ ଡଃ ରାମ ବିଳାଶ ବେଦାନ୍ତୀ ଓ ଉତ୍ତର ପ୍ରଦେଶର ମୁଖ୍ୟମନ୍ତ୍ରୀ ଯୋଗୀ ଆଦିତ୍ୟନାଥଙ୍କ ପ୍ରେରଣାରେ ରହି ଏହି ସଂଗଠନ କାର୍ଯ୍ୟ କରୁଛି । ଗୋ ସୁରକ୍ଷା, ନିଶା ମୁକ୍ତି ନାରୀ ସଶକ୍ତିକରଣ, ଶିଶୁ କନ୍ୟାମାନଙ୍କ କଲ୍ୟାଣ, ଶିଶୁଶ୍ରମିକ ଉଚ୍ଛେଦ ଓ ସ୍ୱଚ୍ଛ ଭାରତ ନିର୍ମାଣର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ନେଇ ଏହି ସଂଗଠନ କାର୍ଯ୍ୟ କରୁଛି । ଏହି ସଂଗଠନର ରାଷ୍ଟ୍ରୀୟ ଅଧକ୍ଷ ବିଶିଷ୍ଟ ଆଇନଜୀବୀ ରବୀନ୍ଦ୍ର ଦ୍ୱିବେଦୀ, ରାଷ୍ଟ୍ରୀୟ ମହାମନ୍ତ୍ରୀ ଆଇନଜୀବୀ ରୁଚି ଦ୍ୱିବେଦୀ ରହିଛନ୍ତି । ଶ୍ରୀ ନନ୍ଦଙ୍କୁ ସଭାପତି ଭାବେ ନିଯୁକ୍ତି ଦିଆଯାଇଥିବାରୁ ଅନୁଗୋଳ ଜିଲ୍ଲାର ସବୁ ମହଲରେ ଆନନ୍ଦ ପ୍ରକାଶ ପାଇଛି ।

# ୧୦ ଷ୍ଟ୍ରିଟ ଲାଇଟ ଅଚଳ, ମରାମତି କେବେ

ଠାକୁରଗଡ଼, (ସବ୍ୟୁ) : ଅନୁଗୋଳ ଜିଲ୍ଲା କିଶୋରନଗର ବ୍ଲକ ବିଲେଇ ନାଳୀ ପଂଚାୟତର ବିଲେଇ ନାଳୀ ଗ୍ରାମରେ ସରକାରଙ୍କ ପକ୍ଷରୁ ଲଗାଯାଇଥିବା ୧୦ ଟି ଷ୍ଟ୍ରିଟ ଲାଇଟ ୨ ବର୍ଷ ହେବ ଅଚଳ ହୋଇ ପଡିରହିଛି । ଏହି ଲାଇଟ ଗୁଡିକ ମରାମତି କରା ଯାଉନଥିବା ଯୋଗୁଁ ଗ୍ରାମବାସୀ ମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି । ଏନେଇ ମଙ୍ଗଳବାର ଦିନ ଗ୍ରାମ ଯୁବକ ସଂଗଠନ ପକ୍ଷରୁ ଅନୁଗୋଳ ଜିଲ୍ଲାପାଳଙ୍କ ଠାରେ ଅଭିଯୋଗ ପତ୍ର ମାଧ୍ୟମରେ ଅଭିଯୋଗ କରିଛନ୍ତି । ତାଙ୍କ ଅଭିଯୋଗ ପତ୍ର ରେ ଉଲେଖ କରିଛନ୍ତି ଯେ, ରାଜ୍ୟ ସରକାରଙ୍କ ପାଣ୍ଠିରୁ ଲକ୍ଷାଧିକ ଟଙ୍କା ବ୍ୟୟ ରେ ୨୦୨୩ ମସିହା ଡିସେମ୍ବର ମାସରେ ଲଗା ଯାଇଥିଲା । ହେଲେ ଲାଗିବାର ୧ ମାସ ପରେ ସମସ୍ତ ଲାଇଟ ଗୁଡିକ ଅଚଳ ହୋଇ ପଡିଥିଲା । ଏନେଇ ଅଞ୍ଚଳବାସି ବହୁ ବାର ସ୍ଥାନୀୟ ପଞ୍ଚାୟତ କାର୍ଯ୍ୟାଳୟ ଠାରୁ ଆରମ୍ଭ କରି ବ୍ଲକ ପ୍ରଶାସନ ନିକଟରେ ଅଭିଯୋଗ କରିଥିଲେ ମଧ୍ୟ କେହି ଶୁଣୁ ନାହାନ୍ତି । ଏହି ଲାଇଟ ଗୁଡିକ ଅତି ନିମ୍ନମାନର ଲଗା ଯାଇଥିବା ଯୋଗୁଁ ଅଚଳ ହୋଇ ପଡିଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି । ତୁରନ୍ତ ଏହି ଲାଇଟ ଗୁଡିକ ମରାମତି କରିବା ପାଇଁ ଗ୍ରାମବାସୀ ଦାବି କରିଛନ୍ତି । ଏନେଇ ବିଲେଇ ନାଳୀ ସରପଞ୍ଚ ବବିତା ପ୍ରଧାନ କୁହନ୍ତି ପଂଚାୟତ ପକ୍ଷରୁ ଏହି ଲାଇଟ ଗୁଡିକ ମରାମତି କରିବା ପାଇଁ ବ୍ଲକ ପ୍ରଶାସନ କୁ ଅବଗତ କରାଯାଇଛି ।

## ଛଦେଶ ବିକାଶ ପରିଷଦର ୪ର୍ଥ ଦିନରେ ଅହୋରାତ୍ର ଧାରଣା

# ଯୋଗଦେଲେ ପୂର୍ବତନ ବିଧାୟକ ସୁଧୀର ସାମଲ

ଢେଙ୍କାନାଳ, (ସବ୍ୟୁ): ଢେଙ୍କାନାଳ ଜିଲ୍ଲା ଭାପୁର ଠାରେ ଛଦେଶ ବିକାଶ ପରିଷଦ ପକ୍ଷରୁ ୧୦ ଦଫା ଦାବି ନେଇ ଅହୋରାତ୍ର ଧାରଣାର ଆଜି ଚତୁର୍ଥ ଦିନରେ ପହଞ୍ଚିଛି । ଧାରଣାକୁ ସମର୍ଥନ କରି ପୂର୍ବତନ ବିଧାୟକ ସୁଧୀର କୁମାର ସାମଲ ଧାରଣାରେ ଯୋଗଦେଇ ଉତ୍ସାହିତ କରିଛନ୍ତି ।

ଛଦେଶ ଅଞ୍ଚଳଟି ଢେଙ୍କାନାଳ ସଦର ବ୍ଲକର ୮ ଗୋଟି ପଞ୍ଚାୟତ ଗୁଡିକ ମଧ୍ୟରେ ଭାପୁର, କାକୁଡିଭାଗ, ମଧୁସାହୁପାଟଣା, ଚନ୍ଦ୍ରଶେଖର ପ୍ରସାଦ, ବାଲ୍ୟାମ୍ବା, ଧୀରପାଟଣା, ଶଙ୍କରପୁର,ଭାଲିଆ ବୋଲକାଟେଣୀ ଏବଂ ଓଡାପଡା ବ୍ଲକର ୪ଗୋଟି ପଞ୍ଚାୟତ ଘଟିପିରି, କଳାଙ୍ଗ, କୋଉମ,ଗୋବିନ୍ଦ ପ୍ରସାଦକୁ ନେଇ ଛଦେଶ ଅଞ୍ଚଳ ଗଠିତ । ଶିକ୍ଷା, ସ୍ୱାସ୍ଥ୍ୟ, ଗମନାଗମନ, ପାନୀୟ ଜଳ, ବିଦ୍ୟୁତ ଆଦି ସବୁ କ୍ଷେତ୍ରରେ ଅବହେଳିତ ହୋଇ ପଡ଼ିଛି,ବହୁବାର ଅଞ୍ଚଳବାସୀଙ୍କ ପକ୍ଷରୁ ନ୍ୟାର୍ଯ୍ୟ ଦାବୀ ଗୁଡିକ ପ୍ରଶାସନିକ, ନେତା, ମନ୍ତ୍ରୀ ପର୍ଯ୍ୟନ୍ତ ପହଞ୍ଚିଛି । କିନ୍ତୁ କେହି ଭୃକ୍ଷେପ କରିନାହାନ୍ତି ।

ଗତ ଫେବୃଆରୀ ୧୮ ତାରିଖରେ ଗଣତାନ୍ତ୍ରିକ ଭାବେ ଶାନ୍ତିପୂର୍ଣ୍ଣ ସମ୍ପୂର୍ଣ୍ଣ ଛଦେଶ ବନ୍ଦ ଡାକରା ଦିଆଯାଇ ଥିଲା । ପ୍ରଶାସନିକ ଅଧିକାରୀମାନେ ପହଞ୍ଚି ପ୍ରତିଶୃତି ଦେଇଥିଲେ । ଏହା ମଧ୍ୟରେ ୬ମାସ ବିତି ଯାଇଥିଲେ ମଧ୍ୟ ଗୋଟିଏ ହେଲେ ଦାବୀ ପୂରଣ ହୋଇ ପାରିଲାନାହିଁ । ଏହା ମଧ୍ୟରେ ସାପୁଆ ନଦୀରେ ଭୟଙ୍କର ବନ୍ୟା ଆସି ପୁରା ଅଞ୍ଚଳ ଧ୍ୱସ୍ତବିଧ୍ୱସ୍ତ କରିଦେଇ ଛଦେଶ ଅଞ୍ଚଳର ବହୁ କ୍ଷୟକ୍ଷତି ହୋଇଥିଲା ବେଳେ ଆବଶ୍ୟକ କ୍ଷତି ପୂରଣ ମିଳିପାରି ନାହିଁ । ଦାବୀ ଗୁଡିକ ମଧ୍ୟରେ ଛଦେଶ ବ୍ଲକ ଗଠନ, ବିଜୁଳି ସମସ୍ୟାର ସ୍ଥାୟୀ ସମାଧାନ .ଭାପୁର ତଥା ଅନ୍ୟ ମେଡିକାଲ ଗୁଡ଼ିକରେ ଡାକ୍ତର ଷ୍ଟାଫ ଓ ଅନ୍ୟାନ୍ୟ ସୁବିଧା ଉପଲବ୍ଧ, ଭାପୁର ଫାଣ୍ଡିକୁ ଥାନା.ସାପୁଆ ନଦୀର ପୁରୁଦ୍ଧାର ,ଶଙ୍କରପୁର କୋଉମ ରାସ୍ତା ମରାମତି , ଭତାଧାରୀଙ୍କ ଭତା ଟଙ୍କା ତୁରନ୍ତ ଯୋଗାଣ .ଉପଯୁକ୍ତ ହିତାଧିକାରୀଙ୍କୁ ଆବାସ ଗୃହ ଯୋଗାଣ, ଦମକଳ କେନ୍ଦ୍ର, ଭାପୁରରେ ଏକ ବାଳିକା ଉଚ୍ଚ ବିଦ୍ୟାଳୟ ପାଇଁ ଦାବୀ କରାଯାଇଛି ।

ଏହି ୧୦ ଦଫା ଦାବିରେ ଛଦେଶ ବିକାଶ ପରିଷଦ ପକ୍ଷରୁ କ୍ରାନ୍ତି ଦିବସ ଠାରୁ ଅହୋରାତ୍ର ଧାରଣା ଦିଆଯାଇଛି । ଏହି ଧାରଣା ୪ର୍ଥ ଦିନରେ ପହଞ୍ଚିଥିବା ବେଳେ ପ୍ରଶାସନ ଧାରଣାକାରୀ ମାନଙ୍କ ନିକଟରେ ପହଞ୍ଚିନଥିବାରୁ ପୂର୍ବତନ ବିଧାୟକ କ୍ଷୋଭ ପ୍ରକାଶ କରିବା ସହିତ ଏ ଦିଗରେପଦକ୍ଷେପ ନେବାକୁ ଦାବୀ କରିଛନ୍ତି ।

# ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ

## ବିଶ୍ୱବିଦ୍ୟାଳୟରେ 'ହର ଘର ତିରଙ୍ଗା' ଶୋଭାଯାତ୍ରା




ବାରିପଦା, (ସବ୍ୟୁ): ମହାରାଜା ଶ୍ରୀରାମଚନ୍ଦ୍ର ଭଞ୍ଜଦେଓ ବିଶ୍ୱବିଦ୍ୟାଳୟର ଜାତୀୟ ସେବା ଯୋଜନା ବ୍ୟୁରୋ ପକ୍ଷରୁ 'ହର ଘର ତିରଙ୍ଗା' ଅଭିଯାନ ଅବସରରେ ଏକ ବିଶାଳ ତିରଙ୍ଗା ଶୋଭାଯାତ୍ରା ଆୟୋଜିତ ହୋଇଥିଲା । ଦେଶପ୍ରେମ, ଜାତୀୟ ଏକତା ଓ ଦେଶର ଗୌରବମୟ ସ୍ୱାଧୀନତା ସଂଗ୍ରାମର ସ୍ମୃତିକୁ ଉଜ୍ଜୀବିତ କରିବା ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ଥିଲା । ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ମହେନ୍ଦ୍ର କୁମାର ମହାନ୍ତିଙ୍କ ନେତୃତ୍ୱରେ ଏହି ଶୋଭାଯାତ୍ରା ଅନୁଷ୍ଠିତ ହୋଇଥିଲା । ଏଥିରେ ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ପ୍ରଫେସର କମଳ ଲୋଚନ ବାରିକ ବିଶ୍ୱବିଦ୍ୟାଳୟର ଏନ୍‌ଏସ୍‌ଏସ୍ ସଂଯୋଜକ ଡ. ପ୍ରିୟ ରଞ୍ଜନ ଦେବତା, ଜିଲ୍ଲା ନୋଡାଲ ଅଧିକାରୀ ଡ. ଅନାମ ଚରଣ ରାଉଳଙ୍କ ସମେତ ସହ ବିଶ୍ୱବିଦ୍ୟାଳୟର ବିଭିନ୍ନ ବିଭାଗର ଅଧାପକ, କର୍ମଚାରୀ, ଏନ୍‌ଏସ୍‌ଏସ୍ ସ୍ୱେଚ୍ଛାସେବୀ, ଏମ୍ପିସି ସ୍ୱୟଂଶାସିତ କଲେଜ, ଏମ୍ ସିଏଏମ୍ କଲେଜ, ବାରିପଦା କଲେଜରୁ ଆସିଥିବା ଛାତ୍ରଛାତ୍ରୀମାନେ ଉତ୍ସାହର ସହ ଯୋଗ ଦେଇଥିଲେ ।

ହାତରେ ତିରଙ୍ଗା ଧରି ଛାତ୍ରଛାତ୍ରୀମାନେ ଦେଶପ୍ରେମମୂଳକ ସ୍ଲୋଗାନ ଦେଇ ଶୋଭାଯାତ୍ରାରେ ସାମିଲ ହୋଇଥିଲେ । ଏହି ଅବସରରେ "ହର ଘର ତିରଙ୍ଗା'ର ବାର୍ତ୍ତାକୁ ଘରେ ଘରେ ପହଞ୍ଚାଇବା ସହ ଯୁବପିଢ଼ିଙ୍କ ମନରେ ଦେଶପ୍ରେମ, ଜାତୀୟ ଏକତା ଓ ଦାୟିତ୍ୱବୋଧ ଜାଗ୍ରତ କରିବା ପାଇଁ ଆହ୍ୱାନ ଦିଆଯାଇଥିଲା । ବିଶ୍ୱବିଦ୍ୟାଳୟ ପରିସରରେ ଏହି ଶୋଭାଯାତ୍ରା ଦେଶପ୍ରେମର ଉତ୍ସାହ ଓ ଜାତୀୟତାବାଦୀ ଭାବନାରେ ପରିପୂର୍ଣ୍ଣ ହୋଇଉଠିଥିଲା । କାର୍ଯ୍ୟକ୍ରମରେ ଏନ୍‌ଏସ୍‌ଏସ୍‌ର ସ୍ୱେଚ୍ଛାସେବୀମାନଙ୍କ ଭୂମିକା ବିଶେଷ ଭାବେ ପ୍ରଶଂସିତ ହୋଇଥିଲା ।

# ଶ୍ରୀରାମଚନ୍ଦ୍ର ଲାଇବ୍ରେରୀରେ ଲାଇବ୍ରେରିଆନ୍ ଦିବସ

ବାରିପଦା, (ସବ୍ୟୁ) : ଭାରତୀୟ ଲାଇବ୍ରେରୀ ବିଜ୍ଞାନର ଜନକ ତଥା ପଦ୍ମଶ୍ରୀ ଡଃ ଏସ୍.ଆର ରଙ୍ଗନାଥନଙ୍କ ଜନ୍ମଦିନକୁ ସ୍ମରଣ କରି ବାରିପଦାସ୍ଥିତ ଶ୍ରୀରାମଚନ୍ଦ୍ର ଲାଇବ୍ରେରୀ (ଜୁବୁଲି ଲାଇବ୍ରେରୀ) ପରିସରରେ ଲାଇବ୍ରେରିଆନ୍ ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ ଶ୍ରୀରାମଚନ୍ଦ୍ର ଲାଇବ୍ରେରୀ ପରିଚାଳନା ସମିତିର ସମ୍ପାଦକ ଅଶୋକ କୁମାର ବେହେରା ସ୍ୱାଗତ ସମ୍ଭାଷଣ ପ୍ରଦାନ କରିଥିଲେ । ସମାଜସେବୀ ଆଶିଷ କୁମାର ବଶା ଓ ସମୀର କୁମାର ସାହୁ ନିଜ ମତବ୍ୟକ୍ତ କରିଥିଲେ । ବନଜା ମହାନ୍ତି ଲାଇବ୍ରେରିଆନ୍ କନିକା ସେନାପତିଙ୍କୁ ସମ୍ବର୍ଦ୍ଧିତ କରିବା ସହ ଲାଇବ୍ରେରୀ ଓ ପାଠକ ସମାଜର ବିକାଶ ନେଇ ନିଜ ବକ୍ତବ୍ୟ ରଖିଥିଲେ । ପରିଚାଳନା ସମିତିର ସଭ୍ୟ ସନ୍ତୋଷ ପଟ୍ଟନାୟକ, ବଳଦେବ ଶତପଥୀ, ପ୍ରଦୀପ ମିସ୍ତ୍ରୀ ଓ ଶୋଭାବତୀ ଓତା ପ୍ରମୁଖ ଉପସ୍ଥିତ ରହି କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ । ପରିଶେଷରେ କୋଷାଧକ୍ଷ ଆଶିଷ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ ।

## ଖରିଫ୍ ଧାନକିଣା ପାଇଁ ଚାଷୀ ପଞ୍ଜିକରଣ

# ଭଞ୍ଜନଗରରେ ଉପଖଣ୍ଡସ୍ତରୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ

ଭଞ୍ଜନଗର, (ସବ୍ୟୁ) : ଚଳିତ ଖରିଫ୍ ଋତୁରେ ଧାନକିଣା ପାଇଁ ରାଜ୍ୟରେ ଗତ ୬ ତାରିଖରୁ ଚାଷୀ ପଞ୍ଜିକରଣ ଆରମ୍ଭ ହୋଇଛି । ଆସନ୍ତା ୩୧ ତାରିଖ ପର୍ଯ୍ୟନ୍ତ ଏହି ପଞ୍ଜିକରଣ ପ୍ରକ୍ରିୟା ଚାଲିବ । ଭଞ୍ଜନଗର ଉପଖଣ୍ଡରେ ମଧ୍ୟ ଚଳିତ ଖରିଫ୍ ଧାନକିଣା ପାଇଁ ଚାଷୀ ପଞ୍ଜିକରଣ ଜୋରସୋରରେ ଚାଲିଛି । ଉପଖଣ୍ଡ ଅଧୀନସ୍ଥ ୧୨୮ଟି ପ୍ରାଥମିକ କୃଷି ସମବାୟ ସମିତି (ପ୍ୟାକ୍ସ) ମାଧ୍ୟମରେ ଏହି ପଞ୍ଜିକରଣ କରାଯାଉଛି ।

ଚାଷୀ ପଞ୍ଜିକରଣ ପ୍ରକ୍ରିୟାକୁ ସରଳ, ସ୍ୱଚ୍ଛ ଓ ତ୍ରୁଟିମୁକ୍ତ ଭାବେ ସମ୍ପନ୍ନ କରିବା ସହ ସମସ୍ତ ଯୋଗ୍ୟ ଚାଷୀ ଯେପରି ପଞ୍ଜିକରଣର ସୁଯୋଗ ପାଇପାରିବେ, ସେ ନେଇ ଭଞ୍ଜନଗର ଉପଖଣ୍ଡ ପ୍ରଶାସନ ପକ୍ଷରୁ ସ୍ଥାନୀୟ ନିୟନ୍ତ୍ରିତ ବଜାର କମିଟି (ଆର୍‌ଏମ୍ସି) ସଭାଗୃହରେ ଏକ ଉପଖଣ୍ଡସ୍ତରୀୟ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ଉପଜିଲ୍ଲାପାଳ ଉମାଶଙ୍କର ବେହେରାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ପ୍ରଶିକ୍ଷଣରେ ଏଆରସିଏସ୍ ଶ୍ରୀ ବିଜୟ କୁମାର ସାହୁ, ଅତିରିକ୍ତ ଯୋଗାଣ ଅଧିକାରୀ ଶୁଭରାଜ ସାମନ୍ତରା, ନିୟନ୍ତ୍ରିତ ବଜାର କମିଟି ସମ୍ପାଦକ ସୁମନ୍ତ ସାହୁ ଏବଂ ଆସିକା କୃଷି ଜିଲ୍ଲା ଅଧିକାରୀ ସତ୍ୟବ୍ରତ ଦାସ ପ୍ରମୁଖ ଉପସ୍ଥିତ ରହି ପ୍ୟାକ୍ସ ସମ୍ପାଦକମାନଙ୍କୁ ଚଳିତ ବର୍ଷର ଖରିଫ୍ ଧାନକିଣା ପାଇଁ ଚାଷୀ ପଞ୍ଜିକରଣର ବିଭିନ୍ନ ଦିଗ ସମ୍ପର୍କରେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ । ଏହି ଅବସରରେ ଉପଜିଲ୍ଲାପାଳ ଶ୍ରୀ ବେହେରା କହିଥିଲେ ଯେ, ଚାଷୀ ପଞ୍ଜିକରଣ ପ୍ରକ୍ରିୟା ଯେପରି ସମ୍ପୂର୍ଣ୍ଣ ତ୍ରୁଟିମୁକ୍ତ ଓ ନିର୍ଭୁଲ ହୁଏ, ସେଥିପ୍ରତି ସମସ୍ତ ବିଭାଗୀୟ ଅଧିକାରୀ ଓ ପ୍ୟାକ୍ସ କର୍ତ୍ତୃପକ୍ଷ ଗୁରୁତ୍ୱ ଦେବା ଆବଶ୍ୟକ। କୌଣସି ଯୋଗ୍ୟ ଚାଷୀ ଯେପରି ପଞ୍ଜିକରଣରୁ ବଞ୍ଚିତ ନ ହୁଅନ୍ତି, ସେଥିପାଇଁ କ୍ଷେତ୍ରସ୍ତରରେ ଆବଶ୍ୟକ ସଚେତନତା ଓ ସମନ୍ୱୟ ରଖିବାକୁ ସେ ଗୁରୁତ୍ୱାରୋପ କରିଥିଲେ । ଚଳିତ ଖରିଫ୍ ଧାନକିଣା ପ୍ରକ୍ରିୟାରେ ଏଗ୍ରିଷ୍ଟାକ୍ ବାଧ୍ୟତାମୂଳକ ହୋଇଥିବାରୁ ସମବାୟ, ରାଜସ୍ୱ ଓ କୃଷି ବିଭାଗ ମଧ୍ୟରେ ଉତ୍ତମ ସମନ୍ୱୟ ରଖି ସମସ୍ତ ଯୋଗ୍ୟ ଚାଷୀଙ୍କ ଏଗ୍ରିଷ୍ଟାକ୍ ଯଥାଶୀଘ୍ର ସୃଷ୍ଟି କରିବାକୁ ଉପଜିଲ୍ଲାପାଳ ଶ୍ରୀ ବେହେରା ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ ।

ଚାଷୀମାନଙ୍କୁ ପଞ୍ଜିକରଣ ସମୟରେ ଆବଶ୍ୟକ ସହଯୋଗ ଯୋଗାଇଦେବା ଏବଂ ପଞ୍ଜିକରଣ ସମ୍ପର୍କିତ ସମସ୍ୟାର ତୁରନ୍ତ ସମାଧାନ କରିବା ଉପରେ ମଧ୍ୟ ସେ ଗୁରୁତ୍ୱାରୋପ କରିଥିଲେ। ଭାଗଚାଷୀ ପଞ୍ଜୀକରଣ ସମୟରେ ଭାଗଚାଷୀଙ୍କୁ ଜମି ମାଲିକଙ୍କ ସମ୍ମତିପତ୍ର ସହିତ ଜମି ମାଲିକଙ୍କ ଆଧାର ନମ୍ବର ଓ ମୋବାଇଲ୍ ନମ୍ବର ଦାଖଲ କରିବାକୁ ପଡ଼ିବ। ଏହାପରେ ଜମି ମାଲିକ ଓ ଭାଗଚାଷୀ ଉଭୟଙ୍କର ଆଧାର ଆଧାରିତ ଇ-କେ୍ୱାଇସି ଆଇରିସ୍ ସ୍କାନର୍ ମାଧ୍ୟମରେ କରାଯିବ। ପ୍ରଶିକ୍ଷଣ କାର୍ଯ୍ୟକ୍ରମରେ ଭଞ୍ଜନଗର ଉପଖଣ୍ଡ ଅଧୀନସ୍ଥ ଆସିକା, ବେଲଗୁଣ୍ଠା, ବୁଗୁଡ଼ା, ଶେରଗଡ଼, ଧରାକୋଟ, ଭଞ୍ଜନଗର, ଜଗନ୍ନାଥପ୍ରସାଦ ଓ ସୋରଡ଼ା ବ୍ଲକର ତହସିଲଦାର, ବ୍ଲକ କୃଷି ଅଧିକାରୀ, ଯୋଗାଣ ନିରୀକ୍ଷକଙ୍କ ସମେତ ସମସ୍ତ ପ୍ୟାକ୍ସ ସମ୍ପାଦକ ଯୋଗ ଦେଇଥିଲେ ।

# ଟ୍ରାଫିକ ୟୁନିଟ ଉଦ୍‌ଘାଟିତ : ସହରରେ ସଚେତନ ରାଲି



କରଞ୍ଜିଆ, (ସବ୍ୟୁ): ପୂର୍ବ ଘୋଷିତ କାର୍ଯ୍ୟକ୍ରମ ଅନୁଯାଇ ମଙ୍ଗଳବାର ଦିନ କରଞ୍ଜିଆ ଥାନା ପରିସରରେ ଟ୍ରାଫିକ ପୁଲିସ ପକ୍ଷରୁ ଟ୍ରାଫିକ ୟୁନିଟ ଘୋଷିତ ହୋଇଛି । ଏହି ଅବସରରେ ଥାନା ପରିସରରେ ଆଇ. ଆଇ. ସି. ମୃତ୍ୟୁଞ୍ଜୟ ପ୍ରଧାନ ଙ୍କ ପରିଚାଳନାରେ ଏକ ଉଦଘାଟନ ଉତ୍ସବ ସଂଯୋଜନ ହୋଇଥିଲା । ଏଥିରେ ମୁଖ୍ୟଅତିଥି ଭାବେ ରାଇରଙ୍ଗପୁର ପୁଲିସ ଜିଲ୍ଲା ଏସ. ପି. ସୁରେଶ ଚନ୍ଦ୍ର ପାତ୍ର ଟ୍ରାଫିକ ୟୁନିଟ କାର୍ଯ୍ୟକାରୀ କରାଯାଇ ବୋଲି ଘୋଷଣା କରି ବୁଧବାର ଠାରୁ ସହରରେ ଅମାନିଆ ଲୋକଙ୍କ ବିରୋଧ ରେ ଦୃଷ୍ଟାନ୍ତମୂଳକ ପଦକ୍ଷେପ ନିଆଯିବ ବୋଲି ପ୍ରକାଶ କରିଥିଲେ । ଅତିଥି ଭାବେ ଉପଜିଲ୍ଲାପାଳ ଡା. ଦୟାସିନ୍ଧୁ ପରିଡା ପ୍ରକାଶ କରିଥିଲେ ଯେ, କରଞ୍ଜିଆବାସୀଙ୍କ ସ୍ୱପ୍ନ ଦୀର୍ଘ ଦିନପରେ ପୂରଣ ହୋଇପାରିଛି । କରଞ୍ଜିଆ ବିଡ଼ିଓ ପ୍ରଦ୍ୟୁମ୍ନ ନାୟକ, ତହସିଲଦାର ରୁପାଲୀ ହାଁସଦା, ଠାକୁରମୁଣ୍ଡା ଆଇ. ଆଇ. ସି ଶରତ ମାହାଲିକ ସମେତ ଯଶିପୁର, ମହୁଲଡିହା ଥାନା ଅଧିକାରୀ ଓ ଅନ୍ୟାନ୍ୟ ଥାନା ଅଧିକାରୀ ଏହି ଉତ୍ସବ ରେ ଯୋଗ ଦେଇଥିଲେ ପରେ ପରେ ନବକୃଷ୍ଣ ନାୟକ ଏବଂ ବିଭିନ୍ନ ଶିକ୍ଷାନୁଷ୍ଠାନ ର ଛାତ୍ର ଛାତ୍ରୀ, ହୋମ ଗାର୍ଡ ସ୍ବେଚ୍ଛାସେବୀ ଅନୁଷ୍ଠାନ ସହରରେ ଚାଚେତନ ରାଲି ଭାଗ ନେଇଥିଲେ କରଞ୍ଜିଆ ଏସ. ପି. ଓ ଡି ଏସି ପି ଲକ୍ଷେଣ ସହରରେ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ ।

# ଧରିଲେ ଗୋଚାଲାଣ କଣ୍ଟେନର : ୪ ଗିରଫ

ବେତନଟୀ ,(ସବ୍ୟୁ): ମୟୂରଭଞ୍ଜ ଜିଲ୍ଲା ଦେଇ ବାହାର ରାଜ୍ୟକୁ ଚୋରାଚାଲାଣ ହେଉଥିବା ଗୋରୁ ଗାଈ ଭର୍ତ୍ତି ଏକ କଣ୍ଟେନରକୁ ବିଳମ୍ବିତ ରାତ୍ରୀରେ ଗୋଡ଼ାଇ ଗୋଡ଼ାଇ ଧରିଲେ ବିଶ୍ୱ ହିନ୍ଦୁ ପରିଷଦ ସଦସ୍ୟ । ଏହି ମହତ୍ପୂର୍ଣ୍ଣ କାର୍ଯ୍ୟ ପାଇଁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟିଛି । ପ୍ରାପ୍ତ ସୂଚନା ମୁତାବକ ୧୮ ନଂ ଜାତୀୟ ରାଜପଥ ଦେଇ ବେଆଇନ ଭାବେ ଗୋ ଚାଲାଣ ହେଉଥିବା ନେଇ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ବେତନଟୀ ମଣ୍ଡଳ ସଭାପତି ଜୀବନ ପରିଡ଼ାଙ୍କ ନେତୃତ୍ୱରେ ବିଶ୍ୱ ହିନ୍ଦୁ ପରିଷଦର ବେତନଟୀ ଶାଖାର ଏକାଧିକ କର୍ମୀ ବିଆର୦୬-ଜିଜି-୪୬୦୩ ନମ୍ବର ବିଶିଷ୍ଟ ଏକ କଣ୍ଟେନର ଗାଡ଼ିକୁ ପିଛା କରିଥିଲେ । ଏହି ଗାଡ଼ିଟିକୁ ବୈଶିଙ୍ଗା ଥାନା ଅଧୀନ ହାତୀବାଡ଼ି ନିକଟରେ ଅଟକାଇଥିଲେ । ଏହା ସହ ବୈଶିଙ୍ଗା ପୁଲିସକୁ ମଧ୍ୟ ଖବର କରିଥିଲେ । ଖବର ପାଇ ବୈଶିଙ୍ଗା ପୁଲିସ ଘଟଣାସ୍ଥଳରେ ପହଞ୍ଚିବା କଣ୍ଟେନର ଗାଡ଼ିଟିକୁ ଯାଞ୍ଚ କରିଥିଲେ । ଏଥିରେ ୩୦ରୁ ଅଧିକ ଗାଈ ଏବଂ ବାଛୁରୀ ଥିବାର ଦେଖିବାକୁ ପାଇଥିଲେ। ଗୋରୁ ଭର୍ତ୍ତି କଣ୍ଟେନରଟିକୁ ବୈଶିଙ୍ଗା ପୁଲିସ ଜବତ କରି ଥାନା ପାର୍ଶ୍ୱକୁ ନେଇ ଆସିଥିଲେ । ବୈଶିଙ୍ଗା ଥାନାଧିକାରୀ ବାରିଣୀ ଦାସ ବୈଶିଙ୍ଗା ପ୍ରାଣୀଧନ ଚିକିତ୍ସକଙ୍କୁ ଡକାଇ ସମସ୍ତ ଗାଈ ଓ ବାଛୁରୀଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା । ସମସ୍ତ ଉଦ୍ଧାର ଗାଈ ବାଛୁରୀଙ୍କୁ ସୁରକ୍ଷିତ ଭାବେ ବାଲେଶ୍ୱର ଜିଲ୍ଲା ରେମୁଣା ସ୍ଥିତ ଗୋଶାଳାକୁ ସ୍ଥାନାନ୍ତର କରାଯାଇଥିଲା । ଏ ନେଇ ବୈଶିଙ୍ଗା ପୁଲିସ ଏକ ମାମଲା ରୁଜୁ କରି ଏହି ଚାଲାଣରେ ସମ୍ପୃକ୍ତ ଥିବା ବିହାର ରାଜ୍ୟର ମହମ୍ମଦ ପରଭେଜ, ଲାଲ ବାବୁ, ଅଖିଳେଶ ମାଝି, ଅବଧେଶ ମାଝିଙ୍କୁ ଗିରଫ କରିଥିବା ବେଳେ ବୁଧବାର ସ୍ୱାସ୍ଥ୍ୟ ପରୀକ୍ଷା ପରେ କୋର୍ଟ ଚାଲାଣ କରାଯାଇଛି ।

## ଚାର୍ଜ ବସିଥିବା ବେଳେ ଜଳିଗଲା ଇଭି ସହ ସାଧାରଣ ସ୍କୁଟି

ସୋର,(ସବ୍ୟୁ): ସୋର ପୌର ପାଳିକା ଅନ୍ତର୍ଗତ ବଡ଼ଖୁରୀ ଗ୍ରାମରେ ଚାର୍ଜ ବସାଇଥିବା ବେଳେ ବିଦ୍ୟୁତ ସର୍ଟ ସର୍କିଟରୁ ଏକ ଇଭି ସ୍କୁଟି ସମେତ ଦୁଇଟି ସ୍କୁଟି ସମ୍ପୂର୍ଣ୍ଣ ଜଳି ଯାଇଥିବା ଜଣାପଡ଼ିଛି । ବଡ଼ଖୁରୀ ଗ୍ରାମର ପ୍ରେମ କୁମାର ଦାସ ସୋର ଷ୍ଟେସନ ଛକ ସ୍ଥିତ ମା ଦୁର୍ଗା ଇଭି ଶୋରୁମ୍ ରୁ ନିଉଟନ ଇଭି ସ୍କୁଟି କିଣିଥିଲେ। ବୁଧବାର ସୋର ସମୟରେ ପ୍ରେମକୁମାର ଚାର୍ଜ କରିବା ପାଇଁ ଇଭି ସ୍କୁଟିରେ ଚାର୍ଜର ଲଗାଇବାର କିଛି ସମୟ ମଧ୍ୟରେ ସ୍କୁଟିରେ ନିଆଁ ଲାଗିଯାଇଥିଲା। ନିଆଁର ପ୍ରକୋପ ଏତେ ଥିଲା ଯେ ସଙ୍ଗେ ସଙ୍ଗେ ନିକଟରେ ଥିବା ଅନ୍ୟ ଏକ ଡୁପ୍ଲିକେଟ ସ୍କୁଟିରେ ନିଆଁ ଲାଗିଯାଇଥିଲା। ଚାହିଁ ଚାହିଁ ଉଭୟ ସ୍କୁଟି ଜଳି ପାଉଁଶ ହୋଇଯାଇଥିବା ବେଳେ ଘରେ ଲାଗିଥିବା ଟାଇଲସ ଫାଟିବା ସହିତ ଏକ ସିଲିଂ ଫ୍ୟାନ ମଧ୍ୟ ସମ୍ପୂର୍ଣ୍ଣ ଜଳି ପାଉଁଶ ହୋଇଯାଇଛି।ଏହି ସମୟରେ ପ୍ରେମ କୁମାର ନିଆଁକୁ ଆୟତ୍ତ କରିବାକୁ ଚେଷ୍ଟା କରୁଥିବା ବେଳେ ଟାଇଲସ ବାଜି ଆହତ ହୋଇଥିଲେ। କିଛି ଦିନ ପୂର୍ବରୁ ଉକ୍ତ ନିଉଟନ ଇଭି ସ୍କୁଟିର ଚାର୍ଜର ଖରାପ ହୋଇ ଯାଇଥିବା ବେଳେ ଶୋରୁମ ପକ୍ଷରୁ ତାଙ୍କୁ ଅନ୍ୟ ଏକ କମ୍ପାନୀର ଚାର୍ଜର ଯୋଗାଇ ଦିଆ ଯାଇଥିଲା। ଏହି ଅଘଟଣ ଘଟିଲା ବୋଲି ପ୍ରେମ କୁମାର କହିଛନ୍ତି। ଏ ବାବଦରେ ଶୋରୁମ ମାଲିକ ବିକ୍ରମ ବେହେରାଙ୍କ ସହ ଯୋଗାଯୋଗ କରାଯାଇଥିଲେ ସେ ଫୋନ ଉଠାଇ ନ ଥିଲେ।ତେଣୁ କମ୍ପାନୀ ତଥା ଶୋରୁମ ପକ୍ଷରୁ ତୁରନ୍ତ କ୍ଷତି ପୂରଣ ପ୍ରଦାନ କରିବାକୁ ପ୍ରେମ କୁମାର ଦାବି କରିଛନ୍ତି। ଏ ବାବଦରେ ପ୍ରେମ କୁମାର ସୋର ଥାନାରେ ଅଭିଯୋଗ କରିଥିବା ଜଣାପଡ଼ିଛି।

## ବିଏସଏଫ ଯବାନ ଭରତଙ୍କ ଶେଷକୃତ ସମ୍ପନ୍ନ

ଢେଙ୍କିକୋଟ , (ସବ୍ୟୁ): ବିଏସଏଫ ଯବାନ ଭରତଙ୍କ ଶେଷକୃତ ବୁଧବାର ଦିନ ସମ୍ପନ୍ନ ହୋଇଛି । କେନ୍ଦୁଝର ଜିଲ୍ଲା ଘଟଗାଁ ବ୍ଲକ ଅନ୍ତର୍ଗତ ଗୋପୀନାଥପୁର ଗ୍ରାମର ସର୍ଗତ କରଜାଣ ମୁଣ୍ଡାଙ୍କ ପୁତ୍ର ଭରତ ଚନ୍ଦ୍ର ମୁଣ୍ଡା ଚଣ୍ଡିଗଡ଼ ଠାରେ ବିଏସଏଫରେ କାର୍ଯ୍ୟରତ ଥିଲେ । କିଛିଦିନ ହେବ ତାଙ୍କର ଦେହ ଭିଷଣ ଖରାପ ହୋଇଥିଲା । ସେଠାରେ ସେ ଚିକିତ୍ସିତ ହେଉଥିଲେ । ତେବେ ସେଠାରେ ମଙ୍ଗଳବାର ଦିନ ତାଙ୍କର ମୃତ୍ୟୁ ହୋଇଥିଲା । ବୁଧବାର ଦିନ ଭୁବନେଶ୍ୱର ମରଶରୀର ନିଜ ଜନ୍ମ ମାଟିରେ ପହଂଚିଥିଲା ପରେ ଗାଁ ମଶାଣି ରେ ତାଙ୍କୁ ଦିଆଯାଇ ଶେଷ ବିଦାୟ । ହଜାର ହଜାର ଲୋକଙ୍କ ଗହଳି ଭିତରେ ବିଧବା ପତ୍ନୀ ଓ ବର୍ଷିକ ଶିଶୁ ପୁତ୍ରକୁ ଛାଡି ସେ ପଞ୍ଚଭୂତରେ ଲୀନ ହୋଇଗଲେ । ଦେଶ ମାତୃକାକୁ ସୁରକ୍ଷା ପ୍ରଦାନ କରୁଥିବା ବୀର ଜବାନଙ୍କୁ ଶେଷ ସମ୍ମାନ ଓ ଶେଷ ଦର୍ଶନ କରିବାକୁ ଲୋକମାନଙ୍କ ଭିଡ ଜମିଥିଲା । ଘରେ ବର୍ତ୍ତମାନ ବିଧବା ମା ଓ ବିଧବା ପତ୍ନୀ ଅଛନ୍ତି ।

## ବନ୍ୟା ବିପନ୍ନଙ୍କୁ ବିଏମ୍ ଚାରିଟେବଲ୍ ଟ୍ରଷ୍ଟର ସହାୟତା

ଭଦ୍ରକ,(ସବ୍ୟୁ):ସମ୍ପ୍ରତି ପ୍ରବଳ ବର୍ଷା ଓ ବନ୍ୟା ଯୋଗୁଁ ଭଦ୍ରକ ଜିଲ୍ଲାର ବିଭିନ୍ନ ଅଂଚଳର ଅନେକ ପରିବାର ପ୍ରଭାବିତ ହୋଇଛନ୍ତି। ଏଭଳି ଦୁର୍ଦ୍ଦିନ ସମୟରେ ବନ୍ୟା ବିପନ୍ନଙ୍କ ପାଖରେ ସହାୟତାର ହାତ ବଢ଼ାଇଛି ବିଏମ୍ ଚାରିଟେବଲ୍ ଟ୍ରଷ୍ଟ ପକ୍ଷରୁ ପ୍ରଥମେ ବିଷ୍ଣୁପୁର ଅଂଚଳରେ ରିଲିଫ୍ ସାମଗ୍ରୀ ବଣ୍ଟନ କରାଯାଇଥିଲା। ସେଠାରେ ପ୍ରାୟ ୨୦୦ଜଣ ବନ୍ୟା ପ୍ରପୀଡ଼ିତଙ୍କୁ ସପ,ତକିଆ ଓ ପାଲ ଏବଂ ଚୁଡ଼ା,ଚିନି ଓ ବିସ୍କୁଟ ଭଳି ଆବଶ୍ୟକୀୟ ଶୁଖିଲା ସାମଗ୍ରୀ ପ୍ରଦାନ କରାଯାଇଛି । ଏହା ପରେ ଟ୍ରଷ୍ଟ ପକ୍ଷରୁ ନୟାନଗର ଓ ଧନାଟୋଲା ଅଂଚଳରେ ମଧ ବନ୍ୟା ପ୍ରପୀଡ଼ିତ ପରିବାରମାନଙ୍କୁ ରିଲିଫ୍ ସାମଗ୍ରୀ ବଣ୍ଟନ କରାଯାଇଥିଲା। ବିପଦ ସମୟରେ ଅସହାୟ ଲୋକମାନଙ୍କ ପାଖରେ ପହଂଚି ସେମାନଙ୍କୁ ଆବଶ୍ୟକୀୟ ସାମଗ୍ରୀ ଯୋଗାଇ ଦେବାର ଏହି ପ୍ରୟାସକୁ ସ୍ଥାନୀୟ ଲୋକମାନେ ପ୍ରଶଂସା କରିଛନ୍ତି। ଏହି ମହତ୍ କାର୍ଯ୍ୟରେ ବିଏମ୍ ପବ୍ଲିକ୍ ସ୍କୁଲର ଅଧକ୍ଷ ଶେଖ ଅଜିଜୁଲ୍ଲାଙ୍କ ନେତୃତ୍ୱ ଓ ପ୍ରେରଣାରେ ବିଦ୍ୟାଳୟର ଶିକ୍ଷକ-ଶିକ୍ଷୟିତ୍ରୀମାନେ ୨/୩ ଫୁଟ ପାଣି ଭିତରେ ପଶି ବିପନ୍ନଙ୍କୁ ସହଯୋଗ କରିଥିଲେ। ଏବେବି ଅନେକ ଘର ପାଣି ଘେରରେ ଅଛନ୍ତି। ଏଥିରେ ଶବାନା କାଦରୀ,ଜିନତ୍ ୟାସ୍ମିନ,ବିପ୍ଲବ ବିଶ୍ୱାସ,ଖାଲେଦା ଖାତୁନ,ଗୁଲଅପସା କାଦରୀ,ଆଫ୍ରିନ୍ କାଦରୀ,ୱାହିଦା କାଦରୀ,ରୁକ୍ସାନା ଖାତୁନ,ସୁମିତ୍ରା ବେହେରା,ଖୁସନୁମା ପର୍ବୀନ,ଗଜାଲା ପର୍ବୀନ,ଶବାବ୍ କାଦରୀ,ମୁସ୍କାନ୍ କାଦରୀ,ରୋହିଣୀ ଖାତୁନ ଓ ନେୟମତ୍ ପର୍ବୀନ ସକ୍ରିୟ ସହଯୋଗ ରହିଥିଲା। ଟ୍ରଷ୍ଟ ପକ୍ଷରୁ କୁହାଯାଇଛି ଯେ,ମାନବ ସେବା ହିଁ ସର୍ବୋତ୍ତମ ସେବା। ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଅସହାୟ ଓ ଆବଶ୍ୟକତା ଥିବା ପରିବାରମାନଙ୍କ ପାଖରେ ଠିଆ ହୋଇ ସହାୟତା ପହଂଚାଇବା ଟ୍ରଷ୍ଟର ପ୍ରମୁଖ ଲକ୍ଷ୍ୟ।

## ଆଞ୍ଚଳିକ ମହାବିଦ୍ୟାଳୟରେ ଦେଶାତ୍ମକବୋଧ ସଙ୍ଗୀତ ପ୍ରତିଯୋଗିତା

ଢେଙ୍କିକୋଟ ,(ସବ୍ୟୁ): ସାମପାଟଣା ଆଞ୍ଚଳିକ ମହାବିଦ୍ୟାଳୟରେ ମଙ୍ଗଳବାର ଦିନ ଦେଶାତ୍ମବୋଧକ ସଙ୍ଗୀତ ପ୍ରତିଯୋଗିତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବ୍ଲକସ୍ତରୀୟ ଏହି ସଙ୍ଗୀତ ପ୍ରତିଯୋଗିତା ରେ ଅନ୍ୟୁନ ୧୦ ଟି ବିଦ୍ୟାଳୟରୁ ୫୦ ରୁ ଅଧିକ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ । ସବ ଜୁନିଅର, ଜୁନିଅର ଓ ସିନିୟର ଭାବେ ତିନୋଟି ବିଭାଗର ମୋଟ ୯ ଜଣଙ୍କୁ ଚୟନ କରାଯାଇଛି । ଉକ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ଗଜେନ୍ଦ୍ର କୁମାର ପତି ।କାର୍ଯକ୍ରମରେ ପ୍ରତିଯୋଗୀମାନଙ୍କୁ ଉତ୍ସାହିତ କରିଥିଲେ ବରିଷ୍ଠ ସାମ୍ବାଦିକ ସଞ୍ଜୟ କୁମାର ସାହୁ । ନିରୀକ୍ଷଣ କରିଥିଲେ ମହାବିଦ୍ୟାଳୟ କ୍ୟାପଟେନ ଧର୍ମେନ୍ଦ୍ର କୁମାର ସାହୁ । ବିଚାରକ ଭାବେ ଓ ମୂଲ୍ୟାଙ୍କନ ର ଦାଇ୍ ନେଇଥିଲେ ଉକ୍ତ ମହାବିଦ୍ୟାଳୟର ଶୋଭଶ୍ରୀ ଷଡଙ୍ଗୀ, ଦେବସ୍ମୀତା ପଲେଇ ଓ ମନ୍ଦାକିନୀ ନାଏକ । ତେବେ ଅଂଶଗ୍ରହଣ କରିଥିବା ଛାତ୍ରଛାତ୍ରୀ ମାନଙ୍କ ମଧ୍ୟରେ ଉତ୍ସାହ ଦେଖିବାକୁ ମିଳିଥିଲା । ସମସ୍ତେ ସୁନ୍ଦର ଦେଶାତ୍ମକ ସଂଗୀତ ଗାନକରି ସଭିଙ୍କୁ ବିମୋହିତ କରିଥିଲେ ।

## ତ୍ରିରଙ୍ଗା ଶୋଭାଯାତ୍ରା

ଠାକୁରମୁଣ୍ଡା ,(ସବ୍ୟୁ): ଠାକୁରମୁଣ୍ଡା ବଜାରରେ ମଙ୍ଗଳବାର ଦିନ ତ୍ରିରଙ୍ଗା ଶୋଭାଯାତ୍ରା ଅନୁଷ୍ଠିତ ହୋଇଯାଇଛି । ଶହ ଶହ ସଂଖ୍ୟାରେ ଛାତ୍ର ଛାତ୍ରୀ, ସରକାରୀ କର୍ମଚାରୀ, ସାଧାରଣ ଜନତା, ଭାରତୀୟ ଜନତା ପାର୍ଟି କର୍ମକର୍ତ୍ତା। ଯୋଗଦେଇ ଡ଼ାକ ବଙ୍ଗଳାରୁ ଶୋଭାଯାତ୍ରାରେ ବାହାରି ବାସୁଳୀ ମନ୍ଦିର ଦେଇ ବଜାର ପରିକ୍ରମା କରିଥିଲେ । ଅଗଷ୍ଟ ୧୭ ତାରିଖ ପର୍ଯ୍ୟନ୍ତ ଏହା ଚାଲୁ ରହିବ ବୋଲି ଜଣାପଡିଛି । ଶୋଭାଯାତ୍ରାରେ ବିଡ଼ିଓ ସପ୍ନେଶର ବେହେରା, ଥାନା ଆଇଆଇସି ଶରତ ମହାଳିକ, ରେଞ୍ଜ ଅଧିକାରୀ ଉମାକାନ୍ତ ବେହେରା, ଭୈରବ ବାବା, ଭାଜପା ଜିଲ୍ଲା ଉପସଭାପତି ବିମଳ ସେନାପତି, ସମାଜସେବା ବସନ୍ତ କୁମାର ପଇବର୍ତ୍ତୀ, ଭାଜପା କର୍ମକର୍ତ୍ତା,ଶିକ୍ଷକ, ଶିକ୍ଷୟତ୍ରୀ ସମେତ ଛାତ୍ର ଛାତ୍ରୀ ସାମିଲ ହୋଇଥିଲେ ।

## ବିଶେଶ୍ୱର ପାହାଡ଼ରେ ଉଡ଼ିଲା ତ୍ରିରଙ୍ଗା

ନୀଳଗିରି, (ସବ୍ୟୁ): ନୀଳଗିରି ନିର୍ବାଚନ ମଣ୍ଡଳୀର କାଣ୍ଡଗରଡ଼ି ପଂଚାୟତର ଥିବା ବିଶେଶ୍ୱର ପାହାଡ଼ରେ ବାଲେଶ୍ୱର ବିଜେପି ଯୁବମୋର୍ଚ୍ଚା ପକ୍ଷରୁ ତ୍ରିରଙ୍ଗା ପତାକାରେ ବେଶ୍ ଚିତାକର୍ଷକ ହୋଇଛି। ବାରାକୋଇଲି ଛକ ଠାରୁ ଏକ ବିଶାଳ ବାଇକ୍ ରାଲି ବାହାରି ବିଶେଶ୍ୱର ମହାଦେବ ମନ୍ଦିର ଠାରେ ଶେଷ ହୋଇଥଲା। ପରେ ନିକଟରେ ଥିବା ବିଶେଶ୍ୱର ପାହାଡ଼ରେ ୫୦ଫୁଟ୍ ଲମ୍ବର ତ୍ରିରଙ୍ଗା ପତାକା ଲଗାଇଥିଲେ। ଉପସ୍ଥିତ ବିଜେପି ଯୁବମୋର୍ଚ୍ଚାର ସଦସ୍ୟ ମାନେ ହାତରେ ତ୍ରିରଙ୍ଗା ପତାକା ଧରି ପାହାଡ଼ ଉପରକୁ ଚଢ଼ିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ବିଜେପି ସଭାପତି ଈଶ୍ୱର ଚନ୍ଦ୍ର ବେହେରା, ସାଂସଦଙ୍କ ବ୍ୟକ୍ତିଗତ ସହାୟକ ଚନ୍ଦ୍ରବିନ୍ଦୁ ଦାସ, ଜିଲ୍ଲା ଯୁବମୋର୍ଚ୍ଚା ସଭାପତି ନାରାୟଣ ମହନ୍ତ, ରାଜ୍ୟ ଯୁବମୋର୍ଚ୍ଚା କାର୍ଯ୍ୟକାରିଣୀ ସଦସ୍ୟ ଦେବାଶିଷ ଆଚାର୍ଯ୍ୟ, ଜିଲ୍ଲା ପରିଷଦ ସଭ୍ୟା ଉଷାରାଣୀ ରାଉଳ, ବିଜେପିର ଜିଲ୍ଲା ସାଧାରଣ ସଂପାଦକ ଚନ୍ଦ୍ରଶେଖର ନନ୍ଦଙ୍କ ସମେତ ବିଜୟ ସାହୁ, ବଳରାମ ବିଶ୍ୱାଳ, ସରପଞ୍ଚ ରାଜେନ୍ଦ୍ର ରାଉତ, ଅନନ୍ତ ଗିରି, ସମର ଶଙ୍କର କାନୁନଗୋ, ରଞ୍ଜିତ୍ ପଣ୍ଡିତ୍, ଜୟ ଚନ୍ଦ୍ର ଲେଙ୍କା ସମେତ ଶତାଧିକ ଯୁବମୋର୍ଚ୍ଚାର ସଦସ୍ୟ ସାମିଲ୍ ଥିଲେ।

## ଲଗାଣ ବର୍ଷା ପରେ ହାତୀ ଆତଙ୍କ : ଚାଷଜମି ନଷ୍ଟ

ବାଲେଶ୍ୱର,(ସବ୍ୟୁ): ଲଘୁଚାପଜନିତ ଲଗାଣ ବର୍ଷାରେ ଚାଷଜମିରେ ପାଣି ପଶି ଫସଲ ନଷ୍ଟ ହୋଇଥିବା ବେଳେ ବଞ୍ଚିଥିବା ଫସଲକୁ ଏବେ ହାତୀପଲ ଦଳିଚକଟି ନଷ୍ଟ କରିଦେଉଛନ୍ତି । ବାଲେଶ୍ୱର ଜିଲ୍ଲା ଓଡ଼ିଶା ବନ ବିଭାଗ ଅଧୀନ ଅଶିରାପଦା ବିଟ୍‌ର ଆଗୁଆନସାହି ଗ୍ରାମରେ ଏଭଳି ଘଟଣା ଘଟିଛି। ଗ୍ରାମର ନିଶାକର ବଡ଼ପାଟ ନିଜ ଜମିରେ ଧାନଚାଷ ପାଇଁ ତଳି ପକାଇଥିବା ବେଳେ ହାତୀପଲ ଆସି ତଳି ଖାଇବା ସହ ଦଳିଚକଟି ନଷ୍ଟ କରିଦେଇଛନ୍ତି। ସେହିପରି ଗ୍ରାମବାସୀ ଗୋବର୍ଦ୍ଧନ ପାତ୍ରଙ୍କ ଜମିରେ ଥିବା ଧାନତଳିକୁ ମଧ୍ୟ ହାତୀପଲ ନଷ୍ଟ କରିଛନ୍ତି । ଏଥିସହ ରୁଆପୋତା ହୋଇଥିବା ଧାନଜମିକୁ ଦଳିଚକଟି ଦେଇଥିବା ଜଣାପଡ଼ିଛି । ଗୋଟିଏ ପଟେ ଲଗାଣ ବର୍ଷା ଚାଷୀଙ୍କ ଫସଲ ନଷ୍ଟ କରିଥିବା ବେଳେ ଅନ୍ୟପଟେ ହାତୀପଲଙ୍କ ଉପଦ୍ରବ ସେମାନଙ୍କ ଦୁର୍ଦ୍ଦଶାକୁ ବଢ଼ାଇ ଦେଇଛି। ମାସ ମାସ ଧରି ପରିଶ୍ରମ କରି ଚାଷ କରିଥିବା ଫସଲ ନଷ୍ଟ ହେବାରୁ ଚାଷୀମାନେ ଏବେ ଚିନ୍ତାରେ ପଡ଼ିଛନ୍ତି। ଚାଷ ନଷ୍ଟ ହେବା ପରେ ଆଗକୁ କିପରି ଚାଷ କରିବେ, ସେନେଇ ମଧ ସେମାନେ ଚିନ୍ତିତ ଅଛନ୍ତି । ଚାଷୀମାନେ କ୍ଷୟକ୍ଷତିର ତୁରନ୍ତ ଆକଳନ କରି ହାତୀ ଉପଦ୍ରବଜନିତ କ୍ଷତି ପାଇଁ ଉଚିତ କ୍ଷତିପୂରଣ ଦେବାକୁ ଦାବି କରିଛନ୍ତି। ଏଥିସହ ହାତୀପଲଙ୍କ ଉପଦ୍ରବ ନିୟନ୍ତ୍ରଣ କରି ଚାଷୀଙ୍କ ଫସଲ ଓ ଜୀବିକା ସୁରକ୍ଷିତ କରିବାକୁ ମଧ ସେମାନେ ବନ ବିଭାଗ ନିକଟରେ ଦାବି ଜଣାଇଛନ୍ତି।

## ପିଉସୀଙ୍କ ଅନ୍ତିମ ସତ୍କାରକୁ ଯାଇ ଶବ ହୋଇଗଲେ ପୁତୁରା

ସୋର,(ସବ୍ୟୁ): ପୀଉସୀଙ୍କ ଅନ୍ତମ ସତ୍କାର ପାାଇଁ ସ୍ୱର୍ଗଦ୍ୱାର ନେବା ବାଟରେ ସ୍ୱର୍ଗ ରଥ ଓଲଟି ଶବ ହୋଇଗଲେ ପୁତୁରା। ଏମିତି ଏକ ଅଘଟଣ ଘଟିଛି ସୋର ଅଞ୍ଚଳରେ। ସୂଚନା ଅନୁସାରେ ସୋର ବ୍ଲକ ଶରଶଙ୍କ ଗ୍ରାମର ସ୍ୱର୍ଗତ ବୈରାଗୀ ଚରଣ ବେହେରାଙ୍କ ସ୍ତ୍ରୀ ପ୍ରୀତିଲତା ବେହେରାଙ୍କର ବାର୍ଦ୍ଧକ୍ୟ ଜନିତ ରୋଗରେ ପୀଡ଼ିତ ହୋଇ ସୋମବାର ରାତିରେ ମୃତ୍ୟୁ ବରଣ କରିଥିଲେ। ମଙ୍ଗବାର ସନ୍ଧ୍ୟାରେ ଅନ୍ତିମ ସତ୍କାର ପାଇଁ ପରିବାର ଲୋକେ ପ୍ରୀତିଲତାଙ୍କ ଶବକୁ ସ୍ୱର୍ଗରଥରେ ପୁରୀ ସ୍ୱର୍ଗଦ୍ୱାରକୁ ନେଇ ଯାଉଥିବା ବେଳେ ଭଦ୍ରକ ଭଣ୍ଡାରୀପୋଖରୀ ନିକଟସ୍ଥ ଏଚପି ପେଟ୍ରୋଲ ପମ୍ପ ଠାରେ ଭାରସାମ୍ୟ ହରାଇବା ଫଳରେ ସ୍ୱର୍ଗରଥଟି ନୟନଜୋରୀକୁ ଖସି ଏକ ବିଦ୍ୟୁତ ଖୁଣ୍ଟକୁ ଧକ୍କା ଦେଇଥିଲା।

## ଅଟୋକୁ ଧକ୍କା ଦେଇ ସ୍କୁଟି ଚାଳକ ମୃତ

ଆଗରପଡ଼ା,(ସବ୍ୟୁ): ଅଟୋକୁ ଧକ୍କା ଦେଇ ଜଣେ ସ୍କୁଟି ଚାଳକଙ୍କ ମୃତ୍ୟୁ ଘଟିଛି । ଆଗରପଡ଼ା ଥାନା ଅନ୍ତର୍ଗତ କୁଆଁରନ୍ଦା ଗ୍ରାମର ସୁନୀଲ ଦାସଙ୍କ ପୁଅ ସମୀର(୩୦) ଓଲା ସ୍କୁଟି ନେଇ ଘରୁ ଭଦ୍ରକ ଆଡ଼କୁ ଯାଉଥିଲେ। ଶେଉଳଗଡ଼ିଆ-କାଦବରାଙ୍ଗ ରାସ୍ତାରେ ସମ୍ମୁଖ ଭାଗରୁ ଦ୍ରୁତ ବେଗରେ ଏକ ଗାଡ଼ି ମାଡ଼ି ଆସିବାରୁ ଭାରସାମ୍ୟହରାଇ ସମୀର ଆଗରେ ଯାଉଥିବା ଏକ ଡାଲା ଅଟୋକୁ ପଛରୁ ପିଟିଥିଲେ । ଯଦ୍ଦ୍ୱାରା କିଛି ଦୂରକୁ ଛିଟିକି ପଡ଼ି ଲହୁଲୁହାଣ ସେ ହୋଇଥିଲେ। ତୁରନ୍ତ ତାଙ୍କୁ ଚିକିତ୍ସା ପାଇଁ ଆଗରପଡ଼ା ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଥିଲା। ସେଠାରେ ଅବସ୍ଥା ଉଦବେଗଜନକ ହେବାରୁ ଭଦ୍ରକ ଜିଲ୍ଲା ମୁଖ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଡାଲା ଅଟୋ ଓ ଦୁର୍ଘଟଣାଗ୍ରସ୍ତ ସ୍କୁଟିକୁ ଜବତ କରି ପୋଲିସ ତଦନ୍ତ ଜାରି ରଖିଛି। ତାଙ୍କ ଅକାଳ ମୃତ୍ୟୁରେ ସ୍ଥାନୀୟ ଅଂଚଳରେ ଶୋକର ଛାୟା ଖେଳିଯାଇଛି। ଆଡ଼ିଆ ସରପଞ୍ଚ ମୀନା କୁମାରୀ ଜେନା,ପ୍ରାକ୍ତନ ସରପଞ୍ଚ ବିଜୟ ଜେନା ପ୍ରମୁଖ ସମୀରଙ୍କ ମୃତ୍ୟୁରେ ଗଭୀର ଶୋକ ପ୍ରକାଶ କରିଛନ୍ତି।

## ଗୋଚର ଜମିରେ ହଳ କରିବାକୁ ବିରୋଧ : ବ୍ଲେଡ଼ ମାଡ଼ରେ ୫ ଆହତ

ଆଗରପଡ଼ା,(ସବ୍ୟୁ): :ଆଗରପଡ଼ା ଥାନା ଅନ୍ତର୍ଗତ ଆପ୍ତିରାଷଡ଼ଙ୍ଗି ଗ୍ରାମରେ ଗୋଚର ଜମିରେ ହଳ କରିବାକୁ ବିରୋଧ କରିବାରୁ ବ୍ଲେଡ଼ ମାଡ଼ ଯୋଗୁଁ ୫ ଜଣ ଗୁରୁତର ଭାବେ ଆହତ ହୋଇ ଭଦ୍ରକ ଜିଲ୍ଲା ମୁଖ୍ୟ ଡାକ୍ତରଖାନାରେ ଚିକିତ୍ସାଧୀନ ଥିବାର ଜଣାପଡ଼ିଛି। ଆପ୍ତିରାଷଡଙ୍ଗି ଗ୍ରାମର ବିବେକାନନ୍ଦ ଧଳଙ୍କ ସ୍ତ୍ରୀ ତିଲୋତ୍ତମା ଥାନାରେ କରିଥିବା ଅଭିଯୋଗ ଅନୁଯାୟୀ,ସେହି ଗ୍ରାମର ଜନୈକ ବ୍ୟକ୍ତି ଟ୍ରାକ୍ଟର ଯୋଗେଁ ଏକ ସରକାରୀ ଗୋଚର ଜମିକୁ ଜବରଦଖଲ କରି ହଳ କରୁଥିଲେ। ତିଲୋତ୍ତମାଙ୍କ ପରିବାର ଏହି ଜମି ଦେଇ ନିଜ ଜମିକୁ ଯାଆଆସ କରିଥାନ୍ତି। ତେଣୁ ସେ ଏହାକୁ ବିରୋଧ କରିବାରୁ ହଳ କରୁଥିବା ବ୍ୟକ୍ତି ଓ ତାଙ୍କର କିଛି ସହଯୋଗୀ ତିଲୋତ୍ତମାଙ୍କ ସମେତ ସେଠାରେ ଉପସ୍ଥିତ ଥିବା ଅନ୍ୟ ୪ଜଣଙ୍କୁ ସେମାନେ ବ୍ଲେଡ଼ରେ ଆକ୍ରମଣ କରିଥିଲେ ବୋଲି ଅଭିଯୋଗ ହୋଇଛି। ଗୁରୁତର ମାନଙ୍କର ଶରୀରରେ ବିଭିନ୍ନ ସ୍ଥାନରେ କ୍ଷତବିକ୍ଷତ ସୃଷ୍ଟି ହୋଇଥିବାର ଜଣାପଡ଼ିଛି। ଏହି ସଂପର୍କରେ ପୋଲିସ ତଦନ୍ତ ଜାରି ରଖିଛି।

## ବିଜେପିର ତ୍ରିରଙ୍ଗା ଶୋଭାଯାତ୍ରା

ଦୋବଲ,(ସବ୍ୟୁ):ସ୍ୱାଧୀନତା ଦିବସ ପୂର୍ବରୁ ଦେଶପ୍ରେମ ଓ ଜାତୀୟ ଏକତାର ବାର୍ତ୍ତା ପ୍ରଚାର ଉଦ୍ଦେଶ୍ୟରେ ବିଜେପି ପକ୍ଷରୁ ଏକ ବିଶାଳ ତ୍ରିରଙ୍ଗା ଶୋଭାଯାତ୍ରା ବୁଧବାର ଅପରାହ୍ନରେ ଅନୁଷ୍ଠିତ ହୋଇଛି। ମୁକୁନ୍ଦଦେବ ମଣ୍ଡଳ ଓ ସହରୀ ମଣ୍ଡଳ ପକ୍ଷରୁ ଅନୁଷ୍ଠିତ ଏହି ଶୋଭାଯାତ୍ରାରେ ବହୁ ସଂଖ୍ୟକ ଛାତ୍ରଛାତ୍ରୀ,ଯୁବକ,ମହିଳା ଓ ବିଭିନ୍ନ ସାମାଜିକ ସଂଗଠନର ସଦସ୍ୟମାନେ ହାତରେ ତ୍ରିରଙ୍ଗା ପତାକା ଧରି ଅଂଶଗ୍ରହଣ କରିଥିଲେ। ଧାମନଗର ବ୍ଲକ ସ୍ଥିତ କଲ୍ୟାଣ ମଣ୍ଡପ ଠାରୁ ଆରମ୍ଭ ହୋଇ ଦୋବଲ ବଜାର,ଖଡ଼ିପଦା ଅଂଚଳ ଦେଇ ଆନନ୍ଦପୁର ଉତ୍ତରବାହିନୀ ଘାଟ ପର୍ଯ୍ୟନ୍ତ ବିଶାଳ ମୋଟର ସାଇକେଲ ଯାତ୍ରା କରି ପହଂଚିଥିଲେ। ତ୍ରିରଙ୍ଗା ଶୋଭାଯାତ୍ରା ସମୟରେ 'ଭାରତ ମାତା କି ଜୟ','ବନ୍ଦେ ମାତରମ୍' ଏବଂ 'ଜୟ ହିନ୍ଦ' ଭଳି ଦେଶାତ୍ମବୋଧକ ସ୍ଲୋଗାନରେ ପରିବେଶ ମୁଖରିତ ହୋଇଉଠିଥିଲା। ଅଂଶଗ୍ରହଣକାରୀମାନେ ଦେଶର ଏକତା,ଅଖଣ୍ଡତା ଓ ଜାତୀୟ ପତାକା ପ୍ରତି ସମ୍ମାନ ପ୍ରଦର୍ଶନ କରିଥିଲେ। ଶୋଭାଯାତ୍ରା ଶେଷରେ ଆୟୋଜକମାନେ ସମସ୍ତଙ୍କୁ ଦେଶପ୍ରେମ,ସାମାଜିକ ସଦ୍ଭାବ ଏବଂ ଜାତୀୟ ଐକ୍ୟ ରକ୍ଷା ପାଇଁ ସଦା ସଚେତନ ରହିବାକୁ ଆହ୍ୱାନ ଜଣାଇଥିଲେ। ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ନଗର ପ୍ରତିନିଧି କୈଳାସ ଚନ୍ଦ୍ର ମହାପାତ୍ର,ସାଂସଦଙ୍କ ନଗର ପ୍ରତିନିଧି ସରୋଜ କୁମାର ମହାପାତ୍ର,ମକୁନ୍ଦଦେବ ମଣ୍ଡଳ ସଭାପତି ପ୍ରମୋଦ କୁମାର ସୂତାର,ବରିଷ୍ଠ ଭାଜପା ନେତା ଅରବିନ୍ଦ ପତି,ରଣଜିତ୍ ମହାନ୍ତି,ନାରାୟଣ ସାହାଣୀ,ଲକ୍ଷ୍ମୀଧର ପାଣିଗ୍ରାହୀ,ରାଜୀବ ମାଝି ପ୍ରମୁଖ ଶତାଧିକ କର୍ମୀ ଏହି ଶୋଭାଯାତ୍ରାରେ ସାମିଲ ହୋଇଥିଲେ।

## ୫ ହଜାର ଲାଞ୍ଚ ନେଇ ଭିଜିଲାନ୍ସ ହାତରେ ଆର୍‌ଆଇ



ବାଲେଶ୍ୱର /ଖଇରା / ସୋର,(ସବ୍ୟୁ): ବାଲେଶ୍ୱର ଜିଲ୍ଲା ଖଇରା ତହସିଲ ଅଧିନ ତୁଡ଼ିଗଡ଼ିଆ ରାଜସ୍ୱ ନିରୀକ୍ଷକ ଶରତ କୁମାର ସେଠୀ ଏକ ମ୍ୟୁଟେସନ ମାମଲାରେ ୫ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ଦୁର୍ନୀତି ନିବାରଣ ବିଭାଗ ହାତରେ ଧରାପଡ଼ିଛନ୍ତି । ଘଟଣାରୁ ପ୍ରକାର ଆରଆଇ ଶ୍ରୀ ସେଠୀ ଏକ ମ୍ୟୁଟେସନ ମାମଲାରେ ଅନୁକୂଳ କ୍ଷେତ୍ର ତଦନ୍ତ ରିପୋର୍ଟ ଦାଖଲ କରିବା ପାଇଁ ଏବଂ ଜେଜେବାପାଙ୍କ ସପକ୍ଷରେ ଥିବା ଜମିପଟ୍ଟାକୁ କାର୍ଯ୍ୟକାରୀ କରିବା ପାଇଁ ଜଣେ ଆବେଦନକାରୀଙ୍କ ଠାରୁ ୫ହଜାର ଟଙ୍କା ଲାଞ୍ଚ ନେଉଥିବା ବେଳେ ସେଠାରେ ପୂର୍ବରୁ ଲୁଚି ରହିଥିବା ଭିଜିଲାନ୍ସ ବିଭାଗ କର୍ମଚାରୀମାନେ ଲାଞ୍ଚ ନେଉଥିବା ଟଙ୍କା ଜବଦ କରିବା ସହ ଆର୍‌ଆଇ ଶ୍ରୀ ସେଠୀଙ୍କୁ କାବୁ କରି ନେଇଥିଲେ । ଏ ବାବଦରେ ଭିଜିଲାନ୍ସ ବିଭାଗ ପକ୍ଷରୁ ଗତ ମାମଲା ରଜୁ କରାଯିବା ସହ ଘଟଣାର ତଦନ୍ତ ଜାରି ରହିଛି । ଭିଜିଲାନ୍ସ ବିଭାଗ ପକ୍ଷରୁ ତୁଡ଼ିଗଡ଼ିଆ ଆର୍‌ଆଇଙ୍କ କାର୍ଯ୍ୟାଳୟ ସମେତ ତାଙ୍କ ବାସଭବନ ଉପରେ ଚଢାଉ କରାଯାଇଥିବା ଖବର ମିଳିଛି ।

## ସୀମାନ୍ତ ସମୁଦ୍ରରେ ଇଲିଶି : ମତ୍ସ୍ୟଜୀବୀଙ୍କ ମଧ୍ୟରେ ଆନନ୍ଦ

ବାଲେଶ୍ୱର, (ସବ୍ୟୁ): ବାଲେଶ୍ୱର ସୀମାନ୍ତ ଭୋଗରାଇର କାର୍ଷନିଆ, ତାଳସାରୀ ଓ ଉଦୟପୁର ସମେତ ପଶ୍ଚିମବଙ୍ଗର ଦୀଘା ସମୁଦ୍ରରେ ମତ୍ସ୍ୟଜୀବୀଙ୍କ ଜାଲରେ କ୍ୱିଣ୍ଟାଲ୍ କ୍ୱିଣ୍ଟାଲ ଇଲିଶି ମାଛ ଧରାପଡ଼ିଛି। ବିପୁଳ ପରିମାଣର ଇଲିଶି ମିଳିବା ପରେ ମତ୍ସ୍ୟଜୀବୀଙ୍କ ମଧ୍ୟରେ ଖୁସିର ଲହରି ଖେଳିଯାଇଛି। ମାଛ ଦେଖିବା ପାଇଁ ମୁହାଣ ନିକଟରେ ଲୋକଙ୍କ ପ୍ରବଳ ଭିଡ଼ ମଧ ଜମୁଛି। ବର୍ତ୍ତମାନ ବଜାରରେ ଇଲିଶିର ଆକାର ଅନୁଯାୟୀ କିଲୋଗ୍ରାମ୍ ପ୍ରତି ୬୦୦ରୁ ୧୮୦୦ ଟଙ୍କା ଦର ରହିଛି। ବର୍ଷା ଯୋଗୁଁ ସମୁଦ୍ରରେ ମଧୁର ଜଳର ପରିମାଣ ବଢ଼ିବାରୁ ଏତେ ପରିମାଣର ଇଲିଶି ଜାଲରେ ପଡ଼ିଥିବା ମତ୍ସ୍ୟଜୀବୀମାନେ କହିଛନ୍ତି । ସାଧାରଣତଃ ସମୁଦ୍ରରେ ମଧୁର ଜଳ ମିଶିଲେ ଇଲିଶି ମାଛମାନେ କୂଳଆଡ଼କୁ ଆସିଥାଆନ୍ତି।

## ବିଭିନ୍ନ ଅଞ୍ଚଳରୁ ଚୋରି

ଭଣ୍ଡାରିପୋଖରୀ, (ସବ୍ୟୁ) : ଭଣ୍ଡାରିପୋଖରୀ ବଜାର ଓ ପଚ୍ଚାପୋଲ ବଜାରରୁ ଗତ ସୋମବାର ରାତ୍ରରେ ଚୋରି ହୋଇଛି। ବଜାର ମଧ୍ୟଦେଇ ଯାଇଥିବା ୧୬ନଂ ଜାତୀୟ ରାଜପଥ ବାଇପାସ ରୋଡରେ ଥିବା କୃପାସିନ୍ଧୁ ନାୟକଙ୍କ ଭେରାଇଟି ଷ୍ଟୋର ଓ ପ୍ରାଣବନ୍ଧୁ ନାୟକଙ୍କ ସାଇ ହୋଟେଲ ସମ୍ମୁଖ ଦରଜା ତାଲା କାଟି ଚୋରମାନେ ୪ଟା ଗ୍ୟାସ ଟାଙ୍କି, ହାଣ୍ଡି, କଡା ଆଦି ରୋଷେଇ ସରଞ୍ଜାମ, ଓ ଭେରାଇଟି ଷ୍ଟୋରରେ ଥିବା ୫ ପେଟି ବିସ୍କୁଟ, ୧୦ ପେଟି ମିକ୍ସଚର, ୩ପେଟି ସାବୁନ, ନଡିଆ ତେଲ ୫୦ ବୋତଲ ଆଦି ଲକ୍ଷାଧିକ ଟଙ୍କା ମୂଲ୍ୟର ସାମଗ୍ରୀ ଚୋରି ହୋଇଛି। ମଙ୍ଗଳବାର ସକାଳେ ଚୋରି ହୋଇଥିବା ଜଣାପଡିଥିଲା। ପ୍ରାଣବନ୍ଧୁ ନାୟକ ଥାନାରେ ଅଭିଯୋଗ କରିଥିଲେ। ପୁଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଚଳାଇଛି। ଅଭିଯୋଗ ଆଧାରରେ ମାମଲା ରଜୁ ହୋଇନଥିବା ଜଣାଯାଇଛି। ସେହିପରି ପୁରସ୍ତମପୁର ଗ୍ରାମର ସୁବାସ ନାୟକଙ୍କ ପଚ୍ଚାପୋଲ (ମହିମାବଜାର) ଦୋକାନରୁ ୨ଟି ଗ୍ୟାସ ଟାଙ୍କି ମଧ ଚୋରି ହୋଇଥିବା ଅଭିଯୋଗ ହୋଇଛି ।

## ବୈଶିଙ୍ଗା ପୋଲିସର ସାଇବର ସୁରକ୍ଷା ଅଭିଯାନ

ବେତନଟୀ, (ସବ୍ୟୁ) : ମୟୂରଭଞ୍ଜ ଜିଲ୍ଲା ବୈଶିଙ୍ଗା ଥାନା ପକ୍ଷରୁ ବିଭିନ୍ନ ସ୍କୁଲ ଏବଂ କଲେଜରେ ସାଇବର ସୁରକ୍ଷା ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବୈଶିଙ୍ଗା ଥାନାଧିକାରୀ ବାରିଣୀ ଦାସଙ୍କ ନେତୃତ୍ୱରେ ବୈଶିଙ୍ଗା ଥାନା ଏଏସଆଇ ପ୍ରଦୀପ କୁମାର ଦେ ଏବଂ ପୁଲିସ କର୍ମଚାରୀ ପ୍ରମୁଖ ସାଂପ୍ରତିକ ପରିସ୍ଥିତିରେ ସାଇବର ଅପରାଧର କାରଣ ଓ ଏହାର ନିରାକରଣ ସମ୍ବନ୍ଧରେ ଆଲୋକପାତ କରିଥିଲେ। ସାଇବର ଅପରାଧ ବିଷୟରେ ବିସ୍ତୃତ ଆଲୋଚନା କରି ଏହାର ନିରାକରଣ ନିମିତ୍ତ ଆବଶ୍ୟକୀୟ ପଦକ୍ଷେପ ନେବା ପାଇଁ ସମସ୍ତଙ୍କୁ ଅବଗତ କରାଇଥିଲେ । ସଚେତନ ନାଗରିକ ଭାବେ ସମସ୍ତେ ଏହି ଅପରାଧ ଓ ଅପରାଧରେ ଜଡ଼ିତ ବ୍ୟକ୍ତିଙ୍କଠାରୁ କିଭଳି ନିଜକୁ ଦୂରେଇ ରଖିବେ ସେ ସମ୍ବନ୍ଧରେ ଉପସ୍ଥିତ ଛାତ୍ରଛାତ୍ରୀ ତଥା ଶିକ୍ଷକମାନଙ୍କୁ ସଚେତନ ମଧ କରାଇ ଥିଲେ। ମଙ୍ଗଳବାର ବୈଶିଙ୍ଗା ସ୍ଥିତ ମହାତ୍ମାଗାନ୍ଧୀ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ , ସରସତୀ ଶିଶୁ ବିଦ୍ୟା ମନ୍ଦିର, ମୁନିଲାଲ ଉଚ୍ଚ ବିଦ୍ୟାଳୟ , ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ଏବଂ କଳମା ସ୍ଥିତ ଭଞ୍ଜଭୂମି ବାଳିକା ଉଚ୍ଚ ବିଦ୍ୟାଳୟରେ ଏହି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବୈଶିଙ୍ଗା ଥାନା ଅଧୀନରେ ଏହି ପରି ଭାବେ ପାଖାପାଖି ୩୦ ବିଦ୍ୟାଳୟରେ ଏହି ସଚେତନତା ଅବଲମ୍ବୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ ବୋଲି ପୁଲିସ ସୂତ୍ରରୁ ପ୍ରକାଶ କରାଯାଇଛି ।

## ସ୍ୱର୍ଗରଥ ଦୁର୍ଘଟଣା ଅଳ୍ପକେ ବର୍ତ୍ତିଲେ ୪ଯାତ୍ରୀ

ଭଣ୍ଡାରିପୋଖରୀ,(ସବ୍ୟୁ): ଭଣ୍ଡାରିପୋଖରୀ ଥାନା ଅନ୍ତର୍ଗତ ୧୬ ନଂ ଜାତୀୟ ରାଜପଥର ପାଳଦାବାଙ୍କ ଚକବନ୍ଦୀ କାର୍ଯ୍ୟାଳୟ ସମ୍ମୁଖରେ ମଙ୍ଗଳବାର ରାତ୍ରରେ ସ୍ୱର୍ଗରଥ ଯାନ ଦୁର୍ଘଟଣା ହୋଇ ୬ଜଣ ଯାତ୍ରୀ ଆହତ ହୋଇଛନ୍ତି। ଓଡି ୦୧ ଡି ୧୯୦୦ ନଂ ସ୍ୱର୍ଗରଥ ୪ଜଣ ଯାତ୍ରୀଙ୍କ ସହ ମହିଳାଙ୍କ ଶବ ସଂସ୍କାର ପାଇଁ ନେଇ ସୋରୋରୁ ପୁରୀ ସ୍ୱର୍ଗଦ୍ୱାର ଯାଉଥିଲେ। ମଙ୍ଗଳବାର ରାତି ପ୍ରାୟ ୧୦ଟା୩୦ସମୟରେ ସଂପୃକ୍ତ ସ୍ଥାନରେ ତଳକୁ ଗଡିଯାଇ ପାଣିରେ ପଡିଥିଲା। ସ୍ଥାନୀୟ ଲୋକଙ୍କ ସୂଚନା କ୍ରମେ ଭଣ୍ଡାରିପୋଖରୀ ଦମକଳବାହିନୀ ଓ ପୁଲିସ ସ୍ୱର୍ଗରଥ ଚାଳକ, ହେଲପରଙ୍କ ସମେତ ୪ଜଣ ଶବ ବାହକ ସବିତା ସାହୁ(୪୮), ଲକ୍ଷ୍ମୀଧର ବେହେରା(୬୩), ଭିକାରୀ ବେହେରା(୭୪), କବିତା ବେହେରା(୪୩), କରୁଣାକର ବେହେରା(୪୫) ଓ ରାମନାରାୟଣ ଖାମର(୪୬)ଙ୍କୁ ଉଦ୍ଧାର କରି ଆମ୍ବୁଲାନ୍ସ ଯୋଗେ ଭଣ୍ଡାରିପୋଖରୀ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ପଠାଇଥିଲେ। ସେଠାରେ ପ୍ରାଥମିକ ଚିକିତ୍ସା ପରେ ଆହତଙ୍କୁ ଭଦ୍ରକ ରେଫର କରିଦିଆଯାଇଥିଲା। ସ୍ୱର୍ଗରଥ ପଛରେ ଅନ୍ୟ ଏକ ଯାନରେ ଆସୁଥିବା ମୃତକଙ୍କ ସମ୍ପର୍କୀୟମାନେ ଶବକୁ ଯାଜପୁର ଦଶାଶ୍ୱମେଧ ଶ୍ମଶାନରେ ଅନ୍ତିମ ସଂସ୍କାର କରି ଫେରିଯାଇଥିଲେ। ପୁଲିସ ଦୁର୍ଘଟଣାଗ୍ରସ୍ତ ସ୍ୱର୍ଗରଥକୁ ଜବତ କରି ତଦନ୍ତ ଚଳାଇଛି। ସ୍ୱର୍ଗରଥର ସମ୍ମୁଖ ଭାଗ ଗୁରୁତର ଭାବେ କ୍ଷତିଗ୍ରସ୍ତ ହୋଇଥିବାରୁ ଦୁର୍ଘଟଣାର ଭିନ୍ନ ଏକ କାରଣକୁ ସୂଚୀତ କରୁଛି।

## ବନାଞ୍ଚଳର ଚିତ୍ରାଙ୍କନ ପ୍ରତିଯୋଗିତା

ଠାକୁରମୁଣ୍ଡା, (ସବ୍ୟୁ): ବଣ୍ୟପ୍ରାଣୀ ସଚେତନତା ସପ୍ତାହ ପାଳନ ଅବସରରେ କରଞ୍ଜିଆ ବନଖଣ୍ଡ ଅନ୍ତର୍ଗତ ଠାକୁରମୁଣ୍ଡା ବନାଞ୍ଚଳ ପକ୍ଷରୁ ଚିତ୍ରାଙ୍କନ ପ୍ରତିଯୋଗିତା ସ୍ଥାନୀୟ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ ପରିସରରେ ବୁଧବାର ଦିନ ଅନୁଷ୍ଠିତ ହୋଇଯାଇଛି। ପଞ୍ଚମ - ସପ୍ତମ ଶ୍ରେଣୀ ପାଇଁ ପ୍ରକୃତି ଭିତରେ ମଣିଷ ଏବଂ ଅଷ୍ଟମ - ଦଶମ ଶ୍ରେଣୀ ପର୍ଯ୍ୟନ୍ତ ପ୍ରକୃତି ଭିତରେ ମଣିଷ ବିଷୟବସ୍ତୁ ଉପରେ ଚିତ୍ର ଆଙ୍କିବା ପାଇଁ ଦିଆଯାଇଥିଲା । ଉଭୟ ଗ୍ରୁପରେ ୩ ଟି ଲେଖାଏଁ ପୁରସ୍କାର ରହିଛି ଝ ୫୦୦୦, ୪୦୦୦ ଓ ୩୦୦୦ ଟଙ୍କା ପ୍ରଥମ ପୁରସ୍କାର, ଦ୍ୱିତୀୟ ପୁରସ୍କାର ଓ ତୃତୀୟ ପୁରସ୍କାର ରହିଛି । ପ୍ରଧାନ ଶିକ୍ଷୟତ୍ରୀ କର୍ମେଲା ଲାକ୍ରାଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ରେଞ୍ଜ ଅଧିକାରୀ ଉମାକାନ୍ତ ବେହେରା ଯୋଗଦେଇ ପ୍ରତିଯୋଗିତା ସମ୍ପର୍କରେ ସୂଚନା ଦେଇଥିଲେ । ଠାକୁରମୁଣ୍ଡା ବ୍ଲକର ବିଭିନ୍ନ ସ୍କୁଲରୁ ୩୮ ଜଣ ଛାତ୍ର ଛାତ୍ରୀ ଯୋଗଦେଇ ପ୍ରତିଯୋଗିତାରେ ଭାଗ ନେଇଥିଲେ।

## ପ୍ରାଥମିକ ଶିକ୍ଷକଙ୍କ ପଦୋନ୍ନତି ଦାବି

କେନ୍ଦୁଝର,(ସବ୍ୟୁ): କେନ୍ଦୁଝର ଜିଲ୍ଲାରେ ପ୍ରାଥମିକ ଶିକ୍ଷକଙ୍କ ପଦୋନ୍ନତିର ଅହେତୁକ ବିଳମ୍ବ ନିମନ୍ତେ ଓଡ଼ିଶା ପ୍ରାଥମିକ ଶିକ୍ଷକ ସଂଘ, କେନ୍ଦୁଝର ତରଫରୁ ଜିଲ୍ଲା ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟରେ ଶିକ୍ଷାଧିକାରୀଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି।ଜାଣିଶୁଣି କେନ୍ଦୁଝର ଜିଲ୍ଲାରେ ପ୍ରାଥମିକ ଶିକ୍ଷକଙ୍କ ପଦୋନ୍ନତି ପକ୍ରିୟାକୁ ମନ୍ଥର କରାଯାଉଛି ବୋଲି ସଂଘର କର୍ମକର୍ତ୍ତାମାନେ ଦାବି କରିଛନ୍ତି। ବାରମ୍ବାର ଅନୁରୋଧ ସତ୍ତ୍ୱେ ଦୀର୍ଘ ତିନିମାସ ବିତିଯାଇଥିଲେ ହେଁ ଏପର୍ଯ୍ୟନ୍ତ ଚୂଡ଼ାନ୍ତ ପଦୋନ୍ନତି ପ୍ରକ୍ରିୟା ସମ୍ପୂର୍ଣ୍ଣ ହୋଇପାରିନାହିଁ ବୋଲି ଜିଲ୍ଲା ସଂଘର ସଭାପତି ଦିଲୀପ କୁମାର ରାଉତ ଅଭିଯୋଗ କରିଛନ୍ତି।ରାଜ୍ୟ ଓଡ଼ିଶା ପ୍ରାଥମିକ ଶିକ୍ଷକ ସଂଘର ଉପସଭାପତି ମନୋଜ କୁମାର ମହାନ୍ତ ଜଣାଇଛନ୍ତି ଯେ, ଜିଲ୍ଲା ଶିକ୍ଷାଧିକାରୀ କାର୍ଯ୍ୟାଳୟର ଅବହେଳା ଯୋଗୁଁ ପ୍ରମୋଶନ କାର୍ଯ୍ୟ ଏପର୍ଯ୍ୟନ୍ତ ଜିଲ୍ଲାରେ ସମ୍ପୂର୍ଣ୍ଣ ହୋଇପାରିନାହିଁ। ଅନାବଶ୍ୟକ ଭାବରେ ବାରମ୍ବାର ଭେରିଫିକେସନ ଆଳରେ ଶିକ୍ଷକମାନଙ୍କୁ ମାନସିକ ନିର୍ଯାତନା ଦିଆଯାଉଛି ବୋଲି ସଂଘ ତରଫରୁ ଅଭିଯୋଗ ହୋଇଛି।ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କ ମତାମତକୁ ଆଧାର କରି ଯଦି ଏହି ପଦୋନ୍ନତି ପ୍ରକ୍ରିୟା ଆସନ୍ତା ୧୭ତାରିଖ ସୁଦ୍ଧା ସମ୍ପୂର୍ଣ୍ଣ ନ କରାଯାଏ, ତେବେ ଜିଲ୍ଲା ସଂଘର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ୧୮ ତାରିଖ ଠାରୁ ପଦୋନ୍ନତି ପ୍ରକ୍ରିୟା ଶେଷ ହେବା ପର୍ଯ୍ୟନ୍ତ ଜିଲ୍ଲା ଶିକ୍ଷାଧିକାରୀ,କେନ୍ଦୁଝରଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଶାନ୍ତିପୂର୍ଣ୍ଣ ଧାରଣା ଦେବେ ବୋଲି ଜିଲ୍ଲା ସଂଘର କର୍ମକର୍ତ୍ତା ଶ୍ରୀକାନ୍ତ ପଟ୍ଟନାୟକ ଜଣାଇଛନ୍ତି।

## ବାଲିପୋଷିରେ ବିଶ୍ୱ ହସ୍ତୀ ଦିବସ ପାଳିତ



ଠାକୁରମୁଣ୍ଡା ,(ସବ୍ୟୁ): ଠାକୁରମୁଣ୍ଡା ବନାଞ୍ଚଳ ଅନ୍ତର୍ଗତ ବାଲିପୋଷି ପଞ୍ଚାୟତ ଉଚ୍ଚ ବିଦ୍ୟାଳୟ ପରିସରରେ ବିଶ୍ୱ ହସ୍ତୀ ଦିବସ ପାଳିତ ହୋଇଯାଇଛି ।ବନପାଳ ପ୍ରଦୀପ କିଶୋର ହାଇବୁରୁଙ୍କ ସଭାପତିତ୍ୱରେ ଆୟୋଜିତ ସଚେତନତା ସଭାରେ ମୁଖ୍ୟ ଅତିଥି ରେଞ୍ଜ ଅଧିକାରୀ ଉମାକାନ୍ତ ବେହେରା ହାତୀ ପରିବେଶର ବନ୍ଧୁ ବୋଲି ଆଖ୍ୟା ଦେଇଥିଲେ । ହାତୀର ଆବାସ ନଷ୍ଟ ହେବା କାରଣରୁ ହାତୀ ଏବେ ଜନବସତି ମୁହାଁ ଫଳରେ ହାତୀ ମଣିଷ ଲଢେଇ ଲାଗି ରହୁଛି ।ଏଣୁ ଆମେ ଜଙ୍ଗଲ ସୃଷ୍ଟି, ପରିବେଶ ସୁରକ୍ଷା, ଜଙ୍ଗଲ ସଂରକ୍ଷଣ କରିପାରିଲେ ଲଢେଇ ବନ୍ଦ ହେବା ସହ ଶାନ୍ତିପୂର୍ଣ୍ଣ ସହାବସ୍ଥାନ ସମ୍ଭବ ବୋଲି କହିଥିଲେ । ମୁଖ୍ୟବକ୍ତା ଭାବେ ଠାକୁରମୁଣ୍ଡା ପ୍ରେସ କ୍ଲବ ସଭାପତି ଶରତ କୁମାର ତ୍ରିପାଠୀ ଯୋଗଦେଇ ହାତୀ ଏକ ସାମାନ୍ୟ ପଶୁ ନୁହେଁ ବରଂ ଜଙ୍ଗଲର ଇଞ୍ଜିନିଅର ବୋଲି କହିଥିଲେ । ହାତୀକୁ ବନ୍ଧୁ ଭାବି ଆଚରଣ କଲେ ବିବାଦ କମିବ ବୋଲି ମତ ରଖିଥିଲେ । ବନପାଳ ବିଦ୍ୟାଧର ମହାନ୍ତ, ଶିକ୍ଷକ ବସନ୍ତ କୁମାର ସେଣ୍ଠ ବକ୍ତବ୍ୟ ରଖିଥିଲେ । ଶେଷରେ ଓଏଫଏସଡିପି ପ୍ରକଳ୍ପ ସଂଯୋଜକ ସୁକାନ୍ତ କୁମାର ସାହୁ ଧନ୍ୟବାଦ ଅର୍ପଣ କରିଥିଲେ । ବନରକ୍ଷୀ ବିକାଶ କୁମାର ମହାନ୍ତ, ବନପାଳ ବିଶ୍ୱଜିତ ମହାନ୍ତ, ଶିବ ଦଣ୍ଡପାଟ, ଲୁଲୁ ପ୍ରମୁଖ କାର୍ଯ୍ୟକ୍ରମ ଆୟୋଜନରେ ସହଯୋଗ କରିଥିଲେ ।

# 'ହର ଘର ତ୍ରିରଙ୍ଗା' ଅଭିଯାନ : ଜିଲ୍ଲାସ୍ତରୀୟ ସାଇକେଲ ରାଲି



କେନ୍ଦୁଝର ,(ଜିପ୍ର) : ଦେଶର ସ୍ୱାଧୀନତା ଦିବସ ପାଳନ ଅବସରରେ କେନ୍ଦୁଝର ଜିଲ୍ଲା ପ୍ରଶାସନ ପକ୍ଷରୁ 'ହର ଘର ତ୍ରିରଙ୍ଗା' (ଘରେ ଘରେ ତ୍ରିରଙ୍ଗା) ଅଭିଯାନର ଶୁଭାରମ୍ଭ କରାଯାଇଛି। ପ୍ରତ୍ୟେକ ନାଗରିକଙ୍କ ମନରେ ଦେଶପ୍ରେମ ଓ ଜାତୀୟତାବୋଧ ଜାଗ୍ରତ କରିବା, ଜାତୀୟ ପତାକା 'ତ୍ରିରଙ୍ଗା' ପ୍ରତି ଗଭୀର ସମ୍ମାନ ଓ ଆଦର ସୃଷ୍ଟି କରିବା ଏବଂ ସ୍ୱାଧୀନତାର ଅମୃତ ମହୋତ୍ସବର ବାର୍ତ୍ତାକୁ ଜିଲ୍ଲାର କୋଣ-ଅନୁକୋଣରେ ପହଞ୍ଚାଇବା ଏହି ଅଭିଯାନର ମୁଖ୍ୟ ଉଦ୍ଦେଶ୍ୟ।ଏହି ଆଭିମୁଖ୍ୟକୁ ନେଇ ଅବୁଧବାର ପୂର୍ବାହ୍ନ ସାଢ଼େ୯ଟାରେ କେନ୍ଦୁଝର ଷ୍ଟାଡିୟମ୍ରୁ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଏକ ବିଶାଳ ଜିଲ୍ଲାସ୍ତରୀୟ ସାଇକେଲ ରାଲି ଅନୁଷ୍ଠିତ ହୋଇଥିଲା । ଏହି ସାଇକେଲ ଶୋଭାଯାତ୍ରାର ମୁଖ୍ୟ ଉଦ୍ଦେଶ୍ୟ ହେଉଛି ଯୁବପିଢ଼ି ଓ ସାଧାରଣ ଜନତାଙ୍କୁ ଜାତୀୟତାବୋଧର ସୂତ୍ରରେ ବାନ୍ଧିବା, ସେମାନଙ୍କ ମଧ୍ୟରେ ସାମାଜିକ ସଚେତନତା ସୃଷ୍ଟି କରିବା ଏବଂ ଶାରୀରିକ ସୁସ୍ଥତା ସହ ପ୍ରତ୍ୟେକ ଘରେ ତ୍ରିରଙ୍ଗା ପତାକା ଉତ୍ତୋଳନ କରିବା ପାଇଁ ଲୋକଙ୍କୁ ଉତ୍ସାହିତ କରିବା।ଅତିରିକ୍ତ ଜିଲ୍ଲାପାଳ ମନ୍ଦରଧର ମହାଲିକ ସବୁଜ ପତାକା ଦେଖାଇ ଏହି ଶୋଭାଯାତ୍ରାର ଶୁଭାରମ୍ଭ କରିଥିଲେ। ଏହି ରାଲିରେ ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ କୁମାର ନାଗଭୂଷଣ, ଜିଲ୍ଲା କ୍ରୀଡ଼ା ଅଧିକାରୀ ସରୋଜ ମଲ୍ଲିକ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ସାର୍ଥକ ଅଭିନନ୍ଦନ ରାୟ,ଡିସିଓ ଜିତେନ୍ଦ୍ର ମହାକୁଡ଼, ଜିଲ୍ଲା ପ୍ରଶାସନର ବିଭିନ୍ନ ବିଭାଗୀୟ କର୍ମକର୍ତ୍ତାଙ୍କ ସମେତ ସ୍ଥାନୀୟ ବିଦ୍ୟାଳୟ ଓ ମହାବିଦ୍ୟାଳୟର ବହୁ ସଂଖ୍ୟକ ଛାତ୍ରଛାତ୍ରୀ ହାତରେ ତ୍ରିରଙ୍ଗା ଧରି ଉତ୍ସାହର ସହ ଅଂଶଗ୍ରହଣ କରିଥିଲେ।ଆସନ୍ତାକାଲି ଗୁରୁବାର ପୂର୍ବାହ୍ନ ସାଢ଼େ ୯ଟାରେ କେନ୍ଦୁଝର ଷ୍ଟାଡିୟମ୍ରେ ଏକ ବିଶାଳ 'ତ୍ରିରଙ୍ଗା ପରେଡ' ସହ ସାମୂହିକ ଜାତୀୟ ସଙ୍ଗୀତ ଗାନ କାର୍ଯ୍ୟକ୍ରମ ରହିଛି।ସେହିପରି ବ୍ଲକ ଓ ଗ୍ରାମପଞ୍ଚାୟତ ସ୍ତରରେ ମଧ୍ୟ ସ୍ଥାନୀୟ ସାଇକେଲ ରାଲି ଏବଂ କ୍ୟାଣ୍ଡେଲ ଶୋଭାଯାତ୍ରାର ଆୟୋଜନ କରାଯିବ

## ସମ୍ପାଦକୀୟ

# ବିରୋଧୀ ଦଳ ସାଂସଦଙ୍କ କର୍ତ୍ତବ୍ୟ କ'ଣ ?

ଲୋକସଭାର ସାଂସଦମାନେ କେତେ ଦରମା ପାଆନ୍ତି ? କେତେ ସୁବିଧା ପାଇ ପାରନ୍ତି ? ଏପରିକି ସାଂସଦ ଭାବେ କାର୍ଯ୍ୟ କରି ଅବସର ନେବା ପରେ କେତେ ପେନସନ୍ ପାଆନ୍ତି ? ଜଣେ ପୂର୍ବତନ ସାଂସଦଙ୍କୁ ମାଗଣାରେ ରେଳଯାତ୍ରା କରିବାର ସୁବିଧା ଏସି କୋଚ୍‌ରେ ମିଳେ । ତାଙ୍କ ସାଙ୍ଗରେ ଥିବା ସହଯାତ୍ରୀଙ୍କୁ ମଧ୍ୟ ରେଳଗାଡ଼ିର ଏସି କୋଚ୍‌ରେ ମାଗଣାରେ ସ୍ଥାନ ମିଳେ । ଲୋକେ ସେମାନଙ୍କୁ ନିର୍ବାଚିତ କରନ୍ତି, ଦେଶର, ଆଇନର ଓ ଲୋକଙ୍କର ସୁରକ୍ଷା ପାଇଁ ସେମାନେ ସଂସଦରେ ସ୍ୱର ଉତ୍ତୋଳନ କରିବେ ଆଉ ସରକାରଙ୍କର ଦୋଷତ୍ରୁଟି ଦେଖାଇ ସେମାନଙ୍କୁ କର୍ତ୍ତବ୍ୟ କରିବା କ୍ଷେତ୍ରରେ ସଚେତନ କରାଇବେ । ମାତ୍ର ବାସ୍ତବ କ୍ଷେତ୍ରରେ ସେମାନେ ଦେଶ ବା ଲୋକଙ୍କ କଥାକୁ ଗୁରୁତ୍ୱ ନ ଦେଇ ନିଜର ଫାଇଦା ବିଷୟରେ ବା ଶସ୍ତା ଲୋକପ୍ରିୟତା ଅର୍ଜନ ବିଷୟରେ କାର୍ଯ୍ୟକ୍ରମକୁ ପ୍ରାଧାନ୍ୟ ଦିଅନ୍ତି । ଗଣତନ୍ତ୍ରର ମନ୍ଦିର ବୋଲି କୁହାଯାଉଥିବା ସଂସଦକୁ ବିରୋଧୀ ଇଣ୍ଡିମେଣ୍ଟ ବେଖାତିର କରି ଅଚଳ ଅବସ୍ଥାକୁ ନେଇଆସନ୍ତି । ମାତ୍ର ଭାରତୀୟ ଲୋକେ ଏତେ ବୋକା ନୁହନ୍ତି ।

**କେନ୍ଦ୍ର ସଂସଦୀୟ ବ୍ୟାପାର ମନ୍ତ୍ରୀ କିରେନ ରିଜିଜୁ ବିରୋଧୀ କଂଗ୍ରେସ ଦଳ ଉପରେ ଦୋଷାରୋପ କରି କହିଛନ୍ତି ଯେ, 'କେରଳ' ନାମକୁ ବଦଳାଇ 'କେରଳମ' କରାଯିବା ପାଇଁ ଯେଉଁ ବିଧେୟକଟି ଲୋକସଭାରେ ଆଗତ କରାଯାଇ ପାରିତ ହେଲା, ସେହି ବିଧେୟକଟିର ଆଲୋଚନା ଉପରେ କେରଳର ଦଳୀୟ ସାଂସଦ କେ.ସି. ବେଣୁଗୋପାଳ କୌଣସି ଆଲୋଚନା କରିବା ଲାଗି ସୁଯୋଗ ପାଇଲେ ନାହିଁ । କେରଳର ନୂତନ ନାମ ବିଷୟରେ ସେ ସାଂସଦ କ'ଣ କହିଥାନ୍ତେ, ସେ ବିଷୟରେ ଜାଣିବା ପାଇଁ ଲୋକମାନଙ୍କର ଆଗ୍ରହ ଥିଲା ।**

ସେମାନେ ସବୁ କଥା ବୁଝନ୍ତି, ଜାଣନ୍ତି । କିନ୍ତୁ ମୁହଁ ଖୋଲି କେହି କିଛି କହିପାରନ୍ତି ନାହିଁ । ତେଣୁ ସଂସଦରେ ଅଚଳାବସ୍ଥା ସୃଷ୍ଟି କରି ସାଂସଦମାନେ ଲାଭବାନ ହୋଇପାରିଲେ କି ? କ'ଣ ସେମାନଙ୍କ କର୍ତ୍ତବ୍ୟ ?

ଦୁଃଖ ହୁଏ ଯେ ସଂସଦର ମୌସୁମୀ ଅଧିବେଶନ ଗତ ଜୁଲାଇ ୨୦ (୨୦୨୬)ରୁ ଆରମ୍ଭ ହୋଇଥିଲା । ଲୋକେ ଭାବିଥିଲେ କେନ୍ଦ୍ର ସରକାରଙ୍କ ଅପାରଗତା ବା ଅବହେଳା ବିରୋଧରେ ବିରୋଧୀ ଦଳ, ଲୋକସଭା ବା ରାଜ୍ୟସଭାରେ ସ୍ୱର ଉତ୍ତୋଳନ କରିବେ । ଲୋକେ ମଧ୍ୟ ଜାଣିପାରିଥାନ୍ତେ, ସାଂସଦମାନେ ଠିକ୍ ଭାବେ କାର୍ଯ୍ୟ କରୁଛନ୍ତି କି ନାହିଁ । ମାତ୍ର ବିରୋଧୀ ସାଂସଦମାନେ ସଂସଦକୁ ଅଚଳାବସ୍ଥାକୁ ଠେଲିଦେଇ ନିଜ ଜିଦ୍‌ରେ ଅଟଳ ରହିଲେ । କେନ୍ଦ୍ର ଗୃହ ଓ ସମବାୟ ମନ୍ତ୍ରୀ ଅମିତ ଶାହ ଗୃହରେ ବିବୃତି ରଖିବା ପରି ଅବାନ୍ତର କଥା କହି ସଂସଦକୁ ଅଚଳ କରାଇଦେଲେ । ଫଳରେ କେନ୍ଦ୍ର ସରକାରଙ୍କର ପ୍ରକୃତରେ ଲାଭ ହେଲା । ସଂସଦର ଏହି ଅଧିବେଶନ ସରିବା ବେଳକୁ ମଧ୍ୟ କେନ୍ଦ୍ରର ଏନ୍‌ଡିଏ ସରକାର ଦୁଇଟି ଗୁରୁତ୍ୱପୂର୍ଣ୍ଣ ବିଧେୟକ ସଂସଦରେ ପାରିତ କରାଇ ପାରିଲେ । ଗୋଟିଏ ବିଧେୟକ ହେଉଛି କେରଳ ରାଜ୍ୟର ନାମ ପରିବର୍ତ୍ତନ କରି 'କେରଳମ' ବୋଲି ବ୍ୟବହାର କରାଯିବା ଓ ଅନ୍ୟ ବିଧେୟକ ବା ବିଲ୍‌ଟି ହେଉଛି ଜାତୀୟ ସମବାୟ ଉନ୍ନୟନ ନିଗମ (ଏନ୍‌ସିଡିସି) ସିଧାସଳଖ ଭାବେ ବିଭିନ୍ନ ସମବାୟ ସୋସାଇଟିକୁ ଋଣ ଓ ଅନୁଦାନ ପ୍ରଦାନ କରିବା । ଏହି ଦୁଇଟି ବିଧେୟକର ଭଲ ମନ୍ଦ ଦିଗ ଉପରେ ଲୋକସଭାରେ ସାଂସଦମାନେ ଆଲୋଚନା କରିପାରିଥା'ନ୍ତେ । ସରକାରଙ୍କୁ ହୁଏତ କଡ଼ା ସମାଲୋଚନା ମଧ୍ୟ କରାଯାଇ ପାରିଥା'ନ୍ତା । ମାତ୍ର ସେସବୁ କିଛି ହେଲା ନାହିଁ । ଏ ଲେଖା ପ୍ରକାଶ ପାଇବା ବେଳକୁ ଲୋକସଭା ଓ ରାଜ୍ୟସଭାର ଅଧିବେଶନ ହୁଏତ ସରିଯିବ ।

କେନ୍ଦ୍ର ସଂସଦୀୟ ବ୍ୟାପାର ମନ୍ତ୍ରୀ କିରେନ ରିଜିଜୁ ବିରୋଧୀ କଂଗ୍ରେସ ଦଳ ଉପରେ ଦୋଷାରୋପ କରି କହିଛନ୍ତି ଯେ, 'କେରଳ' ନାମକୁ ବଦଳାଇ 'କେରଳମ' କରାଯିବା ପାଇଁ ଯେଉଁ ବିଧେୟକଟି ଲୋକସଭାରେ ଆଗତ କରାଯାଇ ପାରିତ ହେଲା, ସେହି ବିଧେୟକଟିର ଆଲୋଚନା ଉପରେ କେରଳର ଦଳୀୟ ସାଂସଦ କେ.ସି. ବେଣୁଗୋପାଳ କୌଣସି ଆଲୋଚନା କରିବା ଲାଗି ସୁଯୋଗ ପାଇଲେ ନାହିଁ । କେରଳର ନୂତନ ନାମ ବିଷୟରେ ସେ ସାଂସଦ କ'ଣ କହିଥାନ୍ତେ, ସେ ବିଷୟରେ ଜାଣିବା ପାଇଁ ଲୋକମାନଙ୍କର ଆଗ୍ରହ ଥିଲା ।

ଏହି ବିଧେୟକ ଦୁଇଟି ନିୟମ ଦୃଷ୍ଟିରୁ ରାଜ୍ୟସଭାକୁ ପଠାଇ ପାରିତ କରାଯିବାର ସମ୍ଭାବନା ଅଧିକ । ଏହି ବିଧେୟକ ଦୁଇଟି ବିପକ୍ଷରେ ବିରୋଧୀ ଦଳ କ'ଣ କହୁଛନ୍ତି, ତାହା କେହି ଜାଣିପାରିଲେ ନାହିଁ । କାରଣ ବିରୋଧୀ ଦଳ ଆଲୋଚନାରେ ଅଂଶଗ୍ରହଣ କଲେ ନାହିଁ । ଏହା ହିଁ ଦୁର୍ଭାଗ୍ୟ ଆମର ।

**କର୍ତ୍ତବ୍ୟ ସାଧନରୁ ସ୍ୱାଭାବିକ ଭାବରେ ଯେଉଁ ଶକ୍ତି ଉତ୍ପନ୍ନ ହୁଏ, ତାହା ସତ୍ୟାଗ୍ରହରୁ ଜାତ ଅହିଂସା ଓ ଅପରାଜେୟ ଶକ୍ତି ।**

**ମହାତ୍ମା ଗାନ୍ଧି**

ସମ୍ପାଦକୀୟ ପୃଷ୍ଠାପାଇଁ ଆଲେଖ୍ୟ ଏବଂ ସମ୍ପାଦକଙ୍କୁ ପତ୍ର, ଆପଣ ଆମକୁ ନିମ୍ନ ଇ-ମେଲ୍‌ରେ ପଠାଇପାରିବେ ।
(ସମସ୍ତ ଲେଖାରେ ଲେଖକଙ୍କ ସମ୍ପୂର୍ଣ୍ଣ ଠିକଣା ସହ ମୋବାଇଲ ନମ୍ବର ଏବଂ ଫଟୋ ରହିବା ଆବଶ୍ୟକ )
samayaeditorial2021@gmail.com

**ଏହି ପୃଷ୍ଠାରେ ସ୍ଥାନିତ ଆଲେଖ୍ୟଗୁଡ଼ିକର ତଥ୍ୟ, ମତାମତ ଆଦି ଲେଖକଙ୍କ ଏକାନ୍ତ ନିଜସ୍ୱ । ଏଥିପାଇଁ 'ସମୟ' କର୍ତ୍ତୃପକ୍ଷ ଦାୟୀ ନୁହଁନ୍ତି ।**

# ମତଦାନ: ମୌଳିକ ଅଧିକାର ଅନ୍ତର୍ଭୁକ୍ତ କରାଯାଉ



**ଅଭୟ ଦ୍ୱିବେଦୀ**

ସମ୍ବିଧାନ ପ୍ରଣୟନ ସମୟରୁ ଏବଂ ସ୍ୱାଧୀନତା ପରେ, ମତଦାନ ପ୍ରକ୍ରିୟାକୁ ମୌଳିକ ଅଧିକାର ଅନ୍ତର୍ଭୁକ୍ତ କରିବା ପାଇଁ ଦାବି ହେଉଥିଲେ ମଧ୍ୟ କୌଣସି ସରକାର ତାହାକୁ ଗ୍ରହଣ କରିନାହାନ୍ତି- କାହିଁକି ? ତାହାର ବିଶ୍ଳେଷଣ ହିଁ ଏହି ନିବନ୍ଧର ଆଭିମୁଖ୍ୟ। ନିର୍ବାଚନ ହେଉଛି ଗଣତନ୍ତ୍ରର ପ୍ରାଣକେନ୍ଦ୍ର। ଗୋଟିଏ ଦେଶର ନିର୍ବାଚନ ପ୍ରକ୍ରିୟା ଯେତେ ସ୍ୱଚ୍ଛ, ସେ ଦେଶର ଗଣତନ୍ତ୍ର ସେତେ ସୁଦୃଢ଼ ଓ ଶକ୍ତିଶାଳୀ। ୧୯୪୭ ମସିହାରେ ସ୍ୱାଧୀନତାର ଅବ୍ୟବହିତ ପୂର୍ବରୁ ପ୍ରମୁଖ ବ୍ରିଟିଶ ରାଜନେତାମାନେ ଭବିଷ୍ୟବାଣୀ କରିଥିଲେ- ଖୁବ୍ ଶୀଘ୍ର ଭାରତରେ ଗଣତନ୍ତ୍ର ଭୁଷୁଡ଼ି ପଡ଼ିବ। ସେମାନଙ୍କର ଆଶଙ୍କା ଥିଲା- ଭାରତୀୟମାନେ ନିଜକୁ ଶାସନ କରିବା ପାଇଁ ଯୋଗ୍ୟ ନୁହନ୍ତି, ଫଳରେ କ୍ଷମତା ପାଇଁ ରାଜନୈତିକ କଳହ ଓ କନ୍ଦଳ ଯୋଗୁ ଦେଶ ଖଣ୍ଡବିଖଣ୍ଡିତ ହୋଇଯିବ । ବ୍ରିଟିଶ ପାର୍ଲାମେଣ୍ଟରେ ଭାରତୀୟ ସ୍ୱାଧୀନତା ଅଧିନିୟମକୁ ବିରୋଧ କରି ଉଇନ୍‌ଷ୍ଟନ୍ ଚର୍ଚ୍ଚିଲ ଦାବି କରିଥିଲେ ଯେ ସ୍ୱାଧୀନତା ପାଇବା ପରେ ଭାରତର ଶାସନ ବ୍ୟବସ୍ଥା ବଦମାସ, ଧୂର୍ତ୍ତ ଏବଂ ଲୁଟେରାମାନଙ୍କ ହାତକୁ ଚାଲିଯିବ । ତାଙ୍କର ଯୁକ୍ତି ଥିଲା – ସମସ୍ତ ଭାରତୀୟ ନେତା ନିମ୍ନସ୍ତରର। ସେ ଆହୁରି ମଧ୍ୟ କହିଥିଲେ – ଭାରତୀୟ ନେତାଙ୍କ କଳହ ଯୋଗୁଁ ଦେଶ ରାଜନୈତିକ ଅରାଜକତା ମଧ୍ୟରେ ଲୋପ ପାଇଯିବ। ଆଜି ସ୍ୱାଧୀନତାର ସାତ ଦଶନ୍ଧି ପରେ ପ୍ରତ୍ୟେକ ଭାରତୀୟ ଗର୍ବର ସହିତ ଘୋଷଣା କରିପାରିବେ – ୧୯୫୧-୫୨ ପ୍ରଥମ ନିର୍ବାଚନ ସମୟରୁ ବିଶ୍ୱର ସର୍ବବୃହତ ଗଣତାନ୍ତ୍ରିକ ରାଷ୍ଟ୍ର ଭାରତବର୍ଷର ନିର୍ବାଚନ ପ୍ରକ୍ରିୟା ସମେତ ସମସ୍ତ ଗଣତାନ୍ତ୍ରିକ ବିଧିବ୍ୟବସ୍ଥା ସମଗ୍ର ବିଶ୍ୱ ପାଇଁ ଦୃଷ୍ଟାନ୍ତ ହୋଇ ରହିଛି। ନିର୍ବାଚନ ହେଉଛି ସାମ୍ବିଧାନିକ ଓ ପ୍ରତିଷ୍ଠାନଗତ ଗଣତାନ୍ତ୍ରିକ ବ୍ୟବସ୍ଥା ଯାହା ଗୋଟିଏ ନିର୍ବାଚିତ ସରକାରକୁ ଶାସନ କରିବାର ଅଧିକାର ପ୍ରଦାନ କରିଥାଏ ଏବଂ ଆବଶ୍ୟକ ହେଲେ ପୁନଶ୍ଚ ନିର୍ବାଚନ ପ୍ରକିୟାରେ ସେହି ସରକାରକୁ କ୍ଷମତାରୁ ଅପସାରିତ କରିପାରେ। ତେଣୁ ନିୟମିତ ଅବାଧ ନିର୍ବାଚନ ହେଉଛି ଗଣତନ୍ତ୍ରର ସର୍ବନିମ୍ନ ଅପରିହାର୍ଯ୍ୟ ଅଙ୍ଗ ଏବଂ ମତଦାନ ହେଉଛି ତାହାର ପ୍ରାଣକେନ୍ଦ୍ର। ସାରମର୍ମ ହେଉଛି – ଶାସନର ବୈଧତା ନିମନ୍ତେ ନିର୍ବାଚନ ଅପରିହାର୍ଯ୍ୟ ଏବଂ ନିର୍ବାଚନ ସେତେବେଳେ ଅର୍ଥପୂର୍ଣ୍ଣ ହୁଏ, ଯେତେବେଳେ ମତଦାନ ପ୍ରକ୍ରିୟା ଅବାଧ ଓ ସ୍ୱଚ୍ଛ ରହିଥାଏ। ତେଣୁ ମତଦାନ ଅଧିକାରର ସୁରକ୍ଷା ହେଉଛି ଦେଶର ଗଣତାନ୍ତ୍ରିକ ବ୍ୟବସ୍ଥାର ମୂଳଦୁଆକୁ ସୁରକ୍ଷା ପ୍ରଦାନ କରିବା।

ଆମ ଦେଶରେ ମତଦାନ ଆଇନଗତ ଅଧିକାରର ଅଂଶ ମୌଳିକ ଅଧିକାର ନୁହେଁ। ଏହି ଦୁଇଟି ମଧ୍ୟରେ ଗୁରୁତ୍ୱପୂର୍ଣ୍ଣ ପାର୍ଥକ୍ୟ ହେଉଛି – ମୌଳିକ ଅଧିକାର ସମ୍ବିଧାନ ସ୍ୱୀକୃତ, ସଂସଦ କିମ୍ବା ବିଧାନସଭାରର ସାଧାରଣ ଆଇନ ଏଥିରେ ପରିବର୍ତ୍ତନ ଆଣି ପାରିବ ନାହିଁ । ମୌଳିକ ଅଧିକାରର ଉଲ୍ଲଂଘନ ହେଲେ , ଜଣେ ନାଗରିକ ସମ୍ବିଧାନର ଅନୁଚ୍ଛେଦ ୩୨ ଆଧାରରେ ସୁପ୍ରିମକୋର୍ଟର ସହାୟତା ଲୋଡ଼ିପାରିବେ। କିନ୍ତୁ ଆଇନଗତ ଅଧିକାରର ଉତ୍ସ ହେଉଛି ସଂସଦ କିମ୍ବା ବିଧାନସଭା। ତେଣୁ ସଂସଦ କିମ୍ବା ବିଧାନସଭା ଏହି ଆଇନରେ ପରିବର୍ତ୍ତନ ଆଣିପାରିବେ, ଆବଶ୍ୟକ ହେଲେ ବିଲୋପ କରିପାରିବେ।

ଏବେ ମତଦାନ ଅଧିକାରକୁ ଆସିବା। ଆଗରୁ କୁହାଯାଇଛି ଏହା ମୌଳିକ ଅଧିକାର ନୁହେଁ, ଆଇନଗତ ଅଧିକାର ଲୋକ ପ୍ରତିନିଧିତ୍ୱ ଅଧିନିୟମ,୧୯୫୧ ଦ୍ୱାରା ପ୍ରଦତ୍ତ ବିଧିସମ୍ମତ ଅଧିକାର। ମୌଳିକ ଅଧିକାର ହେଉଛି ଘରର ମୂଳଦୁଆ ସହିତ ସଂଶ୍ଳିଷ୍ଟ ଭାରବହନକାରୀ ସ୍ତମ୍ଭ ସଦୃଶ। ଏହି ସ୍ତମ୍ଭକୁ ଯେପରି ଘରର ଗଠନରୁ ବାଦ୍ ଦେଇ ହୁଏ ନାହିଁ, ବରଂ ଘରଟି ସେହି ସ୍ତମ୍ଭ ଉପରେ ପ୍ରତିଷ୍ଠିତ ହୋଇଥାଏ, ସେହିପରି ମୌଳିକ ଅଧିକାରକୁ ବିଲୋପ କରିବା ସମ୍ଭବ ନୁହେଁ। କାରଣ ଏହା ସମ୍ବିଧାନର ମୂଳ ଗଠନ ସହିତ ଅଙ୍ଗାଙ୍ଗୀ ଭାବେ ଜଡ଼ିତ। ଅପରପକ୍ଷେ ଆଇନଗତ ଅଧିକାର ହେଉଛି ପରବର୍ତ୍ତୀ ସମୟରେ ଘର ସହିତ ଯୋଡ଼ାଯାଇଥିବା କୋଠରୀ ବା ପାଚେରୀ ସଦୃଶ। ଏହା ଗୁରୁତ୍ୱପୂର୍ଣ୍ଣ, କିନ୍ତୁ ଏହାକୁ ସଂଶୋଧନ କଲେ ମୂଳ ଘରର ଢାଞ୍ଚାରେ ପରିବର୍ତ୍ତନ ଆସେ ନାହିଁ । ମୁକ୍ତ, ଅବାଧ ଏବଂ ନିର୍ଣ୍ଣାୟକ ମତଦାନ ନିମନ୍ତେ ନାଗରିକଙ୍କୁ କିଛି ଅଧିକାର ପ୍ରଦାନ କରାଯାଇଛି , ଯଥା : ୧) ପ୍ରାର୍ଥୀଙ୍କ ସମ୍ବନ୍ଧରେ ସୂଚନା ପାଇବାର ଅଧିକାର: ପ୍ରତ୍ୟେକ ଭୋଟର ମତଦାନ ପୂର୍ବରୁ ପ୍ରାର୍ଥୀଙ୍କ ଅପରାଧିକ ପୃଷ୍ଠଭୂମି, ସମ୍ପତ୍ତି ଓ ଦେୟ, ଓ ଶିକ୍ଷାଗତ ଯୋଗ୍ୟତା ବିଷୟରେ ତଥ୍ୟ ହାସଲ କରାଯାଇ ପାରିବ ଏବଂ ଏହା ଭୋଟରଙ୍କ ମୌଳିକ ଅଧିକାର। ୨) ଗୋପନୀୟ ଭୋଟଦାନର ଅଧିକାର : କେଉଁ ପ୍ରାର୍ଥୀଙ୍କୁ ଭୋଟ ଦିଆଗଲା, ତାହା ସଂପୂର୍ଣ୍ଣ ଗୋପନୀୟ ଅଟେ ଏବଂ ଏହା ଭୋଟରଙ୍କ ମୌଳିକ ଅଧିକାର ଅନ୍ତର୍ଭୁକ୍ତ। ୩) ସ୍ୱାଧୀନ ଓ ନିରପେକ୍ଷ ନିର୍ବାଚନ ପ୍ରକ୍ରିୟାର ଅଧିକାର: ନିର୍ବାଚନ ପରିଚାଳନାର ଦାୟିତ୍ୱ ନିର୍ବାଚନ ଆୟୋଗଙ୍କ ଉପରେ ନ୍ୟସ୍ତ ଥାଏ। ତେଣୁ ମୁକ୍ତ, ଅବାଧ ନିର୍ବାଚନ ପରିଚାଳନା ନିମନ୍ତେ ନିର୍ବାଚନ ଆୟୋଗଙ୍କ ସ୍ୱାଧୀନତା ଅପରିହାର୍ଯ୍ୟ । ସର୍ବୋଚ୍ଚ ନ୍ୟାୟାଳୟ ବାରମ୍ବାର ଦୋହରାଇଛନ୍ତି – ସ୍ୱାଧୀନ ଓ ନିରପେକ୍ଷ ନିର୍ବାଚନ ପ୍ରକ୍ରିୟାର ଅଧିକାର ସମ୍ବିଧାନର ମୌଳିକ ଢାଞ୍ଚା ତତ୍ତ୍ୱରେ ନିହିତ ଏବଂ ଏହା ସାମ୍ବିଧାନିକ ଆବଶ୍ୟକତା। ମୂଳ ମତଦାନ ଆଇନଗତ ଅଧିକାର ହୋଇଥିଲେ ମଧ୍ୟ , ବିଡ଼ମ୍ବନା, ଏହା ସହିତ ସଂଶ୍ଳିଷ୍ଟ ଉପରେ ବର୍ଣ୍ଣିତ ସମସ୍ତ ଅଧିକାର ମୌଳିକ ଅଧିକାର ଅନ୍ତର୍ଭୁକ୍ତ।

ତେଣୁ ଦେଶରେ ସମ୍ବିଧାନ ଲାଗୁ ହେବା ସମୟରୁ ମତଦାନକୁ ମୌଳିକ ଅଧିକାର ଅନ୍ତର୍ଭୁକ୍ତ କରିବା ପାଇଁ ଦାବି ହୋଇ ଆସୁଛି ଏବଂ ଏହା ଯୁକ୍ତିଯୁକ୍ତ ମନେହୁଏ। ସାମ୍ବିଧାନିକ ସଭାରେ ଏହା ଉପରେ ବିତର୍କ ଆରମ୍ଭ ହୋଇଥିଲା। ସାମ୍ବିଧାନିକ ସଭାର ପ୍ରାରମ୍ଭିକ ପ୍ରସ୍ତୁତି ପର୍ଯ୍ୟାୟରେ ସାର୍ବଜନୀନ ପ୍ରାପ୍ତବୟସ୍କ ମତାଧିକାରକୁ ମୌଳିକ ଅଧିକାର ଭାବେ ସ୍ୱୀକୃତି ଦେବା ସପକ୍ଷରେ ବ୍ୟାପକ ସହମତି ଥିଲା । ଏଥି ସହିତ ମୌଳିକ ଅଧିକାର ଉପସମିତି ଏବଂ ସଂଖ୍ୟାଲଘୁ ଉପସମିତି ମତଦାନ ଅଧିକାରକୁ ମଧ୍ୟ ମୌଳିକ ଅଧିକାର ଅଧ୍ୟାୟରେ ସାମିଲ କରିବାକୁ ଅନୁମୋଦନ କରିଥିଲେ। ଡ.ଆମ୍ବେଦକର ଏବଂ କେ.ଟି.ଶାହା ଉଭୟ ନିଜ ନିଜ ସମ୍ବିଧାନ ଖସଡ଼ାରେ ମତଦାନ ଅଧିକାରକୁ ସମ୍ବିଧାନର ମୌଳିକ ଅଧିକାର ଅଧ୍ୟାୟରେ ସ୍ଥାନ ଦେବା ପାଇଁ ପ୍ରସ୍ତାବ ରଖିଥିଲେ। ଯେତେବେଳେ ଏହି ଧାରା ୧୯୪୭ ମସିହା ଏପ୍ରିଲ ୨୧ ତାରିଖରେ ମୌଳିକ ଅଧିକାର ସମ୍ବନ୍ଧୀୟ ପରାମର୍ଶଦାତା କମିଟିରେ ଆଲୋଚନା ପାଇଁ ଉପସ୍ଥାପନା କରାଗଲା, ସେତେବେଳେ ମତଭେଦ ଆରମ୍ଭ ହେଲା । ଡ.ଆମ୍ବେଦକର ଏବଂ ବାବୁ ଜଗଜୀବନରାମ ଏହାକୁ ମୌଳିକ ଅଧିକାର ଅଧ୍ୟାୟରେ ସ୍ଥାନିତ କରିବା ପାଇଁ ପ୍ରସ୍ତାବ ରଖିଥିବାବେଳେ, ସର୍ଦ୍ଦାର ପଟେଲ ଏବଂ ସି.ରାଜଗୋପାଳାଚାରୀ ତାହାର ବିରୋଧ କରିଥିଲେ। ସେହି ସମୟରେ ପ୍ରଜାମଣ୍ଡଳ ଆନ୍ଦୋଳନ ମାଧ୍ୟମରେ ଡ.ମହତାବ ଦେଶୀୟ ରାଜ୍ୟ ସମ୍ମିଶ୍ରଣ ନିମନ୍ତେ ଉଦ୍ୟମ ଆରମ୍ଭ କରିଥିଲେ। ସର୍ଦ୍ଦାର ପଟେଲଙ୍କର ଆଶଙ୍କା ଥିଲା, ଯଦି ସାର୍ବଜନୀନ ପ୍ରାପ୍ତବୟସ୍କ ମତାଧିକାରକୁ ଅପରିବର୍ତ୍ତନୀୟ ମୌଳିକ ଅଧିକାର ଅଧ୍ୟାୟରେ ସ୍ଥାନିତ କରାଯାଏ, ହୁଏତ ଦେଶୀୟ ରାଜାମାନେ ଭୟଭୀତ ହୋଇ ସମ୍ମିଶ୍ରଣ ପ୍ରକ୍ରିୟାକୁ ବିରୋଧ କରିପାରନ୍ତି। ତେଣୁ ସର୍ଦ୍ଦାର ପଟେଲଙ୍କ ବିରୋଧ ଆଦର୍ଶଗତ ନ ଥିଲା, ଥିଲା କୂଟନୈତିକ ଓ କୌଶଳଗତ। ୧୯୪୯ ମସିହା ଜୁନ୍ ୧୬ ତାରିଖରେ ଡ.ଆମ୍ବେଦକରଙ୍କ ଅଧ୍ୟକ୍ଷତାରେ ଗଠିତ ଡ୍ରାଫ୍ଟିଂ କମିଟି ମତାଧିକାର ପ୍ରସଙ୍ଗକୁ ମୌଳିକ ଅଧିକାର ଅଧ୍ୟାୟରେ ସ୍ଥାନିତ ନ କରି ନିର୍ବାଚନ ଅଧ୍ୟାୟ ସହିତ ଯୋଡ଼ି ଦେଇଥିଲେ, ଯାହା ଆଜି ଅନୁଚ୍ଛେଦ ୩୨୬ ନାମରେ ପରିଚିତ।

ସେହି ଆଧାରରେ ୧୯୫୨ ମସିହାରେ ପୋନୁସ୍ୱାମୀ ବନାମ ରିଟର୍ଣ୍ଣି ଅଫିସର ମାମଲାରେ ସାମ୍ବିଧାନିକ ଖଣ୍ଡପୀଠଙ୍କ ରାୟ ଗୁରୁତ୍ୱପୂର୍ଣ୍ଣ। ସଂପୂର୍ଣ୍ଣ ମାମଲାଟି ଏହିଭଳି – ତାମିଲନାଡୁ ରାଜ୍ୟ ନିର୍ବାଚନରେ ପୋନୁସ୍ୱାମୀ ନାମକ ଜଣେ ବ୍ୟକ୍ତି ନିର୍ବାଚନରେ ପ୍ରତିଦ୍ୱନ୍ଦିତା ପାଇଁ ପ୍ରାର୍ଥୀପତ୍ର ଦାଖଲ କରିଥିଲେ। କୌଣସି କାରଣରୁ ରିଟର୍ଣ୍ଣି ଅଫିସର ସେହି ପ୍ରାର୍ଥପତ୍ର ନାକଚ କରିଦେଲେ। ପୋନୁସ୍ୱାମୀ ହାଇକୋର୍ଟର ଦ୍ୱାରସ୍ଥ ହେଲେ, ସେଠାରୁ ନିରାଶ ହେବା ପରେ ସୁପ୍ରିମକୋର୍ଟରେ ଆବେଦନ କଲେ। ସୁପ୍ରିମକୋର୍ଟ ମତ ରଖିଥିଲେ, ଥରେ ନିର୍ବାଚନ ପ୍ରକ୍ରିୟା ଆରମ୍ଭ ହେବା ପରେ ଅଦାଲତ ସେଥିରେ ହସ୍ତକ୍ଷେପ କରିପାରିବେ ନାହିଁ ପୁନଶ୍ଚ ନିର୍ବାଚନରେ ପ୍ରତିଦ୍ୱନ୍ଦିତା କରିବା ଏବଂ ମତଦାନ ମୌଳିକ ଅଧିକାର ନୁହେଁ, ଆଇନଗତ ଅଧିକାର । ପରବର୍ତ୍ତୀ ସମୟରେ ଏଥିରେ ସାମାନ୍ୟ ସୁଧାର ଆସିଲା । ୨୦୦୩ ମସିହା ପିଉସିଏଲ ବନାମ ଭାରତ ସରକାର ମାମଲାରେ ବିଚାରପତି ପି.ଭି.ରେଡ୍ଡି ବହୁଚର୍ଚ୍ଚିତ ଟିପ୍ପଣୀ ଦେଇଥିଲେ – ମତାଧିକାର ଯଦିଓ ମୌଳିକ ଅଧିକାର ନୁହେଁ, ଏହାକୁ ସାଧାରଣ ଆଇନଗତ ଅଧିକାର କହିବା ସମୀଚୀନ ହେବ ନାହିଁ । ଏହା ହେଉଛି ସାମ୍ବିଧାନିକ ଅଧିକାର – ମୌଳିକ ଅଧିକାର ଓ ବୈଧାନିକ ଅଧିକାରର ମଧ୍ୟବର୍ତ୍ତୀ ସ୍ଥିତି।

ଏହି ଦୃଷ୍ଟିରୁ ୨୦୨୩ ମସିହାର ଅନୁପ ବରଣୱାଲ ବନାମ ଭାରତ ସରକାର ମାମଲାର ଶୁଣାଣି ସମୟରେ ସାମ୍ବିଧାନିକ ଖଣ୍ଡପୀଠର ଅନ୍ୟତମ ବିଚାରପତି ଅଜୟ ରାଷ୍ଟୋଗୀଙ୍କ ମନ୍ତବ୍ୟ ପ୍ରଣିଧାନଯୋଗ୍ୟ । ନିର୍ବାଚନ କମିଶନରଙ୍କ ନିଯୁକ୍ତି ସଂପର୍କରେ ଗୁରୁତ୍ୱପୂର୍ଣ୍ଣ ରାୟ ପ୍ରଦାନ ଅବସରରେ ବିଚାରପତି ଅଜୟ ରାଷ୍ଟୋଗୀ ମତ ରଖିଥିଲେ- ନିର୍ବାଚନ ପ୍ରକ୍ରିୟାରେ ମତ ଦାନ ହେଉଛି ସାମ୍ବିଧାନିକ ଅଧିକାର। ସମ୍ବିଧାନ ପ୍ରଣୟନ ସମୟରେ ମାନନୀୟ ସଦସ୍ୟମାନେ ଏହି ପ୍ରସ୍ତାବରେ ସହମତ ଥିଲେ। କିନ୍ତୁ ସେ ସମୟରେ ଦେଶୀୟ ରାଜ୍ୟ ସମ୍ମିଶ୍ରଣକୁ ଆଖିରେ ରଖି ଏହାକୁ ଆଇନଗତ ଅଧିକାରର ମାନ୍ୟତା ପ୍ରଦାନ କରାଯାଇଥିଲା । ବର୍ତ୍ତମାନ ସାତ ଦଶନ୍ଧିରୁ ଊର୍ଦ୍ଧ୍ୱକାଳ ପରେ ଆମେ ଭିନ୍ନ ସ୍ଥିତିରେ ଉପନୀତ ହୋଇଛନ୍ତି। ତେଣୁ ସମ୍ବିଧାନ ପ୍ରଣେତାଙ୍କ ସମ୍ମାନସ୍ୱରୂପ ମତାଧିକାରକୁ ମୌଳିକ ଅଧିକାର ଭାବେ ଗ୍ରହଣ କରାଯାଉ।ଏ ନିକଟରେ ୨୦୨୬ ମସିହା ଏପ୍ରିଲ ମାସରେ ରାଜସ୍ଥାନ ଦୁଗ୍ଧ ସମବାୟ ସମିତିର ନିର୍ବାଚନ ସଂପର୍କୀୟ ମାମଲାର ଶୁଣାଣି ସମୟରେ ସୁପ୍ରିମକୋର୍ଟର ଖଣ୍ଡପୀଠ ବିଚାରପତି ଅଜୟ ରାଷ୍ଟୋଗୀଙ୍କ ମନ୍ତବ୍ୟକୁ ସମ୍ମାନର ସହ ଅସ୍ୱୀକାର କରିବା ସହିତ ବିଚାରପତି ପି.ଭି.ରେଡ୍ଡିଙ୍କ ମତ ଆଧାରରେ ମତାଧିକାରକୁ ସାମ୍ବିଧାନିକ ଅଧିକାର ଭାବେ ସ୍ୱୀକୃତି ପ୍ରଦାନ କରିଛନ୍ତି।

କିନ୍ତୁ ଏହା ଯଥେଷ୍ଟ ନୁହେଁ। ସଂସଦ ଓ ନ୍ୟାୟପାଳିକା ଉଭୟଙ୍କୁ ନିବେଦନ – ମତଦାନ ଅଧିକାରକୁ ମୌଳିକ ଅଧିକାରର ମାନ୍ୟତା ପ୍ରଦାନ କରନ୍ତୁ। ଫଳରେ ଅନୁଚ୍ଛେଦ ୩୨ ଆଧାରରେ ସ୍ୱୟଂ ସମ୍ବିଧାନ ହିଁ ହେବ ଏହାର ସୁରକ୍ଷା କବଚ । କାରଣ ଏହି ଅନୁଚ୍ଛେଦ ମୌଳିକ ଅଧିକାରକୁ ସୁରକ୍ଷା ପ୍ରଦାନ କରିଥାଏ ଏବଂ ଏହା ସମ୍ବିଧାନର ମୌଳିକ ଢାଞ୍ଚାର ଅନ୍ତର୍ଗତ ତେଣୁ ଏଥିରେ ପରିବର୍ତ୍ତନ ଅଣାଯାଇପାରିବ ନାହିଁ। ଫଳରେ ଭବିଷ୍ୟତରେ କେହି ଏକଛତ୍ରବାଦୀ ଶାସକ ରାଜନୈତିକ ସ୍ୱାର୍ଥ ଲକ୍ଷ୍ୟରେ, ସଂଖ୍ୟାଗରିଷ୍ଠତା ଆଧାରରେ ଏହାକୁ ସଂଶୋଧନ କିମ୍ବା ପରିବର୍ତ୍ତନ କରିପାରିବ ନାହିଁ। ୧୯୪୯ ମସିହା ନଭେମ୍ବର ୨୫ ତାରିଖରେ, ସମ୍ବିଧାନ ଲାଗୁ ହେବାର ପୂର୍ବ ଦିନ, ଡ.ଆମ୍ବେଦକର ସମ୍ବିଧାନ ସଭାର ଅନ୍ତିମ ଅଭିଭାଷଣରେ ମତ ରଖିଥିଲେ- ଯଦି ମୋତେ ସମ୍ବିଧାନର ଗୋଟିଏ ଗୁରୁତ୍ୱପୂର୍ଣ୍ଣ ଅନୁଚ୍ଛେଦଚିହ୍ନଟ କରିବାକୁ କୁହାଯାଏ, ଯେଉଁ ଅନୁଚ୍ଛେଦ ବିନା ସମ୍ବିଧାନ ମୂଲ୍ୟହୀନ ହୋଇଯିବ, ତେବେ ମୁଁ ଦୃଢ଼ ସ୍ୱରରେ ଧାରା ୩୨ର ନାମ ଘୋଷଣା କରିବି । କାରଣ ତାହା ହେଉଛି ସମ୍ବିଧାନର ପ୍ରାଣ ଓ ହୃଦୟ । ମତଦାନ ଅଧିକାରକୁ ସାମ୍ବିଧାନିକ ସ୍ୱୀକୃତି ମିଳିଲେ, ଆମ ଦେଶର ଗଣତନ୍ତ୍ର ଆହୁରି ସୁଦୃଢ଼ ଓ ଶକ୍ତିଶାଳୀ ହେବ, ଏହା ସୁନିଶ୍ଚିତ।

**ଆମ ଦେଶରେ ମତଦାନ ଆଇନଗତ ଅଧିକାରର ଅଂଶ ମୌଳିକ ଅଧିକାର ନୁହେଁ। ଏହି ଦୁଇଟି ମଧ୍ୟରେ ଗୁରୁତ୍ୱପୂର୍ଣ୍ଣ ପାର୍ଥକ୍ୟ ହେଉଛି – ମୌଳିକ ଅଧିକାର ସମ୍ବିଧାନ ସ୍ୱୀକୃତ, ସଂସଦ କିମ୍ବା ବିଧାନସଭାରର ସାଧାରଣ ଆଇନ ଏଥିରେ ପରିବର୍ତ୍ତନ ଆଣି ପାରିବ ନାହିଁ । ମୌଳିକ ଅଧିକାରର ଉଲ୍ଲଂଘନ ହେଲେ , ଜଣେ ନାଗରିକ ସମ୍ବିଧାନର ଅନୁଚ୍ଛେଦ ୩୨ ଆଧାରରେ ସୁପ୍ରିମକୋର୍ଟର ସହାୟତା ଲୋଡ଼ିପାରିବେ। କିନ୍ତୁ ଆଇନଗତ ଅଧିକାରର ଉତ୍ସ ହେଉଛି ସଂସଦ କିମ୍ବା ବିଧାନସଭା। ତେଣୁ ସଂସଦ କିମ୍ବା ବିଧାନସଭା ଏହି ଆଇନରେ ପରିବର୍ତ୍ତନ ଆଣିପାରିବେ, ଆବଶ୍ୟକ ହେଲେ ବିଲୋପ କରିପାରିବେ।**

**(ଶ୍ରୀ ଦ୍ୱିବେଦୀ ଜଣେ ସୁଲେଖକ ଓ ସମ୍ପାଦକ) ଭଦ୍ରାଣୀ, ସାଳନ୍ଦୀ ନଗର,ଭଦ୍ରକ**
**ମୋ: ୯୪୩୭୧ ୯୧୩୫୦**

# ଜୀବନ ଜିଇଁବାର କଳା

**ପ୍ରଭାତ କୁମାର ମହାପାତ୍ର**

ଆଜିର ସମୟରେ ଜୀବନର ଗତି ଏତେ ତୀବ୍ର ହୋଇଯାଇଛି ଯେ ଲୋକମାନେ ପ୍ରାୟ ପ୍ରତ୍ୟେକ କଥାକୁ ଲାଭ ଏବଂ କ୍ଷତିର ନିକିତିରେ ତଉଲିବାକୁ ଲାଗିଛନ୍ତି । କୌଣସି କାମ କରିବା ପୂର୍ବରୁ ମନରେ ପ୍ରଥମ ପ୍ରଶ୍ନ ଉଠେ– 'ଏଥିରୁ ମୋର କି ଲାଭ ହେବ ?' ଯଦି ଲାଭ ଦେଖାଯାଏ, ତେବେ ଆମେ ତୁରନ୍ତ ଆଗକୁ ବଢୁ ଏବଂ ଯଦି ଲାଭ ସ୍ପଷ୍ଟ ନ ହୁଏ, ତେବେ ଅନେକ ସମୟରେ ଆମେ ସେହି କାମଠାରୁ ଦୂରେଇ ରହୁ ।

ଧୀରେ ଧୀରେ ଏହି ଚିନ୍ତାଧାରା ଆମ ଜୀବନର ଏକ ଅଂଶ ପାଲଟିଯାଉଛି । କିନ୍ତୁ ସତରେ କଣ ଜୀବନର ପ୍ରତ୍ୟେକ କଥାକୁ ଲାଭ-କ୍ଷତିରେ ମାପିବା ଠିକ୍ ହେବ ? କଣ ସମ୍ପର୍କ, ଭାବନା ଏବଂ ମାନବୀୟ ସମ୍ବେଦନା ମଧ୍ୟ କୌଣସି ବ୍ୟାପାରିକ ହିସାବ-କିତାବର ଅଂଶ ହୋଇପାରେ? ଯଦି ଆମେ ଟିକେ ଗଭୀର ଭାବେ ଚିନ୍ତା କରିବା, ତେବେ ଜଣାପଡ଼େ ଯେ ଜୀବନର ସବୁଠାରୁ ସୁନ୍ଦର ଅଂଶ ସେଇଟି, ଯେଉଁଠାରେ କୌଣସି ଗଣନା ବା ମାପ-ତଉଲ ନଥାଏ ।

ସବୁଠାରୁ ବଡ଼ ଉଦାହରଣ ହେଉଛି ପିତାମାତାଙ୍କ ସ୍ନେହ । ସେମାନେ ନିଜ ପିଲାମାନଙ୍କ ପାଇଁ ଅସଂଖ୍ୟ ତ୍ୟାଗ କରନ୍ତି, ସେମାନଙ୍କ ପାଠପଢ଼ା, ସ୍ୱାସ୍ଥ୍ୟ ଏବଂ ଭବିଷ୍ୟତ ପାଇଁ ଦିନରାତି ପରିଶ୍ରମ କରନ୍ତି । ପିତାମାତା ନିଜ ପିଲା ପାଇଁ କେତେ ନିଦ ହରାଇଛନ୍ତି, କେତେଥର ନିଜ ଇଚ୍ଛାକୁ ଦବାଇଛନ୍ତି କିମ୍ବା କେତେ ପରିଶ୍ରମ କରିଛନ୍ତି, ଏହାର କୌଣସି ହିସାବ ରଖନ୍ତି ନାହିଁ । ସେମାନେ କେବେହେଲେ ଭାବନ୍ତି ନାହିଁ ଯେ ପିଲାକୁ ବଡ଼ କରିବାରେ କେତେ ଖର୍ଚ୍ଚ ହେଲା ଏବଂ ସେଥିରୁ ସେମାନଙ୍କୁ କି ଲାଭ ମିଳିବ ? ସେମାନଙ୍କ ପାଇଁ ପିଲାର ଖୁସି ହିଁ ସବୁଠାରୁ ବଡ଼ ରୋଜଗାର ।

ବାସ୍ତବରେ ପିତାମାତା ଆମକୁ ଏହା ଶିଖାନ୍ତି ଯେ ପ୍ରକୃତ ପ୍ରେମ ସେଇଟି, ଯେଉଁଥିରେ ସ୍ୱାର୍ଥ ଏବଂ ଲାଭ-କ୍ଷତିର କୌଣସି ସ୍ଥାନ ନଥାଏ । କିନ୍ତୁ ଯେତେବେଳେ ଆମେ ନିଜ ଆଶା ଆଧାରରେ କାହା ସହ ଜଡ଼ିତ ହେଉ ଏବଂ ସାମ୍ନା ବ୍ୟକ୍ତି ଜଣକ ସେଥିରେ ସଫଳ ହୁଅନ୍ତି ନାହିଁ ସେତେବେଳେ ଗଭୀର ଆଘାତ ଲାଗେ । ଏହିପରି ଶିକ୍ଷକ ଏବଂ ଛାତ୍ରଙ୍କ ସମ୍ପର୍କ ମଧ୍ୟ କେବଳ ଆନୁଷ୍ଠାନିକ ନୁହେଁ ।

ଜଣେ ପ୍ରକୃତ ଶିକ୍ଷକ କେବଳ ପାଠ୍ୟକ୍ରମ ଶେଷ କରି ନିଜ କର୍ତ୍ତବ୍ୟ ସରିଗଲା ବୋଲି ଭାବନ୍ତି ନାହିଁ । ସେ ଦୁର୍ବଳ ଛାତ୍ରକୁ ଅଲଗା ଭାବେ ବୁଝାନ୍ତି, ତାକୁ ପ୍ରେରିତ କରନ୍ତି ଏବଂ ତା' ଭିତରେ ଆତ୍ମବିଶ୍ୱାସ ଜଗାଇବାକୁ ଚେଷ୍ଟା କରନ୍ତି ।

ଅନେକ ସମୟରେ ଶିକ୍ଷକ ଶ୍ରେଣୀ ଗୃହ ପରେ ମଧ୍ୟ ସମୟ ଦେଇ ଛାତ୍ରମାନଙ୍କ ସନ୍ଦେହ ଦୂର କରନ୍ତି, ସେମାନଙ୍କ ଜୀବନ ସହ ଜଡ଼ିତ ପ୍ରଶ୍ନରେ ମାର୍ଗଦର୍ଶନ କରନ୍ତି ।

ଏଥିପାଇଁ ସେମାନଙ୍କୁ କୌଣସି ଅତିରିକ୍ତ ଲାଭ ମିଳେନାହିଁ, ତଥାପି ସେମାନେ ଏପରି କରନ୍ତି, କାରଣ ସେମାନଙ୍କ ପାଇଁ ଛାତ୍ରର ପ୍ରଗତି ଏବଂ ସଫଳତା ହିଁ ସବୁଠାରୁ ବଡ଼ ସନ୍ତୋଷ । ବନ୍ଧୁତା ମଧ୍ୟ ଏପରି ଏକ ଭାବନା, ଯାହାକୁ କୌଣସି ଗଣିତରେ ମାପି ହେବ ନାହିଁ।

ପ୍ରକୃତ ବନ୍ଧୁ କଠିନ ସମୟରେ ସାଥୀରେ ଠିଆ ହୁଏ । ସେ ଏହା ଭାବେ ନାହିଁ ଯେ ଏଥିରୁ ତାକୁ କଣ ମିଳିବ ? ମନେ କରନ୍ତୁ, ଆପଣଙ୍କର କୌଣସି ବନ୍ଧୁ ହଠାତ୍ ରାତିରେ ସାହାଯ୍ୟ ପାଇଁ କହିଲେ- ତାଙ୍କୁ ଡାକ୍ତରଖାନା ଯିବାକୁ ଅଛି କିମ୍ବା କୌଣସି ସମସ୍ୟାରେ ସାହାଯ୍ୟ ଦରକାର । ସେହି ସମୟରେ ଯଦି ଆମେ ଲାଭ-କ୍ଷତି କଥା ଚିନ୍ତା କରିବା, ତେବେ ବନ୍ଧୁତାର ମୂଲ୍ୟ ହିଁ ଶେଷ ହୋଇଯିବ ।

ପ୍ରକୃତ ବନ୍ଧୁତା ସେଇଟି, ଯେଉଁଥିରେ ନିଃସ୍ୱାର୍ଥପର ଭାବେ ପରସ୍ପରର ସୁଖ-ଦୁଃଖରେ ସାଥୀ ହୋଇଥାନ୍ତି । ଦୈନନ୍ଦିନ ଜୀବନରେ ମଧ୍ୟ ଆମେ ଏମିତି ଅନେକ ଛୋଟ ଛୋଟ କାମ କରୁ, ଯାହାର କୌଣସି ଆର୍ଥିକ ଲାଭ ନଥାଏ, ତଥାପି ସେଗୁଡ଼ିକ ଆମ ମନକୁ ପ୍ରକୃତ ଖୁସି ଦେଇଥାଏ । ଯେପରି ବସ୍‌ରେ କୌଣସି ବୃଦ୍ଧ ବା ମହିଳାଙ୍କୁ ନିଜ ସିଟ୍ ଦେଇଦେବା, କୌଣସି ଅଜଣା ବ୍ୟକ୍ତିଙ୍କୁ ରାସ୍ତା ବୁଝାଇଦେବା, କୌଣସି ଅସୁବିଧାରେ ଥିବା ବନ୍ଧୁର କଥାକୁ ଧୈର୍ଯ୍ୟର ସହ ଶୁଣିବା କିମ୍ବା ରାସ୍ତାରେ ପଡ଼ିଥିବା କୌଣସି ଆହତ ବ୍ୟକ୍ତିଙ୍କୁ ଡାକ୍ତରଖାନାରେ ପହଞ୍ଚାଇବାରେ ସାହାଯ୍ୟ କରିବା । ଏହି କାର୍ଯ୍ୟଗୁଡ଼ିକରୁ ଆମକୁ କୌଣସି ଲାଭ ମିଳେ ନାହିଁ, କିନ୍ତୁ ସନ୍ତୋଷ ଏବଂ ଖୁସି ନିଶ୍ଚୟ ମିଳିଥାଏ ।

ପଞ୍ଚତନ୍ତ୍ରର କାହାଣୀଗୁଡ଼ିକରେ ମଧ୍ୟ ଏହି କଥାକୁ ସୁନ୍ଦର ଭାବେ ବର୍ଣ୍ଣନା କରାଯାଇଛି । ଏହି ପ୍ରସିଦ୍ଧ କାହାଣୀରେ ପାରାମାନେ ଶିକାରୀର ଜାଲରେ ଫସିଯାଆନ୍ତି । ସେମାନେ ମିଶି ଜାଲ ସହିତ ଉଡ଼ିଯାଆନ୍ତି ଏବଂ ନିଜ ବନ୍ଧୁ ମୂଷା ପାଖକୁ ପହଞ୍ଚନ୍ତି । ମୂଷାଟି କୌଣସି ସ୍ୱାର୍ଥ ବିନା ଜାଲକୁ କାଟି ସେମାନଙ୍କୁ ମୁକ୍ତ କରିଦିଏ । ସେ ଏହା ଚିନ୍ତା କରିନଥିଲା ଯେ ଏଥିରୁ ତା'ର କି ଲାଭ ହେବ । ସେଠାରେ କେବଳ ସଚ୍ଚା ବନ୍ଧୁତା ଏବଂ ସହଯୋଗ ଥିଲା । ଏହି କାହାଣୀ ଆମକୁ ଶିଖାଏ ଯେ ସମ୍ପର୍କର ଶକ୍ତି ଲାଭ-କ୍ଷତିରୁ ନୁହେଁ, ବରଂ ବିଶ୍ୱାସ ଏବଂ ସହଯୋଗରୁ ସୃଷ୍ଟି ହୋଇଥାଏ ।

ଅନେକ ସମୟରେ ଲୋକେ ସମ୍ପର୍କରେ ମଧ୍ୟ ଲାଭ ଖୋଜିବାକୁ ଲାଗନ୍ତି । ସେମାନେ ଭାବନ୍ତି ଯେ ଏହି ସମ୍ପର୍କ ସେମାନଙ୍କର କାମରେ ଆସିବ କି ନାହିଁ । କିନ୍ତୁ ସତ୍ୟ ଏହା ଯେ ଯେଉଁ ସମ୍ପର୍କ କେବଳ ସ୍ୱାର୍ଥ ଉପରେ ଆଧାରିତ ହୋଇଥାଏ, ତାହା ଅଧିକ ସମୟ ତିଷ୍ଠି ରହିପାରେ ନାହିଁ। ପ୍ରକୃତ ସମ୍ପର୍କ ହେଉଛି, ଯେଉଁଥିରେ ଆପଣାପଣ, ବିଶ୍ୱାସ, ସମ୍ମାନ ଏବଂ ସତ୍ୟତା ଥାଏ ।

ସେମାନେ ଭାବନ୍ତି ଯେ ଏହି ସମ୍ପର୍କ ସେମାନଙ୍କ କାମରେ ଆସିବ କି ନାହିଁ । କିନ୍ତୁ ସତ୍ୟ ଏହା ଯେ ଯେଉଁ ସମ୍ପର୍କ କେବଳ ସ୍ୱାର୍ଥ ଉପରେ ଅଟକି ରହିଥାଏ, ତାହା ଅଧିକ ସମୟ ଚାଲିପାରେ ନାହିଁ । ପ୍ରକୃତ ସମ୍ପର୍କ ସେଇଗୁଡ଼ିକ, ଯେଉଁଥିରେ ଆପଣାପଣ, ବିଶ୍ୱାସ, ସମ୍ମାନ ଏବଂ ସତ୍ୟତା ଥାଏ ।

ବାସ୍ତବରେ ଜୀବନର ସବୁଠାରୁ ମୂଲ୍ୟବାନ ଜିନିଷଗୁଡ଼ିକ ସେଇଆ, ଯାହାର କୌଣସି ହିସାବ-କିତାବ ନଥାଏ – ପିତାମାତାଙ୍କ ସ୍ନେହ, ସାଙ୍ଗମାନଙ୍କ ବନ୍ଧୁତା, ଶିକ୍ଷକଙ୍କ ମାର୍ଗଦର୍ଶନ ଏବଂ କୌଣସି ଅଜଣା ବ୍ୟକ୍ତିଙ୍କର ଛୋଟ ସାହାଯ୍ୟ । ଏଗୁଡ଼ିକୁ କୌଣସି ନିକିତିରେ ତଉଲା ଯାଇପାରିବ ନାହିଁ। ଯେତେବେଳେ ଆମେ ଭାବନାତ୍ମକ ଭାବେ ଯୋଡ଼ି ହେବା ବଦଳରେ ଏହି କଥା ଉପରେ ଧ୍ୟାନ ଦେବାକୁ ଲାଗୁ ଯେ ଆମକୁ କଣ ମିଳୁଛି, ତେବେ ସମ୍ପର୍କର ପ୍ରକୃତ ଅର୍ଥ ହିଁ ଶେଷ ହେବାକୁ ଲାଗେ ।

ଜୀବନ କୌଣସି ବ୍ୟାପାରର ବହି ନୁହେଁ, ଯେଉଁଠାରେ ପ୍ରତି ଧାଡ଼ିରେ ଲାଭ ଏବଂ କ୍ଷତିର ହିସାବ ଲେଖାଯିବ । ଯଦି ଆମେ ପ୍ରତ୍ୟେକ ସମ୍ପର୍କ ଏବଂ ପ୍ରତ୍ୟେକ କାର୍ଯ୍ୟକୁ କେବଳ ସ୍ୱାର୍ଥ ଓ ଲାଭର ଦୃଷ୍ଟିକୋଣରୁ ଦେଖିବା, ତେବେ ଜୀବନରୁ ସମ୍ବେଦନା ଧୀରେ ଧୀରେ ସମାପ୍ତ ହୋଇଯିବ। ପ୍ରକୃତ ସୁଖ ସେହି ସମୟରେ ମିଳେ, ଯେତେବେଳେ ଆମେ ବିନା କୌଣସି ଆଶାରେ କିଛି ଭଲ କରୁ- ଯେତେବେଳେ ଆମେ କାହାକୁ ସାହାଯ୍ୟ କରୁ, କାହା ମୁହଁରେ ହସ ଫୁଟାଉ କିମ୍ବା କାହାର ଜୀବନକୁ ଟିକେ ଭଲ କରିବାକୁ ଚେଷ୍ଟା କରୁ ।

କାରଣ ଜୀବନର ପ୍ରକୃତ ସମ୍ପତ୍ତି ସେଇଟି ନୁହେଁ, ଯାହା ଆମ ଆକାଉଣ୍ଟରେ ଜମା ହୋଇଥାଏ, ବରଂ ତାହା ଯାହା ଆମ ବ୍ୟବହାର ଏବଂ ସମ୍ପର୍କରେ ଦେଖା ଯାଇଥାଏ । ସତ କଥା ଏହା ଯେ ଦୁନିଆର ସବୁଠାରୁ ମୂଲ୍ୟବାନ ଜିନିଷଗୁଡ଼ିକ ସେଇଆ, ଯାହାକୁ ଲାଭ-କ୍ଷତିର ନିକିତିରେ ତଉଲା ଯାଇପାରିବ ନାହିଁ ।

**ସ୍ୱାମୀ ବିବେକାନନ୍ଦ ବନ ଭାରତୀ ବିଦ୍ୟାପୀଠ କୋରାପୁଟ**
**ମୋ-୭୮୯୪୦୦୫୪୫୫**

# ପ୍ରଥମ ପୃଷ୍ଠାର ଅବଶିଷ୍ଟାଂଶ

## ଟେକ୍ନୋଲୋଜିକୁ...

ବା ମର ଡାକରା ଦେଇଥିଲେ । ଏହି ଆନ୍ଦୋଳନରେ ହଜାର ହଜାର ସଂଗ୍ରାମୀଙ୍କ ବଳୀଦାନ ଯୋଗୁଁ ଆମେ ଆଜି ସ୍ୱାଧୀନତା ପାଇଛୁ । ପଲାସୀ ବିଦ୍ରୋହ, ସିପାହୀ ବିଦ୍ରୋହ ଓ ପାଇକ ବିଦ୍ରୋହ ଭଳି ବହୁ ଆନ୍ଦୋଳନ ସ୍ୱାଧୀନତା ପୂର୍ବରୁ କରାଯାଇଛି । ଆଜିର ପିଢ଼ି ସଂଗ୍ରାମୀର ବଳିଦାନ ଗାଥା ମନେ ରଖିବା ଉଚିତ ବୋଲି ସେ କହିଥିଲେ । ସମ୍ମାନିତ ଅତିଥି ଭାବେ ବିଧାୟିକା ସୋଫିଆ ଫିର୍ଦ୍ଦୋସ କହିଥିଲେ, ଏବର ଦାୟିତ୍ୱବାନ ସରକାର ଅତୀତ ଓ ଭବିଷ୍ୟତ କଥା କହୁଛନ୍ତି । କିନ୍ତୁ ଯୁବ ପିଢ଼ିଙ୍କୁ ବର୍ତ୍ତମାନ ସମୟ ଦରକାର । ଯେପରି ଶିକ୍ଷା ବ୍ୟବସ୍ଥା କିପରି ବଦଳିବା ଭଳି ବିଭିନ୍ନ ଯୋଜନା ସେମାନେ ଏବେ ପାଇପାରିବେ । ଦେଶରେ ବର୍ତ୍ତମାନ ୯୦ କୋଟି ଲୋକ ସାମାଜିକ ଗଣମାଧ୍ୟମରେ ସିଧାସଳଖ ଯୋଡି ହୋଇଛନ୍ତି । ଜେନ୍ - ଜି ଆନ୍ଦୋଳନ ଯୋଗୁଁ ସାମାଜିକ ଗଣମାଧ୍ୟମର ଭୂମିକା ବଢିଛି । ଏହି ଜେନ୍ -ଜି ଆନ୍ଦୋଳନ ସମସ୍ତଙ୍କୁ ଅନୁପ୍ରାଣିତ କରିଛି । ଦେଶ ପାଇଁ ଅନୁଗତ ରହିଲେ ତାହା ହେଲେ ହିଁ ଆମେ ଦେଶ ପାଇଁ କିଛି କରିପାରିବା । ପୂର୍ବ ସ୍ୱାଧୀନତା ବେଳେ ଆଞ୍ଚଳିକ ଭାଷା ହିଁ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଥିଲା । ନିରପେକ୍ଷ ଓ ନିର୍ଭୟ ହୋଇ ଲୋକଙ୍କ ପାଖକୁ ଖବର ପହଞ୍ଚିବା ଏକ ଦାୟିତ୍ୱବାନ ଗଣମାଧ୍ୟମର ଭୂମିକା । ସମୟର ମୁଖ୍ୟ ସମ୍ପାଦକ ଗୁରୁକଲ୍ୟାଣ ମହାପାତ୍ର କହିଥିଲେ, ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ବିକଶିତ ଭାରତ ଆହ୍ୱାନରେ ୨୦୪୭ରେ ଭାରତ ତାର ସ୍ୱାଧୀନତାର ଶହେ ବର୍ଷ ପାଳନ କରିବ । ସାମାଜିକ ଗଣମାଧ୍ୟମରେ ନିୟନ୍ତ୍ରଣ ରହିବା ଦରକାର ନଚେତ୍ ଉନ୍ନତି ବଦଳରେ ଅବନତି ଆଡକୁ ଯିବ ବୋଲି ସେ କହିଥିଲେ । ଶେଷରେ ସମୟ ଲାଇଭ ତଥା ସମୟର ସମ୍ପାଦକ ପପୁ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ । ସମୟ ଲାଇଭର କାର୍ଯ୍ୟରତ ସାମ୍ବାଦିକମାନଙ୍କୁ ଉତ୍ତମ କାର୍ଯ୍ୟ ପାଇଁ ସମ୍ବର୍ଦ୍ଧିତ କରାଯାଇଥିଲା ।

## ଆଗ୍ରିଷ୍ଟାକ୍...

ସରକାରୀ କାର୍ଯ୍ୟକୁ ଅଧିକ ଡିଜିଟାଲ କରିବା ଦିଗରେ ଓଶ୍ୱାସ-୨.୦ କାର୍ଯ୍ୟକାରି କରିବାକୁ କ୍ୟାବିନେଟ୍ ନିଷ୍ପତ୍ତି ନେଇଛନ୍ତି । ବ୍ଲକ୍ ସ୍ତର ପର୍ଯ୍ୟନ୍ତ ସମସ୍ତ ସରକାରୀ ଅଫିସ କାର୍ଯ୍ୟ ପେପରଲେସ୍ ରହିବ । ଓଶ୍ୱାସ-୩.୦ ପ୍ରକଳ୍ପ ପାଇଁ ନୂତନ ସିଷ୍ଟମ୍ ଡେଭ୍‌ଲପର ମନୋନୟନ ନିମନ୍ତେ ଇ-ନିବିଧା ପୋର୍ଟାଲ ମାଧ୍ୟମରେ ଟେଣ୍ଡର ଆହ୍ୱାନ କରାଯାଇଥିଲା । ଟିସିଏସ୍ ଏକମାତ୍ର ବିଡ୍ ଦାଖଲ କରିଥିଲା । ଏହାକୁ ଟିସିଏସ୍‌କୁ ଦିଆଯାଇଛି । ଟିସିଏସ୍‌ର ୧୨୨ କୋଟି ୬୦ ଲକ୍ଷ ୨୫ ହଜାର ୪୭୬ ଟଙ୍କାର ମୂଲ୍ୟ ପ୍ରସ୍ତାବକୁ ସରକାର ଅନୁମୋଦନ କରିଛନ୍ତି । ସେମି କଣ୍ଡକ୍ଟର ନୀତିର ତୃତୀୟ ସଂଶୋଧନକୁ ଅନୁମୋଦନ ମିଳିଛି । ଏହି ସଂଶୋଧନ ନୀତି ଆକର୍ଷଣକୁ ବୃଦ୍ଧି କରିବା, ନିବେଶକମାନଙ୍କର ଆସ୍ଥାକୁ ସୁଦୃଢ଼ କରିବା ଏବଂ ରାଜ୍ୟରେ ଏକ ସୁଦୃଢ଼ ଓ ସ୍ଥାୟୀ ସେମିକଣ୍ଡକ୍ଟର ପରିବେଶ ଗଠନର ଲକ୍ଷ ରଖିଛି । ସେହିଭଳି ପାର୍ବତୀଗିରି ମେଗା ଉଠାଜଳସେଚନ ପ୍ରକଳ୍ପର କାର୍ଯ୍ୟକାରିତା ପାଇଁ ଆଗାମୀ ୫ ବର୍ଷ ଲାଗି ୧୨୪୫୮.୪ କୋଟି ଟଙ୍କାର ପ୍ରସ୍ତାବକୁ ମଞ୍ଜୁରୀ ମିଳିଛି । ୨୦୨୬-୨୭ ଆର୍ଥିକ ବର୍ଷରୁ ୨୦୩୦-୩୧ ଆର୍ଥିକ ବର୍ଷ ମଧ୍ୟରେ ରାଜ୍ୟର ସବୁ ଜିଲ୍ଲାରେ ୨ ଲକ୍ଷ ୬୨ ହଜାର ୨୭୫ ହେକ୍ଟର ଜମିକୁ ଜଳସେଚିତ କରିବା ପାଇଁ ଲକ୍ଷ୍ୟ ରଖାଯାଇଛି । ଓଡ଼ିଶା ପମ୍ପ ଷ୍ଟୋରେଜ୍ ପ୍ରୋଜେକ୍ଟ ନୀତି ଓ ପିଏସ୍‌ପି ନୀତିର ପରିଚାଳନା ନିର୍ଦ୍ଦେଶାବଳୀ ସଂଶୋଧନକୁ କ୍ୟାବିନେଟ୍ ମଞ୍ଜୁରୀ କରିଛନ୍ତି । ୨୦୩୦ ସୁଦ୍ଧା ଅକ୍ଷୟ ଶକ୍ତିରୁ ପ୍ରାୟ ୧୧୦୦୦ମେଗାୱାଟ୍ କ୍ଷମତା ଯୋଡ଼ିବାକୁ ଲକ୍ଷ୍ୟ ରଖାଯାଇଛି । ଅସହାୟ ଶିଶୁମାନଙ୍କୁ ରାଜ୍ୟସ୍ତରୀୟ ଯୋଜନା, ଯଶୋଦା ଓ ଉପଯୋଜନା ଆଶୀର୍ବାଦକୁ ଜାରି ରଖିବା ନିମନ୍ତେ ୨୯୬.୯୯ କୋଟି ଟଙ୍କାକୁ କ୍ୟାବିନେଟ୍ ଅନୁମୋଦନ କରିଛନ୍ତି । ୫ ବର୍ଷ ମଧ୍ୟରେ ଏହି ଟଙ୍କା ଖର୍ଚ୍ଚ କରାଯିବ । ଏହି ଯୋଜନା ହେଉଛି ଯେ କୋଭିଡ-୧୯ ମହାମାରୀ ସମୟରେ ଉଭୟ କିମ୍ବା ପରିବାରର ଏକମାତ୍ର ରୋଜଗାରିମା ପିତାମାତାଙ୍କୁ ହରାଇଥିବା ଶିଶୁମାନଙ୍କୁ ଡିବିଟି ମାଧ୍ୟମରେ ମାସିକ ଆର୍ଥିକ ସହାୟତା ଓ ଅନ୍ୟାନ୍ୟ ସମନ୍ୱିତ ସହାୟତା ପ୍ରଦାନ କରାଯାଇଥାଏ । ମାଳତୀ ଦେବୀ ପ୍ରାକ୍ ବିଦ୍ୟାଳୟ ପରିଧାନ ଯୋଜନା ଜାରି ରଖିବା ପାଇଁ ଅନୁମୋଦନ ମିଳିଛି । ୟୁନିଫର୍ମ, ଜୋତା, ମୋଜା ଓ ସ୍ୱେଟରର ୟୁନିଟ୍ ମୂଲ୍ୟରେ ସଂଶୋଧନ ଓ ପିଲାମାନଙ୍କ ପାଇଁ ଅତିରିକ୍ତ ଗୋଟିଏ ହଳ ମୋଜା ବ୍ୟବସ୍ଥା କରାଯାଇଛି । ଏହି ଯୋଜନାରେ ପ୍ରତିବର୍ଷ ୧୪.୭୬ ଲକ୍ଷ ପ୍ରାକ୍ ବିଦ୍ୟାଳୟ ପିଲା ୩-୬ ବର୍ଷ ଉପକୃତ ହେବେ । କ୍ୟାବିନେଟ୍ ୨୦୨୬-୨୭ ଠାରୁ ୨୦୩୦-୩୧ ପର୍ଯ୍ୟନ୍ତ ଏହି ଯୋଜନାରେ ୫୮ କୋଟି ୬୫ ଲକ୍ଷ ୭୫ ହଜାର ୪୮୦ ଟଙ୍କା ଅନୁମୋଦନ କରିଛନ୍ତି । ଜଳାଶ୍ରୟ ଏବଂ କ୍ଷୁଦ୍ର ଉଠାଜଳସେଚନ ପ୍ରକଳ୍ପ ଉନ୍ନତିକରଣ କାର୍ଯ୍ୟ ପର୍ଯ୍ୟାୟ-୩ କୁ ଅନୁମୋଦନ ମିଳିଛି । ୪ ବର୍ଷ ପାଇଁ ୩୮୯ କୋଟି ବ୍ୟୟରେ ଏହା କାର୍ଯ୍ୟକାରୀ ହେବ । ୧୫୭୦୦ ହେକ୍ଟର ହଜିଯାଇଥିବା ଜଳସେଚନ କ୍ଷେତ୍ର (ଆୟାକଟ)କୁ ପୁନରୁଦ୍ଧାର କରାଯିବ । ଓଡ଼ିଶା ବେସାମରିକ ସେବା (ପୁନର୍ବାସ ସହାୟତା) ନିୟମାବଳୀ ୨୦୨୬ ପ୍ରଣୟନ କରାଯାଇଛି । ଏଥିରେ ୧୦୦ ପଏଣ୍ଟ ମୂଲ୍ୟାୟନ ପଦ୍ଧତି ଯୋଗ୍ୟତା ସର୍ତ୍ତ ପ୍ରତ୍ୟାହାର ହେବାସହ ମୂଳସ୍ତରରେ ଗ୍ରୁପ୍-ଡି ପଦବୀରେ ୫୦% ସୀମାକୁ ପ୍ରତ୍ୟାହାର କରାଯାଇଛି ।

## ଗୁରୁଣ୍ଡିଆ...

ଅଭିଯୋଗରେ ଦୋଷୀ ସାବ୍ୟସ୍ତ ହୋଇଥିଲେ । ଏଥିପାଇଁ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ସମ୍ପୃକ୍ତ ଡାକ୍ତର ବାରିକଙ୍କୁ ସରକାରୀ ସେବାରୁ ବହିଷ୍କୃତ କରିଛନ୍ତି । ଦୁର୍ନୀତି ବିରୁଦ୍ଧରେ ଶୂନ୍ୟସହନଶୀଳତା ନୀତି ଅବଲମ୍ବନ ପାଇଁ ମୁଖ୍ୟମନ୍ତ୍ରୀ ପ୍ରଶାସନର ସବୁ ସ୍ତରରେ ନିର୍ଦ୍ଦେଶ ଦେଇଛନ୍ତି । କୌଣସି ଦୁର୍ନୀତିଗ୍ରସ୍ତ ଅଧିକାରୀଙ୍କୁ ଛଡା ଯିବନାହିଁ ବୋଲି ମୁଖ୍ୟମନ୍ତ୍ରୀ ସବୁବେଳେ କହି ଆସୁଛନ୍ତି ।

## ବିରୋଧୀ...

ଜବାବ ରଖି ରାହୁଲ ଗାନ୍ଧି କହିଛନ୍ତି ଯେ ଅମିତ ଶାହାଙ୍କ ଭାଷଣ ଶୁଣିବାକୁ ବିରୋଧୀ ଦଳ ନେତା କିମ୍ବା ଦେଶବାସୀଙ୍କର ଆଗ୍ରହ ନାହିଁ । କୌଣସି ଯୁବକ ମଧ ଏହା ଶୁଣିବାକୁ ଚାହୁଁନାହାନ୍ତି । ଛାତ୍ରମାନଙ୍କ ଉପରେ ଗୁଳି ଚଳାଇବା ପାଇଁ କିଏ ଅନୁମତି ଦେଇଥିଲା, ତାହା ସ୍ପଷ୍ଟ କରାଯାଉ । ଦିଲ୍ଲୀ ପୋଲିସ ଓ ଆର୍‌ଏଏଫ୍ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ଅଧୀନରେ ଆସୁଛି । କ'ଣ ଶ୍ରୀ ଶାହା ନିର୍ଦ୍ଦେଶ ଦେଇଥିଲେ କି ବୋଲି ସେ ପ୍ରଶ୍ନ କରିବା ସହ କହିଛନ୍ତି, ଯଦି ସେ ଏହା କହିଛନ୍ତି, ସେ ଦୋଷୀ । ଯଦି ଏହା କରି ନଥାନ୍ତି, ତାହାଲେ ଅପରାଗ । ଉଭୟ ଘଟଣାରେ ଶ୍ରୀ ଶାହା ଇସ୍ତଫା ଦେବା ଉଚିତ । ଆଜି ଅପରାହ୍ନରେ ଲୋକସଭାରେ ସଂସଦୀୟ ବ୍ୟାପାର ମନ୍ତ୍ରୀ କହିଛନ୍ତି ଯେ ସରକାର ଆଲୋଚନା ପାଇଁ ପ୍ରସ୍ତୁତ । ମାତ୍ର ପ୍ରଥମ ଥର ପାଇଁ ସେ ତାଙ୍କ ଜୀବନରେ ଦେଖୁଛନ୍ତି, ସରକାର ଆଲୋଚନା ଚାହୁଁଥିଲାବେଳେ ବିରୋଧୀ ଦଳ ଗୃହ ଚଳାଇ ଦେଉନାହାନ୍ତି । ସଂସଦୀୟ ଗଣତନ୍ତ୍ରରେ ଏହାକୁ କଳ୍ପନା କରିବା କଷ୍ଟ । ଯଦି ବିରୋଧୀ ଆଲୋଚନା ଦାବି କରିବେ, ସରକାର ଏହାର ଜବାବ ଦେବେ । ମାତ୍ର ସରକାର ଆଲୋଚନା ପାଇଁ ଚାହୁଁଛନ୍ତି କିନ୍ତୁ ବିରୋଧୀ ଦଳ ଶୁଣିବାକୁ ରାଜି ନୁହଁନ୍ତି । ଇତିମଧ୍ୟରେ ଅମିତ ଶାହା ବାଚସ୍ପତିଙ୍କୁ ଚିଠି ଲେଖିଛନ୍ତି । ସେ ଉଲ୍ଲେଖ କରିଛନ୍ତି ଯେ ବିରୋଧୀ ଦଳ ସହ ଆଲୋଚନା କରାଯାଇ ଏକ ସର୍ବସମ୍ମତ ନିଷ୍ପତ୍ତି ହେଉ, କେତେ ସମୟ ଆଲୋଚନା ହେବ ସମୟ ଧାର୍ଯ୍ୟ ହେଉ । ମୁଁ ଗୃହରେ ଉପସ୍ଥିତ ରହିଛି ଓ ବିରୋଧୀଙ୍କ ସମସ୍ତ ପ୍ରଶ୍ନର ଉତ୍ତର ଦେବାକୁ ପ୍ରସ୍ତୁତ । ହେଲେ ବିରୋଧୀ ଦଳଗୁଡ଼ିକ ଏହି ପ୍ରସ୍ତାବକୁ ଗ୍ରହଣ କରିନାହାନ୍ତି । ସଂସଦୀୟ ବ୍ୟାପାର ମନ୍ତ୍ରୀ କିରଣ ରିଜିଜୁ କହିଛନ୍ତି ଯେ ଗୃହ ଚଳାଇବା ପ୍ରାଥମିକତା । ଯଦି କଂଗ୍ରେସ ରାଜି ହେବ ଆସନ୍ତାକାଲି ପୂର୍ବାହ୍ନ ୧୧ଟାରୁ ଆଲୋଚନା ଆରମ୍ଭ କରାଯିବ ।

## ଲଘୁଚାପ...

ଯୋଗୁ ରାଜ୍ୟରେ ବର୍ଷାର ପରିମାଣ ହ୍ରାସ ପାଇବାର ସମ୍ଭାବନା ଅଛି । ସେପଟେ ଭୁବନେଶ୍ୱର ଆଞ୍ଚଳିକ ବିଜ୍ଞାନ କେନ୍ଦ୍ର ପକ୍ଷରୁ ଜାରି ହୋଇଥିବା ବୁଲେଟିନରେ କହାଯାଇଛି, ଆସନ୍ତାକାଲି(ଗୁରୁବାର) କେନ୍ଦୁଝରରେ ଅତି ପ୍ରବଳ ବର୍ଷା ନେଇ ରେଡ ୱାର୍ଣ୍ଣିଂ ଜାରି ହୋଇଥିବା ବେଳେ ବାଲେଶ୍ୱର, ଯାଜପୁର, କଟକ, ସୁନ୍ଦରଗଡ଼, ସମ୍ବଲପୁର, ଦେବଗଡ଼, ଅନୁଗୋଳ, ଢେଙ୍କାନାଳ ଓ ମୟୂରଭଞ୍ଜ ଜିଲ୍ଲାର ସ୍ଥାନେ ସ୍ଥାନେ ପ୍ରବଳରୁ ଅତି ପ୍ରବଳ ବର୍ଷା ନେଇ ଅରେଞ୍ଜ ୱାର୍ଣ୍ଣିଂ ଜାରି କରାଯାଇଛି ।

# ଝାଡ଼ଖଣ୍ଡର ୬ ଚୋର ଗିରଫ, ଆହୁରି ଅନେକ ବାକି



ଭଦ୍ରକ,(ସବ୍ୟୁ): ଲୁଟର ନୂଆ ଅନ୍ଦାଜ । ଝାରଖଣ୍ଡରୁ ଆସି ଭଦ୍ରକରେ ଲୁଟୁ ଥିଲେ । ପ୍ରଥମେ ଜଣେ ଡକାୟତ ଓଡ଼ିଆରେ ମାମୁଁ,ଭାଇ,ମାଉସୀ କିମ୍ବା ଭାଉଜ କହି ଡାକୁଥିଲା । ପାଣି ପିଇବା ପାଇଁ ମାଗୁଥିଲା । ଲୋକେ ପାଣି ଆଣିବା ପାଇଁ ଯିବା ମାତ୍ରେ ଏକ ସାଙ୍ଗେ ଘରେ ପଶୁଥଲେ ୫ରୁ ଊର୍ଦ୍ଧ୍ୱ ଡକାୟତ । ବନ୍ଧୁକ ଦେଖାଇ ସ୍ତ୍ରୀ ଓ ପୁରୁଷମାନଙ୍କୁ ଅଲଗା ଅଲଗା ଘରେ ବନ୍ଧକ ରଖି ଜଗି ରହୁଥିଲେ । ଅନ୍ୟ ଲୁଟେରା ସମସ୍ତ ଜାଗାରୁ ଲୁଟ କରୁଥିଲେ । ଏମିତି ଏକ ଗ୍ୟାଙ୍ଗର ଖୁଲାଶା କରି ଧରିଛି ଭଦ୍ରକ ପୋଲିସ । ଭଦ୍ରକ ଏସପି ମନୋଜ ରାଉତଙ୍କ ସୂଚନା ଅନୁଯାୟୀ ଗତ ମେ ମାସରୁ ଏବେ ପର୍ଯ୍ୟନ୍ତ ଭଦ୍ରକ ଜିଲ୍ଲାରେ ୬ଟି ଡକାୟତି ହୋଇଥିଲା । ମୁଖ୍ୟତଃ ସନ୍ଧ୍ୟା ସମୟରେ ଲୁଟ ପ୍ଲାନିଙ୍ଗ କରୁଥିଲେ ଏହି ଝାଡଖଣ୍ଡି ଡକାୟତ ଦଳ । ଭଦ୍ରକ ଗ୍ରାମାଞ୍ଚଳ ଥାନା ଅଧିନ ଜଗଦଲପୁରରେ ଲୁଟ ପରେ ପୋଲିସ ଭଦ୍ରକ ଜିଲ୍ଲାର ମାଷ୍ଟରମାଇଣ୍ଡ ଆଦିତ୍ୟ ରଣାକୁ ଧରିଥିଲା । ଆଦିତ୍ୟ ରଣାର ତଥ୍ୟ ଅନୁଯାୟୀ ଝାରଖଣ୍ଡର ମୁଖ୍ୟ ଆସାମୀ ନିକଟରେ ବର୍ତ୍ତମାନ ୪୦ ରୁ ୫୦ ଅପରାଧୀ ରହି ବିଭିନ୍ନ ରାଜଯ ତଥା ଜିଲ୍ଲାରେ କରୁଥିଲେ ଡକାୟତ । ପର୍ଯ୍ୟାୟକ୍ରମେ ସେ କିଛି କିଛି ଅପରାଧୀ ଓଡ଼ିଶା ଆସିବା ସହ ବିଭିନ୍ନ ପ୍ରକାରର ଡକାୟତି କରୁଥିଲେ । ଭଦ୍ରକ ପୋଲିସର ଦୁଇଟି ଟିମ ଝାରଖଣ୍ଡ ଯାଇ ଏବେ ୬ଜଣଙ୍କୁ ଗିରଫ କରିଛନ୍ତି । କିନ୍ତୁ ଝାଡ଼ଖଣ୍ଡର ମୁଖ୍ୟ ଅପରାଧୀ ଓ ତାର ଅନ୍ୟ ୫ରୁ ଅଧିକ ସହଯୋଗୀଙ୍କୁ ଧରିବା ପାଇଁ ଭଦ୍ରକ ପୋଲିସର ଅନ୍ୟ ଏକ ଟିମ ଏବେ ପୁଣି ଝାରଖଣ୍ଡ ବାହାରିଛି । ସେମାନଙ୍କ ନିକଟରୁ ଗୋଟେ ବନ୍ଧୁକ ସହ ଜୀବନ୍ତ ଗୁଳି ସହ ନଗଦ ୨ ଲକ୍ଷ ୧୭ ହଜାର ଟଙ୍କା, ୭୩ ଗ୍ରାମ ସୁନା,୬୦୦ ଗ୍ରାମ ରୂପା, ଗୋଟେ ସୁଜୁକି ବ୍ରିଜା ଯାହାର ନମ୍ବର ଜେଏଚ-୧୦-୦୭୪୦, ଗୋଟିଏ ବୁଲେଟ ଓ ଗୋଟିଏ ହିରୋ ଏକ୍ସଟ୍ରିମ ବାଇକ ଓ ୭ ଟି ମୋବାଇଲ ଫୋନ ଜବତ କରିଛି ବୋଲି କହିଛନ୍ତି ଭଦ୍ରକ ଏସପି ମନୋଜ ରାଉତ ।

# ଜମିଜମା ବିବାଦକୁ ନେଇ ଜାଳିଦେଲେ କାର

ଗୋପ,(ସବ୍ୟୁ): ପୂର୍ବଶତ୍ରୁତା ଓ ଜମିଜମା ବିବାଦକୁ କେନ୍ଦ୍ରକରି ମଙ୍ଗଳବାର ବିଳମ୍ବିତ ରାତିରେ କାରରେ ନିଆଁ ଲଗାଇ ଦେଲେ ଦୁର୍ବୃତ୍ତ । ,ହୁତୁ ହୁତୁ ହୋଇ ଜଳିଗଲା କାର ପୁରୀ ଜିଲ୍ଲା ଗୋପ ଥାନା ଅନ୍ତର୍ଗତ ସୁଦୁଖଣ୍ଡ ଗ୍ରାମରେ ଜମିବାଡ଼ି ବିବାଦକୁ ନେଇ ଗତକାଲି ଦିନରେ ଦୁଇ ଗୋଷ୍ଠୀମଧ୍ୟରେ ଗଣ୍ଡଗୋଳ ପରେ ଫୋନ ଯୋଗେ ଧମକ ଦେଇ ବିଳମ୍ବିତ ରାତ୍ରୀରେ ଚିତ୍ତରଞ୍ଜନ ସ୍ୱାଇଁ ନାମକ ଜଣେ ବ୍ୟକ୍ତିଙ୍କ ଇଟିକା କାର ରେ ଦୁର୍ବୃତ୍ତ ମାନେ ନିଆଁ ଲଗାଇଦେଇଥିବା ଅଭିଯୋଗ ପରେ ଗୋପ ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିଛି ।ବୈରିପୁର ଗ୍ରାମର ବିପିନି ସ୍ୱାଇଁ,ଜଗା ସ୍ୱାଇଁ ମହାପୁର ଗ୍ରାମର ବାବୁ ନାୟକ ଓ ରାଜୁ ନାୟକ ସମେତ କିଛି ଲୋକ ସୁଦୁଖଣ୍ଡ ମୌଜାର ଏକ ବିବାଦୀୟ ଜମିରେ ଟ୍ରାକଫର ନେଇ ହଳ କରିବାରୁ ସୁଦୁଖଣ୍ଡ ଗ୍ରାମବାସୀ ବିରୋଧ କରିବାରୁ ସେମାନେ ଫେରିଯାଇ ଗାଳିଗୁଲଜ କରିଥିଲେ ।ମଙ୍ଗଳବାର ସନ୍ଧ୍ୟାରେ ଓ ରାତି ୧୧ ଟାରେ ଦୃବୃତମାନେ ଚିତ୍ତରଞ୍ଜନଙ୍କୁ ଫୋନ କରି ହତ୍ୟା ଧମକ ଦେଇଥିଲେ ।ରାତିରେ ୨ଟାରେ ଘରବାହାରେ ପାଟିତୁଣ୍ଡ ଶୁଣି ଚିତ୍ତରଞ୍ଜନ ଘରବାହାରେ ତାଙ୍କ କାର ହୁତୁହୁତୁ ହୋଇ ଜଳୁଥିବା ଦେଖୁ ପୁଲିସକୁ ଜଣାଇଥିଲେ । ବୁଦବାର ଦିନ ଗୋପ ପୁଲିସ ଘଟଣା ସ୍ଥଳରେ ପହଂଚି ତଦନ୍ତ ଆରଂଭ କରିଛି ।ତେବେ ଏସମ୍ବନ୍ଧରେ ଗୋପ ଥାନା ଅଧିକାରୀ ଦୁର୍ଗାଚରଣ ମହାପାତ୍ରଙ୍କୁ ପଚାରିବାର ସେ କହିଛନ୍ତି ଉଭୟ ପକ୍ଷରୁ ଦୁଇଟି ଅଭିଯୋଗ ହୋଇଛି ।ତଦନ୍ତ ଚାଲିଛି ଖୁବଶୀଘ୍ର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ।

## ଜୟ ମହାବୀର କ୍ଲବର ବୋଲବମ ଭକ୍ତଙ୍କ ସେବା

ବାଲିପାଟଣା ,(ସବ୍ୟୁ): ବାଲିପାଟଣା ସ୍ଥିତ ଜୟ ମହାବୀର କ୍ଲବ ତରଫରୁ ପ୍ରତ୍ୟେକ ବର୍ଷ ବୋଲବମ ଶ୍ରଦ୍ଧାଳୁ ଭକ୍ତଙ୍କ ସେବାକରାଯାଇଛି ।ଏହି ଅବସରେ ମଙ୍ଗଳବାର ଅପରାହ୍ନରେ ବାଲିପାଟଣା ଛକ ବିଶ୍ରାମ ଘର ନିକଟରେ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା ବାଉଙ୍ଗୀ ପାଇଁ ଭାରା ଏବଂ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଥିଲା ଗାୟତ୍ରୀ ଭଜନ ସନ୍ଧ୍ୟା କଳାକାର ବୃନ୍ଦ ଶିବଙ୍କ ଭଜନ ପରିବେଷଣ କରି ଶ୍ରଦ୍ଧାଳୁ ଏବଂ ଦର୍ଶକଙ୍କ ମନମୁU କରିଥିଲେ ଜୟ ମହାବୀର କ୍ଲବ ପକ୍ଷରୁ ପ୍ରଭାତ କୁମାର ଭୋଳ , ବିଜୟ କୁମାର ପରିସଡା , ଶୁଭମ ଦାସ , ଶୁଭ୍ରାଂଶୁ ତ୍ରିପାଠୀ , ବାପି ପଣ୍ଡା , କିଶୋର ପ୍ରଧାନ , ଅନିଲ ଜେନା , ତ୍ରିବକ୍ରମ ଜେନା , ସୁରଜ ଭୋଳ , ଉମେଶ ଜେନା , ଦୀପ୍ତି ପ୍ରସାଦ ଜେନା , ପ୍ରଦୀପ ମହାନ୍ତି ପ୍ରମୁଖ ସହଯୋଗ କରିଥିଲେ ।

# ବୁଲା ଷଣ୍ଢଙ୍କ ବେକରେ ବନ୍ଧା ଗଲା ରେଡିୟମ୍ ବେଲ୍ଟ

ଆଗରପଡ଼ା,(ସବ୍ୟୁ):ଭଦ୍ରକ ଜିଲ୍ଲାର ବନ୍ତ ବ୍ଲକ୍ ଓଡଙ୍ଗ ପଂଚାୟତରେ ରାଜଯସରକାରଙ୍କ ପକ୍ଷରୁ ଓଡଙ୍ଗ ପ୍ରାଣୀନିରୀକ୍ଷକ ପ୍ରିୟବ୍ରତ ରାଉତ ଓ ମୈତ୍ରୀ ଆକାଶ ଜେନାଙ୍କ ପ୍ରଚେଷ୍ଟାରେ ଆସିଥିବା ରେଡିୟମ ବେଲ୍ଟ ବୁଲା ଷଣ୍ଡ ମାନଙ୍କ ବେକରେ ବନ୍ଧା ଯାଇଛି । ଏହି ରେଡ଼ିୟମ ବେଲଫ ବାନ୍ଧିବା ଫଳରେ ବୁଲା ଷଣ୍ଢମାନେ ପ୍ରତିଦିନ ଘଟୁଥିବା ଦୁର୍ଘଟଣାରୁ ରକ୍ଷା ପାଇ ପାରିବେ । ଏଥି ସହିତ ଗାଡି ଚାଳକ ସାବଧାନତା ଅବଲମ୍ବନ କରିପାରିବା ସହ ସୁରକ୍ଷିତରେ ଘରକୁ ଫେରିପାରିବେ ବୋଲି ସେ କହିଛନ୍ତି ।

# ନକଲି ସାର ଯୋଗାଣକୁ ନେଇ ଜନ ଶୁଣାଣି ଶିବିରରେ ଝଡ଼

ନୀଳଗିରି,(ସବ୍ୟୁ): ବାଲେଶ୍ୱର ଜିଲ୍ଲା ନିଳଗିରି ଅଂଚଳରେ ଏବେ ନକଲି ସାର ସରକାରଙ୍କ ନିର୍ଦ୍ଦେଶରେ ଓରମାସ ପକ୍ଷରୁ ଚାଷୀଙ୍କୁ ଡିଏପି(୧୮୪୬) ୧୪୨୦ଟଙ୍କାରେ, ୟୁରିଆ ୩୪୦ଟଙ୍କା, ଓ ପଟାସ୍ ବସ୍ତା ପିଛା ୧୯୦୦ରେ ବିକ୍ରୀ କରାଯାଉଥିବା ବେଳେ ଚାଷୀମାନେ ଏହା ନକଲି ବୋଲି ଜଣା ପଡ଼ିବା ପରେ ସୋମବାର ଦିନ ନିଳଗିରି ବ୍ଲକକନଫରେନ୍ସ ହୋଲରେ ଚାଲିଥିବା ଜିଲ୍ଲାପାଳଙ୍କ ଜନ ଶୁଣାଣି ଶିବିର ଅନେକଚାଷୀ ଅଟୋରେ ସାର୍ ଲୋଡ୍ କରି ଆଣିଥିଲେ । ଏନେଇ ଉପସ୍ଥିତ ଅଧିକାରୀଙ୍କୁ ଅଭିଯୋଗ କରିବା ସହ ତୁରନ୍ତ ସରକାରଙ୍କ ତରଫରୁ କିଏ ଚାଷୀଙ୍କୁ ଦେଉଛି, ନିଳଗିରି ବ୍ଲକର କୋଉ ଅଧିକାରୀଙ୍କ ଇଙ୍ଗିତରେ ଏମ୍ ବି କେ. ମାନଙ୍କ ଜରିଆରେ ପ୍ରଦାନ କରାଯାଉଛି, ଏସବୁ ସାରରେ ଲୁଣ ମିଶିଥିବାର ଚାଷୀମାନେ ଅଭିଯୋଗକୁ ଉପସ୍ଥିତ ବାଲେଶ୍ୱର ଏଡିଏମ୍, ନୀଳଗିରି ଉପଜିଲ୍ଲାପାଳ ଶୁଭଶ୍ରୀ ରଥ ଏନେଇ ଉପଯୁକ୍ତ ତଦନ୍ତ କରାଯିବା ସହ ଯଦି ସତଯତା ଥାଏ, ଦୋଷୀଙ୍କ ବିରୋଧରେ କାର୍ଯ୍ୟଯାନୁଷ୍ଠାନ ଗ୍ରହଣ କରାଯିବାର ପ୍ରତିଶ୍ରୁତି ଦେବା ପରେ ଜନ ଶୁଣାଣି ଶିବିର ସ୍ୱାଭାବିକ ଚାଲିଥିଲା । ସୂଚନା ଅନୁଯାୟୀ ନୀଳଗିରି ବ୍ଲକର ୨୫ଟି ପଂଚାୟତରେ ଚାଷୀଙ୍କୁ ବିଭିନ୍ନ ପ୍ରକାରର ସାର ଯୋଗାଇ ଦେବା ପାଇଁ ଓରମାସ ପକ୍ଷରୁ ଯୋଗାଇ ଦିଆଯିବା ସହ ନିଳଗିରି ବ୍ଲକର ଡେପୁଟି ସି. ଓ. ଶାନ୍ତନୁ ବାନାର୍ଜୀ ଦାୟିତ୍ୱରେ ଥିବା ବେଳେ ପ୍ରତି ପଞ୍ଚାୟତରେ ଥିବା ଏମ ବି କେ ନିକଟରେ ଗଚ୍ଛିତ କରାଗଲା ପରେ ଚାଷୀମାନେ ତା ଠାରୁ ସରକାରଙ୍କ ଉଚିତ ମୂଲ୍ୟ ଦେଇ ସାର ନେଇ ପାରିବେ । ଡେପୁଟି ସି. ଓ. ନୀଳଗିରି ବ୍ଲକରେ ଏନ୍ ଜି ଓ, ପକ୍ଷରୁ ନିଯୁକ୍ତି ପାଇଥିବା ଏଫ୍. ଇ. ଓ. ସୁଶ୍ରୀ ପ୍ରଭା ରାଉତଙ୍କ ଜରିଆରେ ପଞ୍ଚାୟତକୁ ଯୋଗାଇ ଦିଆ ଯାଇଥାଏ । ନିଳଗିରି ବ୍ଲକର ମଛୁଆ ପଂଚାୟତରେ ଚାଷୀମାନେ ଅଭିଯୋଗ କରିଛନ୍ତି । ବିଜେପିର ଜିଲ୍ଲା କୃଷକ ମୋର୍ଚ୍ଚାର ସଭାପତି ସଭାପତି ତାପସ କୁମାର ମହାନ୍ତି ସମେତ ଅନେକ ଚାଷୀ ଉପସ୍ଥିତ ଥିଲେ । ଏନେଇ କୃଷି ବିଭାଗର କୌଣସି ସଂପୃକ୍ତି ନ ଥିବା ବେଳେ ଏହା ନକଲି କି ଅସଲି ସାର ତାର ନମୂନା ବାଲେଶ୍ୱର ଜିଲ୍ଲାର ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ବିଶ୍ୱଜିତ୍ ପଣ୍ଡା ପ୍ରକାଶ କରିଛନ୍ତି । କେତେ ଟନ୍ ବିଭିନ୍ନ ପ୍ରକାର ସାର ଆସିଲା, ଚାଷୀଙ୍କୁ କେତେ ଦିଆଗଲା ସେସବୁର କୌଣସି ସଠିକ୍ କାଗଜପତ୍ର ନ ଥିବାର ଶୁଣିବାକୁ ମିଳୁଛି । ନିଳଗିରି ଭେଜି ଟେବୁଲ୍ ଆଗ୍ରୋ ପ୍ରୋଡିସର କମ୍ପାନୀ ନାମରେ ଏଭଳି କଳା ବଜାରୀ ହେଉଥିବାର ଦେଖିବାକୁ ମିଳିଛି । ନକଲି ସାର ବାବଦରେ ମଧ ନିଳଗିରି ଥାନାରେ ଅଭିଯୋଗ କରିଛନ୍ତି । ତେବେ ଦେଖିବାକୁ ବାକି ରହିଲା ମୋହନ ସରକାର ନକଲି ସାର କଳାବଜାରୀ ଉପରେ କି ପଦକ୍ଷେପ ନେଉଛନ୍ତି ।

**AFFIDAVIT**

I, Sudarsan Barik, S/o. Late Lokanath Barik, resident of OCC colony Mancheswar Industrial Estate, Po/Ps-Mancheswar, Dist-Khordha, Pin-751010, Odisha declare by this Affidavit No. 54 dtd. 11.08.2026 that now onwards I shall be known as **SUDARSHAN BARIK** for all future purposes.

**ଦ.ପୂ. ରେଳପଥ-ଟେଣ୍ଡର**

**ଟେଣ୍ଡର ନୋଟିସ୍ ନଂ. ସିକେପି-ସେଣ୍ଟ୍ରାଲ୍-୨୬-୨୭-୩୧** । ଭାରତର ରାଷ୍ଟ୍ରପତିଙ୍କ ପକ୍ଷରୁ ଏବଂ ତାଙ୍କ ପକ୍ଷରୁ କାର୍ଯ୍ୟ କରୁଥିବା ଡିଭିଜନାଲ୍ ରେଳବାଇ ମ୍ୟାନେଜର (ଇଞ୍ଜିନିୟରିଂ), ଚକ୍ରଧରପୁର ଖୋଲା ଟେଣ୍ଡର ବିପକ୍ଷରେ ଇ-ଟେଣ୍ଡର ଆହ୍ୱାନ କରୁଛନ୍ତି । ଏହି ଟେଣ୍ଡର ବିରୁଦ୍ଧରେ ମାନୁଆଲ୍ ପ୍ରସ୍ତାବଗୁଡ଼ିକୁ ଅନୁମତି ଦିଆଯାଇ ନାହିଁ ଏବଂ ଏପରି ପ୍ରାପ୍ତ କୌଣସି ମାନୁଆଲ୍ ପ୍ରସ୍ତାବକୁ ଅଣଦେଖା କରାଯିବ । **କାର୍ଯ୍ୟର ନାମ:** ଚକ୍ରଧରପୁରରେ ନୂତନ ଡିଆରଏମ ଅଫିସ୍ କୋଠାରେ ଗୋଟିଏ ଲିଫ୍ଟ ଯୋଗାଇବା ସହିତ କଳିତ ଯାତ୍ରୀ ଏବଂ ସିଭିଲ୍ ଇଞ୍ଜିନିୟରିଂ କାର୍ଯ୍ୟ ପାଇଁ ଏମଇଏ ଅଧୀନରେ ସୋନୁଆ, ଲୋଟାପାହାଡ଼, ବୁଳିଆ ଏବଂ ବାଇବାନ୍ସ ଷ୍ଟେସନରେ ଉପଯୁକ୍ତ ଜଳ ଯୋଗାଣ ବ୍ୟବସ୍ଥା (ଦ୍ୱିତୀୟ କଲ୍) । **ଟେଣ୍ଡର ମୂଲ୍ୟ:** ଟ. ୨,୧୩,୮୦,୦୬୨.୨୨ । **ଇଏମଡି:** ଟ. ୪,୨୨,୬୦୦/- । ଟେଣ୍ଡର ଫର୍ମ ମୂଲ୍ୟ: ଟ୦ । **ଖୋଲିବାର ତାରିଖ:** ୦୪.୦୯.୨୦୨୬ । ଟେଣ୍ଡରଟି ୱେବସାଇଟ୍‌ରେ ଦେଖାଯାଇପାରିବ: http://www.ireps.gov.in ଟେଣ୍ଡରଦାତା/ ବିଡରମାନଙ୍କର ଶ୍ରେଣୀ-୩ ଡିଜିଟାଲ୍ ଦସ୍ତଖତ ପ୍ରମାଣପତ୍ର ଥିବା ଆବଶ୍ୟକ ଏବଂ ଆଇଆରଇପିଏସ ପୋର୍ଟାଲରେ ପଞ୍ଜିକୃତ ହୋଇଥିବା ଆବଶ୍ୟକ । କେବଳ ପଞ୍ଜିକୃତ ଟେଣ୍ଡରଦାତା/ବିଡର ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିପାରିବେ । ଇ-ଟେଣ୍ଡରିଂରେ ଅଂଶଗ୍ରହଣ କରିବା ସମୟରେ ସମସ୍ତ ପ୍ରାସଙ୍ଗିକ କାଗଜପତ୍ର ଅପଲୋଡ୍ କରିବାକୁ ପଡିବ । (PR-606)

**AFFIDAVIT**

By virtue of an affidavit sworn before Executive Magistrate, Jatni, dated 11/08/2026 I, Birlangi Sunitha, Address At-Retanga Colony, Po- Jatni, Ps-Jatni, Dist- Khorda, Odisha, Pin- 752050 declare that I have changed my name from B.Sunita to Birlangi Sunitha. Henceforth, I shall be known as **Birlangi Sunitha** for all purposes.

Birlangi Sunitha

**AFFIDAVIT**

By virtue of an affidavit sworn before Executive Magistrate, Jatni, dated 11/08/2026 I, Birlangi Tejaswani, Address At-Retanga Colony, Po- Jatni, Ps-Jatni, Dist- Khorda, Odisha, Pin- 752050 declare that I have changed my name from B.Tejaswani to Birlangi Tejaswani. Henceforth, I shall be known as **Birlangi Tejaswani** for all purposes.

Birlangi Tejaswani

**ODISHA HYDRO POWER CORPORATION LIMITED**
**OFFICE OF THE SENIOR GENERAL MANAGER (ELECTRICAL)**
**BALIMELA HYDRO ELECTRIC PROJECT:,POST: BALIMELA: DIST: MALKANGIRI (ODISHA); PIN: 764051:**
4001/255/2627
Phones: 06861-291058(O)/ 06861-291048(R)
<E mail- bhep.balimela@gmail.com, unit-head balimela@yahoo.com>

**TENDER CALL NOTICE NO: BHEP/25/2026-27** **DATED 11.08.2026**

Sealed Tenders are invited in single part bid basis from Vehicle Owners/ Travel Agencies/ individuals fulfilling the eligibility criteria as per the tender specification for the work as mentioned below.

| SL NO | Description of Services | Cost of tender paper (Non-refundable in Rs. | EMD in shape of DD/BC (Refundable) in Rs. | Period of availability of tender OHPC website | Last date & Time of receipt of Tender | Date & Time of opening of bid |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 01 | HIRING OF 01 (ONE) NUMBER OF 32 SEATER BUS FOR SHIFT DUTY OF T.N.E EMPLOYEES WITH SINGLE DRIVER PROVISION FOR THREE YEARS UNDER BHEP, BALIMELA. | Rs. 7080/- (Rupees Seven Thousand Eighty) only | Rs. 39,248/- | From 14.08.2026 to up to 11.30 hrs on 29.08.2026 | 11:30 Hrs. of 29.08.2026 | 12:00 Hrs of 29.08.2026 |

For details of the tender documents, terms & conditions please visit our website www.ohpcltd.com

OIPR : 4001/4019/1/26-27/0024

Sd/- C & P Head
BHEP, Balimela

**ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା**
ସଚିବାଳୟ ମାର୍ଗ, ଭୁବନେଶ୍ୱର-୭୫୧୦୦୧,
ଫୋନ୍ : (୦୬୭୪) ୨୩୯୩୫୨୪
13001/1468/2627
ଇପିବିଏକ୍ସ : (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ (୦୬୭୪) ୨୩୯୩୯୫୨, ୱେବସାଇଟ୍ www.oshb.org.

ପତ୍ର ସଂଖ୍ୟା ୧୭୨ **ବିଜ୍ଞାପନ** ତା : ୨୯.୭.୨୬

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଘର ନଂ. ଏଲ୍‌ସିଆର-୧୬୨ (LCR-162), ସି.ଏସ୍.ଏସ୍. ଛେଣ୍ଡ, ଫେଜ୍-୧, ରାଉରକେଲା ଗୃହ ନିର୍ମାଣ ପ୍ରକଳ୍ପରେ ଶ୍ରୀମତୀ ମମତା ଭୌମିକ, ସ୍ୱାମୀ- ଧୀରେନ୍ଦ୍ର ନାଥ ଭୌମିକ, ଘର ନଂ ଏଲ୍‌ସିଆର-୧୬୨, ଫେଜ୍-୧, ଛେଣ୍ଡ, ରାଉରକେଲା-୧୫, ଜିଲ୍ଲା-ସୁନ୍ଦରଗଡ଼ଙ୍କୁ ଆବଣ୍ଟନ କରାଯାଇଥିଲା । ବର୍ତ୍ତମାନ ଆବଣ୍ଟନ ଗ୍ରହୀତା ଶ୍ରୀମତୀ ମମତା ଭୌମିକ ଉକ୍ତ ଗୃହଟିକୁ ତୃତୀୟ ପକ୍ଷ ଅନ୍ତରୀଣ ଆଧାରରେ ଶ୍ରୀ ମୃତ୍ୟୁଞ୍ଜୟ ବାରିକ, ପିତା-ସ୍ୱର୍ଗତ ମାଗୁଣି ଚରଣ ବାରିକ, ସା-କାଣପୁର, ପୋ-କାଣପୁର, ଥାନା-କାଣପୁର, ଜିଲ୍ଲା-ଖୋର୍ଦ୍ଧାଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ ଏହି କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଅଛନ୍ତି ।

ଉକ୍ତ ପ୍ରକଳ୍ପ ଗୃହର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ ତାହେଲେ ଏହି ନୋଟିସ୍ ପ୍ରକାଶନର ପନ୍ଦର ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତଭାବେ ଜଣାଇବେ । ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଶୁଣାଯିବ ନାହିଁ ଏବଂ ଗୃହଟିର ମାଲିକାନା ସତ୍ତ୍ୱ ପରିବର୍ତ୍ତନ ଆଇନ୍ ଅନୁଯାୟୀ କରାଯାଇପାରେ ।

OIPR : 13001/13030/1/26-27/0190

ସ୍ୱା/- ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
**RURAL WORKS DIVISION-I. MALKANGIRI**
25001/913/2627
**NATIONAL COMPETITIVE BIDDING THROUGH e-Procurement**
**1st Corrigendum to Online Tender 04/RWD-I.MKG/2026-27 dt. 29.07.2026**

In Partial modification to this office tender call notice Online Tender 04/RWD-I, MKG/2026-27 dt.29.07.2026 availability of Tender on-line for bidding have been rescheduled as follows :

| Procurement Officer | Bid Identificaiton No. | No of Works | Availability of Tender on-line for bidding From | To | Last Date & Time of seeking tender clarification | Date and time of opening of tender |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| Executive Engineer, Rural Works Division-I, Malkangiri | Online Tender -04/RWD-I, MKG/ 2026-27 | Total 14 nos (Single Cover) | 17.08.2026 from 11.00 AM | 29.08.2026 up to 5.00 PM | 28.08.2026 up to 5.00 PM | Tech Bid opening - 31.08.2026 at 11.00 AM |

OIPR : 25001/25058/1/26-27/0005

Sd/- Executive Engineer
R.W.Division-I, Malkangiri

**ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା**
ସଚିବାଳୟ ମାର୍ଗ, ଭୁବନେଶ୍ୱର-୭୫୧୦୦୧,
ଫୋନ୍ : (୦୬୭୪) ୨୩୯୩୫୨୪
13001/1268/2627
ଇପିବିଏକ୍ସ : (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ (୦୬୭୪) ୨୩୯୩୯୫୨, ୱେବସାଇଟ୍ www.oshb.org.

ପତ୍ର ସଂଖ୍ୟା: ୧୪୯ **ବିଜ୍ଞାପନ** ତା : ୯.୭.୨୬

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ନିମ୍ନଲିଖିତ ଗୃହର ସମ୍ପର୍କିତ ଆବଣ୍ଟନ ଗ୍ରହୀତାଙ୍କ ମୃତ୍ୟୁ ପରେ ନିମ୍ନ ଆବେଦନକାରୀ ନିଜକୁ ତାଙ୍କର ଉତ୍ତରାଧିକାରୀ ଦର୍ଶାଇ ତାଙ୍କ ନାମ ଦରଜ କରିବା ପାଇଁ ଆବେଦନ କରିଅଛନ୍ତି । ଏଥିରେ ଯଦି କାହାର କିଛି ଆପତ୍ତି ଥାଏ, ଉକ୍ତ ବିଜ୍ଞାପନ ପ୍ରକାଶ ପାଇବାର ୧୫ ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କ ଦପ୍ତରରେ ଆବେଦନ କରିପାରିବେ । ଧାର୍ଯ୍ୟ ଦିନ ପରେ କୌଣସି ଆପତ୍ତି ଗ୍ରହଣଯୋଗ୍ୟ ହେବନାହିଁ ।

| ମୃତ ଆବଣ୍ଟନ ଗ୍ରହୀତାଙ୍କ ନାମ ଓ ଠିକଣା | ଗୃହର ବିବରଣୀ | ଉତ୍ତରାଧିକାରୀଙ୍କ ନାମ |
|---|---|---|
| ସ୍ୱର୍ଗୀୟା ପୂର୍ଣ୍ଣିମା ଦାସ, ସ୍ୱାମୀ- ଶ୍ରୀ ଶିଶିର ହୋତା, ସା-ହିନାଥ ମନ୍ଦିର ରାସ୍ତା, ପୋ-କୋରାପୁଟ, ଥାନା-କୋରାପୁଟ, ଜିଲ୍ଲା-କୋରାପୁଟ | ଏ. ଟାଇପ ସପ ନଂ-୪-ଏମ୍ (A Type Shop No.4-M) ସୁପର ମାର୍କେଟ କୋରାପୁଟ | ୧. ଶିଶିର ହୋତା (ସ୍ୱାମୀ) ୨. ଅମିତ ହୋତା (ଅ.ବି.ପୁତ୍ର) ୩. ସୁଜିତ ହୋତା (ଅ.ବି.ପୁତ୍ର) |

OIPR : 13001/13030/1/26-27/0163

ସ୍ୱା/- ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

**ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା**
ସଚିବାଳୟ ମାର୍ଗ, ଭୁବନେଶ୍ୱର-୭୫୧୦୦୧,
ଫୋନ୍ : (୦୬୭୪) ୨୩୯୩୫୨୪
13001/1512/2627
ଇପିବିଏକ୍ସ : (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ (୦୬୭୪) ୨୩୯୩୯୫୨, ୱେବସାଇଟ୍ www.oshb.org.

ପତ୍ର ସଂଖ୍ୟା ୧୧୬ **ବିଜ୍ଞାପନ** ତା : ୨୪.୦୮.୨୦୨୬

ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଘର ନଂ. ଏଲ୍‌ଆଇ-୪୧୦ (LI-410) କୁମ୍ଭମୁଣ୍ଡା, ଫେଜ୍-୩, ଭୁବନେଶ୍ୱର ଗୃହ ନିର୍ମାଣ ପ୍ରକଳ୍ପରେ ଶ୍ରୀ ରାକେଶ କୁମାର ରାଉତ, ପିତା-କୃଷ୍ଣଚନ୍ଦ୍ର ରାଉତ, ସା-ସିନସିଡି, ପୋ-ମୌସୁଧା ବଜାର, ଥାନା-ଚାନ୍ଦବାଲି, ଜିଲ୍ଲା-ଭଦ୍ରକଙ୍କୁ ଆବଣ୍ଟନ କରାଯାଇଥିଲା । ବର୍ତ୍ତମାନ ଆବଣ୍ଟନ ଗ୍ରହୀତା ଶ୍ରୀ ରାକେଶ କୁମାର ରାଉତ ଉକ୍ତ ଗୃହଟିକୁ ତୃତୀୟ ପକ୍ଷ ଅନ୍ତରୀଣ ଆଧାରରେ ଶ୍ରୀ ବସନ୍ତ କୁମାର ପାତ୍ର, ପିତା-ସ୍ୱର୍ଗତ ଦାମୋଦର ପାତ୍ର, ସା-କେସିଙ୍ଗା, ପୋ-କେସିଙ୍ଗା, ଥାନା-କେସିଙ୍ଗା, ଜିଲ୍ଲା-କଳାହାଣ୍ଡିଙ୍କ ନାମରେ ମାଲିକାନା ସତ୍ତ୍ୱ ପରିବର୍ତ୍ତନ କରିବା ପାଇଁ ଏହି କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଅଛନ୍ତି ।

ଉକ୍ତ ପ୍ରକଳ୍ପ ଗୃହର ମାଲିକାନା ସତ୍ତ୍ୱ ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ ତାହେଲେ ଏହି ନୋଟିସ୍ ପ୍ରକାଶନର ପନ୍ଦର ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତଭାବେ ଜଣାଇବେ । ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଶୁଣାଯିବ ନାହିଁ ଏବଂ ଗୃହଟିର ମାଲିକାନା ସତ୍ତ୍ୱ ପରିବର୍ତ୍ତନ ଆଇନ୍ ଅନୁଯାୟୀ କରାଯାଇପାରେ ।

OIPR : 13001/13030/1/26-27/0194

ସ୍ୱା/- ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା

Annexure-II

**Office of District Manager**
**Odisha State Civil Supplies Corporation Ltd. (OSCSC)**
**NABARNAGPUR**
7001/94/2627
**Phone: 9438200053**
**District Website: nabarangpurnic.in**

Tender No. 07/2026,08/2026,09/2026,10/2026,11/2026 & 12/2026 Dt. 11.08.2026

District Manager, Odisha State Civil Supplies Corporation Ltd, Nabarangpur invites tenders in Double Cover System through ONLINE MODE ONLY for the works below:

| | | | |
|---|---|---|---|
| 1 | Name of the work | : | Selection and appointment of Transport Contractor for transportation of Paddy from Paddy purchase Centre to Rice Mill and CMR from Mills to Depots for the KMS 2025-26 |
| 2 | Availability of bid document in the portal | : | From 12.08.2026 |
| 3 | Last Date / Time for receipt of bids in the portal | : | Dt 27.08.2026 up to 5.00 P.M. |
| 4 | Date/Time of Opening of Technical Bid | : | Dt 28.08.2026 at 11.00 AM. |
| 5 | Name and address of the Officer Inviting Tender | : | District Manager, OSCSC Ltd, Nabarangpur |

Tender Documents & other details can be seen from the e-procurement portal www.oscsc.in, www.foododisha.in &www.tendersodisha.gov.in along with district website. Amendments /corrigendum /cancellation/ retenders etc. if any shall be published only in above websites.

OIPR : 7001/7045/1/26-27/0003

Sd/- District Manager
OSCSC Ltd. Nabarangpur



ଲୋକ ସେବା ଭବନରେ ବୁଧବାର ରାଜ୍ୟର ପୂର୍ବତନ ବିଧାୟକ ମାନେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଭେଟି ସେମାନଙ୍କ ବିଭିନ୍ନ ସମସ୍ୟାର ସମାଧାନ ସମ୍ପର୍କରେ ଆଲୋଚନା କରିଛନ୍ତି ।

## ବିଧାୟକ ପ୍ରକାଶ ସେଠୀଙ୍କ ଜିଦ୍ କୁ ମାନିନେଲେ କର୍ତ୍ତୃପକ୍ଷ, ହଟିଲେ ଚିଫ୍ ୱାର୍ଡେନ

### ଡେପୁଟି ୱାର୍ଡେନ ରବିଉଲ୍ ଅନସାରୀଙ୍କୁ ହଷ୍ଟେଲ ଦାୟିତ୍ୱରୁ ସମ୍ପୂର୍ଣ୍ଣ ଅବ୍ୟାହତି

କଟକ, (ସବ୍ୟୁ) :ଶିକ୍ଷକ ଏବଂ କଟକ ସଦର ବିଧାୟକଙ୍କ ବିବାଦ ମଧ୍ୟରେ ବାଜି ମାରିଛନ୍ତି ବିଧାୟକ ପ୍ରକାଶ ସେଠୀ। ତାଙ୍କ ଜିଦ୍ କୁ ଏକ ପ୍ରକାର ମାନି ନେଇଛନ୍ତି ବିଶ୍ୱବିଦ୍ୟାଳୟ କର୍ତ୍ତୃପକ୍ଷ। ବଦଳିଛନ୍ତି ରେଭେନ୍ସା ବିଶ୍ୱବିଦ୍ୟାଳୟର ଚିଫ ୱାର୍ଡେନ। ପ୍ରଫେସର ସୁଦର୍ଶନ ମିଶ୍ରଙ୍କ ସ୍ଥାନରେ ରସାୟନ ବିଭାଗର ପୂର୍ଣ୍ଣେନ୍ଦୁ ପାଢ଼ୀଙ୍କୁ ଚିଫ୍ ୱାର୍ଡେନ ଭାବେ ଦାୟିତ୍ୱ ଦିଆଯାଇଛି। ସେହିଭଳି ଦୁଇ ଡେପୁଟି ଚିଫ୍ ୱର୍ଡେନଙ୍କୁ ମଧ୍ୟ ବଦଳି କରାଯାଇ ଥିବାବେଳେ ୮ ଜଣ ଲେଖାଏଁ ୱାର୍ଡେନ ସମେତ ଡେପୁଟି ୱାର୍ଡେନଙ୍କୁ ପରିବର୍ତ୍ତନ କରାଯାଇଛି। ସେମାନଙ୍କୁ ମଧ୍ୟରୁ କିଛି ନୂଆ ଦାୟିତ୍ୱ ପାଇଥିବାବେଳେ ଆଉ କିଛି ଜଣଙ୍କର ଅନ୍ୟ ହଷ୍ଟେଲକୁ ବଦଳି ହୋଇଛି। ବିଶେଷ କରି ଯେଉଁ ଡେପୁଟି ୱର୍ଡେନଙ୍କୁ ନେଇ ବିବାଦ ଏତେ ବାଟ ଯାଇଥିଲା, ସମ୍ପୃକ୍ତ ଡେପୁଟି ୱାର୍ଡେନ ରବିଉଲ୍ ଅନସାରୀଙ୍କୁ ହଷ୍ଟେଲ ଦାୟିତ୍ୱରୁ ସମ୍ପୂର୍ଣ୍ଣ ଭାବେ ବାଦ୍ ଦିଆଯାଇଛି। ପୂର୍ବରୁ ଚିଫ୍ ୱାର୍ଡେନ ଏବଂ ଡେପୁଟି ୱାର୍ଡେନଙ୍କ ବଦଳି ହେଲେ ଏହି ବିବାଦ ସମାଧାନ ହେବ ବୋଲି କଟକ ସଦର ବିଧାୟକ ପ୍ରକାଶ ସେଠୀ କହିଥିଲେ। ସେହି ଦୃଷ୍ଟିରୁ ରେଭେନ୍ସାରେ ଦୀର୍ଘଦିନ ଧରି ଚାଲିଥିବା ବିବାଦ ପୂର୍ଣ୍ଣଚ୍ଛେଦ ପଡ଼ିବା ନେଇ ସମ୍ଭାବନା ସୃଷ୍ଟି ହୋଇଛି। ରେଭେନ୍ସା ବିଶ୍ୱବିଦ୍ୟାଳୟର ଇଷ୍ଟ ହଷ୍ଟେଲ ଛାତ୍ରଙ୍କ ଆନ୍ଦୋଳନରୁ ଏହି ବିବାଦ ଆରମ୍ଭ ହୋଇଥିଲା। ଅନ୍ତେବାସୀଙ୍କ ସମସ୍ୟାର ସମାଧାନ ନେଇ ଚାଲିଥିବା ବୈଠକରେ ଚିଫ୍ ୱାର୍ଡେନ ଏବଂ ବିଧାୟକ ଶ୍ରୀ ସେଠୀଙ୍କ ମଧ୍ୟରେ କଥା କଟାକଟି ହୋଇଥିଲା। ଏପରିକି ଉଭୟ ନିଜ ନିଜ ବିରୋଧରେ ଦୁର୍ବ୍ୟବହାର ନେଇ ଅଭିଯୋଗ ଆଣିଥିଲେ। ଶିକ୍ଷକ ସଂଘ ପଦଯାତ୍ରା ମାଧ୍ୟମରେ ବିଧାୟକଙ୍କ କ୍ଷମା ପ୍ରାର୍ଥନା ଦାବି କରିଥିଲେ। ଚିଫ୍ ୱାର୍ଡେନଙ୍କ ସମେତ ସବୁ ୱାର୍ଡେନ ଏବଂ ଡେପୁଟି ୱାର୍ଡେନ ସମୂହ ଇସ୍ତଫା ଦେଇଥିଲେ। ଏପଟେ ବିଧାୟକ ଶ୍ରୀ ସେଠୀ ଦୁର୍ବ୍ୟବହାର ନେଇ ଚିଫ୍ ୱାର୍ଡେନ ପ୍ରଫେସର ମିଶ୍ରଙ୍କ ବିରୋଧରେ ବାଚସ୍ପତିଙ୍କୁ ଚିଠି ଲେଖିଥିଲେ। ଉକ୍ତ ଚିଠିକୁ ବିଧାୟକ ପ୍ରତ୍ୟାହାର କରନ୍ତୁ ବୋଲି ଶିକ୍ଷକ ସଂଘ ଦାବି କରିଥିଲେ। ତେବେ ଆଜି ରେଭେନ୍ସା କର୍ତ୍ତୃପକ୍ଷ ସବୁ ହଷ୍ଟେଲରେ ପଦାଧିକାରୀଙ୍କୁ ବଦଳି କରିଛନ୍ତି। ଚିଫ୍ ୱାର୍ଡେନ ଶ୍ରୀ ପାଢ଼ୀଙ୍କ ବ୍ୟତୀତ ପ୍ରଫେସର ଦୀପ୍ତି ରାଉତ ଓ ଡ. ଦ୍ୟୁତିକୃଷ୍ଣ ବେହେରାଙ୍କୁ ଡେପୁଟି ଚିଫ୍ ୱାର୍ଡେନ ଦାୟିତ୍ୱ ମିଳିଛି। ସେହିଭଳି ଜଗନ୍ନାଥ ଛାତ୍ରାବାସର ଡେପୁଟି ୱାର୍ଡେନ ଭାବେ ଡ. ଚିନ୍ମୟ ମଲ୍ଲିକ, ୱେଷ୍ଟ ହଷ୍ଟେଲର ୱାର୍ଡେନ ଭାବେ ସୀତାରାମ ମହାପାତ୍ର ଓ ଡେପୁଟି ୱାର୍ଡେନ ମହମ୍ମଦ ରହିମୁଲା ଅସରଫ, ଇଷ୍ଟ ହଷ୍ଟେଲର ୱାର୍ଡେନ ଭାବେ ଯଯାତି ନାୟକ ଓ ଡେପୁଟି ୱାର୍ଡେନ ରାଜା କିଶୋର ପୃଷ୍ଟି, ଲଳିତଗିରି ଛାତ୍ରାବାସର ୱାର୍ଡେନ ଭାବେ ଦିପ୍ତୀ ରଞ୍ଜନ ମହାରଣା ଓ ଡେପୁଟି ୱାର୍ଡେନ ଜିତେନ୍ଦ୍ର ସାବର, ପରିଜା ହଷ୍ଟେଲର ଡେପୁଟି ୱାର୍ଡେନ ସେଞ୍ଜୁତି ନନ୍ଦୀ, କାଠଯୋଡ଼ି ହଷ୍ଟେଲର ୱାର୍ଡେନ ରୂପେ ମନୋସ୍ମିତା ମହାପାତ୍ର ଓ ଡେପୁଟି ୱାର୍ଡେନ ମଧୁସ୍ମିତା ରାଉତ, ମହାନଦୀ ଛାତ୍ରୀନିବାସ ୱାର୍ଡେନ ବିନୋଦିନୀ ମାଝୀ, ଦେବୀ ହଷ୍ଟେଲର ୱାର୍ଡେନ ବନଜାରାଣୀ ପଣ୍ଡା, ଦୟା ହଷ୍ଟେଲ ୱାର୍ଡେନ ଡ. ସଂଘମିତ୍ରା ବେହେରା ଓ ଡେପୁଟି ୱାର୍ଡେନ ମାଳିନୀ ପ୍ରଭା ସେଠୀ, ଭାର୍ଗବୀ ହଷ୍ଟେଲରେ ୱାର୍ଡେନ ଯାଜ୍ଞସେନୀ ରାଉତ ଓ ଡେପୁଟି ୱାର୍ଡେନ ଭାବେ ରତୁ ପାତ୍ରଙ୍କୁ ଦାୟିତ୍ୱ ଦାୟିତ୍ୱ ପ୍ରଦାନ କରାଯାଇଛି। ଏନେଇ ଆଜି ବିଶ୍ୱବିଦ୍ୟାଳୟ ପକ୍ଷରୁ ବିଜ୍ଞପ୍ତି ପ୍ରକାଶ ପାଇଛି।

ପୁରୀ ଗୋବର୍ଦ୍ଧନ ପୀଠ ଓ ସ୍ୱର୍ଗଦ୍ୱାର ବେଳାଭୂମିର ଉନ୍ନତିକରଣ ସମ୍ପର୍କରେ ସମୀକ୍ଷା

## ପୁରୀ ବେଳାଭୂମି ହେବ 'ଆଧ୍ୟାତ୍ମିକ ବେଳାଭୂମି' : ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର, (ସବ୍ୟୁ) : ପୁରୀ ଗୋବର୍ଦ୍ଧନ ପୀଠର ସର୍ବାଙ୍ଗୀନ ବିକାଶ, ସୁରକ୍ଷା ଏବଂ ଶ୍ରୀଜଗନ୍ନାଥ ସଂସ୍କୃତିର ପ୍ରସାର ପାଇଁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ଅଧ୍ୟକ୍ଷତାରେ ଲୋକସେବା ଭବନ ଠାରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ପୁରୀର ଆଧ୍ୟାତ୍ମିକ ଗରିମାକୁ ବଢ଼ାଇବା ସହ ପୀଠର ସମ୍ପତ୍ତିର ସୁରକ୍ଷା ପାଇଁ ଏହି ବୈଠକରେ ମୁଖ୍ୟମନ୍ତ୍ରୀ ପୀଠର ପ୍ରତିନିଧିମାନଙ୍କ ସହ ଆଲୋଚନା କରିଥିଲେ। ବୈଠକରେ ମୁଖ୍ୟମନ୍ତ୍ରୀ ପୁରୀ ସ୍ୱର୍ଗଦ୍ୱାର ସମ୍ମୁଖ ବେଳାଭୂମିରେ ପ୍ରତିଦିନ ଅନୁଷ୍ଠିତ ହେଉଥିବା ପବିତ୍ର 'ସନ୍ଧ୍ୟା ମହୋଦଧି ଆରତୀ'ର ଉପରେ ବିଶେଷ ଗୁରୁତ୍ୱ ଆରୋପ କରିଛନ୍ତି। ଏହି ଆରତୀ ସ୍ଥଳର ସୌନ୍ଦର୍ଯ୍ୟକରଣ କରାଯିବା ସହିତ ସନ୍ଧ୍ୟା ଆରତୀକୁ ଆହୁରି ଭବ୍ୟ ଆକାରରେ କରାଯିବ



ବୋଲି ମୁଖ୍ୟମନ୍ତ୍ରୀ କହିଥିଲେ। ସମଗ୍ର ପୁରୀ ବେଳାଭୂମିକୁ ଏକ ଭବ୍ୟ ଆଧ୍ୟାତ୍ମିକ ବେଳାଭୂମି ଭାବେ ବିକଶିତ କରିବାକୁ ସେ ପ୍ରଶାସନକୁ ନିର୍ଦ୍ଦେଶ ଦେଇଛନ୍ତି। ଏହା ସହିତ ଗୋବର୍ଦ୍ଧନ ପୀଠର ଜମି ଜମା ସମସ୍ୟାର ସ୍ଥାୟୀ ସମାଧାନ ପାଇଁ ପୁରୁଣା ଲ୍ୟାଣ୍ଡ ସେଟେଲମେଣ୍ଟ ଦସ୍ତାବିଜ୍‌କୁ ପୁନର୍ବାର ସମ୍ପୂର୍ଣ୍ଣ ଯାଞ୍ଚ କରିବାକୁ ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଛନ୍ତି। ଜଗଦଗୁରୁ ଶଙ୍କରାଚାର୍ଯ୍ୟଙ୍କ ନିରାପତ୍ତା ଓ ପୀଠ ପରିସରର ସୁରକ୍ଷା ବ୍ୟବସ୍ଥାକୁ ସୁଦୃଢ଼ କରିବାକୁ ମୁଖ୍ୟମନ୍ତ୍ରୀ ନିର୍ଦ୍ଦେଶ ଦେଇଛନ୍ତି। ଗୋବର୍ଦ୍ଧନ ପୀଠର ସମସ୍ତ ପୂର୍ବାଚାର୍ଯ୍ୟ ମାନଙ୍କ ପବିତ୍ର ସମାଧି ସ୍ଥଳର ସୁରକ୍ଷା ଓ ସଂରକ୍ଷଣ ଉପରେ ସ୍ୱତନ୍ତ୍ର ପଦକ୍ଷେପ ନିଆଯିବ। ମଠର ପାରିପାର୍ଶ୍ୱିକ ବିକାଶ ସହିତ ମଠ ପରିସରରେ ଥିବା 'ଶ୍ରୀ ଗୋବର୍ଦ୍ଧନ ଗୋଶାଳା'ର ସୁପରିଚାଳନା ପାଇଁ ଆବଶ୍ୟକୀୟ ସୁବିଧା ସୁଯୋଗ ଯୋଗେଇଦେବା ଉପରେ ବୈଠକରେ ଆଲୋଚନା ହୋଇଥିଲା । ଏହି ବୈଠକରେ ରାଜସ୍ୱ ମନ୍ତ୍ରୀ ସୁରେଶ ପୂଜାରୀ, ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ଗୋବର୍ଦ୍ଧନ ପୀଠର ସାଧୁସନ୍ଥ ଏବଂ ରାଜ୍ୟ ସରକାରଙ୍କ ବରିଷ୍ଠ ପ୍ରଶାସନିକ ଅଧିକାରୀମାନେ ଉପସ୍ଥିତ ରହି ପୀଠର ଉନ୍ନତି ସମ୍ପର୍କରେ ବିଶଦ ଆଲୋଚନା କରିଥିଲେ । ମୁଖ୍ୟ ଶାସନ ସଚିବ ଅନୁ ଗର୍ଗ, ଉନ୍ନୟନ କମିଶନର ଡି. କେ. ସିଂହ, ଅତିରିକ୍ତ ମୁଖ୍ୟ ଶାସନ ସଚିବ ହେମନ୍ତ ଶର୍ମା, ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡକ୍ଟର ଅରବିନ୍ଦ ପାଢ଼ୀ, ଆଇନ ସଚିବ ଡକ୍ଟର ପବିତ୍ର ମୋହନ ସାମଲ, ପୁରୀ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡା ଏବଂ ପୁରୀ ଏସପି ପ୍ରତୀକ ସିଂହ ପ୍ରମୁଖ ଯୋଗଦେଇଥିଲେ। ଏହା ସହିତ ଗୋବର୍ଦ୍ଧନ ପୀଠର ବ୍ୟବସ୍ଥା ପ୍ରମୁଖ ପ୍ରଫୁଲ୍ଲ ଚୈତନ୍ୟ ମହାରାଜ, ଆଦିତ୍ୟ ବାହିନୀ ମୁଖ୍ୟ ପୀଠ ପ୍ରତିନିଧି ମାତୃ ପ୍ରସାଦ ମିଶ୍ର ତଥା ଅନ୍ୟାନ୍ୟ ବରିଷ୍ଠ କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ଟେଟ୍ରାହେଡ୍ରନରେ ଅନ୍ତର୍ଜାତୀୟ ଯୁବ ଦିବସ

### ଜିଲ୍ଲା ସ୍ତରୀୟ ଆଇସି ଅଭିଯାନ ଉଦ୍‌ଘାଟନ

କଟକ,(ସବ୍ୟୁ):କଟକ ଜିଲ୍ଲା ସ୍ୱାସ୍ଥ୍ୟ ସମିତି ଆୟୋଜନରେ ଏବଂ ଓଡ଼ିଶା ରାଜ୍ୟ ଏଡ଼ସ ନିୟନ୍ତ୍ରଣ ସଂସ୍ଥା ସହଯୋଗରେ ଓଡ଼ିଶାର ଅଗ୍ରଣୀ ଶିକ୍ଷାନୁଷ୍ଠାନ ଟେଟ୍ରାହେଡ୍ରନ ଗ୍ରୁପ ଅଫ ଇନଷ୍ଟିଚ୍ୟୁସନ ସମ୍ମିଳନୀ କକ୍ଷରେ ଆନ୍ତର୍ଜାତୀୟ ଯୁବ ଦିବସ ଓ ଜିଲ୍ଲା ସ୍ତରୀୟ ଆଇସି ଅଭିଯାନ ବୁଧବାର ଉଦଘାଟିତ ହୋଇଯାଇଛି। ଜିଲ୍ଲା ଯୁବ ରେଡକ୍ରସର କନଭେନର ଡ଼ ସସ୍ମିତା ପଟ୍ଟନାୟକଙ୍କ ପୌରହିତ୍ୟରେ ଅନୁଷ୍ଠିତ ଉକ୍ତ କାର୍ଯ୍ୟକ୍ରମରେ ଅତିଥି ଭାବେ ଡିପିଏଚଓ ମନ୍ଦାକିନୀ ବେହେରା, ଏଡିପିଏଚଓ ଡ଼ ଅଶୋକ କୁମାର ଦାସ, ରାଜ୍ୟ ଯୁବ ରେଡକ୍ରସ୍ ସଂଯୋଜକ ଗୋପାଳ କୃଷ୍ଣ ମିଶ୍ର, ଜିଲ୍ଲା ସଂଯୋଜକ ଅକ୍ଷୟ କୁମାର ମହାନ୍ତି ଓ ପରାମର୍ଶଦାତା ଅଞ୍ଜଳି ଦାଶ ପ୍ରମୁଖ ଯୋଗଦେଇ ଯକ୍ଷ୍ମା



ଓ ଏଡ଼ସ ରୋଗର ନିରାକରଣ ଉପରେ ଆଲୋକପାତ କରିବା ସହ ଆନ୍ତର୍ଜାତୀୟ ଯୁବ ଦିବସର ଲକ୍ଷ୍ୟ ଉପରେ ବିସ୍ତୃତ ବାଖ୍ୟା କରିଥିଲେ। ଏହି ଅବସରରେ ଜିଲ୍ଲା ସ୍ତରୀୟ ଆଇସି ଅଭିଯାନର ଶୁଭାରମ୍ଭ ହୋଇଥିଲା। କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀ ସମେତ ଯୁବଗୋଷ୍ଠୀ ଯୋଗଦେଇଥିଲେ। ଟେଟ୍ରାହେଡ୍ରନର କର୍ମଚାରୀମାନେ ଏଥିରେ ସହଯୋଗ କରିଥିଲେ।

## ପ୍ରକାଶ ପାଇଲା ମାଟ୍ରିକ ସପ୍ଲିମେଣ୍ଟାରୀ ପରୀକ୍ଷା ଫଳ : ପାସ୍ ହାର ୬୩.୬୪ ପ୍ରତିଶତ

କଟକ,(ସବ୍ୟୁ): ଓଡିଶା ମାଧ୍ୟମିକ ଶିକ୍ଷା ପରିଷଦ (ବୋର୍ଡ) ଦ୍ୱାରା ପରିଚାଳିତ ମାଟ୍ରିକ ସପ୍ଲିମେଣ୍ଟାରୀ ପରୀକ୍ଷା ଫଳ ଆଜି ପ୍ରକାଶ ପାଇଛି। ଏହି ପରୀକ୍ଷାରେ ମୋଟ ୫,୭୬୦ ଜଣ ଛାତ୍ରଛାତ୍ରୀ ଅବତୀର୍ଣ୍ଣ ହୋଇଥିବା ବେଳେ ସେମାନଙ୍କ ମଧ୍ୟରୁ ୩,୬୬୬ ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି। ଚଳିତ ବର୍ଷ ମୋଟ ପାସ ହାର ୬୩.୬୪ ପ୍ରତିଶତ ରହିଛି। ଅନ୍ୟପଟେ ୨,୦୯୪ ଜଣ ପରୀକ୍ଷାର୍ଥୀ ଏହି ପରୀକ୍ଷାରେ ଫେଲ ହୋଇଛନ୍ତି। ଏ୧ ଗ୍ରେଡ୍ ରେ ଜଣେ ହେଲେ ବି ଉତ୍ତୀର୍ଣ୍ଣ ହୋଇପାରିନାହାନ୍ତି। ତେବେ ଏ-୨ ଗ୍ରେଡ୍ ୫ ଜଣ, ୧୨ ଜଣ ବି-୧, ୫୩ ଜଣ ବି-୨,୧୯୨ ଜଣ ସି ,୫୩୬ ଜଣ ଡି ଓ ୨,୫୯୩ ଜଣ ଇ-ଗ୍ରେଡ ପାଇ ପାସ କରିଛନ୍ତି । କମ୍ପାର୍ଟମେଣ୍ଟାଲରେ ୨୭୫ ଜଣ ଉତ୍ତୀର୍ଣ୍ଣ ହୋଇଥିବା ନେଇ ସୂଚନା ଦେଇଛନ୍ତି ବୋର୍ଡ ସଭାପତି ଶ୍ରୀକାନ୍ତ ତରାଇ । ସେହିପରି ରାଜ୍ୟ ମୁକ୍ତ ବିଦ୍ୟାଳୟ (ଓପନ୍ ସ୍କୁଲ) ପରୀକ୍ଷାରେ ୮,୬୯୮ ଜଣ ଛାତ୍ରଛାତ୍ରୀ ଅବତୀର୍ଣ୍ଣ ହୋଇଥିବା ବେଳେ ୫,୪୫୦ ଜଣ ଉତ୍ତୀର୍ଣ୍ଣ ହୋଇଛନ୍ତି। ଏହି ପରୀକ୍ଷାରେ ପାସ୍ ହାର ୬୨.୬୫ ପ୍ରତିଶତ ରହିଥିବା ବେଳେ ୩,୧୮୫ ଜଣ ପରୀକ୍ଷାର୍ଥୀ ଫେଲ୍ ହୋଇଛନ୍ତି। ଏହି ପରୀକ୍ଷାରେ ଏ-୧ ଗ୍ରେଡରେ କେହି ଉତ୍ତୀର୍ଣ୍ଣ ହୋଇନଥିବା ବେଳେ ୧୦ଜଣ ଏ-୨,୧୦୯ଜଣ ବି-୧, ୪୦୧ଜଣ ବି-୨, ୮୬୮ଜଣ ସି ,୧୫୧୪ଜଣ ଡି ଓ ୨୫୪୮ ଜଣ ଇ ଗ୍ରେଡରେ ପାସ କରିଛନ୍ତି ।

## ଡିଏଭି ଏସ୍‌ସିବି ମେଡିକାଲ ପବ୍ଲିକ ସ୍କୁଲରେ ତମାଖୁ ବର୍ଜନ ଦିବସ

କଟକ, (ସ୍ୱପ୍ର) : ଡିଏଭି ଏସ୍.ସି.ବି. ମେଡିକାଲ ପବ୍ଲିକ ସ୍କୁଲ୍ ଓ କଟକ ମହାନଗର ନିଗମର ମିଳିତ ସହଯୋଗରେ ବିଦ୍ୟାଳୟ ପରିସରରେ ତମାଖୁ ବର୍ଜନ ଦିବସ ପାଳିତ ହୋଇଯାଇଛି । ଏହି ଅବସରରେ କଟକ ମହାନଗର ନିଗମର କମିଶନର କିରନଦୀପ କୌର ସହୋତା ମୁଖ୍ୟଅତିଥି ଭାବେ ଯୋଗଦେଇ ତମାଖୁ ମୁକ୍ତ ଶିକ୍ଷାନୁଷ୍ଠାନ ଗଠନର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ । ସମ୍ମାନିତ ଅତିଥି ଭାବେ ଡା. ସତ୍ୟବ୍ରତ ମହାପାତ୍ର, ଡା. ଦୀପା ପଟ୍ଟନାୟକ, ପ୍ରଫେସର ନିରଞ୍ଜନ ମିଶ୍ର, ଡା. ସୁଭାଷ ଚନ୍ଦ୍ର ଦାସ ଏବଂ ୨୪ ନମ୍ବର ୱାର୍ଡର କର୍ପୋରେଟର ମୀନା ସାହୁ, ଏମଡିଏ ସଭାପତି ସଞ୍ଜୟ




ଜେନା ଯୋଗଦେଇ ନିଜ ନିଜ ବକ୍ତବ୍ୟରେ ତମାଖୁ ଭୟାବହ କୁପରିଣାମ ସମ୍ପର୍କରେ ଛାତ୍ରଛାତ୍ରୀଙ୍କୁ ସଚେତନ କରିବା ସହ ଶିକ୍ଷାନୁଷ୍ଠାନଗୁଡ଼ିକୁ ତମାଖୁ ମୁକ୍ତ ରଖିବା ପାଇଁ ସମସ୍ତଙ୍କ ସକ୍ରିୟ ସହଯୋଗର ଆହ୍ୱାନ ଦେଇଥିଲେ । ବିଦ୍ୟାଳୟର ଅଧ୍ୟକ୍ଷ ଡଃ. ନିରଞ୍ଜନ ସ୍ୱାଇଁ ନିଜ ଅଭିଭାଷଣରେ ଯୁବପିଢ଼ିଙ୍କୁ ତମାଖୁ ଜାତୀୟ ପଦାର୍ଥର ଅପବ୍ୟବହାର ପ୍ରତି ସଜାଗ ରହିବାକୁ ଆହ୍ୱାନ ଜଣାଇଥିଲେ । ଏହି ସଚେତନତାମୂଳକ କାର୍ଯ୍ୟକ୍ରମରେ ବିଦ୍ୟାଳୟର ସମସ୍ତ ସୁପରଭାଇଜର୍, ଶିକ୍ଷକ-ଶିକ୍ଷୟିତ୍ରୀ ଓ ଛାତ୍ରଛାତ୍ରୀ ଉପସ୍ଥିତ ରହି ତମାଖୁବର୍ଜନ ବାର୍ତ୍ତାକୁ ସମାଜର ପ୍ରତ୍ୟେକ ସ୍ତରରେ ପହଞ୍ଚାଇବାର ସଂକଳ୍ପ ପତ୍ର ପାଠ କରିଥିଲେ ।

## ଆତ୍ମନିର୍ଭର ଭାରତ ପାଇଁ କୋଇଲା ଗ୍ୟାସିଫିକେସନ ଜରୁରୀ- ସିଜିଏଆଇ

ଭୁବନେଶ୍ୱର, (ସବ୍ୟୁ) : କୋଇଲା ଗ୍ୟାସିଫିକେସନ କ୍ଷେତ୍ରରେ ଅଗ୍ରଣୀ ଶୀର୍ଷ ସଂଗଠନ କୋଲ ଗ୍ୟାସିଫାୟର୍ସ ଆସୋସିଏସନ ଅଫ ଇଣ୍ଡିଆ (ଉଏଇଓ), ପକ୍ଷରୁ ଭୁବନେଶ୍ୱରରେ "କୋଇଲା ଗ୍ୟାସିଫିକେସନ୍‌ରେ ଆହ୍ୱାନ, ସୁଯୋଗ ଏବଂ ନୂତନ ପ୍ରଯୁକ୍ତି" ଶୀର୍ଷକ ଏକ ଗୁରୁତ୍ୱପୂର୍ଣ୍ଣ ଅନ୍ତର୍ଜାତୀୟ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଦେଶରେ ଗଛିତ ବିପୁଳ କୋଇଲା ଭଣ୍ଡାର ଓ କୋଇଲା ମନ୍ତ୍ରାଳୟ ପକ୍ଷରୁ ପ୍ରଦତ୍ତ ଆର୍ଥିକ ସହାୟତା (ଭାଏବିଲିଟି ଗ୍ୟାପ୍ ଫଣ୍ଡିଂ ଯୋଜନା)କୁ ଆଧାର କରି ଦେଶର ଇନ୍ଧନ ଆତ୍ମନିର୍ଭରଶୀଳତା ହାସଲ ପାଇଁ କୋଇଲା ଗ୍ୟାସିଫିକେସନ ବୃଦ୍ଧି ସମ୍ବନ୍ଧରେ ଆଲୋଚନା କରାଯାଇଥିଲା। ଏହି ଗୁରୁତ୍ୱପୂର୍ଣ୍ଣ ସମ୍ମିଳନୀରେ କୋଲ ଇଣ୍ଡିଆ, ମହାନଦୀ କୋଲଫିଲ୍ଡସ, ସାଉଥ ଇଷ୍ଟର୍ଣ୍ଣ କୋଲ ଫିଲ୍ଡସ, ଗେଲ, ଏନଟିପିସି ଓ ଜିନ୍ଦଲ ଷ୍ଟିଲ ସମେତ ଶ୍ରୀଲଙ୍କାରୁ ଆସିଥିବା ଅନ୍ତର୍ଜାତୀୟ ପ୍ରତିନିଧି ମଣ୍ଡଳୀ ଓ କାନାଡାରୁ ପ୍ରଯୁକ୍ତି ବିଶେଷଜ୍ଞ ଯୋଗଦେଇଥିଲେ। ସମ୍ମିଳନୀରେ ୨୫ରୁ ଅଧିକ ବିଶେଷଜ୍ଞ ବକ୍ତା ବୈଷୟିକ ପ୍ରବନ୍ଧ ଉପସ୍ଥାପନ କରି ଭାରତୀୟ ଉଚ୍ଚ ପାଉଁଶ ସୃଷ୍ଟିକାରୀ କୋଇଲାର ପ୍ରକ୍ରିୟାକରଣ ପାଇଁ ଆଧୁନିକ ସମାଧାନ ଏବଂ ଜରୁରୀ ରାସାୟନିକ ପଦାର୍ଥର ଘରୋଇ ଉତ୍ପାଦନ ମାଧ୍ୟମରେ ବିଦେଶୀ ଆମଦାନୀ ଉପରେ ନିର୍ଭରଶୀଳତା ହ୍ରାସ କରିବାର




ଉପାୟ ସମ୍ପର୍କରେ ଆଲୋଚନା କରିଥିଲେ। ଏନଟିପିସି ଏବଂ ଜିନ୍ଦଲ ଷ୍ଟିଲ୍‌ର ଶୀର୍ଷ ଅଧିକାରୀମାନେ ଆତ୍ମନିର୍ଭରଶୀଳ ଭାରତର ଜାତୀୟ ଲକ୍ଷ୍ୟ ସହ ସିଧାସଳଖ ଭାବେ ସମ୍ପୃକ୍ତ ବିଭିନ୍ନ ପ୍ରମୁଖ ପଦକ୍ଷେପ ସମ୍ପର୍କରେ ଆଲୋକପାତ କରିଥିଲେ। ପ୍ରତିନିଧିମାନେ ଜିନ୍ଦଲ ଷ୍ଟିଲ୍‌ର ଅନୁଗୋଳସ୍ଥିତ ପ୍ଲାଣ୍ଟ ପରିଦର୍ଶନ କରିଥିଲେ। ଏହି ଅବସରରେ ସେମାନେ ସେଠାରେ ଥିବା ଭାରତର ପ୍ରଥମ 'ସିଜିପି-ଡିଆରଆଇ' ବ୍ୟବସ୍ଥା ପରିଦର୍ଶନ କରିଥିଲେ, ଯେଉଁଠାରେ କୋଲ ଗ୍ୟାସିଫିକେସନ ବ୍ୟବସ୍ଥାର ବ୍ୟବହାର କରାଯାଇ ଉଚ୍ଚମାନର ଇସ୍ପାତ ଉତ୍ପାଦନ କରାଯାଉଛି। ଅନୁଗୁଳ ପ୍ଲାଣ୍ଟ, ଦେଶର ପ୍ରଥମ ଇସ୍ପାତ ଉତ୍ପାଦନକାରୀ ପ୍ଲାଣ୍ଟ, ଯେଉଁଠାରେ 'ସିଜିପି-ଡିଆରଆଇ'ର ସୁବିଧା ରହିଛି ଏବଂ ଏହା ଦେଶରେ କୋଇଲାର ଅଭିନବ ବ୍ୟବହାରର ଏକ ଉଲ୍ଲେଖନୀୟ ଉଦାହରଣ। ଉନ୍ନତମାନର ପ୍ରଯୁକ୍ତି, ଆଧୁନିକ ଉତ୍ପାଦନ ସୁବିଧା, ଦକ୍ଷତା ଏବଂ ସ୍ଥାୟିତ୍ୱ ଉପରେ ଗୁରୁତ୍ୱ ଦେଉଥିବା ଜିନ୍ଦଲ ଷ୍ଟିଲ୍‌ର ଅନୁଗୋଳ ପ୍ଲାଣ୍ଟ ଭାରତର ଅତ୍ୟାଧୁନିକ ଇସ୍ପାତ କାରଖାନା ମଧ୍ୟରୁ ଅନ୍ୟତମ। ପ୍ରତିନିଧିମାନେ ପ୍ଲାଣ୍ଟର କାର୍ଯ୍ୟପ୍ରଣାଳୀକୁ ପ୍ରଶଂସା କରିବା ସହ ଦେଶର ସର୍ବବୃହତ୍ ବ୍ଲାଷ୍ଟ ଫର୍ନେସ୍ ଏବଂ ପ୍ଲାଣ୍ଟର ବିଭିନ୍ନ ସୁବିଧା ସମ୍ପର୍କରେ ଅବଗତ ହୋଇଥିଲେ। ଏଥିସହ ପ୍ଲାଣ୍ଟର ସମ୍ପ୍ରସାରଣ କାର୍ଯ୍ୟକ୍ରମରେ ଗ୍ରହଣ କରାଯାଉଥିବା ବିଶ୍ୱସ୍ତରୀୟ ସର୍ବୋତ୍ତମ ପ୍ରଚଳିତ ବ୍ୟବସ୍ଥା ଏବଂ ଉନ୍ନତ ପ୍ରଯୁକ୍ତି ସମ୍ପର୍କରେ ସେମାନେ ପ୍ରତ୍ୟକ୍ଷ ଜ୍ଞାନ ହାସଲ କରିଥିଲେ। ସମ୍ମିଳନୀରେ ଜିନ୍ଦଲ ଷ୍ଟିଲ୍‌ର ପରାମର୍ଶଦାତା ତଥା କୋଲ୍ ଗ୍ୟାସିଫାୟର୍ସ ଆସୋସିଏସନ୍ ଅଫ୍ ଇଣ୍ଡିଆର ସଭାପତି ସଞ୍ଜୟ ସିଂହ, ମହାସଚିବ ଡ. ଏ.କେ. ବାଲ୍ୟାନ୍, ଉପସଭାପତି ତଥା କୋଇଲା ଗ୍ୟାସିଫିକେସନ୍ ବିଶେଷଜ୍ଞ କପିଲ ଧଗତ ଏବଂ ଗେଲର ବ୍ୟବସାୟ ବିକାଶ ନିର୍ଦ୍ଦେଶକ ଆର୍.କେ. ସିଙ୍ଘଲ ପ୍ରମୁଖ ଉପସ୍ଥିତ ଥିଲେ। ଓଡ଼ିଶାର ପୂର୍ବତନ ମୁଖ୍ୟ ଶାସନ ସଚିବ ଅସିତ ତ୍ରିପାଠୀ ସମ୍ମିଳନୀରେ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ।

## ପ୍ରଖ୍ୟାତ ଶିକ୍ଷାବିତ୍ ଓ ଶିକ୍ଷା ପ୍ରଶାସକ ପ୍ରଫେସର ଡ. ବିଶ୍ୱମୋହନ ମିଶ୍ରଙ୍କ ପରଲୋକ

ଭୁବନେଶ୍ୱର, (ସବ୍ୟୁ) : ରାଜ୍ୟର ପ୍ରଖ୍ୟାତ ଶିକ୍ଷାବିତ୍ତ, ରାଜନୀତି ବିଜ୍ଞାନର ପୂର୍ବତନ ପ୍ରଫେସର ଓ ଶିକ୍ଷା ପ୍ରଶାସକ ପ୍ରଫେସର ଡ ବିଶ୍ୱମୋହନ ମିଶ୍ରଙ୍କ ପରଲୋକ ଘଟିଛି। ମୁମ୍ବାଇ ସ୍ଥିତ ବ୍ରିଚ୍ କ୍ୟାଣ୍ଡି ହସ୍ପିଟାଲରେ ଚିକିତ୍ସିତ ଅବସ୍ଥାରେ ମଙ୍ଗଳବାର ତାଙ୍କର ପରଲୋକ ଘଟିଛି। ସେ ଗତ କିଛି ସମୟ ଧରି ଅସୁସ୍ଥ ଥିବା ବେଳେ ଚିକିତ୍ସାଧିନ



ଅବସ୍ଥାରେ ଥିଲେ। ସେ ଖଲ୍ଲିକୋଟ କଲେଜ (ବର୍ତ୍ତମାନର ଖଲ୍ଲିକୋଟ ବିଶ୍ୱବିଦ୍ୟାଳୟ)ର ଅଧ୍ୟକ୍ଷ, ଉତ୍କଳ ବିଶ୍ୱବିଦ୍ୟାଳୟର ଏକାଡେମିକ୍ ଷ୍ଟାଫ୍ କଲେଜର ନିର୍ଦ୍ଦେଶକ ତଥା କେନ୍ଦ୍ରାପଡ଼ା କଲେଜ, ଯାଜପୁରର ଏନ୍.ସି. କଲେଜ ଓ ନୟାଗଡ଼ କଲେଜର ଅଧ୍ୟକ୍ଷ ଭାବେ କାର୍ଯ୍ୟ କରିଥିଲେ। ତାଙ୍କ ତତ୍ତ୍ୱାବଧାନରେ ଅନେକ ଗବେଷକ ଉଚ୍ଚତର ଡିଗ୍ରୀ ହାସଲ କରିଥିଲେ। ପୁରୀ ଜିଲ୍ଲାର ବୀରପ୍ରତାପପୁର ଗାଁର ଏକ ସାମାଜିକ ଚେତନା ସମ୍ପନ୍ନ ପରିବାରରେ ସେ ଜନ୍ମଗ୍ରହଣ କରିଥିଲେ। ପ୍ରଫେସର ଡ ମିଶ୍ର ପୁରୀର ଏସ୍.ସି.ଏସ୍. କଲେଜରୁ ସ୍ନାତକ ଓ ଆଲାହାବାଦ ବିଶ୍ୱବିଦ୍ୟାଳୟରୁ ରାଜନୀତି ବିଜ୍ଞାନରେ ସ୍ନାତକୋତ୍ତର ଡିଗ୍ରୀ ହାସଲ କରିଥିଲେ। ଏହାପରେ ଉତ୍କଳ ବିଶ୍ୱବିଦ୍ୟାଳୟରୁ ଲୋକ ପ୍ରଶାସନରେ ଡି.ଲିଟ୍ ଡିଗ୍ରୀ ପ୍ରାପ୍ତ କରିଥିଲେ। ସେ ତାଙ୍କ ସମୟର ଜଣେ ଲୋକପ୍ରିୟ ଶିକ୍ଷକ ଥିଲେ। ତାଙ୍କ ଅନେକ ଛାତ୍ରଛାତ୍ରୀ ସିଭିଲ୍ ସର୍ଭିସ୍‌ରେ ଯୋଗ ଦେଇ ପ୍ରାଶାସନିକ ସେବାରେ ନିୟୋଜିତ ରହିଛନ୍ତି। ସେ ଚାକିରୀରୁ ଅବସର ଗ୍ରହଣ କରିବା ପରେ ମୁମ୍ବାଇରେ ତାଙ୍କ ଝିଅଙ୍କ ପାଖରେ ରହୁଥିଲେ। ଯୁବାବସ୍ଥାରେ ସେ ଜଣେ ଉଚ୍ଚକୋଟିର ସକ୍ରିୟ ବକ୍ତା ଓ ଲେଖକ ଥିଲେ। ଅନ୍ତର୍ଜାତିକ ଆଇନ ସମ୍ବନ୍ଧୀୟ ଅନେକ ଗୁରୁତ୍ୱପୂର୍ଣ୍ଣ ପୁସ୍ତକକୁ ଓଡ଼ିଆ ଭାଷାରେ ଅନୁବାଦ କରିଥିଲେ। ଛାତ୍ରଛାତ୍ରୀ ଓ କର୍ମଚାରୀ ମାନଙ୍କ ମଧ୍ୟରେ ତାଙ୍କ ବିନମ୍ରତା ଓ ଲୋକପ୍ରିୟତା ପାଇଁ ସେ ସର୍ବଦା ପରିଚିତ ଥିଲେ। ପ୍ରଫେସର ମିଶ୍ରଙ୍କ ଦୁଇଟି ସନ୍ତାନ ଅଛନ୍ତି। ଜଣେ ପୁତ୍ର ଡକ୍ଟର ସନ୍ତୃପ୍ତ ମିଶ୍ର (ବର୍ତ୍ତମାନ ରାଜ୍ୟସଭା ସଦସ୍ୟ) ଓ କନ୍ୟା ଡକ୍ଟର ଲିପ୍ସା ମିଶ୍ର (ଅବସରପ୍ରାପ୍ତ ପ୍ରଫେସର)। ତାଙ୍କ ପତ୍ନୀ ଶ୍ରୀମତୀ ସରଜୁବାଲା ମିଶ୍ର ୬୪ ବର୍ଷରେ ପଦାର୍ପଣ କରିଛନ୍ତି। ତାଙ୍କ ପରଲୋକରେ ଅନେକ ପ୍ରଶଂସକ ଓ ବିଭିନ୍ନ ଜନପ୍ରତିନିଧି ଗଭୀର ଶୋକ ପ୍ରକାଶ କରିଛନ୍ତି।

## କିମ୍ସ ଏଣ୍ଡୋକ୍ରାଇନୋଲୋଜି ବିଶେଷଜ୍ଞ ଡା. ସମ୍ବିତ ଦାସ

### ଏଣ୍ଡୋକ୍ରାଇନ୍ ସୋସାଇଟି ଅଫ୍ ଇଣ୍ଡିଆ ସଭାପତି

ଭୁବନେଶ୍ୱର, (ସବ୍ୟୁ) : କିମ୍ସ ଭୁବନେଶ୍ୱରର ଏଣ୍ଡୋକ୍ରାଇନୋଲୋଜି ବିଭାଗର ପ୍ରଫେସର ତଥା ବିଭାଗୀୟ ମୁଖ୍ୟ ଡା. ସମ୍ବିତ ଦାସ ଦେଶର ଏଣ୍ଡୋକ୍ରାଇନୋଲୋଜି କ୍ଷେତ୍ରର ଅନ୍ୟତମ ପ୍ରତିଷ୍ଠିତ ବୃତ୍ତିଗତ ସଂଗଠନ ଏଣ୍ଡୋକ୍ରାଇନ୍ ସୋସାଇଟି ଅଫ୍ ଇଣ୍ଡିଆର ସଭାପତି ଭାବେ ନିର୍ବାଚିତ ହୋଇଛନ୍ତି। ୧୯୭୨ ମସିହାରେ ପ୍ରତିଷ୍ଠିତ ଏଣ୍ଡୋକ୍ରାଇନ୍ ସୋସାଇଟି ଅଫ୍ ଇଣ୍ଡିଆ ଦେଶର ଏଣ୍ଡୋକ୍ରାଇନୋଲୋଜି ବିଶେଷଜ୍ଞମାନଙ୍କର ସର୍ବବୃହତ ସଂଗଠନ। ଗତ ୪୦ ବର୍ଷ ମଧ୍ୟରେ ଡା. ଦାସ ପ୍ରଥମ ଓଡ଼ିଆ ଏଣ୍ଡୋକ୍ରାଇନୋଲୋଜିଷ୍ଟ ଭାବେ ଏହି ସଂଗଠନର ସଭାପତି ନିର୍ବାଚିତ ହୋଇଥିବା



କୁହାଯାଉଛି। ଏଥିସହ ସଂଗଠନର ଇତିହାସରେ ସେ ଏହି ପଦବୀ ଅଳଙ୍କୃତ କରିଥିବା ସର୍ବକନିଷ୍ଠ ସଭାପତି ହେବାର ଗୌରବ ମଧ୍ୟ ଅର୍ଜନ କରିଛନ୍ତି। ଜଣେ ବିଶିଷ୍ଟ ଚିକିତ୍ସକ, ନିଷ୍ଠାବାନ ଶିକ୍ଷକ ଏବଂ ସଫଳ ଗବେଷକ ଭାବେ ଡା. ଦାସ ଏଣ୍ଡୋକ୍ରାଇନୋଲୋଜି କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ରଖିଛନ୍ତି। ସେ ବର୍ତ୍ତମାନ ଇଏସଆଇର ଉପସଭାପତି ଭାବେ କାର୍ଯ୍ୟ କରୁଥିବାବେଳେ ସାଉଥ୍ ଏସିଆନ୍ ଫେଡେରେସନ୍ ଅଫ୍ ଏଣ୍ଡୋକ୍ରାଇନ୍ ସୋସାଇଟିଜର କାର୍ଯ୍ୟକାରୀ କମିଟି ସଦସ୍ୟ ମଧ୍ୟ ଅଛନ୍ତି। ଦୀର୍ଘ ବର୍ଷ ଧରି ଏଣ୍ଡୋକ୍ରାଇନୋଲୋଜି କ୍ଷେତ୍ରରେ ତାଙ୍କ ଅବଦାନ ପାଇଁ ସେ ଅନେକ ଜାତୀୟ ଓ ଆନ୍ତର୍ଜାତୀୟ ସମ୍ମାନରେ ସମ୍ମାନିତ ହୋଇଛନ୍ତି। ନିକଟରେ ଓଡ଼ିଶାର ମୁଖ୍ୟମନ୍ତ୍ରୀ ତାଙ୍କୁ 'ଏକ୍ସେଲେନ୍ସ ଇନ୍ ଏଣ୍ଡୋକ୍ରାଇନୋଲୋଜି ଆଣ୍ଡ ଡାଇବେଟିସ୍ ଆୱାର୍ଡ' ପ୍ରଦାନ କରି ସମ୍ମାନିତ କରିଥିଲେ। ଡା. ଦାସଙ୍କ ଏହି ସଫଳତା ପାଇଁ ତାଙ୍କୁ ଅଭିନନ୍ଦନ ଜଣାଇ କିଟ୍, କିସ୍ ଓ କିମସ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ତାଙ୍କ ସଫଳତା ପାଇଁ ଶୁଭେଚ୍ଛା ଜଣାଇଛନ୍ତି। ଏହି ପ୍ରତିଷ୍ଠିତ ପଦବୀକୁ ଡା. ଦାସଙ୍କ ନିର୍ବାଚନ କେବଳ ଅନୁଷ୍ଠାନ ପାଇଁ ନୁହେଁ, ସମଗ୍ର ଓଡ଼ିଶା ପାଇଁ ମଧ୍ୟ ଏକ ବଡ଼ ସମ୍ମାନର ବିଷୟ ବୋଲି ଶ୍ରୀ ସାମନ୍ତ କହିଛନ୍ତି।

### ସଂଘବଦ୍ଧ ଆକ୍ରମଣରୁ କୋମାରେ ଲକ୍ଷ୍ମୀଧର

## ଅଭିଯୁକ୍ତଙ୍କ ଗିରଫ ଦାବିରେ ବାଲିଅନ୍ତା ଥାନା ଘେରାଉ

ଭୁବନେଶ୍ୱର, (ସବ୍ୟୁ) : ସଂଘବଦ୍ଧ ଆକ୍ରମଣରେ ସୁଧାଷଡଙ୍ଗୀ ଗ୍ରାମର ଲକ୍ଷ୍ମୀଧର ସ୍ୱାଇଁ ଗୁରୁତର ହୋଇ କୋମାରେ ଥିବାବେଳେ ଅଭିଯୁକ୍ତଙ୍କ ଗିରଫ ଦାବିରେ ତାଙ୍କ ପରିବାର ଓ ଗାଁ ଲୋକେ ବାଲିଅନ୍ତା ଥାନା ଘେରାଉ କରିଥିଲେ । ପରିସ୍ଥିତିକୁ ନିୟନ୍ତ୍ରଣ କରିବା ପାଇଁ ପୋଲିସ ଉଚ୍ଚ ଅଧିକାରୀ ଓ ଏକ ପ୍ଲାଟୁନ୍ ଫୋର୍ସ ଘଟଣାସ୍ଥଳରେ ଉପସ୍ଥିତ ରହି ଆନ୍ଦୋଳନକାରୀଙ୍କୁ ବୁଝାସୁଝା କରିବା ପରେ ସେମାନେ ଥାନା ଘେରାଉରୁ ବିରତ ହୋଇଥିଲେ ।

ରବିବାର ରାତିରେ ସୁଧା ଷଡଙ୍ଗୀ ଗାଁ ସ୍କୁଲରେ କିଛି ଯୁବକ ଭୋଜି କରିବା ସହ ସ୍କୁଲ ତାଲା ଭାଙ୍ଗୁଥିଲେ । ମାର୍କେଟକୁ ପରିବା ପାଇଁ ଆସିଥିବା ଲକ୍ଷ୍ମୀଧର ଏହା ଦେଖି ସେମାନଙ୍କୁ ତାଲା ଭାଙ୍ଗିବାକୁ ବାରଣ କରିଥିଲେ । ଯାହା ଫଳରେ ସମ୍ପୃକ୍ତ ଯୁବକମାନେ ମିଳିତ ଭାବେ ମିଶି ଲକ୍ଷ୍ମୀଧରକୁ ମାଡ ମାରି ଗୁରୁତର କରିଥିଲେ । ଏଭଳି ମାଡ ମାରିଲେ ଯେ, ତାଙ୍କ ମୁଣ୍ଡ, ନାକ, ଆଖି ପ୍ରଭୃତି ସମ୍ପୂର୍ଣ୍ଣ ନଷ୍ଟ ହୋଇଛି । ସେ କୋମାରେ ରହି ଜୀବନ ସହ ସଂଗ୍ରାମ କରୁଥିବା ବେଳେ ପୋଲିସ କାହାରିକୁ ଗିରଫ କରିନାହିଁ । ପୋଲିସ ତିନିଜଣଙ୍କୁ ଥାନାକୁ ଆଣି ପଚରାଉଚରା କରିବା ପରେ ଛାଡିଦେଇଥିଲା ।

ସୌମ୍ୟ ଘଟଣା ଲୋକଙ୍କ ମନରୁ ନଲିଭୁଣୁ ପୁଣି ଲକ୍ଷ୍ମୀଧରକୁ ମିଳିତ ଆକ୍ରମଣ କରି ଗୁରୁତର କରିବା ଘଟଣା ବାଲିଅନ୍ତା ଥାନା ଅଞ୍ଚଳରେ ଚର୍ଚ୍ଚା ହେଉଛି । ୪ଦିନ ବିତିଯାଇଥିଲେ ମଧ୍ୟ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିବାରେ ବିଫଳ ହେଉଥିବାରୁ ଲକ୍ଷ୍ମୀଧରଙ୍କ ସ୍ତ୍ରୀ, ଦୁଇଝିଅ ଓ ଗାଁର ପୁରୁଷ, ମହିଳାମାନେ ମିଶି ବୁଧବାର ଦୀର୍ଘ ସମୟ ଥାନା ଘେରାଉ କରିଥିଲେ । ଥାନା ଘେରାଉ କରିଥିବା ଗାଁ ଲୋକଙ୍କ କହିବା କଥା ଲକ୍ଷ୍ମୀଧର ଦିନ ମଜୁରିଆ ହୋଇଥିବାରୁ ତାଙ୍କ ପରିବାର କିଭଳି ଚଳିବେ ? ସେଥିପାଇଁ ସରକାରୀ ସହାୟତା ଦିଆଯିବା ସହ ଅଭିଯୁକ୍ତମାନଙ୍କୁ ତୁରନ୍ତ ଗିରଫ କରାଯାଇ କଠୋର ଦଣ୍ଡବିଧାନର ବ୍ୟବସ୍ଥା କରାଯାଉ ।ଏ ସମ୍ପର୍କରେ ପୋଲିସ କିଛି କହିବାକୁ ଅନିଚ୍ଛା ପ୍ରକାଶ କରିଛି ।

ବାଲିଅନ୍ତା ଥାନା ପୋଲିସର କାର୍ଯ୍ୟଦକ୍ଷତାକୁ ନେଇ ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ସୌମ୍ୟ ଘଟଣା ଭଳି ଲକ୍ଷ୍ମୀଧର ଘଟଣା ଘଟିଥିବାରୁ ସାଧାରଣ ଲୋକେ ପ୍ରତିକ୍ରିୟାଶୀଳ ଅଛନ୍ତି । ପୋଲିସ ଆନ୍ଦୋଳନକାରୀଙ୍କୁ ଶୀଘ୍ର ଗିରଫ କରାଯିବା ପ୍ରତିଶ୍ରୁତି ଦେବା ସହ ପରିବାର ପ୍ରତିପୋଷଣ ସମ୍ପର୍କରେ ସରକାରଙ୍କ ଦୃଷ୍ଟି ଆକର୍ଷଣ କରିବେ ବୋଲି କହିଥିବା ଆନ୍ଦୋଳନରେ ସାମିଲ ଥିବା ଲୋକେ କହିଛନ୍ତି ।

# ଜେପିସିକୁ ଗଲା ଏଫସିଆର୍‌ଏ ବିଲ୍

## ସଂସଦରେ ବିରୋଧୀ ଦଳଙ୍କ ହୋହଲ୍ଲା ମଧ୍ୟରେ ପ୍ରସ୍ତାବ ପାରିତ





**ନୂଆଦିଲ୍ଲୀ:** ଲୋକସଭାରେ ପ୍ରବଳ ହଟ୍ଟଗୋଳ ମଧ୍ୟରେ ବିଦେଶୀ ଅନୁଦାନ (ନିୟନ୍ତ୍ରଣ) ସଂଶୋଧନ ବିଲ୍ (ଏଫସିଆର୍‌ଏ) ୨୦୨୬କୁ ଯୁଗ୍ମ ସଂସଦୀୟ କମିଟି (ଜେପିସି) କୁ ପଠାଯାଇଛି । ବୁଧବାର ବିରୋଧୀ ସାଂସଦଙ୍କ ତୀବ୍ର ବିରୋଧ ଓ ପ୍ରବଳ ହଟ୍ଟଗୋଳ ମଧ୍ୟରେ କେନ୍ଦ୍ର ସରକାର ଲୋକସଭାରେ ଏକ ପ୍ରସ୍ତାବ ଆଗତ କରିଥିଲା । ଆଗତ ପ୍ରସ୍ତାବକୁ ବାଚନିକ ଭୋଟ ମାଧ୍ୟମରେ ଗୃହୀତ କରାଯାଇଥିଲା । ଏଫସିଆର୍‌ଏ ବିଲ୍‌କୁ ନେଇ ସମାଜବାଦୀ ପାର୍ଟି ମୁଖ୍ୟଅଖିଳେଶ ଯାଦବ ଓ ସଂସଦୀୟ ବ୍ୟାପାର ମନ୍ତ୍ରୀକିରେନ୍ ରିଜିଜୁଙ୍କ ମଧ୍ୟରେ ତୀବ୍ର ଯୁକ୍ତିତର୍କ ହୋଇଥିଲା । ସରକାର ସଂଖ୍ୟାଲଘୁଙ୍କୁ ଟାର୍ଗେଟ କରି ଏହି ବିଲ୍ ଆଣିଥିବା ଅଖିଳେଶ ଯୁକ୍ତି ରଖିଥିଲେ । ଅଖିଳେଶ କହିଥିଲେ, ସମଗ୍ର ବିରୋଧୀ ଦଳ ଏହି ବିଲ୍‌କୁ ବିରୋଧ କରୁଛି । ଏହି ସରକାର ଏପର୍ଯ୍ୟନ୍ତ କେଉଁ ବିଲ୍ ଆଣିଛି ଯାହା ସଂଖ୍ୟାଲଘୁଙ୍କ ବିରୋଧରେ ନୁହେଁ ବୋଲି ପ୍ରଶ୍ନ କରିଥିଲେ । ରିଜିଜୁ ଜବାବରେ କହିଥିଲେ ଯେ, ବିରୋଧୀ ଦଳ ଗୃହକୁ ଭ୍ରମିତ କରୁଛନ୍ତି । ମୁଁ ଅଖିଳେଶ ଯାଦବଙ୍କୁ ଚ୍ୟାଲେଞ୍ଜ କରୁଛି ଯେ, ସେ ଆମକୁ ସଂଖ୍ୟାଲଘୁଙ୍କ ବିରୋଧରେ ଥିବା ଗୋଟିଏ ବିନ୍ଦୁ କୁହନ୍ତୁ । ସେ ଏହା ମଧ କହିଥିଲେ ଯେ, ସଂଖ୍ୟାଲଘୁଙ୍କୁ ଟାର୍ଗେଟ କରିବାର କୌଣସି ପ୍ରଶ୍ନ ଉଠୁନାହିଁ ଓ ଦେଶ ଏକ ଆଇନଗତ ଢାଞ୍ଚା ବିନା ବିଦେଶୀ ପାଣ୍ଠିକୁ ଦେଶକୁ ଆସିବାକୁ ଦେଇପାରିବ ନାହିଁ । ପୂର୍ବରୁ ଲୋକସଭା ମୁଲତବୀ ହେବା ପରେ କାର୍ଯ୍ୟ ଆରମ୍ଭ ହେବା ପରେ କେନ୍ଦ୍ର ଗୃହ ରାଷ୍ଟ୍ରମନ୍ତ୍ରୀ ନିତ୍ୟାନନ୍ଦ ରାୟ ଏଫସିଆର୍‌ଏ ବିଲ୍‌କୁ ଜେପିସିକୁ ପଠାଇବା ପାଇଁ ପ୍ରସ୍ତାବ ଆଗତ କରିଥିଲେ । କଂଗ୍ରେସ ସାଂସଦ କେସି ବେଣୁଗୋପାଳ ସରକାର ଏହି ବିଲ୍ ପ୍ରତ୍ୟାହାର କରିବାକୁ ଦାବି କରି ଅଭିଯୋଗ କରିଛନ୍ତି ଯେ, ଏହା ସଂଖ୍ୟାଲଘୁ ଓ ଏନଜିଓମାନଙ୍କୁ ଟାର୍ଗେଟ କରିବା ପାଇଁ ଉଦ୍ଦିଷ୍ଟ । ସରକାର ଏହି ବିଲ୍ ପ୍ରତ୍ୟାହାର କରିବା ଉଚିତ । ରିଜିଜୁ କହିଛନ୍ତି ଯେ, କଂଗ୍ରେସ ନିଜେ ଦାବି କରିଛି ଯେ, ବିଲ୍‌କୁ ଜେପିସି ନିକଟକୁ ପଠାଯାଉ ଓ ବିରୋଧୀ ଦଳକୁ କମିଟି ପ୍ରକ୍ରିୟା ବ୍ୟବହାର କରି ନିଜର ଚିନ୍ତା ପ୍ରକାଶ କରିବାକୁ ଅନୁରୋଧ କରିଛି । ସେ କହିଛନ୍ତି ଯେ, ସଂଖ୍ୟାଲଘୁଙ୍କୁ ଟାର୍ଗେଟ କରିବାର କୌଣସି ପ୍ରଶ୍ନ ଉଠୁନାହିଁ ଓ ବେଣୁଗୋପାଳ ଗୃହକୁ ଭ୍ରମିତ କରନାହିଁ ବୋଲି କହିଥିଲେ ।ନାଗାଲାଣ୍ଡ ମୁଖ୍ୟମନ୍ତ୍ରୀ ନେଇଫିଉ ରିଓ ଓ ମିଜୋରାମ ମୁଖ୍ୟମନ୍ତ୍ରୀ ଲାଲଡୁହୋମା ପୂର୍ବରୁ ବିଲ୍‌କୁ ବିସ୍ତୃତ ତର୍ଜମା ପାଇଁ ଏକ ମିଳିତ କମିଟିକୁ ପଠାଇବାକୁ କେନ୍ଦ୍ରକୁ ଅନୁରୋଧ କରିଥିଲେ । ମେଘାଳୟ ମୁଖ୍ୟମନ୍ତ୍ରୀ କନରାଡ୍ କେ ସାଙ୍ଗମା ମଧ କେନ୍ଦ୍ର ନିକଟରେ ଏହାର ବ୍ୟବସ୍ଥା ଉପରେ ଚିନ୍ତା ପ୍ରକାଶ କରିଥିଲେ । ପ୍ରସ୍ତାବିତ ଯୁଗ୍ମ କମିଟିରେ ୩୧ ଜଣ ସଦସ୍ୟ ରହିବେ, ଯେଉଁଥିରେ ଲୋକସଭାରୁ ୨୧ ଜଣ ଏବଂ ରାଜ୍ୟସଭାରୁ ୧୦ ଜଣ ସଦସ୍ୟ ରହିବେ । ଲୋକସଭା ସଦସ୍ୟମାନଙ୍କୁ ବାଚସ୍ପତିଙ୍କ ଦ୍ୱାରା ମନୋନୀତ କରାଯିବ, ରାଜ୍ୟସଭା ସଦସ୍ୟମାନଙ୍କୁ ରାଜ୍ୟସଭାର ଅଧ୍ୟକ୍ଷଙ୍କ ଦ୍ୱାରା ମନୋନୀତ କରାଯିବ ।

## ସ୍ୱାସ୍ଥ୍ୟସେବା ପାଇଁ କେନ୍ଦ୍ର ମନ୍ତ୍ରୀ ଦେଲେ ୩.୧୦ କୋଟି



**ନୂଆଦିଲ୍ଲୀ:** କେନ୍ଦ୍ର ରେଳ, ସୂଚନା ଓ ପ୍ରସାରଣ ଏବଂ ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ମନ୍ତ୍ରୀ ତଥା ରାଜ୍ୟ ସଭା ସାଂସଦ ଶ୍ରୀ ଅଶ୍ୱିନୀ ବୈଷ୍ଣବ ଓଡ଼ିଶାର ଦୁଇ ପ୍ରମୁଖ ଡାକ୍ତରଖାନାର ଉନ୍ନତିକରଣ ଲାଗି ନିଜ ସାଂସଦପାଣ୍ଠିରୁ ୩ କୋଟି ୧୦ ଲକ୍ଷ ଟଙ୍କାର ଅନୁଦାନ ଯୋଗାଇ ଦେବାକୁ ସୁପାରିସ କରିଛନ୍ତି । ଏହି ଅର୍ଥ ଚିକିତ୍ସା ଭିତ୍ତିଭୂମି ଉନ୍ନତିକରଣ ଲାଗି ବିନିଯୋଗ କରାଯିବ । କେନ୍ଦ୍ର ମନ୍ତ୍ରୀଙ୍କ ସାଂସଦ ପାଣ୍ଠିରୁ ନୀଳଗିରି ଉପଖଣ୍ଡ ଡାକ୍ତରଖାନାକୁ ୧ କୋଟି ୪୦ ଲକ୍ଷ ଟଙ୍କା ଏବଂ ବାଲେଶ୍ୱର ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ୧କୋଟି ୭୦ ଲକ୍ଷ ଟଙ୍କା ଯୋଗାଇ ଦିଆଯିବ ।ଉତ୍ତର ଉପକୂଳ ଓଡ଼ିଶାର ଅନ୍ୟତମ ପ୍ରମୁଖ ଜିଲ୍ଲା ବାଲେଶ୍ୱରର ଜନସଂଖ୍ୟା ୨୦୧୧ ଜନଗଣନା ଅନୁଯାୟୀ, ୨୩ ଲକ୍ଷରୁ ଅଧିକ ହୋଇଥିବା ବେଳେ କେବଳ ବାଲେଶ୍ୱର ସହରରେ ୧ ଲକ୍ଷ ୭୪ହଜାରରୁ ଅଧିକ ଲୋକ ବସବାସ କରନ୍ତି । ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସହରର ଅନ୍ୟତମ ପ୍ରମୁଖ ସରକାରୀ ଡାକ୍ତରଖାନା ହୋଇଥିବାରୁ ଲକ୍ଷ ଲକ୍ଷ ଲୋକ ଏହି ଚିକିତ୍ସାଳୟ ଉପରେ ନିର୍ଭର କରିଥା'ନ୍ତି । ସାଂସଦ ପାଣ୍ଠିରୁ ମଞ୍ଜୁର ହୋଇଥିବା ଅର୍ଥରେ ଭେଷଜ ବ୍ଲକ, ଔଷଧ ଭଣ୍ଡାରଣ ଗୃହ, ମାତୃ ଓ ଶିଶୁ କମ୍ପ୍ଲେକ୍ସ, ଆପାତକାଳୀନ ବିଭାଗ, ଆଣ୍ଟି-ରେଟ୍ରୋଭାଇରାଲ ଥେରାପି କେନ୍ଦ୍ର, ସର୍ଜରୀ ୱାର୍ଡ, ଅପରେସନ ଥିଏଟର ଏବଂ ଜଳପାନ କକ୍ଷର ଉନ୍ନତିକରଣ କରାଯିବ । ସେହିପରି ୫୦ ଲକ୍ଷ ଟଙ୍କା ବ୍ୟୟରେ ରୋଗୀ ବିଶ୍ରାମ କକ୍ଷ ନିର୍ମାଣ କରାଯିବ । ଅନ୍ୟପକ୍ଷରେ ନୀଳଗିରି ଉପଖଣ୍ଡ ଚିକିତ୍ସାଳୟରେ ଖର୍ଚ୍ଚ ହେବାକୁ ଥିବା ୧ କୋଟି ୪୦ ଲକ୍ଷ ଟଙ୍କାରେ ଆଇପିଡି, ଔଷଧ ଭଣ୍ଡାରଣ ଗୃହ, ରୋଗୀ ବିଶ୍ରାମ କକ୍ଷ, ଆପାତକାଳୀନ ବିଭାଗ, ଜଳପାନ କକ୍ଷ,ସର୍ଜରୀ ୱାର୍ଡ ଓ ଅସ୍ତ୍ରୋପଚାର ଗୃହ, ଏସଡିଏମଓଙ୍କ କାର୍ଯ୍ୟାଳୟ ଏବଂ ଓପିଡି ବ୍ଲକର ଉନ୍ନତିକରଣ କରାଯିବାକୁ ପ୍ରସ୍ତାବ ରହିଛି ।ଏସବୁ ଉନ୍ନତିକରଣ କାର୍ଯ୍ୟ ଦ୍ୱାରା ନୀଳଗିରି, ବାଲେଶ୍ୱର ଏବଂ ଏହାର ଆଖପାଖ ଅଞ୍ଚଳର ରୋଗୀମାନଙ୍କୁ ବିଭିନ୍ନ ଅତ୍ୟାଧୁନିକ ସ୍ୱାସ୍ଥ୍ୟସେବା ମିଳିପାରିବ । ରୋଗୀ ଓ ସେମାନଙ୍କ ପରିବାର କଙ୍କ ପାଇଁ ଏହି ଭିତ୍ତିଭୂମି ଉନ୍ନତିକରଣ ଏକ ଦୀର୍ଘକାଳୀନ ଆବଶ୍ୟକତାକୁ ପୂରଣ କରିବ । ଡାକ୍ତରଖାନାକୁ ଆସୁଥିବା ରୋଗୀଙ୍କୁ ଅଧିକ ଆରାମଦାୟକ ଏବଂ ଦକ୍ଷ ସ୍ୱାସ୍ଥ୍ୟ ସେବା ମିଳିପାରିବ । ମାତୃ ଓ ଶିଶୁ ସ୍ୱାସ୍ଥ୍ୟ ଭିତ୍ତିଭୂମିର ଉନ୍ନତିକରଣ ଦ୍ୱାରା ପ୍ରସବ ସମୟରେ ମା' ଏବଂ ଶିଶୁଙ୍କ ପାଇଁ ସୁରକ୍ଷିତ ସ୍ୱାସ୍ଥ୍ୟସେବା ସୁନିଶ୍ଚିତ ହେବ । ଏକ ସୁଦୃଢ଼ ଆଣ୍ଟି-ରେଟ୍ରୋଭାଇରାଲ୍ ଥେରାପି କେନ୍ଦ୍ର ନିର୍ମାଣ ଫଳରେ ଦୀର୍ଘକାଳୀନଚିକିତ୍ସାରେ ଥିବା ରୋଗୀମାନେ ଅଧିକ ସୁବିଧା ପାଇପାରିବେ । ଆବଶ୍ୟକ ଯାଞ୍ଚ ଏବଂ ବୈଷୟିକ,ଆର୍ଥିକ ଓ ପ୍ରଶାସନିକ ମଞ୍ଜୁରୀ ପରେ ସାଂସଦ ପାଣ୍ଠି ଅର୍ଥ ଜାରି କରାଯିବ । ଏଥିପାଇଁ ଧାର୍ଯ୍ୟ ମାର୍ଗଦର୍ଶିକା ଅନୁଯାୟୀ ସାଂସଦ ପାଣ୍ଠି ଖର୍ଚ୍ଚ ହେବ ।କେନ୍ଦ୍ର ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଓଡ଼ିଶାରେ ସ୍ୱାସ୍ଥ୍ୟ ଭଳି ଗୁରୁତ୍ୱପୂର୍ଣ୍ଣ ଭିତ୍ତିଭୂମି ଉନ୍ନତିକରଣ ଉପରେନିରନ୍ତର ଧ୍ୟାନ ଦେଇ ଆସୁଛନ୍ତି ।

## ଇମ୍ରାନ ଖାନ ଜୀବିତ ଅଛନ୍ତି' ମୃତ୍ୟୁ ଗୁଜବକୁ ଖଣ୍ଡନ



**ଇସଲାମାବାଦ:** ପାକିସ୍ତାନର ଜେଲ୍‌ରେ ବନ୍ଦୀ ଥିବା ପୂର୍ବତନ ପ୍ରଧାନମନ୍ତ୍ରୀ ତଥା ପାକିସ୍ତାନ ତେହେରିକ-ଇ-ଇନସାଫ (ପିଟିଆଇ) ମୁଖ୍ୟ ଇମ୍ରାନ ଖାନଙ୍କ ମୃତ୍ୟୁ ଘଟିଥିବା ନେଇ ବ୍ୟାପକ ଗୁଜବ ସୃଷ୍ଟି ହୋଇଛି । ଏହି ଚାଞ୍ଚଲ୍ୟକର ଦାବି ସାରା ବିଶ୍ୱରେ ଚର୍ଚ୍ଚାର ବିଷୟ ପାଲଟିବା ପରେ ପାକିସ୍ତାନ ସେନା ପକ୍ଷରୁ ଏକ ବିବୃତି ଜାରି କରି ଏହାକୁ ସମ୍ପୂର୍ଣ୍ଣ ଭିତ୍ତିହୀନ ବୋଲି ସ୍ପଷ୍ଟ କରାଯାଇଛି । ସେନାର ଗଣମାଧ୍ୟମ ଶାଖା ଆଇଏସ୍‌ପିଆର୍ ଏହି ରିପୋର୍ଟକୁ ପ୍ରତ୍ୟାଖ୍ୟାନ କରି କହିଛି ଯେ ଇମ୍ରାନ ଖାନ ଜୀବିତ ଅଛନ୍ତି । ସୂଚନାଯୋଗ୍ୟ ଯେ, ଆମେରିକାରେ ରହୁଥିବା ପାକିସ୍ତାନୀ ସାମ୍ବାଦିକ ୱାଜାହତ ସୟିଦ ଖାନ ଗତ ଅଗଷ୍ଟ ୧୧ ତାରିଖରେ ଭିଡିଓ ସିରିଜ୍ ଜାରି କରି ଇମ୍ରାନ ଜୀବିତ ଅଛନ୍ତି କି ନାହିଁ ବୋଲି ପ୍ରଶ୍ନ ଉଠାଇଥିଲେ । ଏହି ଭିଡିଓରେ ସେ ଦାବି କରିଥିଲେ ଯେ ପାକିସ୍ତାନ ସେନା ମୁଖ୍ୟାଳୟ ର ତିନିଜଣ ବରିଷ୍ଠ ସାମରିକ ଅଧିକାରୀ ତାଙ୍କୁ ଇମ୍ରାନ ଖାନ ଜେଲ୍ ହାଜତରେ ମୃତ୍ୟୁବରଣ କରିଥିବା ନେଇ ସୂଚନା ଦେଇଛନ୍ତି ।

## ଚିକିତ୍ସା କ୍ଷେତ୍ରରେ ଏଆଇର ବ୍ୟବହାରକୁ ନେଇ ସାଂସଦଙ୍କ ଉଦବେଗ

**ନୂଆଦିଲ୍ଲୀ :** ଲୋକସଭାର ନିୟମ ୩୭୭ ଅଧୀନରେ ଏହି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉଠାଇ ବିଜେପି ସାଂସଦ ଭର୍ତ୍ତୃହରି ମହତାବ କହିଛନ୍ତି ଯେ, ଭାରତରେ ଡାକ୍ତର ଏବଂ କ୍ଲିନିକସିଆନ୍‌ମାନଙ୍କ ଦ୍ୱାରା ଏଆଇ (ଏଆଇ) ର ବ୍ୟବହାର ବୃଦ୍ଧି ପାଉଛି । ତେବେ ଏହା ସହିତ ରୋଗୀଙ୍କ ସୁରକ୍ଷା ପାଇଁ କଠୋର ସୁରକ୍ଷା ନିୟମାବଳୀର ଜରୁରୀ ଆବଶ୍ୟକତା ରହିଛି । 'କ୍ଲିନିକସିଆନ୍ ଅଫ୍ ଦ ଫ୍ୟୁଚର ୨୦୨୬' ରିପୋର୍ଟ ଅନୁଯାୟୀ, ଭାରତର ୪୮ ପ୍ରତିଶତ ଡାକ୍ତର ସେମାନଙ୍କ ବୃତ୍ତିଗତ କାର୍ଯ୍ୟରେ ଏଆଇ ବ୍ୟବହାର କରୁଛନ୍ତି । ମାତ୍ର ସେଥିମଧ୍ୟରୁ କେବଳ ୨୬ ପ୍ରତିଶତ ଡାକ୍ତର ପ୍ରମାଣିତ ଡାକ୍ତରୀ ତଥ୍ୟ ଉପରେ ଆଧାରିତ ସ୍ୱତନ୍ତ୍ର କ୍ଲିନିକାଲ ଏଆଇ ପ୍ଲାଟଫର୍ମ ବ୍ୟବହାର କରୁଛନ୍ତି । ଅବଶିଷ୍ଟ ବହୁସଂଖ୍ୟକ ଡାକ୍ତର ସାଧାରଣ ଏଆଇ ଚାଟବୋଟ୍ ଉପରେ ନିର୍ଭର କରୁଛନ୍ତି, ଯାହାକି ଡାକ୍ତରୀ ନିଷ୍ପତ୍ତି ନେବା ପାଇଁ ପ୍ରସ୍ତୁତ କରାଯାଇନାହିଁ । ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ସଚେତନ କରିଛନ୍ତି ଯେ, ଏହି ସାଧାରଣ ଏଆଇ ଟୁଲ୍‌ଗୁଡ଼ିକ ଭୁଲ୍ ଡାକ୍ତରୀ ପରାମର୍ଶ ଦେଇପାରନ୍ତି, ଯାହାଦ୍ୱାରା ରୋଗ ଚିହ୍ନଟ ଏବଂ ଚିକିତ୍ସାରେ ଗୁରୁତର ତ୍ରୁଟି ଘଟିବାର ଆଶଙ୍କା ରହିଛି । ସବୁଠାରୁ ବଡ଼ କଥା ହେଉଛି, ଏଆଇ ପରାମର୍ଶ ଦେଉଥିଲେ ମଧ ରୋଗୀ ସେବାର ସମ୍ପୂର୍ଣ୍ଣ ଆଇନଗତ ଏବଂ ନୈତିକ ଉତ୍ତରଦାୟିତ୍ୱ କେବଳ ଚିକିତ୍ସା କରୁଥିବା ଡାକ୍ତରଙ୍କ ଉପରେ ହିଁ ରହୁଛି । ଏହାକୁ ଦୃଷ୍ଟିରେ ରଖି ସାଂସଦ ଭର୍ତ୍ତୃହରି ମହତାବ ସରକାରଙ୍କୁ କିଛି ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେବାକୁ ଅନୁରୋଧ କରିଛନ୍ତି: ସ୍ୱାସ୍ଥ୍ୟସେବାରେ ଏଆଇର ସୁରକ୍ଷିତ ଏବଂ ନୈତିକ ବ୍ୟବହାର ପାଇଁ ବ୍ୟାପକ ଜାତୀୟ ନିୟମାବଳୀ ପ୍ରସ୍ତୁତ କରିବାକୁ ସେ କହିଛନ୍ତି । ପ୍ରମାଣ ଭିତ୍ତିକ କ୍ଲିନିକାଲ ଏଆଇ ପ୍ଲାଟଫର୍ମର ବ୍ୟବହାରକୁ ପ୍ରୋତ୍ସାହନ କରିବାକୁ ସେ କହିଛନ୍ତି । ନିୟାମକ ନଜରକୁ ସୁଦୃଢ଼ କରିବାକୁ ସେ କହିଛନ୍ତି । ସ୍ୱାସ୍ଥ୍ୟକର୍ମୀମାନଙ୍କୁ ଏଆଇର ଦାୟିତ୍ୱପୂର୍ଣ୍ଣ ବ୍ୟବହାର ସମ୍ପର୍କରେ ତାଲିମ ପ୍ରଦାନ କରାଯାଉ ବୋଲି ମଧ ସେ ଦାବି କରିଛନ୍ତି ।

## ହିମାଳୟ ୱେଲନେସକୁ ଗିନିସ ୱାର୍ଲ୍ଡ ରେକର୍ଡ

**ନୂଆଦିଲ୍ଲୀ:** ହିମାଳୟା ୱେଲନେସ୍ କମ୍ପାନୀ ନୂଆ ଗିନିସ ୱାର୍ଲ୍ଡ ରେକର୍ଡ ଟାଇଟଲ ହାସଲ କରିଛି । ବିଶ୍ୱ ଡାକ୍ତର ଦିବସ ଅବସରରେ ଆରମ୍ଭ ହୋଇଥିବା ଏକମାସିଆ ବୃକ୍ଷରୋପଣ ଅଭିଯାନରେ ଦେଶର ୬୬,୯୨୮ ଜଣ ଡାକ୍ତର ଓ ସ୍ୱାସ୍ଥ୍ୟସେବା କର୍ମଚାରୀ ଅଂଶଗ୍ରହଣ କରିଥିଲେ । 'ଏକ ସାଇନ୍ ଧରିଥିବା ଲୋକମାନଙ୍କର ସର୍ବବୃହତ ଅନଲାଇନ୍ ଫଟୋ ଆଲବମ୍' ବର୍ଗରେ ଏହି ରେକର୍ଡ ହାସଲ ହୋଇଛି । ଅଭିଯାନରେ 'ୟୁନାଇଟେଡ୍ ଫର୍ ୱେଲନେସ୍, ୟୁନାଇଟେଡ୍ ଫର୍ ଏ ଗ୍ରୀନର ଟୁମୋରୋ' ବାର୍ତ୍ତା ଦିଆଯାଇଥିଲା ।

### ଭାରତରେ ଏଚପି ଓମନିପ୍ୟାଡ ୧୨ ଉପଲବ୍ଧ


**ନୂଆଦିଲ୍ଲୀ:** ଏଚପି ଇଣ୍ଡିଆ ପକ୍ଷରୁ ଭାରତୀୟ ବଜାରରେ ଏଚପି ଓମନିପ୍ୟାଡ ୧୨ର ଉପଲବ୍ଧତା ଘୋଷଣା କରାଯାଇଛି । ଛାତ୍ରଛାତ୍ରୀ, ପ୍ରଥମଥର ବ୍ୟବହାରକାରୀ, ଏମଏସଏମଇ ଓ ଯୁବ ପେଷାଦାରଙ୍କୁ ଧ୍ୟାନରେ ରଖି ଏହାକୁ ଡିଜାଇନ୍ କରାଯାଇଛି । ୧୨-ଇଞ୍ଚ ୨କେ ମଲ୍ଟି-ଟଚ୍ ଡିସପ୍ଲେ, ୯୦ ହର୍ଜ ରିଫ୍ରେସ୍ ରେଟ୍, ୧୮ ଘଣ୍ଟାର ବ୍ୟାଟେରୀ ଲାଇଫ୍ ଓ ୬୦୦ ଗ୍ରାମ୍ ଓଜନ ଏହାର ପ୍ରମୁଖ ବୈଶିଷ୍ଟ୍ୟ ।

## ରାଷ୍ଟ୍ରପତିଙ୍କୁ ଜାତୀୟ ଅନୁସୂଚିତ ଜାତି କମିଶନର ବାର୍ଷିକ ରିପୋର୍ଟ ପ୍ରଦାନ



**ନୂଆଦିଲ୍ଲୀ:** ଜାତୀୟ ଅନୁସୂଚିତ ଜାତି କମିଶନ ୨୦୨୪-୨୫ ବର୍ଷ ପାଇଁ ତାଙ୍କର ବାର୍ଷିକ ରିପୋର୍ଟ ଭାରତର ରାଷ୍ଟ୍ରପତିଙ୍କୁ ପ୍ରଦାନ କରିଛନ୍ତି । ଭାରତୀୟ ସମ୍ବିଧାନର ଧାରା ୩୩୮ ଅନୁଯାୟୀ ଜାତୀୟ ଅନୁସୂଚିତ ଜାତି କମିଶନଙ୍କୁ ପ୍ରଦାନ କରାଯାଇଥିବା ସାମ୍ବିଧାନିକ ଦାୟିତ୍ୱ ଅନୁଯାୟୀ, କମିଶନ ପ୍ରତିବର୍ଷ ଏବଂ ଅନ୍ୟାନ୍ୟ ସମୟରେ ରାଷ୍ଟ୍ରପତିଙ୍କୁ ଅନୁସୂଚିତ ଜାତି ପାଇଁ ସାମ୍ବିଧାନିକ ସୁରକ୍ଷା ବ୍ୟବସ୍ଥା କାର୍ଯ୍ୟକାରୀ କରିବା ସମ୍ପର୍କରେ ଏକ ରିପୋର୍ଟ ପ୍ରଦାନ କରିବାକୁ ବାଧ୍ୟ, ଯେଉଁଥିରେ ଅନୁସୂଚିତ ଜାତିର ସୁରକ୍ଷା, କଲ୍ୟାଣ ଏବଂ ସାମାଜିକ-ଆର୍ଥିକ ବିକାଶ ଏବଂ ଏହି ସୁରକ୍ଷା ବ୍ୟବସ୍ଥାର ପ୍ରଭାବୀ କାର୍ଯ୍ୟାନ୍ୱୟନ ପାଇଁ କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ଦ୍ୱାରା ଗ୍ରହଣ କରାଯିବାକୁ ଥିବା ପଦକ୍ଷେପ ସମ୍ପର୍କରେ ସୁପାରିଶ ଅନ୍ତର୍ଭୁକ୍ତ । ଏହି ସାମ୍ବିଧାନିକ ଆଦେଶ ଅନୁଯାୟୀ, ଜାତୀୟ ଅନୁସୂଚିତ ଜାତି କମିଶନ ୨୦୨୪-୨୫ ବର୍ଷ ପାଇଁ ତାଙ୍କର ବାର୍ଷିକ ରିପୋର୍ଟ ରାଷ୍ଟ୍ରପତି ଶ୍ରୀମତୀ ଦ୍ରୌପଦୀ ମୁର୍ମୁଙ୍କୁ ଅଗଷ୍ଟ ୧୨, ୨୦୨୬ରେ ରାଷ୍ଟ୍ରପତି ଭବନରେ ଉପସ୍ଥାପନ କରିଥିଲେ । ଜାତୀୟ ଅନୁସୂଚିତ ଜାତି କମିଶନର ଅଧ୍ୟକ୍ଷ କିଶୋର ମାକୱାନା ପ୍ରତିନିଧିମଣ୍ଡଳୀର ନେତୃତ୍ୱ ନେଇଥିଲେ । ପ୍ରତିନିଧି ଦଳରେ ଜାତୀୟ ଅନୁସୂଚିତ ଜାତି ଆୟୋଗର ସଦସ୍ୟ ଲଭ କୁଶ କୁମାର,ୱଡ୍ଡେପାଲି ରାମଚନ୍ଦ୍ରନ ଏବଂ ଡକଟର ପାର୍ଥ ବିଶ୍ୱାସ ଏବଂ ସଚିବ ଗୁଡେ ଶ୍ରୀନିବାସ ସାମିଲ ଥିଲେ । ରିପୋର୍ଟରେ ଅନୁସୂଚିତ ଜାତି ପାଇଁ ସାମ୍ବିଧାନିକ ବ୍ୟବସ୍ଥାର କାର୍ଯ୍ୟାନ୍‌ୱୟନର ଏକ ବ୍ୟାପକ ସମୀକ୍ଷା ଉପସ୍ଥାପନ କରାଯାଇଛି । ଏହା ଅନୁସୂଚିତ ଜାତି ପାଇଁ କଲ୍ୟାଣକାରୀ ଏବଂ ସାମାଜିକ-ଆର୍ଥିକ ବିକାଶ କାର୍ଯ୍ୟକ୍ରମ ଏବଂ ଯୋଜନାର କାର୍ଯ୍ୟାନ୍ୱୟନ ସମ୍ପର୍କରେ କେନ୍ଦ୍ର ଏବଂ ରାଜ୍ୟ ସରକାରଙ୍କ ସହିତ ଏକ ବ୍ୟାପକ ସମୀକ୍ଷା, କ୍ଷେତ୍ର ପରିଦର୍ଶନ ଏବଂ ପରାମର୍ଶରୁ ପ୍ରମୁଖ ନିଷ୍କର୍ଷଗୁଡ଼ିକୁ ଆଲୋକିତ କରିଛି । ରାଷ୍ଟ୍ରପତି ଅନୁସୂଚିତ ଜାତି ପାଇଁ ସାମ୍ବିଧାନିକ ସୁରକ୍ଷା ଏବଂ କଲ୍ୟାଣକାରୀ ପଦକ୍ଷେପର ପ୍ରଭାବଶାଳୀ କାର୍ଯ୍ୟାନ୍‌ୱୟନ ପାଇଁ ବିଦ୍ୟମାନ ତନ୍ତ୍ରଗୁଡ଼ିକୁ ମଜବୁତ ଏବଂ ସୁଗମ କରିବା ପାଇଁ ପଦକ୍ଷେପ ନେବାକୁ କମିଶନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି, ଯାହା ଦ୍ୱାରା ସେମାନଙ୍କ କଲ୍ୟାଣ ଏବଂ ସାମାଜିକ-ଆର୍ଥିକ ବିକାଶ ପାଇଁ ସାଂଗଠନିକ ଯନ୍ତ୍ରପାତିଗୁଡ଼ିକର ସୁଗମ ଏବଂ ପ୍ରଭାବଶାଳୀ କାର୍ଯ୍ୟକାରିତା ସୁନିଶ୍ଚିତ ହୋଇପାରିବ ।

## ବିମାନଯାତ୍ରୀଙ୍କ ହ୍ୟାଣ୍ଡବ୍ୟାଗରୁ ମିଳିଲା ମାଙ୍କଡ଼ ଖପୁରୀ



**ନୂଆଦିଲ୍ଲୀ:** ଦିଲ୍ଲୀର ଇନ୍ଦିରା ଗାନ୍ଧୀ ଅନ୍ତର୍ଜାତୀୟ ବିମାନବନ୍ଦରରୁ ଜଣେ ଯାତ୍ରୀଙ୍କ ହ୍ୟାଣ୍ଡବ୍ୟାଗ୍ରୁ ଖପୁରୀ ମିଳିଛି । ତେବେ ଯାତ୍ରୀ ଜଣଙ୍କ ଦାବି କରିଛନ୍ତି ଯେ ଏହା ଏକ ମାଙ୍କଡ଼ର ଖପୁରୀ । ଯାତ୍ରୀ ଜଣଙ୍କ ଦିଲ୍ଲୀରୁ ହାଇଦ୍ରାବାଦକୁ ଏକ ବିମାନରେ ଉଡ଼ାଣ କରିବାର ଥିଲା । ତେବେ ଉଡ଼ାଣ ପୂର୍ବରୁ ସିକ୍ୟୁରିଟି ଚେକ୍ ସମୟରେ ସିଆଇଏସଏଫ୍ ସଦସ୍ୟମାନେ ତାଙ୍କ ବ୍ୟାଗ୍ରେ ଏକ ସନ୍ଦେହଜନକ ଜିନିଷ ଚିହ୍ନଟ କରିଥିଲେ । ଏହାପରେ ବ୍ୟାଗ୍କୁ ଭଲଭାବେ ଯାଞ୍ଚ କରାଯାଇଥିଲା । ସିକ୍ୟୁରିଟି ସ୍କ୍ରିନିଂ ସମୟରେ ଅଧିକାରୀମାନେ ତାଙ୍କ ହ୍ୟାଣ୍ଡ ବ୍ୟାଗ୍ରୁ ଖପୁରୀ ପାଇଥିଲେ । ଏନେଇ ପଚରାଯିବାରୁ ଯାତ୍ରୀ ଜଣଙ୍କ କହିଥିଲେ ଯେ ଏହି ଖପୁରୀଟି ଏକ ମାଙ୍କଡ଼ର ।ଯାତ୍ରୀଙ୍କୁ ଶେଷରେ ସ୍ଥାନୀୟ ପୁଲିସକୁ ହସ୍ତାନ୍ତର କରାଯାଇଛି ଏବଂ ତାଙ୍କ ବ୍ୟାଗ୍ରୁ ମିଳିଥିବା ଖପୁରୀକୁ ସୁରକ୍ଷିତ ରଖାଯାଇଛି । ଅଧିକାରୀମାନେ କହିଛନ୍ତି, ଏହି ମାମଲାଟି ବନ୍ୟଜନ୍ତୁ ସହ ଜଡ଼ିତ ଥିବାରୁ ବନ୍ୟଜନ୍ତୁ (ସୁରକ୍ଷା) ଆଇନ, ୧୯୭୨ ଅଧୀନରେ ଏହି ମାମଲାରେ ବିଚାରଣ ଆରମ୍ଭ ହେବ । ତେବେ ଯାତ୍ରୀ ଜଣଙ୍କ କେଉଁଠାରୁ ଖପୁରୀ ପାଇଲେ ଏବଂ ଏହାକୁ ଦିଲ୍ଲୀରୁ ହାଇଦ୍ରାବାଦ ନେବାର ଉଦ୍ଦେଶ୍ୟ କ'ଣ ସେନେଇ ପୁଲିସ ତଦନ୍ତ ଆରମ୍ଭ କରିଛି ।


## ଭାରତ-ବାଂଲା ସୀମାରେ ସନ୍ଦିଗ୍ଧ ପାକିସ୍ତାନୀକୁ ଧରିଲା ଏସଟିଏଫ୍

**କୋଲକାତା:** ଭାରତ-ବାଂଲାଦେଶ ସୀମା ନିକଟରୁ ଜଣେ ସନ୍ଦିଗ୍ଧ ପାକିସ୍ତାନୀନାଗରିକ ସମେତ ୨ ଜଣଙ୍କୁ ପଶ୍ଚିମବଙ୍ଗ ପୁଲିସର ସ୍ୱତନ୍ତ୍ର ଟାସ୍କ ଫୋର୍ସ (ଏସ୍ଟିଏଫ୍) ବୁଧବାର ଧରିଛି । ଅଧିକାରୀଙ୍କ ସୂଚନା ଅନୁସାରେ, ପାକିସ୍ତାନର ଫୈସଲାବାଦର ବାସିନ୍ଦା ରାଣା ରୌଫ୍ ଓରଫ୍ ୱାହାବ ଆଲମ୍କୁ ଉତ୍ତର ୨୪ ପ୍ରଗଣା ଜିଲ୍ଲାର ବନଗାଁ ଅଞ୍ଚଳରୁ ଧରାଯାଇଛି । ଅନ୍ୟ ଜଣକୁ ମଙ୍ଗଳବାର ବିଳମ୍ବିତ ରାତିରେ କୋଲକାତାର ଟପ୍ସିଆ ଅଞ୍ଚଳରୁ ଧରାଯାଇଥିବା ଜଣାପଡ଼ିଛି ।ଏସ୍ଟିଏଫ୍ ଅଧିକାରୀଙ୍କ କହିବା ଅନୁସାରେ, ନିର୍ଦ୍ଦିଷ୍ଟ ସୂଚନା ପାଇବା ପରେ ବନଗାଁ ଅଞ୍ଚଳରେ ତଲାସି କରାଯାଇ ରୌଫ୍‌କୁ ଧରାଯାଇଥିଲା । ତା'ର ପାକିସ୍ତାନୀ ଗୁଇନ୍ଦା ସଂସ୍ଥା ଆଇଏସ୍‌ଆଇ ସହ ସମ୍ପର୍କ ଥିବା ନେଇ ତଦନ୍ତକାରୀମାନେ ସନ୍ଦେହ କରୁଛନ୍ତି । ଭାରତରେ ତା'ର ଗତିବିଧି, ଯୋଗାଯୋଗ ଓ ଅନ୍ୟ କାର୍ଯ୍ୟକଳାପର ଯାଞ୍ଚ କରାଯାଉଛି । ତଦନ୍ତକାରୀଙ୍କ ଅନୁସାରେ, ରୌଫ୍ ୨୦୧୨ରେ ନେପାଳ ଦେଇ ବେଆଇନ ଭାବେ ଭାରତରେ ପ୍ରବେଶ କରିଥିଲା । ଭାରତ ଆସିବା ପୂର୍ବରୁ ସେ କିଛି ସମୟ ନେପାଳରେ ରହିଥିଲା । ପରେ ପଶ୍ଚିମବଙ୍ଗରେ ରହିବା ଆରମ୍ଭ କରିଥିବା ଜଣେ ଅଧିକାରୀ କହିଛନ୍ତି । ରୌଫ୍ ଦେଶର ବିଭିନ୍ନ ଟ୍ରେନ୍ ଓ ସଶସ୍ତ୍ର ବାହିନୀର ଗତିବିଧି ଉପରେ ନଜର ରଖୁଥିବା ତଦନ୍ତକାରୀମାନେ ଜାଣିବାକୁ ପାଇଛନ୍ତି । ସେ କେଉଁ ପ୍ରକାରର ସୂଚନା ସଂଗ୍ରହ କରୁଥିଲା ଏବଂ ସେହି ସୂଚନା ଦେଶ ବାହାରେ କାହାକୁ ପଠାଯାଉଥିଲା କି ନାହିଁ, ତାହା ଯାଞ୍ଚ ଚାଲିଛି । ଟପ୍ସିଆରୁ ଧରାଯାଇଥିବା ଦ୍ୱିତୀୟ ବ୍ୟକ୍ତିର ପରିଚୟ ଏଯାଏଁ ପ୍ରକାଶ କରାଯାଇନାହିଁ । ତା'ର ରୌଫ୍ ସହ ସିଧାସଳଖ ଯୋଗାଯୋଗ ଥିବା ଏବଂ ସେ ବିଭିନ୍ନ ଉପାୟରେ ରୌଫ୍‌କୁ ସହାୟତା କରୁଥିବା ଅଭିଯୋଗ ରହିଛି ।

## 'ବିଶ୍ୱ ହାତୀ ଦିବସ'ରେ ବନତାରାର ହାତୀ ସଂରକ୍ଷଣ ଅଭିଯାନ

**ଜାମନଗର:** ବିଶ୍ୱ ହାତୀ ଦିବସ ଅବସରରେ, ଅନନ୍ତ ଅମ୍ବାନୀଙ୍କ ଦ୍ୱାରା ପ୍ରତିଷ୍ଠିତ ବନତାରା ହାତୀ ସଂରକ୍ଷଣ ଏବଂ କଲ୍ୟାଣ ପାଇଁ ଉତ୍ସର୍ଗୀକୃତ ଏହାର ବିଭିନ୍ନ ପଦକ୍ଷେପ ଘୋଷଣା କରିଛି । ବନତାରା ଭାରତ ଏବଂ ଆନ୍ତର୍ଜାତୀୟ ସ୍ତରରେ ହାତୀ ଯତ୍ନ, ମାହୁନ୍ତ ତାଲିମ, ସଂରକ୍ଷଣ ସମ୍ବନ୍ଧୀୟ ଜ୍ଞାନ ଆଦାନପ୍ରଦାନ ଏବଂ ମଣିଷ-ହାତୀ ସଂଘର୍ଷ ହ୍ରାସ ଉପରେ କାର୍ଯ୍ୟ କରୁଛି । ବନତାରାରେ ଏବେ ୨୬୦ରୁ ଅଧିକ ଏସୀୟ ହାତୀଙ୍କ ଯତ୍ନ ନିଆଯାଉଛି । ବନତାରାର ଏହି ଯାତ୍ରାର ଆରମ୍ଭ ଅନନ୍ତ ଅମ୍ବାନୀଙ୍କ ଦ୍ୱାରା ଉଦ୍ଧାର କରାଯାଇଥିବା ପ୍ରଥମ ହାତୀ ଗୌରୀ ସହିତ ହୋଇଥିଲା । ସେବେଠାରୁ, ଏହି ପଦକ୍ଷେପ ଲଗାତାର ଭାବରେ ଆଗକୁ ବଢ଼ିଛି ଏବଂ ହାତୀମାନଙ୍କ ପାଇଁ ସ୍ୱତନ୍ତ୍ର ଯତ୍ନ ଓ ଏକ ସମ୍ମାନଜନକ ଜୀବନ ସୁନିଶ୍ଚିତ କରୁଛି । ବନତାରାର ପ୍ରତିଷ୍ଠାତା ଅନନ୍ତ ଅମ୍ବାନୀ କହିଛନ୍ତି, "ମୋ ହୃଦୟରେ ଏବଂ ବନତାରାର ଯାତ୍ରାରେ ହାତୀମାନେ ସର୍ବଦା ଏକ ସ୍ୱତନ୍ତ୍ର ସ୍ଥାନ ଅଧିକାର କରିଛନ୍ତି । ପ୍ରତ୍ୟେକ ହାତୀର ନିଜର ଏକ ଅନନ୍ୟ କାହାଣୀ ଅଛି, ଏବଂ ପ୍ରତ୍ୟେକ ଉଦ୍ଧାର ସେମାନଙ୍କ ଯତ୍ନ ପ୍ରତି ଆମର ଦାୟିତ୍ୱକୁ ପ୍ରତିଫଳିତକରିଥାଏ । ଗୌରୀର ଉଦ୍ଧାର ସହିତ ଆରମ୍ଭ ହୋଇଥିବା ଏହି ଯାତ୍ରା ଏବେ ହାତୀ କଲ୍ୟାଣ, ସେମାନଙ୍କ ଯତ୍ନ ନେଉଥିବା ବ୍ୟକ୍ତିଙ୍କୁ ସମର୍ଥନ, ଜ୍ଞାନ ଆଦାନପ୍ରଦାନ ଏବଂ ଭାରତ ତଥା ବିଶ୍ୱବ୍ୟାପୀ ସଂରକ୍ଷଣ ପ୍ରୟାସ ଯାଏଁ ବିସ୍ତାରିତ ହୋଇଛି । ବିଶ୍ୱ ହାତୀ ଦିବସରେ, ଆମେ ଏହି ମହାନ ପ୍ରାଣୀଙ୍କ ସମ୍ମାନ କରିବା ସହିତ ସେମାନଙ୍କ ଉନ୍ନତ ଭବିଷ୍ୟତ ପାଇଁ ଏକାଠି କାମ କରିବାର ଆମର ପ୍ରତିବଦ୍ଧତାକୁ ଦୋହରାଉଛୁ ।" ରାଜସ୍ଥାନ ସରକାରଙ୍କ ଜଙ୍ଗଲ, ପରିବେଶ ଏବଂ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ସଞ୍ଜୟ ଶର୍ମା, ବିଶ୍ୱ ହାତୀ ଦିବସରେ ଜୟପୁରର ହାତୀ ଗ୍ରାମରେ ହାତୀ ଯତ୍ନ ଏବଂ ଜୀବନର ଗୁଣବତ୍ତା ଉନ୍ନତ କରିବା ପାଇଁ ବନତାରା ସହିତ ସହଯୋଗ ଘୋଷଣା କରିଛନ୍ତି । ଏହି ପଦକ୍ଷେପ ଅଧୀନରେ, ଏକ ଆଧୁନିକ ହାତୀ ଚିକିତ୍ସା ଏବଂ ଯତ୍ନ ସୁବିଧା ବିକଶିତ କରାଯିବ, ଯେଉଁଥିରେ ଏକ ହସ୍ପିଟାଲ, ପୋଷଣ କେନ୍ଦ୍ର ଏବଂ ହାଇଡ୍ରୋ ଥେରାପି (ଜଳଚିକିତ୍ସା) ସୁବିଧା ଅନ୍ତର୍ଭୁକ୍ତ ରହିବ ।

## ଦେଶରେ ବଢୁଛି ମଧୁମେହ, ମୋଟାପଣ ଓ ହାଇପର ଟେନସନ



**ନୂଆଦିଲ୍ଲୀ:** ଭାରତରେ ମଧୁମେହ, ମୋଟାପଣ ଓ ଅତ୍ୟଧିକ ମାନସିକ ଚାପ ବୃଦ୍ଧି ପାଇବାରେ ଲାଗିଛି । ଗ୍ରାମାଞ୍ଚଳ ତୁଳନାରେ ସହରାଞ୍ଚଳରେ ଏହି ସମସ୍ୟା ଅଧିକ । ରାଜ୍ୟସଭାରେ ସାଂସଦ ଦିଲ୍ଲୀପ ରାୟଙ୍କ ଏକ ପ୍ରଶ୍ନର ଉତ୍ତରରେ କେନ୍ଦ୍ର ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ରାଷ୍ଟ୍ରମନ୍ତ୍ରୀ ପ୍ରତାପ ରାଓ ଯାଦବ ଏହି ତଥ୍ୟ ପ୍ରଦାନ କରିଛନ୍ତି । ସ୍ୱାସ୍ଥ୍ୟ ରାଷ୍ଟ୍ରମନ୍ତ୍ରୀ କହିଛନ୍ତି ଯେ ଏ ସଂକ୍ରାନ୍ତରେ ଭାରତୀୟ ଭେଷଜ ଗବେଷଣା ପରିଷଦ (ଆଇସିଏମ୍‌ଆର୍) ପକ୍ଷରୁ ଲଗାତାର ଅଧ୍ୟୟନ କରାଯାଇ ନିକଟରେ ଏକ ବିସ୍ତୃତ ରିପୋର୍ଟ ପ୍ରକାଶ ପାଇଛି । ଦେଶର ସହରାଞ୍ଚଳର ଅନ୍ୟୁନ ୧୬.୪୦ ପ୍ରତିଶତ ଲୋକ ମଧୁମେହରେ ଆକ୍ରାନ୍ତ ହୋଇଥିବାବେଳେ ଗ୍ରାମାଞ୍ଚଳରେ ଏହି ସଂଖ୍ୟା କିନ୍ତୁ ୮.୯୦ ପ୍ରତିଶତ ରହିଛି ।ସେହିପରି ମୋଟାପଣ କ୍ଷେତ୍ରରେ ସାଧାରଣ ବଡି ମାକ୍ସ ଇଣ୍ଡେକ୍ସ ସହରାଞ୍ଚଳରେ ୩୯.୬୦ ପ୍ରତିଶତ ଥିବାବେଳେ ଗ୍ରାମାଞ୍ଚଳରେ ୨୩.୧୦ ପ୍ରତିଶତ ରହିଛି । ଦେଶର ଗ୍ରାମାଞ୍ଚଳରେ ଅନ୍ୟୁନ ୩୩.୫୦ ପ୍ରତିଶତ ଲୋକଙ୍କ ପେଟ ଆବଶ୍ୟକତାଠାରୁ ଅଧିକ ବଡ଼ ଥିବାବେଳେ ସହରାଞ୍ଚଳରେ ୫୧.୬୦ ପ୍ରତିଶତ ଲୋକଙ୍କ କ୍ଷେତ୍ରରେ ଏହି ସମସ୍ୟା ଲାଗି ରହିଛି । ଅତ୍ୟଧିକ ମାନସିକ ଚାପ ବା ହାଇପର ଟେନ୍ସନ୍ ମଧ ଆମ ସ୍ୱାସ୍ଥ୍ୟ କ୍ଷେତ୍ରରେ ଏକ ବଡ଼ ସମସ୍ୟା ଭାବେ ଉଭା ହୋଇଛି । ଦେଶର ସହରାଞ୍ଚଳରେ ୪୦.୭୦ ପ୍ରତିଶତ ଲୋକ ହାଇପର ଟେନସନରେ ଆକ୍ରାନ୍ତ ଥିବାବେଳେ ଗ୍ରାମାଞ୍ଚଳରେ ଏହି ପରିମାଣ ୩୩ ପ୍ରତିଶତରେ ସୀମିତ ରହିଛି । ଏହାଛଡ଼ା କୋଲଷ୍ଟ୍ରଲ୍ ସମସ୍ୟା ବି ଲାଗି ରହିଛି । ଏଚଡିଏଲ୍ କୋଲଷ୍ଟ୍ରଲ୍ କମ୍ ରହିବା କ୍ଷେତ୍ରରେ ସହରାଞ୍ଚଳରେ ୬୯.୩ ଓ ଗ୍ରାମାଞ୍ଚଳରେ ୬୫.୬ ପ୍ରତିଶତ ଲୋକ ଆକ୍ରାନ୍ତ ଅଛନ୍ତି । ଏଲ୍‌ଡିଆର୍ କୋଲଷ୍ଟ୍ରଲ୍ ଅଧିକ ରହିବା ଯୋଗୁ ବି ସମସ୍ୟା ଲାଗି ରହୁଛି । ଏହି ସମସ୍ୟାର ନିରାକରଣ ପାଇଁ ରାଜ୍ୟ ସରକାରମାନଙ୍କ ସହଯୋଗରେ କେନ୍ଦ୍ର ସରକାର ଉଦ୍ୟମ ଚଳାଇଛନ୍ତି । ଏ ସଂକ୍ରାନ୍ତରେ ସାଂସଦ ଶ୍ରୀ ରାୟ ଏକ ବିବୃତିରେ କହିଛନ୍ତି ଯେ ଲୋକଙ୍କ ଦୈନନ୍ଦିନ ଜୀବନ ଶୈଳୀ ଓ ଖାଦ୍ୟାଭ୍ୟାସରେ ନକରାତ୍ମକ ପରିବର୍ତ୍ତନ ଯୋଗୁ ବିଭିନ୍ନ ରୋଗ ସୃଷ୍ଟି ହେଉଛି ଏବଂ ଏହାର ଚିକିତ୍ସା ଲାଗି ସରକାର ଓ ପରିବାର ବିପୁଳ ଅର୍ଥ ଖର୍ଚ୍ଚ କରିବାକୁ ବାଧ୍ୟ ହେଉଛନ୍ତି । ବିଦ୍ୟାଳୟ ଓ ମହାବିଦ୍ୟାଳୟ ସ୍ତରରୁ ଏ ସମସ୍ୟା ଓ ତା'ର ନିରାକରଣ ସଂକ୍ରାନ୍ତରେ ପାଠ୍ୟକ୍ରମରେ ବିଷୟବସ୍ତୁ ରଖାଯିବା ସହିତ ଜନସଚେତନତା କାର୍ଯ୍ୟକ୍ରମକୁ ବ୍ୟାପକ କରିବା ଲାଗି ସେ ପରାମର୍ଶ ଦେଇଛନ୍ତି । ନିୟମିତ ବ୍ୟାୟାମ ଏବଂ ଯୋଗ-ପ୍ରାଣାୟାମ ଆଦି ସହିତ ସନ୍ତୁଳିତ ଖାଦ୍ୟ ଓ ସୁସ୍ଥ ପରିବେଶ ମଣିଷ ଜୀବନକୁ ସୁଖମୟ କରିପାରିବ ଏବଂ ଏହା ରାଷ୍ଟ୍ର ପାଇଁ ବରଦାନ ହେବ ବୋଲି ସେ କହିଛନ୍ତି ।

# ଭାରତ ବିପକ୍ଷ ଟେଷ୍ଟ : ଶ୍ରୀଲଙ୍କା ଦଳ ଘୋଷିତ

କଲମ୍ବୋ,୧୨।୮ (ଏଜେନ୍ସି): ଶନିବାର ଠାରୁ ଶ୍ରୀଲଙ୍କାର ଗାର୍ଲେରେ ଭାରତ-ଶ୍ରୀଲଙ୍କା ପ୍ରଥମ ଟେଷ୍ଟ ମ୍ୟାଚ ଆରମ୍ଭ ହେବାକୁଯାଉଛି । ଏଥିଲାଗି ୧୬ ଜଣିଆ ଶ୍ରୀଲଙ୍କା ଦଳ ଘୋଷଣା ହୋଇଛି । ଧନଞ୍ଜୟ ଡି ସିଲଭା ଦଳର ନେତୃତ୍ୱ ନେବେ । ଅଲରାଉଣ୍ଡର କାମିନ୍ଦୁ ମେଣ୍ଡିସଙ୍କୁ ତାଙ୍କ ଡେପୁଟ ଭାବେ ନିଯୁକ୍ତ କରାଯାଇଛି । ଦଳର ଦୁଇ ବରିଷ୍ଠ ବ୍ୟାଟର କୁଶଲ ମେଣ୍ଡିସ ଓ ପାଥୁମ ନିଶାଙ୍କ ଆହତ କାରଣରୁ ଭାରତ ବିପକ୍ଷ ପ୍ରଥମ ଟେଷ୍ଟରୁ ବାଦ ପଡିଛନ୍ତି । ଦୁଇ ବରିଷ୍ଠ ଖେଳାଳିଙ୍କ ଅନୁପସ୍ଥିତିରେ ଘରୋଇ ଦଳ ଭାରତୀୟ ଦଳ ସହ ଲଢ଼େଇ କରିବ । ଆହତ ସମସ୍ୟା ଯୋଗୁଁ ମେଣ୍ଡିସ ନଥିବାରୁ ୩୩ ବର୍ଷୀୟ ନିରୋସାନ ଡିୱେଲାଙ୍କୁ ଡାକରା ମିଳିଛି । ସେ ୨୦୨୩ ନ୍ୟୁଜିଲାଣ୍ଡ ବିପକ୍ଷରେ ଶେଷ ଟେଷ୍ଟ ମ୍ୟାଚ ଖେଳିଥିଲେ । ପାଖାପାଖି ୩ ବର୍ଷ ପରେ ସେ ଶ୍ରୀଲଙ୍କା ଦଳକୁ ଫେରିଛନ୍ତି । ଶ୍ରୀଲଙ୍କାର ୧୬ ଜଣିଆ ଦଳରେ ୫ ଜଣ ଦ୍ରୁତ ବୋଲର ଅଛନ୍ତି । ବିଶ୍ୱ ଫର୍ଣ୍ଣାଣ୍ଡୋ ଓ ଦିଲସାନ ମଧୁସଙ୍କା ବାମହାତୀ ଦ୍ରୁତ ବୋଲର । ସେହିଭଳି ମିଲନ ରତ୍ନାଏକେ, ଆସିଥ ଫର୍ଣ୍ଣାଣ୍ଡୋ ଓ ଲାହିରୁ କୁମାରା ମଧ ଦଳରେ ଅଛନ୍ତି । ମଧୁଶଙ୍କା ୨୦୨୩ରେ ଶ୍ରୀଲଙ୍କା ପାଇଁ ଏକମାତ୍ର ଟେଷ୍ଟ ପାକିସ୍ତାନ ବିପକ୍ଷରେ ଖେଳୁଥିଲେ । ସେ ଏବେ ଘରୋଇ କ୍ରିକେଟରେ ଦମଦାର ପ୍ରଦର୍ଶନ କରୁଥିବାରୁ ସେ ଏବେ ଜାତୀୟ ଦଳକୁ ଅଣାଯାଇଛି । ୨ ଦଳ ମଧ୍ୟରେ ଅଗଷ୍ଟ ୧୫ରୁ ୧୯ ତାରିଖ ପର୍ଯ୍ୟନ୍ତ ଗାଲେ ଠାରେ ପ୍ରଥମ ଟେଷ୍ଟ ଏବଂ ୨୩ରୁ କଲମ୍ବୋରେ ଦ୍ୱିତୀୟ ଟେଷ୍ଟ ଖେଳାଯିବ । ବିଶ୍ୱ ଟେଷ୍ଟ ଚାମ୍ପିଅନସିପ ପଏଣ୍ଟ ଟେବୁଲର ଶ୍ରୀଲଙ୍କା ୪୧.୬୭ ପିଟିସି ସହ ଷଷ୍ଠ ସ୍ଥାନରେ ରହିଛି । ଭାରତ ୪୮.୧୫ ପିଟିସି ସହ ପଞ୍ଚମ ସ୍ଥାନରେ ରହିଛି ।



**ଶ୍ରୀଲଙ୍କା ଦଳ :** ଧନଞ୍ଜୟ ଡି ସିଲଭା (ଅଧିନାୟକ), କାମିନ୍ଦୁ ମେଣ୍ଡିସ, ଲାହିରୁ ଉଦାରା, ନିଶାନ ମଧୁଶଙ୍କା, ଦୀନେଶ ଚାଣ୍ଡିମଲ, ପାସିନ୍ଦୁ ସୂର୍ଯ୍ୟ ବନ୍ଦରା, ସୋନାଲ ଦିନୁସା, ନିରୋସାନ ଡିକୱାଲା, ରମେଶ ମେଣ୍ଡିସ, ପ୍ରଭାତ ଜୟସୁରିଆ, କେଶରା ନୁୱାନ୍ଥା, ମିଲନ ରତ୍ନାୟେକେ, ଅସିଥ ଫର୍ଣ୍ଣାଣ୍ଡୋ, ଲାହିରୁ କୁମାରା, ବିଶ୍ୱ ପର୍ଣ୍ଣାଣ୍ଡୋ, ଦିଲସାନ ମଧୁଶଙ୍କା ।

# ଦ୍ରାବିଡଙ୍କ ରେକର୍ଡ ଏବେ ବି ଅତୁଟ



ନୂଆଦିଲ୍ଲୀ,୧୨।୮ (ଏଜେନ୍ସି): ଭାରତର ପୂର୍ବତନ କ୍ରିକେଟର ତଥା କୋଚ ରାହୁଲ ଦ୍ରାବିଡ ନିଜ କ୍ୟାରିୟରରେ ଏପରି ୩ଟି ବିଶେଷ ରେକର୍ଡ କରିଛନ୍ତି ଯାହା ଏବେ ଅତୁଟ ରହିଛି । ଏପରିକି ସେ କ୍ରିକେଟ ଭଗବାନ ସଚିନ ତେନ୍ଦୁଲକରଙ୍କୁ ମଧ ପଛରେ ପକାଇଛନ୍ତି । ଦ୍ରାବିଡ ନିଜ ଟେଷ୍ଟ କ୍ୟାରିୟରରେ ମୋଟ୍ ୩୧,୨୫୮ଟି ବଲ ସାମ୍ନା କରିଛନ୍ତି । ବିଶ୍ୱ କ୍ରିକେଟରେ ଅନ୍ୟ କୌଣସି ବ୍ୟାଟର ଏତେ ବଲ ଖେଳି ନାହାନ୍ତି । ସଚିନ ତେନ୍ଦୁଲକର ୨୯,୪୩୭ ବଲ ଖେଳି ଦ୍ୱିତୀୟ ସ୍ଥାନରେ ରହିଛନ୍ତି । ସଚିନଙ୍କ ଠାରୁ ଦ୍ରାବିଡ ପ୍ରାୟ ୧୮ ଶହରୁ ଅଧିକ ବଲ ଖେଳିଛନ୍ତି । ଟେଷ୍ଟ କ୍ରିକେଟରେ ବ୍ୟାଟିଂ କରିବା ସମୟରେ ଦ୍ରାବିଡ ପ୍ରାୟ ୭୩୫ ଘଣ୍ଟା (୪୪,୧୫୨ ମିନିଟ୍) ସମୟ ବିତାଇଛନ୍ତି । ଏହି ମାମଲାରେ ସେ ବିଶ୍ୱର ପ୍ରଥମ ସ୍ଥାନରେ ରହିଛନ୍ତି । ସଚିନ ତେନ୍ଦୁଲକର ମୋଟ ୪୧,୩୦୪ ମିନିଟ ଦ୍ୱିତୀୟ ସ୍ଥାନରେ ରହିଛନ୍ତି । ଟେଷ୍ଟ କ୍ରିକେଟରେ ଦ୍ରାବିଡ ୮୮ ଥର ଶହ କିମ୍ବା ତା' ଠାରୁ ଅଧିକ ପାର୍ଟନରସିପ କରିଛନ୍ତି । ତେନ୍ଦୁଲକର ୮୬ଥର ୧୦୦ରୁ ଊର୍ଦ୍ଧ୍ୱ ପାର୍ଟନରସିପ କରି ଦ୍ୱିତୀୟ ସ୍ଥାନରେ ରହିଛନ୍ତି । ରୋଚକ କଥା ହେଉଛି ଦ୍ରାବିଡ ଓ ସଚିନ ଏଠାକି ମିଶି ୨୦ଟି ପାର୍ଟନରସିପ କରିଥିଲେ । ଦ୍ରାବିଡ କ୍ରିକେଟରୁ ଅବସର ନେବା ପରେ ମଧ ତାଙ୍କର ଯୋଗଦାନ ଭାରତୀୟ କ୍ରିକେଟରେ ଜାରି ରହିଛି । ତାଙ୍କର ପ୍ରଶିକ୍ଷଣରେ ଭାରତୀୟ ଦଳ ୨୦୨୪ ଟି-୨୦ ବିଶ୍ୱକପ ଜିତିଥିଲା । ଦ୍ରାବିଡ ଭାରତ ପକ୍ଷରୁ ୧୬୪ଟି ଟେଷ୍ଟ ଖେଳି ୧୩,୨୮୮ ରନ୍ କରିଛନ୍ତି । ଏଥିରେ ୩୬ ଶତକ ଓ ୬୩ ଅର୍ଦ୍ଧଶତକ ରହିଛି । ୨୭୦ ରନ ତାଙ୍କର ସର୍ବଶ୍ରେଷ୍ଠ ପ୍ରଦର୍ଶନ । ସେ ଦିନିକିଆରେ ୩୪୪ ମ୍ୟାଚ ଖେଳି ୧୦,୮୮୯ ରନ୍ କରିଛନ୍ତି । ଏଥିରେ ୧୨ ଶତକ ଓ ୮୩ ଅର୍ଦ୍ଧଶତକ ରହିଛି ।

# ଟେବୁଲ ଟେନିସ୍ ଫେଡେରେସନ ମାନ୍ୟତା ରଦ୍ଦ

ନୂଆଦିଲ୍ଲୀ,୧୨।୮ (ଏଜେନ୍ସି): ବୁଧବାର କ୍ରୀଡା ମନ୍ତ୍ରଣାଳୟ ଟେବୁଲ ଟେନିସ୍ ମହାସଂଘର ମାନ୍ୟତା ରଦ୍ଦ କରିଛି । କ୍ରୀଡା ମନ୍ତ୍ରଣାଳୟ ଭାରତୀୟ ଅଲିମ୍ପିକ ସଂଘକୁ ଖେଳର ପ୍ରଶାସନ ପରିଚାଳନା ପାଇଁ ଏକ ଆଡହକ କମିଟି ଗଠନ କରିବାକୁ ନିର୍ଦ୍ଦେଶ ଦେଇଛି । ଟିଟିଏଫଆଇରେ ଥିବା ପ୍ରଶାସନିକ ତ୍ରୁଟି ଗୁଡିକର ଯାଞ୍ଚ ଏହି କମିଟି କରିବ । ଟିଟିଏଫଆଇ ସମୟ ଅନୁସାରେ ନିର୍ବାଚନ କରାଇବାରେ ବିଫଳ ହୋଇଥିଲା । ଯେଉଁଥି ପାଇଁ ଏହି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି । ଉଲ୍ଲେଖଯୋଗ୍ୟରେ ବର୍ଷ ଆରମ୍ଭରେ ସରକାର ଟିଟିଏଫଆଇକୁ ନୋଟିସ ଦେଇଥିଲେ । ଯାହାର ସେମାନେ କୌଣସି ସନ୍ତୋଷଜନକ ଉତ୍ତର ଦେଇନଥିଲେ । ନିର୍ଦ୍ଦେଶନାମାରେ କୁହାଯାଇଛି ଆଇଓଏ, ଆଇଟିଟିଏଫ ସହିତ ପରାମର୍ଶ କରି ଭାରତୀୟ ଟେବୁଲ ସଂଘର ସମସ୍ତ ତ୍ରୁଟି ଦୂର କରିବ । ବର୍ତ୍ତମାନ ସମୟରେ ଟିଟିଏଫଆଇର ନେତୃତ୍ୱ ମେଘନା ଏହ୍ଲାବତଙ୍କ ପାଖରେ ରହିଛି । ମେଘନା ପ୍ରଥମ ମହିଳା ସଭାପତି ଏବଂ ହରିୟାଣାର ବିଧାୟକ ଦୁଷ୍ୟନ୍ତ ଚୌଟାଲାଙ୍କ ପତ୍ନୀ । ଦୁଷ୍ୟନ୍ତ ହେଉଛନ୍ତି ପୂର୍ବତନ ସଭାପତି ଅଜୟ ସିଂ ଚୌଟାଲାଙ୍କ ପୁଅ । ମେଘନା ଡିସେମ୍ବର ୨୦୨୨ରେ ପଦ ସମ୍ଭାଳିଥିଲେ । ଗତ କିଛି ମାସ ହେବ ଟିଟିଆଫଆଇରେ ଅସ୍ଥିରତା ଲାଗି ରହିଛି । ଜାନୁଆରୀ ମାସରେ ଆର୍ଥିକ ଅନୀୟ ମିତତା ଅଭିଯୋଗରେ ମହାସଚିବ ତଥା ପୂର୍ବତନ ଖେଳାଳି କମଲେଶ ମେହେଟ୍ଟାଙ୍କୁ ନିଲମ୍ବିତ କରାଯାଇଥିଲା । ମେହେଟ୍ଟା ଏହି ମାମଲାକୁ ଦିଲ୍ଲୀ ହାଇକୋର୍ଟରେ ଚ୍ୟାଲେଞ୍ଜ କରିଥିଲେ । ଯାହା ଫଳରେ ତାଙ୍କ ନିଲମ୍ବନ ରଦ୍ଦ ହୋଇଥିଲା । ଷ୍ଟାର ଖେଳାଳି ମନୀକା ବାତ୍ରାଙ୍କୁ ମଧ ଟିଟିଏଫଆଇ ଏସୀୟ କ୍ରୀଡା ଦଳରୁ ବାହାର କରିଦେଇଥିଲା । ଯାହା ପରେ ଏହି ସଂଘ ଆହୁରି ବିବାଦ ଘେରକୁ ଆସିଥିଲା । ମନୀକା ଏହି ନିଷ୍ପତ୍ତିର କଠୋର ସମାଲୋଚନା କରିଥିଲେ । କ୍ରୀଡା ମନ୍ତ୍ରଣାଳୟକୁ ଏହି ମାମଲାରେ ହସ୍ତକ୍ଷେପ କରିବାକୁ ଦାବି କରିଥିଲେ । ମନ୍ତ୍ରଣାଳୟ ଟିଟିଏଫଆଇକୁ ପ୍ରଭାବିତ କରୁଥିବା ସମସ୍ତ ପ୍ରସଙ୍ଗକୁ ଗୁରୁତର ସହ ନେଇଥିଲେ । ଏବଂ କାରଣ ଦର୍ଶାଅ ନୋଟିସ ମଧ ଜାରି କରାଯାଇଥିଲା ।



## ଇଙ୍ଗା କପ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦଘାଟିତ

ଭୁବନେଶ୍ୱର,୧୨।୮ (ସବ୍ୟୁ): ଓଡ଼ିଶା ସଚିବାଳୟ କର୍ମଚାରୀ କ୍ରୀଡା ସଂଘ ଆନୁକୂଲ୍ୟରେ ଲୋକସେବା ଭବନ ପ୍ରାଙ୍ଗଣରେ ଇଙ୍ଗା କପ ଫୁଟବଲ ଟୁର୍ଣ୍ଣାମେଣ୍ଟ ଉଦଘାଟିତ ହୋଇଯାଇଛି । ଉଦଘାଟନୀ ଉତ୍ସବରେ ସମାଜସେବୀ ତଥା ଜଗନ୍ନାଥ ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ । ଭାରତୀୟ ମହିଳା ଫୁଟବଲ ଦଳର ପୂର୍ବତନ ଅଧିନାୟିକା ଶ୍ରଦ୍ଧାଞ୍ଜଳୀ ସାମନ୍ତରାୟ ସମ୍ମାନୀତ ଅତିଥି ଭାବେ ଯୋଗଦେଇ ଖେଳାଳିଙ୍କୁ ଉତ୍ସାହିତ କରିଥିଲେ । ଏହି ଲିଗରେ ମୋଟ୍ ୩୨ ଟି ଦଳ ବିଭାଗ ଅଂଶଗ୍ରହଣ କରିଛନ୍ତି । ପ୍ରଥମ ମ୍ୟାଚ ଜଙ୍ଗଲ ଓ ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ଏବଂ ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗରେ ଖେଳାଯାଇଥିଲା । ଏହି ମ୍ୟାଚରେ ଜଳବାୟୁ ପରିବର୍ତ୍ତନ ବିଭାଗ ୬-୩ ଗୋଲରେ ସାଧାରଣ ପ୍ରଶାସନ ବିଭାଗକୁ ହରାଇଛି । ଦ୍ୱିତୀୟ ମ୍ୟାଚରେ ଗୃହ ବିଭାଗ ଓ ସମାବାୟ ବିଭାଗ ପରସ୍ପରକୁ ଭେଟିଥିଲେ । ଏଥିରେ ସମବାୟ ବିଭାଗ ୧-୦ ଗୋଲରେ ଗୃହ ବିଭାଗକୁ ପରାଜିତ କରିଥିଲା । ତୃତୀୟ ମ୍ୟାଚରେ ପର୍ଯ୍ୟଟନ ବିଭାଗ ଏବଂ ଇସ୍ପାତ ଓ ଖଣିବିଭାଗ ପରସ୍ପରକୁ ଭେଟିଥିଲେ । ଇଷ୍ପତ ଓ ଖଣିବିଭାଗ ୧-୦ ଗୋଲରେ ପର୍ଯ୍ୟଟନ ବିଭାଗକୁ ପରାସ୍ତ କରିଛି । ଓଡ଼ିଶା ସଚିବାଳୟ ସଂଘର ସମସ୍ତ କର୍ମକର୍ତ୍ତା ଓ ସଦସ୍ୟମାନେ ସମସ୍ତ ଦଳର ସଫଳତା କାମନା କରିଥିଲେ ।



# ବାହା ହେଲେ ରୋନାଲ୍ଡୋ



ନୂଆଦିଲ୍ଲୀ,୧୨।୮ (ଏଜେନ୍ସି): ପର୍ତ୍ତୁଗାଲର ତାରକା ଫୁଟବଲର ଖ୍ରୀଷ୍ଟିଆନ ରୋନାଲ୍ଡୋ ବିବାହ କରିଛନ୍ତି । ଜର୍ଜିଆନା ରୋଡ୍ରିଗୁଏଜଙ୍କୁ ବିଦ୍ଧିବଦ୍ଧ ଭାବେ ବିବାହ କରିଛନ୍ତି । ୧୦ ବର୍ଷ ଧରି ଏକତ୍ର ରହିବା ପରେ ୫ ଛୁଆଙ୍କ ଉପସ୍ଥିତିରେ ଦୁହେଁ ବିବାହ କରିଛନ୍ତି । ଇନଷ୍ଟାଗ୍ରାମ ଆକାଉଣ୍ଟରେ ଫଟୋ ସେୟାର କରିବା ସହ ରୋନାଲ୍ଡୋ ସ୍ପଷ୍ଟ କରିଛନ୍ତି । ୧୦ ବର୍ଷ ଧରି ଦୁହେଁ ଏକତ୍ର ରହୁଥିଲେ । ଉଭୟଙ୍କ ୫ଟି ସନ୍ତାନ ଅଛନ୍ତି । ପର୍ତ୍ତୁଗାଲ ଫୁଟବଲ ଖେଳାଳି ରୋନାଲ୍ଡୋ ଏବଂ ଜର୍ଜିନା ପ୍ରାୟ ୧୦ ବର୍ଷ ଏକାଠି ରହିବା ପରେ ଦୁହେଁ ସୋମମାର ପର୍ତ୍ତୁଗାଲର କାସକ୍ରାଇସରେ ଏକ ସମାରୋହରେ ବିବାହ କରିଥିଲେ । ଏହି ଦମ୍ପତ୍ତି ନିଜେ ସୋସିଆଲ ମିଡ଼ିଆରେ ସୂଚନା ଦେଇଛନ୍ତି । ଫଟୋରେ ଦୁହେଁଙ୍କୁ ଧଳା ପୋଷାକରେ ଦେଖିବାକୁ ମିଳିଛି । ତେବେ ସେମାନେ ବାମହାତରେ ବିବାହ ମୁଦି ଦେଖାଇଥିଲେ । ଏହି ଦମ୍ପତ୍ତି ବିବାହକୁ ଅତ୍ୟନ୍ତ ବ୍ୟକ୍ତିଗତ ସମାରୋହରେ ପରିବାରକୁ ପ୍ରାଥମିକତା ଦେଇଥିଲେ । ଗତ ୨୦୨୫ ଅଗଷ୍ଟ ୧୧ରେ ଉଭୟଙ୍କ ବିବହା ହୋଇଥିଲା । ୫ ସନ୍ତାନ ହେଉଛନ୍ତି କ୍ରୀଷ୍ଟିଆନୋ ରୋନାଲ୍ଡୋ ଜୁନିୟର, ଯାଆଁଳା ଇଭା ଓ ମାଟେଓ, ଆଲାନା ମାର୍ଟିନା ଏବଂ ବେଲା ଏସ ମେରାଲ୍ଡ । ଗତ ୮ ତାରିଖରେ ରୋନାଲ୍ଡୋ ଏବଂ ରୋଡ୍ରି ଗୁଏଜ ବିବାହ କରୁଥିବା ଗୁଜବ ପ୍ରଚାରିତ ହେବା ପରେ ମାଡେରାର ଫଞ୍ଚାଲ କ୍ୟାଥେଡାଲ ବାହାରେ ଶହ ଶହ ଲୋକ ଏକତ୍ରୀତ ହୋଇଥିଲେ । କିନ୍ତୁ ଏହି ବିବାହ ଅନ୍ୟ ଦମ୍ପତ୍ତିଙ୍କର ଥିଲା । ପରେ ରୋନାଲ୍ଡୋ ଓ ଜର୍ଜିନା ପରେ ବିବାହ ସମାରୋହକୁ ଜନସାଧାରଣଙ୍କ ଦୃଷ୍ଟିରେ ଦୂରେଇ ରଖିଥିଲେ ।

## ଜୟନ୍ତ ମହାପାତ୍ର ସ୍ମାରକୀ ଆନ୍ତଃ ସ୍କୁଲ ଫୁଟବଲ

# ଲୋୟଲାକୁ ହରାଇଲା ତପୋବନ

ଭୁବନେଶ୍ୱର,୧୨।୮ (ସବ୍ୟୁ): ରାଜ୍ୟର ଅନ୍ୟତମ ଅଗ୍ରଣୀ କ୍ରୀଡା ସଂଘ ୟୁନିଟ୍ ୬ ଆଥଲେଟିକ୍ ଆସୋସିଏସନ୍ ଆନୁକୂଲ୍ୟରେ ୟୁନିଟ୍ ୧ ସ୍ଥିତ ଫୁଟବଲ ଏକାଡେମୀ ପଡିଆରେ ୧୫ତମ ଜୟନ୍ତ ମହାପାତ୍ର ସ୍ମାରକୀ ଆନ୍ତଃସ୍କୁଲ ଫୁଟବଲ ପ୍ରତିଯୋଗିତା ଜାରି ରହିଛି । ବୁଧବାର ଅନୁଷ୍ଠିତ ମ୍ୟାଚରେ ଲୋୟଲାକୁ ୩-୦ ଗୋଲରେ ତପୋବନ ହାଇସ୍କୁଲ ହରାଇଛି । ବିଜୟୀ ଦଳର ସମ୍ବିତ କୁମାର କିସକୁ ଏବଂ ସମ୍ବିତ କୁମାର ସୋରେନ ଗୋଲ ସ୍କୋର କରିଥିଲେ । ପୂର୍ବତନ ଆଥଲେଟିକ କୋଚ୍ ନୀଳମାଧବ ଦେଓ ମ୍ୟାଚର ଶ୍ରେଷ୍ଠ ଖେଳାଳି ସମ୍ବିତ କୁମାର କିସକୁଙ୍କୁ ମ୍ୟାନ ଅଫ ଦ ମ୍ୟାଚ ପୁରସ୍କାର ପ୍ରଦାନ କରିଥିଲେ ।



ରେଫରୀ ସେଖାୱତ ଖାନ, ଚନ୍ଦ୍ରକାନ୍ତ ବାରିକ, ସାଇଗ୍ରାମ କିସକୁ ଏବଂ ସୁଜିତ କୁମାର ପାତ୍ରୋ ମ୍ୟାଚ ପରିଚାଳନା କରିଥିଲେ । ଦ୍ୱିତୀୟ ମ୍ୟାଚରେ ୟୁନିଟ-୩ ସ୍କୁଲ ୯-୦ ଗୋଲରେ ମଦର୍ସ ପବ୍ଲିକ ସ୍କୁଲକୁ ପରାସ୍ତ କରିଛି । ଏହି ମ୍ୟାଚରେ ସଞ୍ଜାଇ ମାରାଣ୍ଡି, ଗୋରା ବରଡା ଓ ପରମାନନ୍ଦ ସାମଲ ଗୋଲ ସ୍କୋର କରିଥିଲେ । ଅତିଥି ଚିତ ରଞ୍ଜନ ପାତ୍ର ମ୍ୟାନ ଅଫ ଦ ମ୍ୟାଚ ପୁରସ୍କାର ପରମାନନ୍ଦ ସମଦଙ୍କୁ ପ୍ରଦାନ କରିଥିଲେ । ପ୍ରିଜୟ ମଙ୍ଗରାଜ, ସୁଜିତ କୁମାର ପାତ୍ରୋ, ଚନ୍ଦ୍ରକାନ୍ତ ବାରିକ, ସୁଜିତ ପାଇରାୟ ମ୍ୟାଚ ପରିଚଳନା କରିଥିଲେ ।

# ସେପ୍ଟେମ୍ବର ୧୩ରୁ ଭାରତ-ଆଫଗାନିସ୍ତାନ ଟି-୨୦ ଶୃଙ୍ଖଳା

ନୂଆଦିଲ୍ଲୀ,୧୨।୮ (ଏଜେନ୍ସି): ପ୍ରଥମଥର ପାଇଁ ଆଫଗାନିସ୍ତାନ କ୍ରିକେଟ ବୋର୍ଡ ପକ୍ଷରୁ ଟିମ୍ ଇଣ୍ଡିଆ ଲାଗି ଟି-୨୦ ଶ୍ରୀଲଙ୍କା ଆରମ୍ଭ କରାଯିବ । ଏସିବି ଏହି ଶୃଙ୍ଖଳାର ଆୟୋଜକ ସାଜିବ । କିନ୍ତୁ ସମସ୍ତ ମ୍ୟାଚ ଭାରତରେ ହିଁ ଆୟୋଜନ କରାଯିବ । ଏସିବିକୁ ୩ ମ୍ୟାଚ ବିଶିଷ୍ଟ ଟି-୨୦ ଶୃଙ୍ଖଳା ପାଇଁ ବିସିସିଆଇ ପକ୍ଷରୁ ଅନୁମତି ମିଳିଛି । ଦୁଇ ଦେଶ ମଧ୍ୟରେ ସେପ୍ଟେମ୍ବର ୧୩ରୁ ୧୭ ଯାଏ ଖେଳାଯିବ । ସମସ୍ତ ମ୍ୟାଚ ଦିଲ୍ଲୀର ଅରୁଣ ଜେଟଲୀ ଷ୍ଟାଡିୟମରେ ଖେଳାଯିବ । ବିସିସିଆଇ ସମ୍ପାଦକ ଦେବଜିତ ସାଇକିଆ କହିଛନ୍ତି ବିସିସିଆଇ ଭାରତରେ ଟି-୨୦ ଆୟୋଜନ କରିବାକୁ ସହଯୋଗ କରିବ । ୨୦୧୮ ମସିଆରେ ଆଫଗାନିସ୍ତାନ ଭାରତ ବିପକ୍ଷ ନିଜର ଐତିହାସିକ ପ୍ରଥମ ଟେଷ୍ଟ ମ୍ୟାଚ ଖେଳିଥିଲା । ଭାରତ ଏହି ମ୍ୟାଚ ଆୟୋଜନ କରିବା ଦୁଇ ଦେଶର କ୍ରିକେଟ ସମ୍ପର୍କରେ ଏକ ଗୁରୁତ୍ୱପୂର୍ଣ୍ଣ ମାଇଲଷ୍ଟୋନ ଥିଲା । ସେହି ସମୟରୁ ଉଭୟ ଦଳ ମଧ୍ୟରେ ନିୟୋଜିତ ଦ୍ୱିପାକ୍ଷିକ ଶୃଙ୍ଖଳା ଜାରି ହୋଇଛି ।




ସୂଚନା
ସମୟ
BHIM
SCAN & PAY
ASHIRBAD PRAKASHAN PVT.LTD.
ଇମେଲ୍: classifiedsamaya@gmail.com

# କମନୱେଲଥ ପାରା ଫେନ୍ସିଂ ଚାମ୍ପିଅନସିପ: ମାଳତୀଙ୍କୁ ଡବଲ ସ୍ୱର୍ଣ୍ଣ

ଭୁବନେଶ୍ୱର,୧୨।୮ (ସବ୍ୟୁ): ଓଡ଼ିଶାର ପାରା ଫେନ୍ସର କୁମାରୀ ମାଳତୀ ପାନାଉରେ ନାଇଜେରିଆର ଲାଗୋସରେ ଚାଲିଥିବା କମନୱେଲଥ ପାରା ଫେନ୍ସିଂ ଚାମ୍ପିଅନସିପର ଦୁଇଟି ବ୍ୟକ୍ତିଗତ ସ୍ୱର୍ଣ୍ଣ ପଦକ ଜିତି ଓଡ଼ିଶା ଓ ଭାରତର ନାମକୁ ଗୌରବାନ୍ୱିତ କରିଛନ୍ତି । ଅଗଷ୍ଟ ୯ରୁ ୧୩ ତାରିଖ ୨୦୨୬ ପର୍ଯ୍ୟନ୍ତ ଚାଲିଥିବା ଏହି ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ଓଡ଼ିଶାରୁ ୬ ଜଣ ପାରା ଫେନ୍ସର ଭାରତୀୟ ଦଳରେ ସାମିଲ ହୋଇଛନ୍ତି । ମାଳତୀ ମହିଳା କାଟେଗୋରୀ-ଏ ବ୍ୟକ୍ତିଗତ ଏପି ଓ ମହିଳା କାଟେଗୋରୀ-ଏ ବ୍ୟକ୍ତିଗତ ଫଏଲ୍ (Foil)—ଉଭୟ ବର୍ଗରେ ଚମତ୍କାର ପ୍ରଦର୍ଶନ କରି ଦୁଇଟି ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି ।

**ମହିଳା କାଟେଗୋରୀ-ଏ ଏପିରେ ସ୍ୱର୍ଣ୍ଣ**

ମହିଳା କାଟେଗୋରୀ-ଏ ବ୍ୟକ୍ତିଗତ ଏପି ବର୍ଗରେ ମାଳତୀ ୪ଟି ପୁଲ୍ ମ୍ୟାଚ୍ ଖେଳି ସର୍ବାଧିକ ବିଜୟ ହାସଲ କରି ସିଧାସଳଖ ସେମିଫାଇନାଲ୍‌କୁ ପ୍ରବେଶ କରିଥିଲେ । ସେମିଫାଇନାଲରେ ସେ ନାଇଜେରିଆରଙ୍କୁ ୧୫–୩ରେ ପରାସ୍ତ କରି ଫାଇନାଲରେ ପହଞ୍ଚିଥିଲେ । ଫାଇନାଲରେ ତାଙ୍କ ସାମ୍ନା ହୋଇଥିଲା ଭାରତର ରେଖାଙ୍କ ସହ । ରୋମାଞ୍ଚକର ମୁକାବିଲାରେ ମାଳତୀ ୧୫–୧୨ରେ ରେଖାଙ୍କୁ ପରାସ୍ତ କରି ଏପିରେ ସ୍ୱର୍ଣ୍ଣ ପଦକ ଜିତିଥିଲେ ।

**ମହିଳା କାଟେଗୋରୀ-ଏ ଫଏଲରେ ମଧ ସ୍ୱର୍ଣ୍ଣ**

ଏହାପରେ ମହିଳା କାଟେଗୋରୀ-ଏ ବ୍ୟକ୍ତିଗତ ଫଏଲ୍ ବର୍ଗରେ ମଧ ମାଳତୀ ନିଜର ଦକ୍ଷତାର ପରିଚୟ ଦେଇଥିଲେ । ସେ ଏହି ବର୍ଗରେ ମଧ ୪ଟି ପୁଲ୍ ମ୍ୟାଚ୍ ଖେଳି ସର୍ବାଧିକ ବିଜୟ ହାସଲ କରି ସିଧାସଳଖ ସେମିଫାଇନାଲ୍‌କୁ ଯାଇଥିଲେ । ସେମିଫାଇନାଲରେ ମାଳତୀ ନାଇଜେରିଆର ।ଫାଇନାଲରେ ପୁଣିଥରେ ଭାରତୀୟ ଫେନ୍ସର ରେଖାଙ୍କ ସହ ମୁକାବିଲା ହୋଇଥିଲା । ମାଳତୀ ନିଜର ଶ୍ରେଷ୍ଠ ପ୍ରଦର୍ଶନ ଜାରି ରଖି ୧୫–୧୨ରେ ରେଖାଙ୍କୁ ପରାସ୍ତ କରି ମହିଳା କାଟେଗୋରୀ-ଏ ଫଏଲ୍ରେ ମଧ ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ ।




ଏହିପରି ଭାବେ ମାଳତୀ ପାନାଉରେ ଏପି ଓ ଫଏଲ୍—ଦୁଇଟି ବ୍ୟକ୍ତିଗତ ଇଭେଣ୍ଟରେ ସ୍ୱର୍ଣ୍ଣ ପଦକ ଜିତି ଚାମ୍ପିଅନସିପରେ ଏକ ଚମତ୍କାର ଡବଲ୍ ଗୋଲ୍ଡ ସଫଳତା ହାସଲ କରିଛନ୍ତି ।

ମାଳତୀ ପାନାଉରେଙ୍କ ଏହି ଅସାଧାରଣ ସଫଳତା ପରେ ତାଙ୍କ ପାଇଁ ପିସିଆଇ ପକ୍ଷରୁ ଅନେକ ଶୁଭେଚ୍ଛା ଓ ଅଭିନନ୍ଦନ ଜଣାଯାଇଛି । ତାଙ୍କର ଏହି ଐତିହାସିକ ସଫଳତା ଅନ୍ତର୍ଜାତୀୟ ମଞ୍ଚରେ ଓଡ଼ିଶା ଓ ଭାରତର ନାମକୁ ଉଜ୍ଜ୍ୱଳ କରିଛି । ମାଳତୀଙ୍କ ଏହି ସଫଳତା ଓଡ଼ିଶାର ପାରା କ୍ରୀଡ଼ା ଜଗତ ପାଇଁ ଏକ ଗର୍ବର ମୁହୂର୍ତ୍ତ ହେବା ସହ ଅନେକ ଉଦୀୟମାନ ପାରା କ୍ରୀଡ଼ାବିତଙ୍କ ପାଇଁ ପ୍ରେରଣା ପାଲଟିଛି ।

ସମୟ ସମୟ LIVE
Check out this amazing Odia News app
ଗୋଟିଏ ଆପରେ ପାଆନ୍ତୁ ସାରା ଦୁନିଆ ଖବର
Andriod
IOS
Download Now:
https://play.google.com/store/app/details/id- com.samayalive.app

Printed & Published by Satyanarayan Mohanty for Ashirbad Prakashan Pvt. Ltd. at its Press at Plot- 44 & 54, Sec.-A, Zone-D, M.I.Estate, Po.:Rasulgarh, Bhubaneswar -10. PBX-0674-7117711, News/Fax-2585740,2586665, TEL: 2585602, 0674-7117713, Advertisement : 0674-7117734 / 37, Circulation: 0674- 2583867, 7117718, Chief Editor: Gurukalyan Mohapatra, ମୁଖ୍ୟ ସମ୍ପାଦକ: ଗୁରୁକଲ୍ୟାଣ ମହାପାତ୍ର, Editor: Papu Mohanty: ସମ୍ପାଦକ: ପପୁ ମହାନ୍ତି